

ଅବସର ନେଲେ
ରୋନାଲ୍ଡୋ
▶ଖେଳ ପୃଷ୍ଠା ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-132 ♦FRIDAY ♦6 NOVEMBER 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୧୩୨ ♦ଶୁକ୍ରବାର ♦୬ ନଭେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୬.୦୦

TATA ଉତ୍ପାଦନ

TANISHQ
Adhyantara
ମହାଜାଗତିକ ଆଶ୍ଚର୍ଯ୍ୟ, ଆପଣଙ୍କ ପାଇଁ ସୃଜିତ

ଫ୍ଲାଟ୍ ₹301 ଛାଡ଼*
ପ୍ରତି ଗ୍ରାମ ସୁନା ଅଳଙ ୍କାର ଉପରେ

20% ପର୍ଯ୍ୟନ୍ତ ଛାଡ଼*
ଗୋଲ୍ଡ ଜ୍ୱେଲରୀର ଗଢା ମଜୁରୀ ଉପରେ ଓ
ଡାଇମଣ୍ଡ ମୂଲ୍ୟ ଉପରେ



ଆପଣଙ୍କ ପାଇଁ ଏକ ବିଜୟ।
ଭାରତ ପାଇଁ ଏକ ବିଜୟ।

સોનાનાં એક્સચેન્જની સૌથી પારદર્શક પ્રક્રિયા, જે તમને તમારા જૂનાં સોનાં માટે શ્રેષ્ઠ મૂલ્ય આપે છે અને ભારતને તેની આયાત ઘટાડવામાં મદદરૂપ થાય છે.

—WIN-WIN—
EXCHANGE

0%
ଫ୍ଲାଟ୍ 0% କଟାଣ*
ଯେକୌଣସି ଜ୍ୱେଲର୍ଙ୍କର
(18 କ୍ୟାରେଟ ଏବଂ ତା'ଠାରୁ ଅଧିକ)
ପୁରୁଣା ସୁନା ସକାଶେ।

- କୌଣସି ଲୁଚାଛପା କଟାଣ ନାହିଁ
- ବର୍ଷସାରା ବିନିମୟ
- ଏକ ବ୍ୟାପକ ସମ୍ଭାରର ନୂତନ ଏବଂ ସ୍ୱତନ୍ତ୍ର ଡିଜାଇନ୍ ସହିତ ନିଜକୁ ଅପଗ୍ରେଡ୍ କରନ୍ତୁ
- ବାହାଘର, ପର୍ବପର୍ବାଣୀ ଓ ବିଶେଷ ଅବସର ଲାଗି ବିନିମୟ କରନ୍ତୁ

ଗୋଲ୍ଡ ରେଟ୍ ପ୍ରୋଟେକ୍ଶନ୍ – ଅଗ୍ରୀମ ବୁକ୍ କରନ୍ତୁ ଏବଂ ବର୍ଦ୍ଧିତ ଗୋଲ୍ଡ ରେଟ୍ ବିପକ୍ଷରେ ସୁରକ୍ଷିତ ରୁହନ୍ତୁ*

UP TO ₹7,500 INSTANT DISCOUNT* SBI card
#Min. Trxn.: ₹1,00,000. Valid on one transaction per card.
Validity: 02 Nov - 08 Nov 2026. T&C Apply.

Talk to our jewellery expert to know more 1800 2966 677
Buy online at tanishq.co.in or Download our App *Conditions apply.

Scan for an immersive cosmic experience

Bhubaneswar : Chandrasekharpur - 7205050700 | Master Canteen Square - 9238307043 | Saheed Nagar - 0674-3545757
Amalapada, Lane - 2, Anugola - 9090066000, 8147485152 | Cantonment Road, Kataka - 9238307044

ସୋଲାର ପ୍ରକଳ୍ପ ସାମଗ୍ରୀ ଯୋଗାଣ ନାଁରେ ୧.୩୦ ଲକ୍ଷ ଠକେଇ

ବ୍ରହ୍ମପୁର,୫।୧୧(ସମିସ): ସୋଲାର ପ୍ରକଳ୍ପ ପାଇଁ ସାମଗ୍ରୀ ଯୋଗାଇଦେବାର ପ୍ରତିଶ୍ରୁତି ଦେଇ ଜଣେ ବ୍ୟକ୍ତିଙ୍କଠାରୁ ୧ଲକ୍ଷ ୩୦ ହଜାର ଟଙ୍କା ଠକେଇ ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ଅଯୋଧ୍ୟା ନଗର ଦ୍ୱିତୀୟ ଲାଇନ ନିବାସୀ ଭାରତ ଭୂଷଣ ବିଷୋୟୀ ନିଜର ଏକ ପ୍ରକଳ୍ପ ପାଇଁ ସୋଲାର ଷ୍ଟ୍ରକଚର ସାମଗ୍ରୀ କିଣିବାକୁ ଯୋଜନା କରିଥିଲେ। ଏଥିପାଇଁ ସେ ଗତ ଅକ୍ଟୋବର୨ ତାରିଖରେ ହ୍ୱାଟ୍ସଆପ୍ ମାଧ୍ୟମରେ ସୋଲାର ସାମଗ୍ରୀ ସମ୍ପର୍କରେ ଅନୁସନ୍ଧାନ କରିବା ସହ କେଏସ୍‌ଡବ୍ଲ୍ୟୁ ବ୍ରାଣ୍ଡର ସାମଗ୍ରୀ ପାଇଁ ଦର ତାଲିକା ମାଗିଥିଲେ। ଏହି ସମୟରେ ରାଜସ୍ଥାନର ଭରତପୁର ଅଞ୍ଚଳର ନରେଶ ନାମକ ଜଣେ ବ୍ୟକ୍ତି ତାଙ୍କ ସହ ଯୋଗାଯୋଗ କରିଥିଲେ । ଭରତ ଭୂଷଣଙ୍କୁ ସୋଲାର ପ୍ରକଳ୍ପ ସାମଗ୍ରୀ ଯୋଗାଇଦେବା ସହ ବ୍ୟବସାୟିକ କାରବାରରେ ଲାଭ ଦେବାର ପ୍ରଲୋଭନ ଦେଖାଇ ନରେଶ ଟଙ୍କା ନେଇଥିଲେ । ତେବେ ଟଙ୍କା ନେବା ପରେ ସାମଗ୍ରୀ ଯୋଗାଇ ନଥିଲେ । ବାରମ୍ବାର ଯୋଗ ଯୋଗ ପରେ ମଧ୍ୟ ସାମଗ୍ରୀ ଯୋଗାଇ ନଥିଲେ । ଯାହା ଫଳରେ ସେ ଠକେଇର ଶିକାର ହୋଇ ବୈଦ୍ୟନାଥପୁର ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ ।ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି ।

ପାୱାର ଟିଲର ଦେବା ନାଁରେ ୧.୩୪ ଲକ୍ଷ ଟଙ୍କା ଠକେଇ

ବ୍ରହ୍ମପୁର,୫।୧୧(ସମିସ): ପାୱାର ଟିଲର ଯୋଗାଇ ଦେବା ନାଁରେ ଜଣେ ଚାଷୀଙ୍କଠାରୁ ୧ଲକ୍ଷ ୩୪ହଜାର ଟଙ୍କା ଅଗ୍ରିମ ନେଇ ଠକେଇ କରିବା ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ନୀଳାଞ୍ଚଳ ସାହି ଦ୍ୱିତୀୟ ଲାଇନର ଅନିଲ ଶଙ୍କର ମହାରଣା (୨୬) । ସେ ଡିଲ୍ସ ଅଫ୍ ଆଗ୍ରୋ ସଂସ୍ଥାର ସିଇଓ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଅନ୍ତର୍ଗତ ଗୁଣ୍ଡିବିରା ଗ୍ରାମର ଅନିଲ ନାଏକ (୨୮) ଏକ ପାୱାର ଟିଲର କିଣିବା ପାଇଁ ଅଭିଯୁକ୍ତ ଅନିଲ ଶଙ୍କର ମହାରଣାଙ୍କୁ ୧ଲକ୍ଷ ୩୪ହଜାର ଟଙ୍କା ଅଗ୍ରିମ ଦେଇଥିଲେ । ତେବେ ଟଙ୍କା ନେବା ପରେ ଅଭିଯୁକ୍ତ ପାୱାର ଟିଲର ଯୋଗାଇ ନଥିଲେ କିମ୍ବା ଟଙ୍କା ଫେରସ୍ତ କରିନଥିଲେ । ବାରମ୍ବାର ଅନୁରୋଧ ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଗତ ଜୁଲାଇ ୧୭ ତାରିଖରେ ଅଭିଯୋଗକାରୀ ନିମଖଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତ ଅନିଲ ଶଙ୍କର ମହାରଣାଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ କୃଷ୍ଣ ଶାହା ସୂଚନା ଦେଇଛନ୍ତି।

ବାଇକ୍‌ରେ ଆସି ମହିଳାଙ୍କ ବେକରୁ ସୁନା ମଙ୍ଗଳସୂତ୍ର ଝାମ୍ପିନେଲେ

ବ୍ରହ୍ମପୁର,୫।୧୧(ସମିସ): ଦିନ ଦ୍ୱିପ୍ରହରରେ ମହିଳାଙ୍କ ବେକରୁ ସୁନା ମଙ୍ଗଳସୂତ୍ର ଲୁଟି ନେଇ ଚମ୍ପଟ ମାରିଛନ୍ତି ଦୁଇ ଦୁର୍ବୃତ୍ତ। ଏଭଳି ଘଟଣା ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ଭଗତସିଂ ନଗର ପ୍ରଥମ ଲାଇନ୍‌ରେ ଘଟିଛି। ଲୁଟ୍‌ର ଶିକାର ମହିଳା ଜଣକ ଅବସରପ୍ରାପ୍ତ ସୁବେଦାର ଅମୂଲ୍ୟରତ୍ନ ସ୍ୱାଇଁଙ୍କ ପତ୍ନୀ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗୁରୁବାର ସକାଳ ପ୍ରାୟ ୧୧ଟା ୩୦ ମିନିଟ୍ ସମୟରେ ଅମୂଲ୍ୟରତ୍ନ କୌଣସି କାମରେ ଘରୁ ବାହାରକୁ ଯାଇଥିଲେ। ଏହି ସମୟରେ ତାଙ୍କ ପତ୍ନୀ ଘରେ ଥିବା କିଛି ଖାଦ୍ୟ କୁକୁରକୁ ଦେବା ପାଇଁ ବାହାରକୁ ଆସିଥିଲେ। ଏହାର ସୁଯୋଗ ନେଇ ବାଇକ୍‌ରେ ଆସିଥିବା ଦୁଇ ଜଣ ଦୁର୍ବୃତ୍ତ ତାଙ୍କୁ ଠିକଣା ପଚାରିବା ବାହାନା କରିଥିଲେ। ମହିଳା ଜଣକ କିଛି ବୁଝିବା ପୂର୍ବରୁ ତାଙ୍କ ବେକରୁ ପ୍ରାୟ ୧୨ ଗ୍ରାମ ଓଜନର ସୁନା ମଙ୍ଗଳସୂତ୍ର ଝାମ୍ପି ନେଇ ଦୁଇ ଦୁର୍ବୃତ୍ତ ବାଇକ୍‌ରେ ଫେରାର ହୋଇଯାଇଥିଲେ। ଏନେଇ ମହିଳାଙ୍କ ପକ୍ଷରୁ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ଦୁର୍ବୃତ୍ତଙ୍କ ପରିଚୟ ଓ ସେମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

ବିଧାୟକଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ଛତ୍ରପୁର, ୫।୧୧(ସମିସ): ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ବିପର୍ଯ୍ୟୟ ସମୟରେ ଗଞ୍ଜାମ ଜିଲ୍ଲାବାସୀଙ୍କୁ ବିପଦରୁ ଉଦ୍ଧାର, ଥଇଥାନ ଓ ରିଲିଫ୍ ଯୋଗାଣ ପାଇଁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଦିନରାତି ଏକ କରି କାର୍ଯ୍ୟ କରୁଥିବା ବେଳେ ଜଣେ ବରିଷ୍ଠ ଅଧିକାରୀଙ୍କ ପ୍ରତି ଆସିକା ବିଧାୟକଙ୍କ ଦୁର୍ବ୍ୟବହାର ଘଟଣାକୁ ନେଇ ପ୍ରଶାସନିକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା ଆସିକା ଅଞ୍ଚଳର ବନ୍ୟା ପ୍ରଭାବିତ ଓ ଜଳବନ୍ଦୀ ଅଞ୍ଚଳରେ ରହି ଲୋକଙ୍କୁ ରନ୍ଧା ଖାଦ୍ୟ ଓ ରିଲିଫ୍ ସାମଗ୍ରୀ ଯୋଗାଣ କାର୍ଯ୍ୟର ତଦାରଖ କରୁଥିବା ସମୟରେଆସିକା ବିଧାୟକ ତାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଜରୁରିକାଳୀନ ପରିସ୍ଥିତିରେ ଜନସେବାରେ ନିୟୋଜିତ ଜଣେ କାର୍ଯ୍ୟରତ ଅଧିକାରୀଙ୍କ ପ୍ରତି ଏଭଳି ଆଚରଣକୁ ନେଇ ଅଧିକାରୀ ଓ କର୍ମଚାରୀ ମହଲରେ ତୀବ୍ର ପ୍ରତିବାଦ ଦେଖାଦେଇଛି। ଏହାର ପ୍ରତିବାଦରେ ଗୁରୁବାର ଗଞ୍ଜାମ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଆସିକା ବିଧାୟକଙ୍କ ବ୍ୟବହାରକୁ ନିନ୍ଦା କରିବା ସହ ତାଙ୍କ ବିରୋଧରେ ଦୃଢ଼ ଶୃଙ୍ଖଳାଗତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ, ଏବଂ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟରେ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଦାବି କରାଯାଇଛି। ଅପରପକ୍ଷରେ ଜିଲ୍ଲାପାଳ ଏହି ଘଟଣାକୁ ନେଇ କହିଛନ୍ତି ଯେ, ଏଭଳି ସଙ୍କଟଜନକ ସମୟରେ ସମସ୍ତଙ୍କୁ ଦୃଢ଼ତାର ସହ ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ। ଏହି ଘଟଣା ସମ୍ପର୍କରେ ସରକାରଙ୍କ



ଜିଲ୍ଲାପରିଷଦ କାର୍ଯ୍ୟାଳୟର ବିଭିନ୍ନ ବିଭାଗର କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ସହ ବିଧାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ ଆଶ୍ୱାସନା ଦେଇଥିଲେ। ଏହି ଦାବିପତ୍ର ପ୍ରଦାନ ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ସିନିୟର ଓଏଏସ ଅଫିସର ଦେବଦତ୍ତ ପଣ୍ଡା, ଅତିରିକ୍ତ ସିଡିଓ ବିଜୟ କୁମାର ବେହେରା, ଓରମାସ ଡେପୁଟି ସିଇଓ ରାଜ ଗୋପାଳ ଦାଶଙ୍କ ସମେତ ବିଭିନ୍ନ ବିଭାଗ ର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

ସିଡିଓଙ୍କୁ ଦୁର୍ବ୍ୟବହାର ଘଟଣା: ବିଜେଡି ପକ୍ଷରୁ ଏତଲା



ଆସିକା,୫।୧୧(ସମିସ): ସିଡିଓଙ୍କୁ ଆସିକା ବିଧାୟକ ସରୋଜ ପାଢ଼ୀ ଗାଳି ଗୁଲଜ ଓ ମେନ୍ ହ୍ୟାଣ୍ଡଲ କରିବା ବିଷୟ ନେଇ ଆସିକା ବିଜେଡି ଏହାକୁ ନିନ୍ଦା କରି ଆସିକା ଥାନାରେ ବିଧାୟକ ନାମରେ ଅଭଯୋଗ କରିଛନ୍ତି। ଏସଂକ୍ରାନ୍ତରେ ଆସିକା ଏସଡିପିଓ ସହ ଏହି ୨୫ ଜଣିଆ ଦଳ ଆଲୋଚନା କରିଥିଲେ। ବନ୍ୟା ବିପର୍ଣ୍ଣ ମାନଙ୍କୁ ଘର ଘର ବୁଲି ରିଲିଫ ବଣ୍ଟନ କର୍ତ୍ତବ୍ୟରତ ସିଡିଓଙ୍କୁ ଏଭଳି ଆଚରଣକୁ ଅନେକ ନାପସନ୍ଦ କରିଛନ୍ତି। ତେଣୁ ଏ ନେଇ ଆସିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ବିଜୁ ଜନତା ଦଳ। ଥାନାରେ ଅଭିଯୋଗ ବେଳେ ଉପସ୍ଥିତ ଥିଲେ ବିଜେଡି ନେତା ଦିଲ୍ଲୀପ ପାଣିଗ୍ରାହୀ, ନଚିକେତା ସ୍ୱାଇଁ, ସୂର୍ଯ୍ୟ କାନ୍ତ ପରିଡା, ବାୟା ବିଷୋୟୀ, ନିଗମ ରାଉତ, ଜିତେନ୍ଦ୍ର ମହାରଣା, ମନୋଜ ଦୋରା, ନୀଳାଞ୍ଚଳ ମଣ୍ଡଳଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ସେପଟେ ଏ ନେଇ ବିଧାୟକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

ବନ୍ୟା ଯୋଗୁଁ ହୋଇଥିବା କୃଷି ଫସଲ କ୍ଷୟକ୍ଷତିର ମିଳିତ ଯାଞ୍ଚ



ବେଗୁନିଆପଡ଼ା,୫।୧୧(ସମିସ): ଅର୍ଣ୍ଣବ ବାତ୍ୟା ଯୋଗୁଁ ହୋଇଥିବା କୃଷି ଫସଲ କ୍ଷୟକ୍ଷତିର ମିଳିତ ଯାଞ୍ଚ ଆଜି କୋଦଳା ଏନଏସି ଅନ୍ତର୍ଗତ ବିଭିନ୍ନ ଜମି ସହ ଫାଶୀ ପଞ୍ଚାୟତରେ ହୋଇଥିଲା। ଗଞ୍ଜାମ ଜିଲ୍ଲା ପାଇଁ ନିୟୋଜିତ ନୋଡାଲ ଅଧିକାରୀ ତଥା ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡର ଉପସଚିବ ଶ୍ରୀ ଗଦାଧର ପାତ୍ରଙ୍କ ସହିତ କୋଦଳା ତହସିଲଦାର ବିନ୍ଦୁ ବଳୟ ରାଉତରାୟ, ବେଗୁନିଆପଡା ବିଡ଼ିଓ ସୁନୀଲ କୁମାର ସାମନ୍ତ, ବ୍ଲକ କୃଷି ଅଧିକାରୀ ରାମଲାଲ ସମଦ, ବ୍ଲକ ଉଦ୍ୟାନ କୃଷି ଅଧିକାରୀ ସୁବାଶିଷ ପାତ୍ର ଙ୍କ ସମେତ ରାଜସ୍ୱ ନିରୀକ୍ଷକ ବୁଲି କ୍ଷତିଗ୍ରସ୍ତ ହୋଇଥିବା ଧାନ ଫସଲ ବୁଲି ଦେଖିଥିଲେ। ମିଳିତ ଭାବେ ଫସଲ କ୍ଷୟକ୍ଷତିର ଯାଞ୍ଚ କରିଥିଲେ। ଏହା ସହିତ କୋଦଳା ତହସିଲଦାରଙ୍କ କାର୍ଯ୍ୟାଳୟ ପରିସରରେ ଏକ ବୈଠକ କରି ଆଲୋଚନା କରିଥିଲେ। ବାତ୍ୟାରେ କ୍ଷୟକ୍ଷତି ହୋଇଥିବା ବ୍ଲକର ବିଭିନ୍ନ ପଂଚାୟତର ଧାନ ଫସଲ ଉପରେ ବିଭିନ୍ନ ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଅନୁସାରେ ତହସିଲଦାର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି ବୈଠକରେ ସ୍ଥିର ହୋଇଥିଲା।

୨୫ ଏକର ଗଞ୍ଜେଇ ଗଛ ନଷ୍ଟ, ୨ ଚାଷୀ ଗିରଫ



ଫିରିଙ୍ଗିଆ,୫।୧୧(ସମିସ) : କନ୍ଧମାଳ ଏସପି ରାମେନ୍ଦ୍ର ପ୍ରସାଦଙ୍କ ନିର୍ଦ୍ଦେଶକ୍ରମେ ପ୍ରତିଦିନ ଗଞ୍ଜେଇ ଚାଷ ନଷ୍ଟ ଓ ଗିରଫ ପ୍ରକ୍ରିୟା ଜାରି ରହିଛି ପୁଣି ଫିରିଙ୍ଗିଆ ଥାନା ପକ୍ଷରୁ ପବିଙ୍ଗିଆ ପଞ୍ଚାୟତର ବବଡଙ୍ଗିଆ ଗାଁର ନିକଟ ଜଙ୍ଗଲ ଜମିରେ ବେଆଇନ ଭାବରେ ଲାଗିଥିବା ପ୍ରାୟ ୨୫ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଅନ୍ୟପଟେ ବବ ଡଙ୍ଗିଆ ଅଞ୍ଚଳରେ ଅନେକ ଲୋକେ ଗଞ୍ଜେଇ ଚାଷ କରିଥିବା ବେଳେ ସେଥି ମଧ୍ୟରୁ ୨ ଜଣଙ୍କୁ ଗିରଫ କରିଥିବା ବେଳେ ଗଞ୍ଜେଇ ଚାଷ ରେ ସମ୍ପୃକ୍ତ ଅନ୍ୟ ମାନଙ୍କୁ ମଧ୍ୟ ଗିରଫ କରାଯିବ କାହାକୁ ଛଡା ଯିବ ନାହିଁ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି କ୍ଷ ତେବେ ୨ ଗଞ୍ଜେଇ ଚାଷୀ ଙ୍କ ମଧ୍ୟରେ ସେହି ବବଡଙ୍ଗିଆ ଗାଁର ମନୋଜ ସାହୁ (୨୫) ବର୍ଷ ଓ ଅନ୍ୟଜଣେ ରୀତିକେସନ ରଣା (୧୮) ବର୍ଷ ବୋଲି ପୁଲିସ ସୂଚନା ଦେଇଛି। ଗଞ୍ଜେଇ କଟା ଅଭିଯାନରେ ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀ ଧର ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ହରିହର ପ୍ରଧାନ, ଆଡିସିନାଲ ଏସପି ବିଭୁତି ଭୂଷଣ ମହାପାତ୍ର, ଏସ ଆଇ ଅଜୟ କୁମାର ସାହୁ, ଏସ ଆଇ ସମ୍ବିତ ବେହେରାଙ୍କ ସହ ଅବକାରୀ କର୍ମଚାରୀ, ବନ ବିଭାଗ ଅଧିକାରୀ କର୍ମଚାରୀ, ଯବାନଙ୍କ ସହ ୬୦ ରୁ ଅଧିକ କର୍ମଚାରୀ ଓ ଶ୍ରମିକ ସାମିଲ ଥିଲେ। ଫିରିଙ୍ଗିଆ ଥାନାରେ ଘଟଣାକୁ ନେଇଁ ଏକ ମାମଲା ରୁଜୁ ହୋଇଥିବା ବେଳେ ଦୁଇ ଗଞ୍ଜେଇ ଚାଷୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀ ଧର ସାହୁ କହିଛନ୍ତି।



ଭାଙ୍ଗିଲା ଦମ୍ଭ: ସିଡ଼ିଓଙ୍କ ଏତଲା ଓ ଉପରୁ ଚାପ ପଡ଼ିବା ପରେ ବୁଝାମଣା କଲେ ଆସ୍କା ବିଧାୟକ। ଦକ୍ଷିଣାଞ୍ଚଳ ଆରଡ଼ିସି ବିଜୟ ଅମୃତ କୁଲାଙ୍ଗେଙ୍କ ମଧ୍ୟସ୍ଥତାରେ ଅନୁଷ୍ଠିତ ବୈଠକରେ ବିଧାୟକ ସରୋଜ ପାଢ଼ୀ ଓ ସିଡ଼ିଓ ସମୀର କୁମାର ଜେନା। ଦିନକ ତଳେ ସିଡ଼ିଓ ଶ୍ରୀ ଜେନାଙ୍କୁ ମାରି ମାଟିରେ ମିଶାଇ ଦେବାକୁ ଧମକ ଦେଇଥିଲେ ବିଧାୟକ।

ଦୀପାବଳି ପୂର୍ବରୁ ଲକ୍ଷାଧିକ ଟଙ୍କାର ବାଣ ଜବତ



ଛତ୍ରପୁର,୫।୧୧(ସମିସ): ଆଉ କିଛି ଦିନ ପରେ ଆଲୋକର ପର୍ବ ଦୀପାବଳି। ଏହାକୁ ଦୃଷ୍ଟିରେ ରଖି ବେଆଇନ ଭାବେ ବାଣ ଗଚ୍ଛିତ ରଖିବା ଓ ବିକ୍ରି ଉପରେ ପୁଲିସ ପକ୍ଷରୁ କଡ଼ା ନଜର ରଖାଯାଇଛି। ଏହି କ୍ରମରେ ଛତ୍ରପୁର ଥାନା ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ ଛତ୍ରପୁର କୋର୍ଟ ଷ୍ଟେସନ ସାହିରୁ କେ. ସୁଧାଂଶୁ ପାତ୍ରଙ୍କ ଘରୁ ବିପୁଳ ପରିମାଣର ତଥା ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଛତ୍ରପୁର ଥାନାରେ ମାମଲା ରୁଜୁ ହୋଇଛି। ଏନେଇ ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି।

ବିଶୋଧିତ ବନ୍ୟାଜଳ ପିଉଛନ୍ତି ବନ୍ୟା ପୀଡ଼ିତ

ବ୍ରହ୍ମପୁର,୫ ।୧୧(ସମିସ): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଗଞ୍ଜାମ ଜିଲ୍ଲାର ଅଧିକାଂଶ ପଞ୍ଚାୟତ ଓ ଗ୍ରାମ ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ଜଳବନ୍ଦୀ ହୋଇ ରହିଥିଲା। ଏଭଳି ସ୍ଥିତିରେ ବନ୍ୟାପୀଡ଼ିତଙ୍କ ନିକଟରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ଏକ ବଡ଼ ଆହ୍ୱାନ ହୋଇଥିଲା। ଏହି ସମୟରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ମୋବାଇଲ୍ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ବନ୍ୟାପୀଡ଼ିତଙ୍କ ଶୋଷ ମେଣ୍ଟାଇବାରେ ସହାୟକ ହେଉଛି। ଏହି ଅତ୍ୟାଧୁନିକ ମେସିନ୍ ସାହାଯ୍ୟରେ ବିଶୋଧିତ ବନ୍ୟାଜଳକୁ ବନ୍ୟା ପୀଡ଼ିତ ମାନେ ପିଉଛନ୍ତି। ଗତ ମାସ ୨୭ତାରିଖ ଠାରୁ ଗଞ୍ଜାମ ଜିଲ୍ଲାକୁ ମୋଟ ୧୩ଟି ମୋବାଇଲ୍ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ଦ୍ୱାରା ପାନୀୟ ଜଳ ଯୋଗାଇ ଦିଆଯାଉଛି। ହିଞ୍ଜିଳିକାଟୁ, ସାନଖେମୁଣ୍ଡି, ପୁରୁଷୋତ୍ତମପୁର, ହୁମା, ପାତ୍ରପୁର, ଭଞ୍ଜନଗର, ଶେରଗଡ଼, ସୋରଡ଼ା, ଆସିକା ସମେତ ବ୍ରହ୍ମପୁର ମହାନଗର ନିଗମ ଓ ଅନ୍ୟାନ୍ୟ ଅଞ୍ଚଳକୁ ଏହି ପ୍ଲାଣ୍ଟ ଯୋଗାଇ ଦିଆଯାଉଛି। ଗାଡ଼ିରେ ସ୍ଥାପିତ ଏହି ମୋବାଇଲ୍ ପ୍ଲାଣ୍ଟରେ ଅତ୍ୟାଧୁନିକ ମେସିନ୍ ସାହାଯ୍ୟରେ ବନ୍ୟାଜଳକୁ ବିଶୋଧନ କରାଯାଇ ପାନୀୟ ଉପଯୋଗୀ ଜଳରେ ପରିଣତ କରାଯାଉଛି। ଫଳରେ ବାତ୍ୟା ଓ ବନ୍ୟା ପ୍ରଭାବିତ ଅଞ୍ଚଳରେ ତୁରନ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସମ୍ଭବ ହୋଇପାରୁଛି। ପ୍ରତି ଘଣ୍ଟାରେ ଏହି ପ୍ଲାଣ୍ଟରୁ ୫୦୦ ମିଲିଲିଟର ବିଶିଷ୍ଟ ୨ ହଜାର ପ୍ୟାକେଟ୍ ବିଶୁଦ୍ଧ ପାନୀୟ ଜଳ ପ୍ରସ୍ତୁତ ହେଉଛି। ପରେ ସରକାରୀ ଅଧିକାରୀ ଓ ବିଭିନ୍ନ କର୍ମଚାରୀଙ୍କ ଜରିଆରେ ଏହି ଜଳ ପ୍ୟାକେଟ୍ ବନ୍ୟାପୀଡ଼ିତଙ୍କ ନିକଟରେ ପହଞ୍ଚାଯାଉଛି। ଜଳବନ୍ଦୀ ଅଞ୍ଚଳ ଓ ବାତ୍ୟା ଆଶ୍ରୟ ସ୍ଥଳିରେ ଥିବା ଲୋକଙ୍କ ପାନୀୟ ଜଳର ଅଭାବ ଦୂର କରିବା ସହ ଜଳବାହିତ ରୋଗର ଆଶଙ୍କା ହ୍ରାସ କରିବା ଦିଗରେ ଏହି ମୋବାଇଲ୍ ପ୍ଲାଣ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ବିପର୍ଯ୍ୟୟ ସମୟରେ ତୁରନ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଏହା ଏକ ଉପଯୋଗୀ ବ୍ୟବସ୍ଥା ଭାବେ ପ୍ରମାଣିତ ହେଉଛି।



'ଅର୍ଣ୍ଣବ' ବନ୍ୟାରେ ସତୀମଠ ଧ୍ୱସ୍ତବିଧ୍ୱସ୍ତ


ଅଥଚ ୨୬୮ ବର୍ଷ ଧରି ଜଳୁଛି ସତୀ ମଠର ସତୀଚିତା

ଧରାକୋଟ,୫।୧୧(ସମିସ): ଧରାକୋଟ ବ୍ଲକର ଜଗମୋହନ ପଞ୍ଚାୟତର ଋଷିକୁଲ୍ୟା ନଦୀ କୂଳରେ ଏକ ଏକର ଜାଗାରେ ରହିଛି ସତୀମଠ। ଏହା ଧରାକୋଟ ରାଜ ପରିବାରର ଶ୍ମଶାନ। ସତୀତ୍ୱର ଗାଥା ବହନ କରୁଥିବା ଏହି ମଠ ୧୪୧୭ ମସିହାରେ ଧରାକୋଟର ତତ୍କାଳୀନ ରାଜାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା । ୧୭୫୮ ମସିହାରେ ରାଜା ରାଜେନ୍ଦ୍ର ସିଂହ ପରଲୋକ ଗମନ ପରେ ତାଙ୍କ ପାଟ ରାଣୀ ପଦ୍ମମାଳା ଦେବୀ ରାଜାଙ୍କ ଚିତାରେ ଝାସ ଦେଇ ସତୀ ହୋଇଥିଲେ । ସେହିଦିନ ଠାରୁ ଏହି ମଠ ସତିମଠ ନାମରେ ପରିଚିତ ଏବଂ ରାଜ ପରିବାର ଦ୍ୱାରା ଏହି ସତୀ ଚିତାକୁ ଜଳାଇ ଅକ୍ଷୁର୍ଣ୍ଣ ରଖାଯାଇଛି। ଏହାପରେ ରାଜା କୃଷ୍ଣ ସିଂହଙ୍କ ପତ୍ନୀ ଚନ୍ଦ୍ରମା ଦେବୀ ରାଜାଙ୍କ ପରଲୋକ ପରେ ତାଙ୍କ ଚିତାରେ ଝାସ ଦେଇ ସତୀ ହୋଇଥିଲେ। ସମ୍ପ୍ରତି ଧରାକୋଟ ରାଜ ପରିବାରର ୧୬ ଜଣ ରାଜା ଓ ରାଣୀଙ୍କ ସମାଧି ଏଠାରେ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ଗତ ୧୯୯୦ ମସିହାର ପ୍ରଳୟଙ୍କରୀ ବନ୍ୟାରେ ଏହି ସତିଚିତା ଲିଭି ନଥିବା ବେଳେ ଗତ ଅର୍ଣ୍ଣବଜନିତ ବନ୍ୟାରେ ମଧ୍ୟ ଏହା ନାଲିଭି ଅକ୍ଷୁର୍ଣ୍ଣ ରହିଛି ଓ ଅନବରତ ଭାବେ ଜଳୁଛି ଯାହାକି ଏକ ବିରଳ ଓ ଆଚମ୍ବିତ ଉଦାହରଣ ମଧ୍ୟ। ସମ୍ପ୍ରତି ମଠରେ ମାତା ଶଶିକଳା ଦାସ, ମହନ୍ତ କୃପାସିନ୍ଧୁ ଦାସ ଓ ଶିଷ୍ୟା ପୂର୍ଣ୍ଣିମା ଦାସ ରହି ମଠ ପରିଚାଳନା କରୁଛନ୍ତି । ଅର୍ଣବ ବନ୍ୟା ବେଳେ ମଠର ପରିସ୍ଥିତି ସମ୍ପର୍କରେ ମହନ୍ତଙ୍କ ସହ କଥା ହେବା ବେଳେ ପ୍ରାୟ ୪୮ ଘଣ୍ଟା ମଠ ପରିସରରେ ୮ ଫୁଟ ପାଣି ଜମି ରହିବା ପରେ ଧୀରେ ଧୀରେ କମିଲା, ଏହି ସମୟରେ ନିଜେ ବିପଦରେ ରହି ମଧ୍ୟ ସତିଚିତାକୁ ଦିପଦ୍ୱାରା ପ୍ରଜ୍ୱଳନ କରି ନିରାପଦ ଭାବରେ ଜାଳି ରଖିଥିଲି । ପାଣି ଛାଡିବା ପରେ ପୁଣି ଚିତକୁ ସ୍ୱସ୍ଥାନରେ ସ୍ଥାପନ କରିଥିଲି ବୋଲି ପ୍ରକାଶ କରିଥିଲେ। ବର୍ତ୍ତମାନ ଗତ ବନ୍ୟାରେ ମଠ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଛି। ମଠର ସାତ ଏକର ଜମିରେ ବାଲି ଓ ପଙ୍କ ମାଡ଼ି ଯାଇଥିବା ବେଳେ ଆସବାବ ପତ୍ର, ଚାଉଳ, ଖାଦ୍ୟ ପଦାର୍ଥ, ପୁରାତନ ତାଳପତ୍ର, ବେଦ, ଆୟୁର୍ବେଦ ଗ୍ରନ୍ଥ ସବୁ ବନ୍ୟା ପାଣିରେ ଭିଜି ନଷ୍ଟ ହୋଇଯାଇଛି। ମଠର ରାସ୍ତା ଧୋଇ ଯାଇଥିବା ବେଳେ ବିଦ୍ୟୁତ ବିଚ୍ଛିନ୍ନ ହୋଇ ରହିଛି ଓ ପିଇବା ପାଣି ର ଅଭାବ ଦେଖାଦେଇଛି। ସତୀତ୍ୱ ଗାଥା ବହନ କରୁଥିବା ଏହି ମଠରେ ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦୀର୍ଘ ୨୬୮ ବର୍ଷ ଧରି ସତିଚିତାକୁ ଜଳାଇ ରଖାଯାଇଛି ଯାହାକି ଏକ ବିରଳ ଦୃଷ୍ଟାନ୍ତ।









ସରୁନି ବାମପଦା ଫ୍ଲାଏଓଭର ବ୍ରିଜ୍; ବଢୁଛି ଟ୍ରାଫିକ୍ ଯନ୍ତ୍ରଣା





ବାଲେଶ୍ୱର, ୫।୧୧(ସମିସ)

ବିକାଶର ପ୍ରତୀକ ହେବାକୁ ଥିବା ଉଡ଼ନ୍ତା ପୋଲ ନିର୍ମାଣ ଏବେ ସାଧାରଣ ଲୋକଙ୍କ ପାଇଁ ଦୁର୍ଦ୍ଦଶାର କାରଣ ପାଲଟିଛି। ଦୁଇ ବର୍ଷ ହେଲା ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ୍ୟ ବାମପଦାସ୍ଥିତ ଫ୍ଲାଏଓଭର ଏଯାଏଁ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏପଟେ ଭଙ୍ଗାଦଦରା ସର୍ଭିସ୍ ରୋଡ୍, ସେପଟେ ଜାତୀୟ ରାଜପଥ ମଝିରେ ଥିବା ରେଳ ଫାଟକ। ଉଭୟ ସମସ୍ୟା ମିଶି ବାମପଦା ଛକକୁ ଯାତାୟାତର ଏକ ବିପଜ୍ଜନକ କେନ୍ଦ୍ରରେ ପରିଣତ କରିଛି। ରେଳ ଫାଟକ ବନ୍ଦ ହେଲେ ରାଜପଥର ଉଭୟ ପାଶ୍ୱର୍ରେ ମାଇଲ ମାଇଲ ଧରି ଗାଡ଼ିମୋଟର ଅଟକି ରହୁଛି। ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ଜାମ୍‌ରେ ଫସୁଛନ୍ତି ହଜାର ହଜାର ଯାତ୍ରୀ। ଏପରିକି ଜରୁରୀକାଳୀନ ରୋଗୀ ସେବାରେ ନିୟୋଜିତ ଆମ୍ବୁଲାନ୍ସ ମଧ୍ୟ ଏହି ଭିଡ଼ରୁ ମୁକୁଳି ପାରୁନାହିଁ। ଫଳରେ ରୋଗୀଙ୍କ ଜୀବନ ପ୍ରତି ବିପଦ ଘନେଇବା ସହ ପ୍ରଶାସନ ଓ ସମ୍ପୃକ୍ତ ବିଭାଗର ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ବାମପଦା ଛକ ନିକଟ ଜାତୀୟ ରାଜପଥ ନଂ-୧୬ର ଏଲ୍.ସି. ନଂ-୯୭ ଠାରେ ୨୦୨୪ ମସିହାରୁ ଉଡ଼ନ୍ତା ପୋଲ ନିର୍ମାଣ ଆରମ୍ଭ ହୋଇଥିଲା। ମାତ୍ର ନିର୍ମାଣ ଆରମ୍ଭ ହେବାର ଦୁଇ ବର୍ଷ ବିତିବାକୁ ବସିଥିଲେ ମଧ୍ୟ ପ୍ରକଳ୍ପର କାର୍ଯ୍ୟ ଶେଷ ହେବାର ନାଁ ଧରୁନାହିଁ। ମଝିରେ ପ୍ରାୟ ବର୍ଷେ ଧରି କାମ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ ପରେ ପୁଣି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏବେ ତାହା କଚ୍ଛପ ଗତିରେ ଚାଲିଥିବା ଅଭିଯୋଗ ହେଉଛି। ତେବେ ବାମପଦାର ସମସ୍ୟା କେବଳ ଅସମ୍ପୂର୍ଣ୍ଣ ଫ୍ଲାଏଓଭର ମଧ୍ୟରେ ସୀମିତ ନୁହେଁ। ଜାତୀୟ ରାଜପଥ

ଆନ୍ଦୋଳନ ଚେତାବନୀ ଦେଲା ବାମପଦା ସୁରକ୍ଷା ମଞ୍ଚ

ମଝି ଦେଇ ଯାଇଥିବା ରେଳ ଧାରଣା ଏହି ଅଞ୍ଚଳର ଟ୍ରାଫିକ୍ ସମସ୍ୟାକୁ ଆହୁରି ଜଟିଳ କରିଛି। ନୀଳଗିରିର ଗୋପୀନାଥପୁର ରେଳ ଷ୍ଟେସନକୁ ଟ୍ରେନ୍ ଚଳାଚଳ ସହ ସୋମନାଥପୁର ଅଞ୍ଚଳରେ ଥିବା ତୈଳ ଡିପୋକୁ ତେଲ ବୋଝେଇ ମାଲବାହୀ ଟ୍ରେନ୍‌ର ଯାତାୟାତ ଏହି ରେଳ ଧାରଣା ଦେଇ ହୋଇଥାଏ। ଟ୍ରେନ୍ ଚଳାଚଳ ସମୟରେ ରେଳ ଫାଟକ ବନ୍ଦ ରହୁଥିବାରୁ ଜାତୀୟ ରାଜପଥର ଉଭୟ ପାଶ୍ୱର୍ରେ ଯାନବାହନର ଲମ୍ବା ଧାଡ଼ି ଲାଗିଯାଉଛି। ଏହା କେବଳ କିଛି ସମୟର ଅସୁବିଧା ନୁହେଁ, ଅନେକ ସମୟରେ ଘଣ୍ଟା ଘଣ୍ଟା ଧରି ଗାଡ଼ି ଅଟକି ରହୁଥିବାରୁ ଯାତ୍ରୀମାନେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ସବୁଠାରୁ ସମ୍ବେଦନଶୀଳ ଦିଗ ହେଉଛି ଏହି ଟ୍ରାଫିକ୍ ଜାମ୍‌ରେ ଆମ୍ବୁଲାନ୍ସ ଫସି ରହିବା। ଜଣେ ଗୁରୁତର ରୋଗୀଙ୍କ ପାଇଁ ପ୍ରତିଟି ମିନିଟ୍ ମୂଲ୍ୟବାନ ହୋଇଥିବାବେଳେ ଟ୍ରାଫିକ୍ ଜାମ୍ ଯୋଗୁଁ ଚିକିତ୍ସାଳୟରେ ପହଞ୍ଚିବାରେ ବିଳମ୍ବ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଅନ୍ୟପଟେ ନିର୍ମାଣାଧୀନ ଫ୍ଲାଏଓଭର ପାଇଁ ସର୍ଭିସ୍ ରୋଡ୍‌ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ରାସ୍ତାରେ ଖାଲଖମା, ଧୂଳି ଓ କାଦୁଅ ଯୋଗୁଁ ଦୈନନ୍ଦିନ ଯାତାୟାତ ବିପଜ୍ଜନକ ହୋଇପଡ଼ିଛି। ଏହି ରାସ୍ତାରେ ଦୁର୍ଘଟଣା ଘଟୁଥିବା ଏବଂ ଜୀବନହାନି ହୋଇଥିବା ଅଭିଯୋଗ ରହିଛି। ନିର୍ମାଣକାରୀ ସଂସ୍ଥା ବ୍ରିଜ୍ ଗୋପାଳ କନଷ୍ଟ୍ରକସନ୍ କମ୍ପାନୀକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ରାସ୍ତାର ସ୍ଥିତିରେ ଆବଶ୍ୟକ ସୁଧାର ଆସୁନଥିବା ବାମପଦା ସୁରକ୍ଷା ମଞ୍ଚ ଅଭିଯୋଗ କରିଛି। ଏହି ସମସ୍ତ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ରେମୁଣା ବ୍ଲକ୍, ରେମୁଣା ଏନ୍ଏସି ଓ ବାଲେଶ୍ୱର ପୌରପାଳିକା ଅଞ୍ଚଳର ଜନସାଧାରଣଙ୍କ ତଥା ବାମପଦା ସୁରକ୍ଷା ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଫ୍ଲାଏଓଭର ନିର୍ମାଣ ତୁରନ୍ତ ସମ୍ପୂର୍ଣ୍ଣ କରିବା, ସର୍ଭିସ୍ ରୋଡ୍‌ର ସ୍ଥାୟୀ ମରାମତି, ରେଳ ଫାଟକ ଯୋଗୁଁ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ଏବଂ ଆମ୍ବୁଲାନ୍ସ ପାଇଁ ଜରୁରୀକାଳୀନ ଯାତାୟାତ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଦାବି ହୋଇଛି। ଆସନ୍ତା ଦେଢ଼ ମାସ ମଧ୍ୟରେ ରାସ୍ତା କାମ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ମଞ୍ଚ ପକ୍ଷରୁ ସୂଚନା ମିଳିଛି। ଏହି ଅବଧି ମଧ୍ୟରେ ଦାବି ପୂରଣ ନହେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ମଞ୍ଚ ଚେତାବନୀ ଦେଇଛି। ମଞ୍ଚର ସଭାପତି ବିଶ୍ୱଜିତ ଘୋଷ, ସମ୍ପାଦକ ଅନଙ୍ଗ କୁମାର ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ଧୀରେନ୍ଦ୍ର କୁମାର ମହାପାତ୍ର, ବରିଷ୍ଠ ସମ୍ପାଦକ ରବି ରାଉତ, ରାମକୃଷ୍ଣ ରାଉତଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଏହି ଦାବି ଉଠାଇଛନ୍ତି।

ମିତା ପଟ୍ଟନାୟକ ବାଲେଶ୍ୱର ପୌରପାଳିକା ବିଜୁ ମହିଳା ଜନତା ଦଳ ସଭାପତି



ବାଲେଶ୍ୱର,୫।୧୧(ସମିସ): ସହର ତଥା ବାଲେଶ୍ୱର ପୌରପାଳିକାର ମହିଳା ସଙ୍ଗଠନକୁ ଆହୁରି ମଜବୁତ କରିବା ପାଇଁ ଦଳ ଭରସା ବାଲେଶ୍ୱର ପୌରପାଳିକା ୫ ନମ୍ବର ୱାର୍ଡ କାଉନସିଲର ମିତା ପଟ୍ଟନାୟକଙ୍କ ଉପରେ ଭରସା କରିଛି। ସେଥିପାଇଁ ତାଙ୍କୁ ବାଲେଶ୍ୱର ପୌରପାଳିକା ବିଜୁ ମହିଳା ଜନତା ଦଳର ନୂଆ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ବିଜେଡ଼ି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନୀ ଛୁରିଆ ଏ ନେଇ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ନବନିଯୁକ୍ତ ସଭାପତି ମିତା ପଟ୍ଟନାୟକଙ୍କୁ ଦଳୀୟ କର୍ମୀ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି। ତାଙ୍କ ନେତୃତ୍ୱରେ ମ୍ୟୁନିସିପାଲଟି ବିକାଶଧାରା ବଜାୟ ରହିବା ସହ ମହିଳା ସଙ୍ଗଠନ ସୁଦୃଢ଼ ହେବ। ଏହି ଦାୟିତ୍ୱ ପାଇବା ପରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସମସ୍ତଙ୍କ ସହଯୋଗରେ ଆଗାମୀ ପୌର ନିର୍ବାଚନରେ ବିଜେଡ଼ି ପ୍ରାର୍ଥୀଙ୍କ ବିଜୟ ଦିଗରେ କାର୍ଯ୍ୟ ଜାରି ରହିବ ବୋଲି ସଭାପତି ପଟ୍ଟନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ମିତା ପଟ୍ଟନାୟକଙ୍କ ନେତୃତ୍ୱରେ ବାଲେଶ୍ୱର ସହରରେ ମହିଳା ସଙ୍ଗଠନ ଆହୁରି ଶକ୍ତିଶାଳୀ ହେବ ବୋଲି ଆଶା କରାଯାଉଛି।

କାର୍ତ୍ତିକରେ ଭୀମେଶ୍ୱର ପୀଠ ଚଳଚଞ୍ଚଳ

ବାଲେଶ୍ୱର, ୫।୧୧(ସମିସ): ପବିତ୍ର କାର୍ତ୍ତିକ ମାସରେ ରେମୁଣା ଅଞ୍ଚଳର ଅନ୍ୟତମ ପ୍ରସିଦ୍ଧ ଶୈବ କ୍ଷେତ୍ର ବାବା ଭୀମେଶ୍ୱରଙ୍କ ପୀଠ ଚଳଚଞ୍ଚଳ ହୋଇଛି। ବାବାଙ୍କ ଦର୍ଶନ ଲାଗି ଅନେକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗତ ସୋମବାର ସକାଳୁ ବାବାଙ୍କ ଦ୍ୱାର ଫିଠା ନୀତି ସମ୍ପନ୍ନ ପରେ ସ୍ନାନ, ଘର୍ଷଣ ଲାଗି ଓ ଜଳାଭିଷେକ ନୀତି ସମ୍ପନ୍ନ ହୋଇଥିଲା। ପରେ ବାବାଙ୍କ ବଡ଼ସିଂହାର ବେଶ ଅନୁଷ୍ଠିତ ହୋଇଥିଲା। ବାବାଙ୍କ ବେଶ ଦର୍ଶନ କରି ଶ୍ରଦ୍ଧାଳୁମାନେ ତୃପ୍ତ ହୋଇଥିଲେ। ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ସମସ୍ତ କାର୍ଯ୍ୟରେ ମନ୍ଦିର ପରିଚାଳନା କମିଟିର ସଦସ୍ୟ ସହଯୋଗ କରିଥିଲେ।

ଛାତ୍ର ବିଜେଡି ପକ୍ଷରୁ ସ୍ୱଚ୍ଛତା ଅଭିଯାନ



ଜଳେଶ୍ୱର, ୫।୧୧ (ସମିସ): ଦୀନକୃଷ୍ଣ ମହାବିଦ୍ୟାଳୟ ପରିସରରେ ବିଜୁ ଛାତ୍ର ଜନତା ଦଳ ଛାତ୍ର ସଂଗଠନ ପକ୍ଷରୁ ସ୍ୱଚ୍ଛତା ଅଭିଯାନ କଲେଜ ପରିସର ମଧ୍ୟରେ ଆୟୋଜନ ହୋଇଯାଇଛି। ଛାତ୍ରଛାତ୍ରୀମାନେ ଜିସିଆର ଓ ବିସିଆର ପାନୀୟଜଳ, ବଗିଚା ଆଦିରେ ବ୍ଲିଚିଂ, ଫିନାଇଲ୍ ପକାଇ ସଫେଇ କରିଥିଲେ। ଏହି ସଫେଇ କାର୍ଯ୍ୟକ୍ରମରେ ଛାତ୍ର ସଂସଦର ସଭାପତି ଶତ୍ରୁଘ୍ନ ପାଲ, ଧର୍ମପଦ ମହାନ୍ତି, କାର୍ତ୍ତିକ ଦାସ ଅଧିକାରି, ଚିନ୍ମୟ ଦାସ, ଉର୍ମିଳା ରାଉଳ, ମିଶାଭାରତୀ ସିଂହ, ଅନୁରାଧା ରଣବାଜ୍, ପୁଷ୍ପାଞ୍ଜଳୀ ବାରିକ, ସତ୍ୟପ୍ରକାଶ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

ଆଖିବୁଜିଲେ ଆଦର୍ଶ ଶିକ୍ଷକ

ଖଇରା, ୫।୧୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ଅଲିପୁର ଗ୍ରାମର ଆଦର୍ଶ ଶିକ୍ଷକ ବାସୁଦେବ ପୃଷ୍ଟି(୭୭)ଙ୍କ ବୁଧବାର ସଂଧ୍ୟାରେ ପରଲୋକ ହୋଇ ଯାଇଛି। ସେ ଗତ କିଛିଦିନ ହେଲା ମଧୁମେହ ରୋଗରେ ପୀଡିତ ଥିବା ବେଳେ ଛାତିରେ ଯନ୍ତ୍ରଣା କରିବାକୁ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁ ସମ୍ପର୍କରେ ଖବର ପାଇଁ ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସରପଞ୍ଚ ପ୍ରତିନିଧି ସୁରେଶ ମାଝୀ ପ୍ରମୁଖ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ । ସ୍ୱର୍ଗତ ପୃଷ୍ଟି ଗତ ୨୦୦୮ ମସିହା ଅଗଷ୍ଟ ୩୧ରେ ଦାମୋଦରପୁରସ୍ଥିତ ରାମଚନ୍ଦ୍ର ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ଅବସର ଗ୍ରହଣ କରିବା ପରେ ବିଭିନ୍ନ ସାମାଜିକ ସଙ୍ଗଠନ ନିଜକୁ ନିୟୋଜିତ କରିଥିଲେ।




ଭୋଗରାଇ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ହେଲେ କବିତା ମହାନ୍ତି



ବାଲେଶ୍ୱର(ଉତ୍ତର), ୫।୧୧(ସମିସ): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଭୋଗରାଇ ମହିଳା ବିଜୁ ଜନତା ଦଳର ସଭାନେତ୍ରୀ ଭାବେ କବିତା ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ଗତ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୩୦ନଂ ଜୋନରେ ଜିଲ୍ଲା ପରିଷଦ ଭାବେ ନିର୍ବାଚିତ ହୋଇ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବେଳେ ଦଳର ସଙ୍ଗଠନକୁ ମଜବୁତ କରିବାରେ ସଫଳ ହୋଇପାରିଛନ୍ତି। ତାଙ୍କର ଏହି ନୂତନ ଦାୟିତ୍ୱକୁ ନେଇ ଭୋଗରାଇ ନିର୍ବାଚନ ମଣ୍ଡଳୀର ସମସ୍ତ ବିଜୁଜନତା ଦଳର କର୍ମୀ ଓ ଶୁଭେଚ୍ଛୁ ମାନଙ୍କ ତରଫରୁ ଶୁଭେଚ୍ଛାର ସୁଅ ଛୁଟିଛି। ସୁଶ୍ରୀ ମହାନ୍ତି ତାଙ୍କ ପ୍ରତିକ୍ରିୟା ରେ ବିଜୁ ଜନତା ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହିତ ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏବଂ ଦଳର ସମସ୍ତ ପଦାଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବରେ ଆୟୁଷ ପ୍ରଥମ



ନୀଳଗିରି, ୫।୧୧ (ସମିସ): ଚଳିତବର୍ଷ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ରେ ନୀଳଗିରି ଜାମୁଡ଼ିହାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଆୟୁଷ କୁମାର ଶତପଥି ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଡିବେଟ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ନୀଳଗିରି ପାଇଁ ଗୌରବ ଆଣିଛନ୍ତି। ନୀଳଗିରି ଏନ୍ଏସିର ଘାଟଘରସାହି ଗ୍ରାମର ମାନସ ଶତପଥୀଙ୍କ ପୁତ୍ର ଆୟୁଷ ନିଜର ଅଧ୍ୟବସାୟ ବଳରେ କୃତିତ୍ୱ ଅର୍ଜନ କରୁଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରଶଂସା କରିଛନ୍ତି।

ସୌମ୍ୟଙ୍କ ପରିବାକୁ ଭେଟିଲେ ବିଭିନ୍ନ ସଂଗଠନ

ପୁନଃତଦନ୍ତ ପାଇଁ ଦେଢ଼ଲକ୍ଷ ଚିଠି ପ୍ରଦାନ କରିବାକୁ ସଙ୍କଳ୍ପ



ଖଇରା,୫।୧୧ (ସମିସ): ପାରଳାଖେମୁଣ୍ଡି ଏସିଏଫ ସୌମ୍ୟ ରଞ୍ଜନ ମହପାତ୍ରଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାରେ ସଂପୃକ୍ତ ଥିବା ଡିଏଫଓ, ରୋଷେୟା ଓ ପତ୍ନୀଙ୍କୁ ଗିରଫ ପରେ ସୌମ୍ୟଙ୍କ ପରିବାର ସମେତ ଖଇରାର ବିଭିନ୍ନ ସଙ୍ଗଠନ ଆଶ୍ୱସ୍ତି ଅନୁଭବ କରିଛନ୍ତି। ସେପଟେ ସୌମ୍ୟଙ୍କ ବାପା ଅଭିରାମ ଓ ମା' ତୁଳସୀ ପୁଅ ମୃତ୍ୟୁରେ ଧୈର୍ଯ୍ୟହରା ନ ହୋଇ ଗତ ୫ବର୍ଷ ଧରି ଅଭିଯୁକ୍ତଙ୍କୁ ଗିରଫ କରାଇବାରେ ଦୃଷ୍ଟାନ୍ତମୂଳକ ଭୂମିକା ଗ୍ରହଣ କରିଛନ୍ତି। ଖଇରାର ବିଭିନ୍ନ ସାମାଜିକ ସଙ୍ଗଠନ ଆଞ୍ଚଳିକ ବ୍ରାହ୍ମଣ ସମିତି, ବରିଷ୍ଠ ନାଗରିକ ମଞ୍ଚ, ଖଇରା ସାହିତ୍ୟ ସଂସଦ, ଜନଜାଗରଣ ମଞ୍ଚ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ପ୍ରତିଭା ପରିବାର, ଖଇରା ବିକାଶ ପରିଷଦ, ମୁକୁନ୍ଦ ପ୍ରସାଦ ସ୍ମୃତି କମିଟି, ଖଇରା ସ୍ୱାଭିମାନ ମଞ୍ଚ ଗୁରୁବାର ଅପରାହ୍ନରେ ତାଙ୍କ ବେଗୁନିଆ ବାସଭବନରେ ପହଞ୍ଚି ସମବେଦନା ଜଣାଇବା ସହ ମାମଲାର ପୁନଃତଦନ୍ତ ପାଇଁ ଭାରତର ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମୁଖ୍ୟବିଚାରପତିଙ୍କୁ ଦେଢ଼ଲକ୍ଷ ପୋଷ୍ଟକାର୍ଡ ମାଧ୍ୟମରେ ଅବଗତ ପାଇଁ ସଂକଳ୍ପ ନିଆଯାଇଛି। ଏହି ଅବସରରେ ଆଞ୍ଚଳିକ ବ୍ରାହ୍ମଣ ସମିତିର ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଖଇରା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ଓ ବସନ୍ତ କୁମାର ଖିଲାର,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ପାତ୍ର ଓ ବୁଦ୍ଧିରାମ ପାଣିଗ୍ରାହୀ,ଚିନ୍ତାମଣି ସାହାଣି,ମହେନ୍ଦ୍ର ପ୍ରସାଦ କବି,ନିରଞ୍ଜନ ବେହେରା ପ୍ରମୁଖ ବକ୍ତବ୍ୟ ରଖି ଜଣେ ସ୍ୱଳ୍ପ ପେନସନଧାରୀ ଅଭିରାମ କେବଳ ପ୍ରାଣମୂର୍ଚ୍ଛା ଲଢେଇ କରି ନାହାଁନ୍ତି ବରଂ ଜଣେ ବାପା ହିସାବରେ ପୁଅକୁ ଯେଉଁଭଳି ଭାବେ ନ୍ୟାୟ ଦେଲେ ସମସ୍ତ ବାପା ମାନଙ୍କ ପାଇଁ ଉଦାହରଣ ପାଲଟିଯାଇଛନ୍ତି ବୋଲି ପ୍ରକାଶ କରିଥିଲେ। ଏଥିସହ ତାଙ୍କୁ ମୂଳରୁ ଶାରିରିକ ଓ ମାନସିକ ସ୍ତରରେ ସାହାଯ୍ୟ ସହଯୋଗ କରିଆସିଥିବା ପ୍ରାକ୍ତନ ରାଜ୍ୟ ବିଜେପି କୋଷାଧକ୍ଷ ଠାକୁର ରଞ୍ଜିତ ଦାସଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ହତ୍ୟାକାରୀ ମାନେ କ୍ଷମତା ଓ ପ୍ରତିପତ୍ତିଶାଳୀ ବ୍ୟକ୍ତି ହୋଇଥିବା ବେଳେ ଶ୍ରୀ ଦାସ ଯେଭଳି ଭାବେ ଜଣେ ପୁତ୍ରହରା ବାପାଙ୍କ ସହରହି ଆଜି ପର୍ଯ୍ୟନ୍ତ ତାଙ୍କ ସହ ଲଢେଇରେ ସାମିଲ ହୋଇଛନ୍ତି ସେଥିପାଇଁ ଖଇରାବାସୀଙ୍କ ତରଫରୁ ଧନ୍ୟବାଦ ଅର୍ପଣ କରିଛନ୍ତି।

ବାଲେଶ୍ୱର ଷ୍ଟେସନରେ ମାନବିକତାର ନିଦର୍ଶନ

ବିଚ୍ଛିନ୍ନ ଦମ୍ପତିଙ୍କୁ ମିଳାଇଲା ଆର୍‌ପିଏଫ୍

ବାଲେଶ୍ୱର,୫।୧୧(ସମିସ): ରେଳ ସୁରକ୍ଷା ବଳ (ଆରପିଏଫ୍)ର "ମେରି ସହେଲୀ' ଟିମ୍ ବାଲେଶ୍ୱର ରେଳ ଷ୍ଟେସନରେ ଟ୍ରେନ୍‌ରୁ ଅସାବଧାନତାବଶତଃ ରହିଯାଇଥିବା ଜଣେ ମହିଳା ଯାତ୍ରୀଙ୍କୁ ତାଙ୍କ ସ୍ୱାମୀଙ୍କ ନିକଟରେ ସୁରକ୍ଷିତ ଭାବେ ପହଞ୍ଚାଇଛନ୍ତି ଆରପିଏଫ୍ କର୍ମଚାରୀ। ସୂଚନା ଅନୁଯାୟୀ, ଗତ ୩ ତାରିଖ ସକାଳ ପ୍ରାୟ ୯ଟା ୫୫ ମିନିଟ୍‌ରେ ପ୍ଲାଟଫର୍ମ ନମ୍ବର ୨ରୁ ୧୫୬୪୦ ନମ୍ବର କାମାକ୍ଷାପୁରୀ ଏକ୍ସପ୍ରେସ୍ ଛାଡ଼ିବା ପରେ ଅମୁଲ୍ ଷ୍ଟଲ୍ ନିକଟରେ ଜଣେ ମହିଳା ଯାତ୍ରୀ କାନ୍ଦୁଥିବା ଓ ପୁରୀ ଯିବା ପାଇଁ ଟ୍ରେନ୍ ସମ୍ପର୍କରେ ପଚାରୁଥିବା ଦେଖିବାକୁ ପାଇଥିଲେ ଡ୍ୟୁଟିରେ ଥିବା ସିଫ୍ଟ ଅଫିସର ଏଏସ୍ଆଇ ଏସ୍.କେ. ମୁଦୁଲି ଓ "ମେରି ସହେଲୀ' ଟିମ୍‌ର ମହିଳା କନଷ୍ଟେବଳ କେ. ସୁମତି। ତୁରନ୍ତ ଉଭୟ ତାଙ୍କ ନିକଟକୁ ଯାଇ ଆଶ୍ୱାସନା ଦେବା ସହ ପିଇବା ପାଣି ଯୋଗାଇ ଦେଇଥିଲେ। ପଚରାଉଚରା ବେଳେ ମହିଳା ଜଣକ କହିଥିଲେ ଯେ, ସେ ସ୍ୱାମୀଙ୍କ ସହ ଆସାମ ଭ୍ରମଣ ସାରି ଘରକୁ ଫେରୁଥିଲେ। ବାଲେଶ୍ୱର ଷ୍ଟେସନରେ ପିଇବା ପାଣି ଭରିବା ପାଇଁ ଦୁହେଁ ଟ୍ରେନ୍‌ରୁ ଓହ୍ଲାଇଥିବା ବେଳେ ଅସାବଧାନତାବଶତଃ ଟ୍ରେନ୍‌ଟି ଛାଡ଼ି ଦେଇଥିଲା। ଫଳରେ ସେ ସ୍ୱାମୀଙ୍କଠାରୁ ଅଲଗା ହୋଇ ଷ୍ଟେସନରେ ରହିଯାଇଥିଲେ। ପରେ ମହିଳାଙ୍କଠାରୁ ସ୍ୱାମୀଙ୍କ ମୋବାଇଲ୍ ନମ୍ବର ନେଇ ଆରପିଏଫ୍ କର୍ମଚାରୀ ଯୋଗାଯୋଗ କରିଥିଲେ ଏବଂ ବାଲେଶ୍ୱର ଷ୍ଟେସନକୁ ଆସିବାକୁ ପରାମର୍ଶ ଦେଇଥିଲେ। ସ୍ୱାମୀ ଷ୍ଟେସନରେ ପହଞ୍ଚିବା ପରେ ପରିଚୟ ଯାଞ୍ଚ କରାଯାଇ ଲିଖିତ ସ୍ୱୀକୃତି ନେବା ପରେ ମହିଳାଙ୍କୁ ସୁସ୍ଥ ଓ ସୁରକ୍ଷିତ ଅବସ୍ଥାରେ ତାଙ୍କ ସ୍ୱାମୀଙ୍କ ହସ୍ତାନ୍ତର କରାଯାଇଥିଲା।

ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବାର୍ଷିକ ବିଜ୍ଞାନ ମେଳା



ବାଲେଶ୍ୱର, ୫।୧୧(ସମିସ): କୁରୁଡ଼ାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ବାର୍ଷିକ ବିଜ୍ଞାନ ମେଳା ୨୦୨୬ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ଶରତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମେଳାରେ ରଘୁନାଥ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନର ଉପାଦେୟତା ଓ ଦୈନନ୍ଦିନ ଜୀବନରେ ଏହାର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ବିଜ୍ଞାନ ମେଳାରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ବିଜ୍ଞାନଭିତ୍ତିକ ପ୍ରକଳ୍ପ ଓ ମଡେଲ୍ ପ୍ରଦର୍ଶନ କରିଥିଲେ। ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ ବିଚାରକ ଯଜ୍ଞ ନାରାୟଣ ବାଙ୍କୀରା ଓ ସସ୍ମିତା ସାହୁଙ୍କ ଦ୍ୱାରା କରାଯାଇଥିଲା। ବିଚାରକ ପିଲାମାନଙ୍କର ପ୍ରକଳ୍ପଗୁଡ଼ିକୁ ତଦାରଖ କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମ୍ପାଦକ ମନୋଜ କୁମାର ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର କୁମାର ମହାନ୍ତି, ଉପ ପ୍ରଧାନ ଆଚାର୍ଯ୍ୟ ସଂଯୁକ୍ତା ପ୍ରଧାନ ଉପସ୍ଥିତ ଥିଲେ। ବିଜ୍ଞାନ ଶିକ୍ଷକ ସୁଜିତ୍ କୁମାର ମହାପାତ୍ର ଓ ସୁଜିତ୍ କୁମାର ବିଶ୍ୱାଳ ମେଳାର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉପପ୍ରଧାନ ଆଚାର୍ଯ୍ୟ ସଂଯୁକ୍ତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଘୂର୍ଣ୍ଣିଝଡ଼ ପ୍ରଭାବ; ପୋଖରୀରୁ ଉଠିଲା ପାଣି



ଜଳେଶ୍ୱର ବ୍ଲକ, ୫।୧୧ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ଡନା ପଞ୍ଚାୟତର ଖରିଦା ଗ୍ରାମରେ ଏକ ଅଦ୍ଭୁତ ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଗ୍ରାମର ପଦ୍ମ ପୋଖରୀରୁ ହଠାତ୍ ବହୁ ପରିମାଣର ପାଣି ଉପରକୁ ଉଠିବା ସହ ତାହା ଆକାଶରେ ଉଡ଼ି ଉଡ଼ି ସରସୀଦା ଗ୍ରାମ ଆଡ଼କୁ ଯାଉଥିବା ଦେଖାଯାଇଥିବା ଗ୍ରାମବାସୀ କହିବା ସହିତ ଏକ ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଏହି ଅସ୍ୱାଭାବିକ ଦୃଶ୍ୟକୁ ଦେଖି ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟଚକିତ ହୋଇପଡ଼ିଛନ୍ତି। ସ୍ଥାନୀୟ ଲୋକଙ୍କ ଆଲୋଚନା ଅନୁଯାୟୀ, ପୋଖରୀର ପାଣି ହଠାତ୍ ଉପରକୁ ଉଠିବା ପରେ ଏକ ଧାରା ଭଳି ଆକାଶ ଆଡ଼କୁ ଉଠି ଅନ୍ୟ ଦିଗକୁ ଗତି କରିଥିଲା। ପରେ ଏହା ସରସୀଦା ଗ୍ରାମ ଆଡ଼କୁ ଯାଇଥିବା ନେଇ ଚର୍ଚ୍ଚା ହେଉଛି। ଏଭଳି ଦୃଶ୍ୟ ଦେଖିଥିବା ଲୋକଙ୍କ ମଧ୍ୟରେ କୌତୂହଳ ସୃଷ୍ଟି ହୋଇଥିବାବେଳେ ଘଟଣାକୁ ନେଇ ବିଭିନ୍ନ ମତ ପ୍ରକାଶ ପାଉଛି। କେତେକ ଲୋକ ଏହାକୁ ଘୂର୍ଣ୍ଣିଝଡ଼ ବା ଜଳଘୂର୍ଣ୍ଣିର ପ୍ରଭାବ ବୋଲି ଆଲୋଚନା କରୁଛନ୍ତି।

ବେଆଇନ ଗୋଚାଲାଣ ପଛରେ ବିଜେପି: ଯୁବ ଛାତ୍ର ବିଜେଡି

ବାଲେଶ୍ୱର,୫।୧୧(ସମିସ)

ବାଲେଶ୍ୱର ବିଜେପିର ଛାମୁଆ ସଂଗଠନର କର୍ମକର୍ତ୍ତାଙ୍କ ଛତ୍ରଛାୟାରେ ଚାଲିଛି ବେଧଡ଼କ ଗୋ-ଚାଲାଣ। ଦିନ ଥିଲା ବାଲେଶ୍ୱର ଜିଲ୍ଲାରେ ଯେଉଁ ରାଜନୈତିକ ଦଳ ଓ ସଂଗଠନର କର୍ମକର୍ତ୍ତା ଗୋ-ରକ୍ଷକ ସାଜିଥିଲେ, ଏବେ ଗୋ ଚାଲାଣରେ ସାମିଲ ହୋଇ ଅନୈତିକ ପନ୍ଥାରେ ଅର୍ଥ ଉପାର୍ଜନ କରୁଛନ୍ତି । ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେଲେ ଗୋ-ଚାଲାଣରେ ବିଜେପିର ଶୀର୍ଷ ନେତୃତ୍ୱଠୁ ଓ ବିଜେପି ଯୁବ ମୋର୍ଚ୍ଚାର ସମ୍ପୃକ୍ତି ପଦାକୁ ଆସିବ ବୋଲି ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ତାପସ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ

କେବଳ ନିଲମ୍ବନ ନୁହେଁ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଦାବି କରାଯାଇଛି । ବିଜେପି ଯୁବ ମୋର୍ଚ୍ଚାର ଉପସଭାପତି ବରେନ୍ଦ୍ର ମହାଲିକ, କୋଷାଧକ୍ଷ ଦେବାଶିଷ କବି ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଖୁଲମଖୁଲା ସମ୍ପୃକ୍ତି ନେଇ ଅଡିଓ ଭାଇରଲ ହେବା ପ୍ରସଙ୍ଗକୁ ଦଳ ଅସ୍ତ୍ର କରିଛି । ଯେଉଁ ଦଳ ହିନ୍ଦୁତ୍ୱର କଥା କହେ, ଗୋମାତା ନାମରେ ରାଜନୀତି କରେ, ସେହି ଦଳର କର୍ମକର୍ତ୍ତା ଲୋକଙ୍କୁ ମିଛ ପ୍ରଚାର ମଧ୍ୟରେ ରଖି ନିଜେ ଗୋ-ତସ୍କରୀରେ ସାମିଲ ଥିବା ଦଳ ଦାବି କରିଛି ।



ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ତାପସ ପାଣିଗ୍ରାହୀ, ଯୁବ କାର୍ଯ୍ୟକାରୀ ସଭାପତି ଭରତ ଭୂଷଣ ଦାସ, ଜିଲ୍ଲା ଛାତ୍ର ବିଜେଡି ସଭାପତି ହରେକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଏଭଳି ଖୋଲମଖୋଲା ଅଭିଯୋଗ ଆଣିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନହେଲେ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି । ଗୋ-ମାଫିଆଙ୍କ ଠାରୁ ଚାନ୍ଦା ଆଦାୟ ମାମଲାରେ ଜଡ଼ିତ ହେବା ଜାଣି ବିଜେପି ଜଣଙ୍କୁ ନିଲମ୍ବନ କରିଛି । କେବଳ ନିଲମ୍ବନ ନୁହେଁ, ସେମାନଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ, ଘଟଣାର ଉପଯୁକ୍ତ ତଦନ୍ତ, ସେମାନଙ୍କ ସିଡିଆର ଯାଞ୍ଚ, ଏଥିରେ ଥିବା ବଡ଼ ନେତାଙ୍କ ସମ୍ପୃକ୍ତି, ରେକର୍ଡିଂରେ ଥିବା ଅନ୍ୟାନ୍ୟ ନାମ ଗୁଡ଼ିକ କିଏ ଏବଂ ସେମାନଙ୍କର ଏଥିରେ ଭୂମିକା କଣ ଆଦି ଯାଞ୍ଚ ଉପରେ ଦଳ ପ୍ରଶ୍ନ ଉଠାଇଛି । ଏଥିସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନହେଲେ ବିଜୁ ଯୁବ ଛାତ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ହୋଟେଲ ଫାଣ୍ଟାସୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଯୁବ ଜନତାର କର୍ମକର୍ତ୍ତାଙ୍କ ମଧ୍ୟରେ ଭବାନୀ ପଣ୍ଡା ଓ ଅଭିନାଶ ନାୟକ ମଞ୍ଚାସୀନ ଥିବା ବେଳେ ବିଶ୍ୱଜିତ ଜେନା, ଦେବାଶିଷ ଦାସ, ବିଶ୍ୱଜିତ ମହାନ୍ତି, ଅଶ୍ୱିନୀ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଅବକାରୀ ଚଢ଼ଉ, ୪ ଗିରଫ

ସୋର, ୫।୧୧(ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀମଦ ଜବତ କରିଥିବା ବେଳେ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବାଲେଶ୍ୱର ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ନୀଳଗିରି ରେଞ୍ଜ ଅବକାରୀ ନିରୀକ୍ଷକ ନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ ସୋର ଆଦର୍ଶ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରିଣୀ ଅନିତା ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ସୋର ଥାନା ଅନ୍ତର୍ଗତ ସବିରା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚଢ଼ାଉ କରି ସୁକାନ୍ତି ମାଝୀ ନିକଟରୁ ୨୦ ଲିଟର ଦେଶୀ ମଦ, କହେଁଇ ବାରିକ ନିକଟରୁ ୨୫ ଲିଟର ଦେଶୀ ମଦ, ନିରଞ୍ଜନ ଓଝା ନିକଟରୁ ୨୦ ଲିଟର ଏବଂ ମାୟାଧର ଗୁରୁ ନିକଟରୁ ୬୦ ଲିଟର ଦେଶୀ ରନ୍ଧା ମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ସହ ଉପନିରୀକ୍ଷକ ବସନ୍ତ କୁମାର ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, ମିନତୀ ପରିଡା ସାମିଲ ହୋଇଥିଲେ।

ସକାଳ
THE SAKALA

ବିରିଡ଼ି କଂଗ୍ରେସ ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ଘେରାଉ

ଜଗତସିଂହପୁର, ୫।୧୧(ସମିସ)



ଜଗତସିଂହପୁର ଜିଲ୍ଲାର ବିରିଡି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏବଂ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ଉପସ୍ଥିତିରେ ୫ ଦଫା ଦାବି ନେଇ ବ୍ଲକ ଘେରାଉ କରାଯାଇଥିଲା। ଏହିସବୁ ଦାବି ମଧ୍ୟରେ ରହିଛି ବାର୍ଦ୍ଧକ୍ୟ, ଅସହାୟ ଓ ଭିନ୍ନକ୍ଷମ ମାନଙ୍କ ଭତ୍ତା ବିନା ବିଳମ୍ବରେ ପ୍ରତି ମାସରେ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ଯୋଗାଇ ଦେବା, ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ରାସନ କାର୍ଡ ପ୍ରଦାନ, ସୁଭଦ୍ରା ଯୋଜନାରେ ଭୁଲ୍ ତଥ୍ୟ କିମ୍ବା ତ୍ରୁଟିପୂର୍ଣ୍ଣ ଯାଞ୍ଚ ଆଧାରରେ ଯେଉଁ ଯୋଗ୍ୟ ମହିଳାମାନଙ୍କୁ ଯୋଜନାରୁ ବାଦ ଦିଆଯାଇଛି, ସେମାନଙ୍କ ଆବେଦନର ପୁନଃ ଯାଞ୍ଚ କରାଯାଇ ଯୋଗ୍ୟ ମହିଳାମାନଙ୍କୁ ଯୋଜନାରେ ସାମିଲ କରିବା ଏବଂ ବିରିଡି ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଥିବା ଜନସାଧାରଣଙ୍କ ମୌଳିକ ସମସ୍ୟା-ଯଥା ରାସ୍ତା , ପାନୀୟ ଜଳ ଆଦି ସମସ୍ୟାର ତୁରନ୍ତ ସମାଧାନ କରିବା, ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଲୋକସଭା କ୍ଷେତ୍ର ପ୍ରଭାରୀ ଏବଂ ଓପିସିସି ଉପ-ସଭାପତି ଦେବାଶିଷ ପଟ୍ଟନାୟକ, ଓପିସିସି ସାଧାରଣ ସମ୍ପାଦକ ଓ ଜିଲ୍ଲା କଂଗ୍ରେସ ପ୍ରଭାରୀ ବିଶ୍ୱଜିତ ଦାସ, ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ବିଦ୍ୟାଧର ବାରିକ, ସମ୍ପାଦକ ବିମଳ କୁମାର ସେଠି, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ଅଞ୍ଜନ କୁମାର ଜେନା, ବରିଷ୍ଠ କଂଗ୍ରେସ ନେତା ବିଭୂତି ରାୟ, ଆଡଭୋକେଟ ଦୀପକ କୁମାର ପଶାୟତ, ଶୁଭେନ୍ଦ୍ରକାନ୍ତ ରାଉତରାୟ, ସୁକାନ୍ତ ଭୁଇଁଆ, ଆଲୋକ ରଞ୍ଜନ ସ୍ୱାଇଁ, ଚିତ୍ତରଞ୍ଜନ ବେହେରା, ବିବେକାନନ୍ଦ ବେହେରା, ଶିବପ୍ରସାଦ ମହାପାତ୍ର, ଅନନ୍ତ ଚରଣ ପୃଷ୍ଟି, ବିଜୟ ଜେନା, ବାସନ୍ତୀ ସେଠୀ ମଞ୍ଜୁଲତା ବାରିକ, ସର୍ବରି ରାୟ, ଅନିତା ମିଶ୍ର, ଜ୍ୟୋତ୍ସ୍ନା ରାଣୀ ବେହେରା, ସବିତା ମଲ୍ଲିକ, ସ୍ନେହମୟୀ ଜେନା, ମନୋରମା ସ୍ୱାଇଁ , କାମଦେବ ସ୍ୱାଇଁ, ମଙ୍ଗଳା ମହାନ୍ତି, ପଦମନ ସେଠୀ, ଚିତ୍ତରଞ୍ଜନ ଦାସ, ସଂଗ୍ରାମ ମହାପାତ୍ର, ସନାତନ ବେହେରା, ସୁବାଷ ଦାଶ, ଅଜୟ ମଲ୍ଲିକ, ସୂରଜକାନ୍ତ ଦାସ, ଆଖିଲ ରାଉଳ, ମାନସ ରାଉତରାୟ, ପ୍ରିୟରଞ୍ଜନ ମଲ୍ଲିକ, ବିଘ୍ନେଶ୍ୱର ସ୍ୱାଇଁ, ଟୁଲୁ ଜେନା,ସୁକାନ୍ତ ମଲ୍ଲିକ, ଅମଳେନ୍ଦୁ ମହାନ୍ତି, ମାୟାଧର ଜେନା, ସୁକାନ୍ତ ମଲ୍ଲିକ, ସତ୍ୟବ୍ରତ ଭୁଇଁଆ, ସୁଦର୍ଶନ ମହାରଣା, ଆସିତ ନାରାୟଣ ମହାନ୍ତି, ଶିବପ୍ରସାଦ ମଲ୍ଲିକ, ରାଖାଲ ମଲ୍ଲିକ, ଶିବରାମ ପ୍ରଧାନ, ଦୟାନିଧି ସେଠୀ, ସ୍ମୃତିରଞ୍ଜନ ପାଳ, ବିଘ୍ନେଶ୍ୱର ପାଳ, ପ୍ରଶାନ୍ତ ନାଥ, ପ୍ରଦୀପ୍ତ ନାଥ, ରାଜା ଭୋଇ, ସୁଶୀଲ କୁମାର ଦାଶ ଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ବିକ୍ଷୋଭ ଏବଂ ପ୍ରତିବାଦ ସଭା ପରେ ଉକ୍ତ ୫ ଦଫା ସମ୍ବଳିତ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଇଥିଲା।

ବୃନ୍ଦାବନଚନ୍ଦ୍ର ମହାବିଦ୍ୟାଳୟରେ ଦୁର୍ନୀତି





ରଘୁନାଥପୁର, ୫।୧୧(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ରେଢୁଆରେ ରି-ଆଡମିଶନ୍ ଫି' ଫେରସ୍ତ, ଇତିହାସ ଅଧ୍ୟାପକ ଏବଂ ଲାଇବ୍ରେରିଆନ୍ ନିଯୁକ୍ତି ଓ ଯୋଗଦାନ ଆଦି ଛାତ୍ରଛାତ୍ରୀଙ୍କ ବିଭିନ୍ନ ଦାବି ନେଇ ଛାତ୍ରଛାତ୍ରୀ ଅତିରିକ୍ତ ଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ନ୍ୟାୟସଙ୍ଗତ ଦାବିକୁ ସମର୍ଥନ ଜଣାଇ ଜିଲ୍ଲା ଛାତ୍ର ସଭାପତି ରାଜେଶ କୁମାର ମିଶ୍ର, ଜିଲ୍ଲା ଯୁବ ସଭାପତି ସମିତ କୁମାର ଲେଙ୍କା, କାର୍ଯ୍ୟକାରୀ ସଭାପତି ଅବନୀକାନ୍ତ ଦାଶ, ରାଜ୍ୟ ସାଧାରଣ ସମ୍ପାଦକ ରୁଦ୍ର ଆଚାର୍ଯ୍ୟ, ଯୁବ ସାଧାରଣ ସମ୍ପାଦକ ବିଶ୍ୱଜିତ ଦାସ, ବ୍ଲକ ଯୁବ ସଭାପତି ଜୋଶେଫ ସ୍ୱାଇଁ ଛାତ୍ର ନେତା ଶୁଭ୍ରଶତଦଳ ଜେନା ଓ ଯୁବ ନେତା ପ୍ରିୟବ୍ରତ ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ ନେତୃମଣ୍ଡଳୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ସହ ଯୋଗଦାନ କରିଥିଲେ।

କାଳିଭଞ୍ଜଡିଆରେ ମାଛ ମାରୁଥିବାବେଳେ ୩ ଗିରଫ



ରାଜନଗର, ୫।୧୧(ସମିସ): ଭିତରକନିକା ଜାତୀୟ ଉଦ୍ୟାନର କାଳିଭଞ୍ଜଡିଆ ନିକଟରେ ମାଛ ମାରୁଥିବାବେଳେ ୩ ଜଣଙ୍କୁ ଗିରଫ କରାଯାଇଛି। ଭଦ୍ରକ ଅଞ୍ଚଳର ୩ ଜଣ ଯୁବକ ଏକ ଯନ୍ତ୍ରଚାଳିତ ବୋଟ ଯୋଗେ ଆସି କାଳିଭଞ୍ଜଡିଆ ନିକଟରେ କଣ୍ଟା ମାଧ୍ୟମରେ ମାଛ ମାରୁଥିଲେ। କନିକା ରେଞ୍ଜ ଅଫିସର ବବୁଲ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ନବୀନ ଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗ ଟିମ ଘଟଣାସ୍ଥଳରେ ପହଞ୍ଚି ବୋଟ ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସାପ କାମୁଡ଼ାରେ ମହିଳା ମୃତ



ଡେରାବିଶ, ୫।୧୧(ସମିସ): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଗହଗା ଗ୍ରାମର ୱାର୍ଡସଭ୍ୟ ଅଶୋକ କୁମାର ନାୟକଙ୍କ ସ୍ତ୍ରୀ ଉର୍ମିଳା ନାୟକ (୫୮)ଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଆଜି ସକାଳେ ଉର୍ମିଳା ଘର ପାଖରେ ଥିବା ତାଙ୍କ ଶସ୍ୟାଗାରରୁ କୋଳଥ ଆଣିବାକୁ ଯାଇଥିଲେ। କୋଳଥ ବସ୍ତା ଖୋଲିବା ସମୟରେ ବସ୍ତା ଉପରେ ଶୋଇଥିବା ବିଷଧର ସାପ ତାଙ୍କୁ ଦଂଶନ କରିଥିଲା। ତୁରନ୍ତ ଉର୍ମିଳାଙ୍କୁ ପରିବାର ଲୋକେ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ କଟକ ବଡ଼ମେଡ଼ିକାଲକୁ ତାଙ୍କର ମୃତଦେହ ବ୍ୟବଚ୍ଛେଦ ପାଇଁ ନିଆଯାଇଥିବା ଜଣାଯାଇଛି।

କୁଜଙ୍ଗ ତହସିଲ କାର୍ଯ୍ୟାଳୟ ନିକଟରୁ ନାଗ ଉଦ୍ଧାର

କୁଜଙ୍ଗ, ୫।୧୧(ସମିସ): ଆଜି କୁଜଙ୍ଗ ତହସିଲ ଭିତରେ ଗୋଟିଏ ୪ ଫୁଟ ଲମ୍ବର ନାଗ ସାପ ଗର୍ଜନ କରି ପସି ଯାଇ ଥିଲା। ହଠାତ୍ ସାପକୁ ଦେଖି କର୍ମଚାରୀ ମାନେ ଭୟ ଭିତି ହୋଇ ପଡ଼ିବା ସହ କିଛି ଓକିଲ ମାନେ ଆମ ବିନୋରି ସେବା ଫାଉଣ୍ଡେସନ କୁଜଙ୍ଗ ଖବର ଫୋନ କରି ଜଣାଇଥିଲେ। ଖବର ପାଇ ବିନୋରି ସେବା ଫାଉଣ୍ଡେସନ ସଭାପତି ପ୍ରଭାତ ବେହେରା ମଣିଶଙ୍କର ପରିଡ଼ା ପଙ୍କଜ ତରାଇ ଶକ୍ତି ପ୍ରସାଦ ଭୁଜବଳ ଭବାନୀ ଶଙ୍କର ଆଚାର୍ଯ୍ୟ କୈଳାଶ ଗଛାୟତ ସ୍ୱାଧୀନ ଖୁଣ୍ଟିଆ କାହ୍ନୁ ମାହାଳି ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଗଲା ବାବୁନି ବାବାଙ୍କ ଏଭଳି ସାହସୀ କଉାକୁ ଦେଖି କୁଜଙ୍ଗ ଓକିଲ ବନ୍ଧୁ ମାନେ ତାଙ୍କୁ ଏବଂ ବିନୋରି ସେବା ଫାଉଣ୍ଡେସନ ର ସମସ୍ତ କର୍ମ କର୍ତ୍ତାଙ୍କୁ ସାଧୁବାଦ ଜଣାଇଛନ୍ତି।

ହୃଦ୍‌ଘାତରେ କମ୍ପାନୀ ଅଧିକାରୀଙ୍କ ମୃତ୍ୟୁ

ପାରାଦୀପ, ୫।୧୧(ସମିସ): ପାରାଦୀପସ୍ଥିତ ଜେଏମ୍ ବକ୍ସି କମ୍ପାନୀର ମୁଖ୍ୟାଳୟରେ ଶାଖା-ପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିବା ଅମିତ କୁମାର ଓଝା (୫୭)ଙ୍କ ବୁଧବାର ସନ୍ଧ୍ୟାରେ ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଛି। ସେ ଦୀର୍ଘ ୩୫ ବର୍ଷ ଧରି ଏଠାରେ କାର୍ଯ୍ୟ କରିଆସୁଥିଲେ। ପୂର୍ବରୁ ତାଙ୍କ ପତ୍ନୀଙ୍କ ଦେହାନ୍ତ ହୋଇଯାଇଥିବା ବେଳେ ଏବେ ଦୁଇ ପୁଅ ଓ ବୃଦ୍ଧା ମା' ରହିଛନ୍ତି। ସେ ଜଣେ ଭଦ୍ର ଓ ମେଳାପୀ ପ୍ରକୃତିର ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ କମ୍ପାନୀର ସମସ୍ତ କର୍ମଚାରୀଙ୍କ ସମେତ ପାରାଦୀପ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ଜମିବାଡ଼ି ବିବାଦକୁ ନେଇ ସଂଘର୍ଷ ଘଟଣାରେ ୧ କୋର୍ଟ ଚାଲାଣ

ପଟ୍ଟାମୁଣ୍ଡାଇ, ୫।୧୧(ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଜମିବାଡ଼ି ବିବାଦକୁ ନେଇ ଗତ ୨୩ ତାରିଖରେ ଘଟିଥିବା ସଂଘର୍ଷ ଘଟଣାରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ସଂଘର୍ଷ ଘଟଣାରେ ଗ୍ରାମାଞ୍ଚଳ ଥାନା ପକ୍ଷରୁ ୪୯୭/୨୬ ଓ ୪୯୮/୨୬ରେ ୨ଟି ମାମଲା ରୁଜୁ କରାଯାଇଥିଲା। ଏହି ଘଟଣାରେ ଗୁରୁତର ଆହତ ତପନ ସାହୁଙ୍କର କଟକରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ମୃତ୍ୟୁ ଘଟିଛି। ଏହି ସଂଘର୍ଷ ଘଟଣାରେ ପ୍ରମିଳା ସାହୁଙ୍କ ଏତଲାକୁ ଭିତ୍ତି କରି ଥାନା କେଶ ନଂ ୪୯୮/୨୬ ରୁଜୁ ହୋଇଥିବାବେଳେ ଏଥିରେ ସମ୍ପୃକ୍ତ ସତ୍ୟନାରାୟଣ ସାହୁକୁ ଗିରଫ କରି ଗତ ୨୭ ତାରିଖରେ କୋର୍ଟ ଚାଲାଣ କରାଯାଇଥିବା ଗ୍ରାମାଞ୍ଚଳ ଥାନା ଆଇଆଇସି ପ୍ରଦୀପ୍ତ କାନୁନଗୋ ପ୍ରକାଶ କରିଛନ୍ତି।

ଦୋଷିଆ ପଞ୍ଚାୟତ ଚଢ଼େଇଆ ଗ୍ରାମର ଧନେଶ୍ୱର ସାହୁଙ୍କ ଦୁଇପୁଅ ନିର୍ମଳ ସାହୁ, ସତ୍ୟନାରାୟଣ ସାହୁ ଓ ସ୍ତ୍ରୀ ସତ୍ୟଭାମା ସାହୁଙ୍କ ସେହି ଗ୍ରାମର ପ୍ରମିଳା ସାହୁ ସ୍ୱାମୀ ସ୍ୱର୍ଗତ ପ୍ରଫୁଲ୍ଲ ସାହୁଙ୍କ ସହିତ ଦୀର୍ଘଦିନ ଧରି ଜମିବାଡ଼ି ବିବାଦ ଲାଗି ରହିଥିଲା। ଗତ ୨୩ ତାରିଖ ରାତି ୯ଟା ସମୟରେ ପ୍ରମିଳାଙ୍କ ଦିଅର ତପନ କୁମାର ସାହୁ ପିତା କୃଷ୍ଣଚନ୍ଦ୍ର ସାହୁ ମାଛ ପୋଖରୀ ପାଖକୁ ଯାଇଥିଲେ।

ଚିକିତ୍ସାଧୀନ ଥିବା ଜଣଙ୍କର ମୃତ୍ୟୁ

ପୂର୍ବରୁ ପୋଖରୀ ନିକଟରେ ଲୁଚି ରହିଥିବା ନିର୍ମଳ ଓ ସତ୍ୟନାରାୟଣ ଲୁହା ରଡ୍ ଓ ଠେଙ୍ଗା ସାହାଯ୍ୟରେ ତପନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ତପନଙ୍କ ମୁଣ୍ଡ ଫାଟିବା ସହିତ ଡାହାଣ ହାତ ପାପୁଲି ଭାଙ୍ଗିଯାଇଥିଲା। ଏଥିସହିତ ନିର୍ମଳ ଓ ସତ୍ୟନାରାୟଣ ତପନଙ୍କ ଛାତିକୁ ଗୋଇଠା ମାରିବା ଦ୍ୱାରା ପ୍ରଚୁର ରକ୍ତବାନ୍ତି ହୋଇଥିଲା। ଏହା ଦେଖି ପ୍ରମିଳା ଓ ତାଙ୍କ ଶଶୁର ଘରୁ ବାହାରକୁ ଯିବା ପାଇଁ ଉଦ୍ୟମ କଲାବେଳେ ନିର୍ମଳ ଓ ସତ୍ୟନାରାୟଣ ଘର ବାହାରପଟୁ ତାଲା ପକାଇ ଦେଇଥିଲେ। ପ୍ରମିଳା ଓ ତାଙ୍କ ଶଶୁର ବାଡ଼ି କବାଟ ଖୋଲି ବାହାରକୁ ଆସି ତପନଙ୍କୁ ମରଣାନ୍ତକ ଆକ୍ରମଣ କରାଯାଉଥିବା ଦେଖି ଚିତ୍କାର କରିବାରୁ ନିର୍ମଳ ଓ ସତ୍ୟନାରାୟଣ ଜାଗା ଛାଡି ଦୌଡ଼ି ପଳାଇଥିଲେ। ଏହି ସଂଘର୍ଷରେ ଗୁରୁତର ଆହତ ତପନଙ୍କୁ ପ୍ରଥମେ କେନ୍ଦ୍ରାପଡା ଓ ପରେ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ଦୁଇ ଗୋଷ୍ଠୀ ପକ୍ଷରୁ ପ୍ରମିଳା ସାହୁ ଓ ସୋନାଲି ସାହୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଭିନ୍ନ ଭିନ୍ନ ଲିଖିତ ଅଭିଯୋଗ କରିଥିଲେ। ସ୍ଥାନୀୟ ପୁଲିସ ପ୍ରମିଳାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରିଥିବାବେଳେ ସୋନାଲି ସାହୁଙ୍କ ଅଭିଯୋଗ ଭିତ୍ତିରେ ଥାନା କେଶ ନଂ ୪୯୭/୨୬ରେ ମାମଲା ରୁଜୁ କରିଥିଲା। ଆଜି କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତପନଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ସମଗ୍ର ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି।

ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

କମ୍ପାନୀ ଗେଟ୍ ଆଗରେ ଗ୍ରାମବାସୀଙ୍କ ଧାରଣା



ପାରାଦୀପ, ୫।୧୧(ସମିସ): ଗଡ଼କୁଜଙ୍ଗ ଗ୍ରାମର ଭୋଳାନାଥ ସ୍ୱାଇଁଙ୍କ ପୁଅ ବିଶିକେଶନ ସ୍ୱାଇଁ (୨୬) ଦୁଇଦିନ ଧରି ନିଖୋଜ ରହିବା ପରେ ଆଜି ମେରାଇନ ରାସ୍ତା ସମୁଦ୍ରକୂଳ ଝାଉଁ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛନ୍ତି। କମ୍ପାନୀରେ ଗାଡ଼ି ଲଗାଇବାକୁ ନେଇ ମତାନ୍ତର ହୋଇଥିବାରୁ ଏହା ହତ୍ୟା ବୋଲି ପରିବାର ଓ ଗ୍ରାମବାସୀ ସନ୍ଦେହ କରିଛନ୍ତି। ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ଗ୍ରାମବାସୀମାନେ ମୃତଦେହକୁ ଜେଏସଡବ୍ଲୁ କମ୍ପାନୀ ଆଗରେ ରଖି ଆନ୍ଦୋଳନ କରିଥିଲେ। ପରେ ପ୍ରଶାସନ, ଗ୍ରାମର ମୁରବୀ ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କ ମିଳିତ ବୈଠକରେ ରେଡ୍ କ୍ରସ୍ ରୁ ୨୦ ହଜାର ଟଙ୍କା ନଗଦ ସହାୟତା, ୩ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ପରିବାରର ଜଣକୁ ଚାକିରି ଦେବାକୁ ରାଜି ହେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଅଭୟଚାନ୍ଦପୁର ଥାନା ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

କଳିଙ୍ଗ ବାଲିଯାତ୍ରା ପାଇଁ ଭୂମିପୂଜା



ପାରାଦୀପ, ୫।୧୧ (ସମିସ) : ଚଳିତ ମାସ ୨୩ ତାରିଖରେ ପାରାଦୀପ ବେଳାଭୂମିରେ ଆରମ୍ଭ ହେବାକୁ ଯାଉଛି କଳିଙ୍ଗ ବାଲିଯାତ୍ରା। ଏ ନେଇ ଆଜି ପୂର୍ବାହ୍ନରେ ଭୂମି ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ପୂଜାରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଉପାଧ୍ୟକ୍ଷ ନିରଞ୍ଜନ ବେହେରା ଉପସ୍ଥିତ ରହି କର୍ତ୍ତା ଭାବେ ପୂଜାରେ ବସିଥିଲେ। ପରେ କାର୍ଯ୍ୟାରମ୍ଭ ପାଇଁ ବାଉଁଶ ପୋତା ଯାଇଥିଲା। ଭୂମି ପୂଜନ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରାଦୀପ ଡେପୁଟି କଲେକ୍ଟର ସାରଦା ନାୟରା, ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ପାରିଷଦ ସୁବ୍ରତ ପ୍ରଧାନ, ପ୍ରତାପ ନାୟକ, ସୌଦାମିନୀ ସାହୁ, ଅଜିତ ଷଡଙ୍ଗୀ ଙ୍କ ସମେତ ବାଲିଯାତ୍ରା କମିଟିର ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ଥିଲେ । ଭୂମି ପୂଜନ ମାଙ୍ଗଳିକ ପୂଜାର୍ଚ୍ଚନା କାର୍ଯ୍ୟକୁ ପଣ୍ଡିତ ମାର୍କଣ୍ଡ ଆଚାର୍ଯ୍ୟ ଓ ଇନ୍ଦ୍ରଜିତ ଆଚାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ମହୋତ୍ସବ ନଭେମ୍ବର ୨୩ ରୁ ୨୯ ତାରିଖ ଦୀର୍ଘ ସପ୍ତାହ ବ୍ୟାପି ଚାଲିବ। ଚଳିତ ବର୍ଷ ଏହି ମହୋତ୍ସବ କୁ ଆକର୍ଷଣୀୟ କରିବାକୁ ବାଲିଯାତ୍ରା କମିଟି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିବା ନେଇ ବାଲିଯାତ୍ରା କମିଟି ଉପାଧ୍ୟକ୍ଷ ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

ବରିଷ୍ଠ ରାଜସ୍ୱ ସହାୟକ ନିଲମ୍ବିତ

ବାଲିକୁଦା, ୫।୧୧(ସମିସ): କାର୍ଯ୍ୟରେ ଅବହେଳା, ସରକାରୀ ଗୁରୁତ୍ୱପୂର୍ଣ୍ଣ ଚିଠିପତ୍ରକୁ ଦୀର୍ଘଦିନ ଧରି ପକାଇ ରଖିବା ଏବଂ ସରକାରୀ ଦସ୍ତାବିଜରେ ଜାଲିଆତି କରିବା ସହ ସାଧାରଣ ଜନତା ଙ୍କୁ ଦୁର୍ବ୍ୟବହାର କରିବା ଭଳି ସଙ୍ଗିନ ଅଭିଯୋଗରେ ବାଲିକୁଦା ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ରାଜସ୍ ସହାୟକ ନକୁଳ ପ୍ରଧାନଙ୍କୁ ନିଲମ୍ବନ କରାଯାଇଛି। ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି।ସୂଚନା ଅନୁଯାୟୀ, ବାଲିକୁଦା ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ନକୁଳ ପ୍ରଧାନଙ୍କ ବିରୋଧରେ ବିଭିନ୍ନ ସମୟରେ ଜିଲ୍ଲାପାଳଙ୍କ ନିକଟରେ ଏକାଧିକ ଅଭିଯୋଗ ହୋଇଥିଲା। ସରକାରୀ କାର୍ଯ୍ୟ ସମ୍ପାଦନରେ ଅବହେଳା କରିବା ସହ ଗୁରୁତ୍ୱପୂର୍ଣ୍ଣ ସରକାରୀ ଚିଠିପତ୍ରକୁ ଉଦ୍ଦେଶ୍ୟମୂଳକ ଭାବେ ପକାଇ ରଖିବା ଏବଂ ଦସ୍ତାବିଜ ଜାଲିଆତି କରିବା ଭଳି ଅଭିଯୋଗ ଏହା ମଧ୍ୟରେ ରହିଥିଲା।ଅଭିଯୋଗଗୁଡ଼ିକୁ ଗୁରୁତ୍ୱ ସହ ନେଇ ଜିଲ୍ଲାପାଳ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରିଥିଲେ। ଉକ୍ତ ଟିମ୍ ଅଭିଯୋଗ ସମ୍ପର୍କରେ ତଦନ୍ତ କରିବା ପରେ ଏଥିରେ ସତ୍ୟତା ଥିବା ଜଣାପଡ଼ିଥିଲା। ତଦନ୍ତ ରିପୋର୍ଟ ଆଧାରରେ ଜିଲ୍ଲାପାଳ ସୋନାଲ ନକୁଳ ପ୍ରଧାନଙ୍କୁ ନିଲମ୍ବନ କରିଥିବା ଜଣାଯାଇଛି।ଏ ସମ୍ପର୍କରେ ବାଲିକୁଦା ତହସିଲର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକ ସୂଚନା ଦେଇଛନ୍ତି। ତହସିଲ କାର୍ଯ୍ୟାଳୟର ଜଣେ ବରିଷ୍ଠ କର୍ମଚାରୀଙ୍କ ବିରୋଧରେ ଜିଲ୍ଲା ପ୍ରଶାସନର ଏଭଳି କଡ଼ା ପଦକ୍ଷେପକୁ ନେଇ ରାଜସ୍ୱ ବିଭାଗରେ ଚର୍ଚ୍ଚା ଜୋର ଧରିଛି।

ମଣ୍ଡଳସ୍ତରୀୟ ଭଲିବଲ୍ ଓ କ୍ରିକେଟ୍ ଚାମ୍ପିଅନସିପ୍



ବାଲିକୁଦା, ୫।୧୧(ସମିସ): ବାଲିକୁଦା ମଣ୍ଡଳ ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ପକ୍ଷରୁ ଆଜି ସରକାରୀ ଉଚ୍ଚ ବିଦ୍ୟାଳୟ, ବୋରିକିନା ପରିସରରେ ଏକଦିବସୀୟ ମଣ୍ଡଳସ୍ତରୀୟ ଭଲିବଲ୍ ଓ କ୍ରିକେଟ୍ ଚାମ୍ପିଅନସିପ୍ ୨୦୨୬-୨୭ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିକୁଦା ମଣ୍ଡଳର ୪ଟି ଜୋନ୍‌ରୁ ମୋଟ ୧୩୦ ଜଣ କ୍ରୀଡ଼ାବିତ୍ ଯୋଗଦେଇ ନିଜ ନିଜର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ।ଉଦ୍ଘାଟନୀ ସମାରୋହରେ ବୋରିକିନା ପଞ୍ଚାୟତର ସରପଞ୍ଚ ସାଗରିକା ପରିଡ଼ାଙ୍କ ପ୍ରତିନିଧି ସମୀର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବୋରିକିନା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ବାଲିକୁଦା ମଣ୍ଡଳର ବ୍ଲକ୍ କ୍ରୀଡ଼ା ସମ୍ପାଦକ ରମେଶ କୁମାର ଗୋଛାୟତ ଉପସ୍ଥିତ ରହି କ୍ରୀଡ଼ାବିମାନଙ୍କୁ ଉତ୍ସାହିତ କରିଥିଲେ।ପ୍ରତିଯୋଗିତାର ସୁଚାରୁ ପରିଚାଳନାରେ ଜଟାଧାରୀ ସ୍ୱାଇଁ, ରଷି ଦାଶ, ରଶ୍ମିରଞ୍ଜନ ବେଉରା, ସୁଭଜିତ୍ ସ୍ୱାଇଁ, ମିଳନ କୁମାର ଓଝା, ଓମ୍ ପ୍ରକାଶ, ସମୟ ସ୍ୱରାଜ ପରିଡ଼ା, ଗୀତିକା ବେହେରା, ସୁଜାତା ମଲ୍ଲିକ, ଗୀତାଶ୍ରୀ ପାଣି ଓ ରାନୁ ପ୍ରଧାନଙ୍କ ସମେତ କ୍ରୀଡ଼ା ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ଖେଳ ପରିଚାଳକମାନେ ସକ୍ରିୟ ସହଯୋଗ କରିଥିଲେ।ଏହି ପ୍ରତିଯୋଗିତାରେ ଉଭୟ ଭଲିବଲ୍ ଓ କ୍ରିକେଟ୍‌ରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ମୋଟ ୪୮ ଜଣ କ୍ରୀଡ଼ାବିତ୍ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଏହି ସଫଳତା କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଆତ୍ମବିଶ୍ୱାସ ଭରିବା ସହ ବାଲିକୁଦା ମଣ୍ଡଳ ପାଇଁ ଗୌରବ ଆଣିଦେଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ, ଶୃଙ୍ଖଳା, ଦଳଗତ ସହଯୋଗ ଓ ପ୍ରତିଯୋଗିତାମୂଳକ ମନୋଭାବର ବିକାଶ ସହ ଗ୍ରାମାଞ୍ଚଳରେ କ୍ରୀଡ଼ାର ପ୍ରସାର ପାଇଁ ଏଭଳି ଆୟୋଜନ ଏକ ସକାରାତ୍ମକ ପଦକ୍ଷେପ ବୋଲି ଉପସ୍ଥିତ ଅତିଥି ଓ ଆୟୋଜକମାନେ ମତବ୍ୟକ୍ତ କରିଥିଲେ।

ପାରାଦୀପ ବନ୍ଦର ଓ ପୂର୍ବତଟ ରେଳପଥ ପ୍ରତିନିଧିଙ୍କ ସମୀକ୍ଷା ବୈଠକ

ପାରାଦୀପ, ୫।୧୧(ସମିସ)



ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ପୂର୍ବତଟ ରେଳପଥ, ଖୋର୍ଦ୍ଧା ରୋଡ୍ ଡିଭିଜନର ଏକ ବରିଷ୍ଠ ପ୍ରତିନିଧିମଣ୍ଡଳୀଙ୍କ ମଧ୍ୟରେ ରେଳ-ବନ୍ଦର ସମନ୍ୱୟକୁ ସୁଦୃଢ଼ କରିବା, ପଣ୍ୟ ଖଲାସ କରିବାରେ ଉନ୍ନତି ଆଣିବା ଏବଂ ବନ୍ଦର ଟର୍ମିନାଲରେ କାର୍ଯ୍ୟକ୍ଷମ ଚ୍ୟାଲେଞ୍ଜର ମୁକାବିଲା କରିବା ପାଇଁ ନିକଟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତଟ ରେଳବାଇ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଇଥିଲେ କେ.ଭି. ଏସ.ଆର.କେ କିଶୋର, ମୁଖ୍ୟ ପଣ୍ୟ ପରିବହନ ପରିଚାଳକ (ସିଏଫଟିଏମ) ଏବଂ ପ୍ରୀତି ରାଣା, ବରିଷ୍ଠ ବିଭାଗୀୟ ପରିଚାଳନା ପରିଚାଳକ, ଖୋର୍ଦ୍ଧା ରୋଡ୍ ଡିଭିଜନ, ଭୁବନେଶ୍ୱର। ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବନ୍ଦରର ଉପାଧ୍ୟକ୍ଷ ଟି.ଭେଣୁ ଗୋପାଳ ଏବଂ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ଆଲୋଚନାରେ କାର୍ଯ୍ୟକ୍ଷମ କାର୍ଯ୍ୟଦକ୍ଷତା ସମୀକ୍ଷା କରିବା, ମାଲ ପରିବହନ ଦକ୍ଷତା ମୂଲ୍ୟାଙ୍କନ କରିବା, ପ୍ରତିବନ୍ଧକ ଚିହ୍ନଟ କରିବା ଏବଂ ମାଲ ପରିବହନର ସୁଗମ ପରିବହନ ପାଇଁ ବନ୍ଦର ଏବଂ ରେଳ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକ ପରେ, ରେଳ ପ୍ରତିନିଧି ଦଳ, ପାରାଦୀପ ବନ୍ଦର ଅଧିକାରୀଙ୍କ ସହିତ, ଭୂମିସ୍ତରୀୟ କାର୍ଯ୍ୟକ୍ଷମ ପରିସ୍ଥିତିର ମୂଲ୍ୟାଙ୍କନ କରିବା ଏବଂ ଧ୍ୟାନ ଦେବା, ଆବଶ୍ୟକୀୟ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ପାଇଁ ମାନୁଆଲ୍ ସାଇଡିଂ, ଡିଡିଆଇପି ଏବଂ କେଆଇସିଟି ସମେତ ପ୍ରମୁଖ କାର୍ଯ୍ୟକ୍ଷମ କ୍ଷେତ୍ରଗୁଡ଼ିକର ସ୍ଥାନ ପରିଦର୍ଶନ କରିଥିଲେ କ୍ଷ ସମୀକ୍ଷାର ଅଂଶ ସ୍ୱରୂପ, ଦୁଇ ସଂସ୍ଥାର ପ୍ରମୁଖ ସମନ୍ୱୟ ପଦକ୍ଷେପ ଉପରେ ସହମତ ହୋଇଥିଲେ, ଯେଉଁଥିରେ ଉଭୟ ସଂସ୍ଥାର ନେତୃତ୍ୱଙ୍କ ମଧ୍ୟରେ ପାକ୍ଷିକ ଭିଡିଓ-କନଫରେନ୍ସ ସମୀକ୍ଷା, କାର୍ଯ୍ୟକ୍ଷମ ଚ୍ୟାଲେଞ୍ଜଗୁଡ଼ିକୁ ତଦାରଖ କରିବା ଏବଂ ସମୟୋଚିତ ପ୍ରତିବନ୍ଧକ ସମାଧାନକୁ ସହଜ କରିବା ପାଇଁ ଦୈନିକ ବ୍ୟତିକ୍ରମ ରିପୋର୍ଟିଂ ଅନ୍ତର୍ଭୁକ୍ତ। ବୈଠକରେ ରେଳ-ବନ୍ଦର ସଂଯୋଗୀକରଣକୁ ସୁଦୃଢ଼ କରିବା, କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା, ମାଲ ପରିବହନକୁ ତ୍ୱରାନ୍ୱିତ କରିବା ଏବଂ ଭାରତର ସାମୁଦ୍ରିକ ବାଣିଜ୍ୟର ଅଭିବୃଦ୍ଧିକୁ ସମର୍ଥନ କରିବା ପ୍ରତି ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଏବଂ ପୂର୍ବତଟ ରେଳବାଇର ପ୍ରତିବଦ୍ଧତାକୁ ପୁନଃଦୋହରାଇ ଦିଆଯାଇଥିଲା।

ସକାଳ
THE SAKALA

ବାଇକ୍ ଦୁର୍ଘଟଣାରେ ଜିଆରଏସ୍‌ଙ୍କ ମୃତ୍ୟୁ

ନନ୍ଦାହାଣ୍ଡି, ୫ା୧୧(ସମିସ): ନନ୍ଦାହାଣ୍ଡି ବ୍ଲକ ସଦର ଡଙ୍ଗରଭେଜା ଠାରେ ବାଇକ୍ ଦୁର୍ଘଟଣାରେ ଜଣେ ଜିଆରଏସ୍‌ଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତେନ୍ତୁଲିଖୁଣ୍ଟି ଗ୍ରାମର ନାଦିମ ଜାନି। ସେ ନନ୍ଦାହାଣ୍ଡି ବ୍ଲକର ନିସ୍ୱାହାଣ୍ଡି ପଞ୍ଚାୟତରେ ଜିଆରଏସ୍ ଭାବେ କାର୍ଯ୍ୟରତ ଥିଲେ। ସୂଚନା ଅନୁଯାୟୀ, ଆଜି ସନ୍ଧ୍ୟା ସମୟରେ ସେ ଡଙ୍ଗରଭେଜା ବ୍ଲକ ଅଫିସ କାର୍ଯ୍ୟ ସାରି ଘରକୁ ଫେରୁଥିବା ବେଳେ ହଠାତ୍ ବାଇକ୍ ସହିତ ଏକ ଜମିରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ସରୁଗୁଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ନାଦିମଙ୍କ ମୃତ୍ୟୁ ଖବର ପାଇ ସାରା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଆସନ୍ତାକାଲି ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ସୂଚନା ମିଳିଛି।

ମଦୁଆ ବାଇକ୍ ଚାଳକକୁ ଗିରଫ କଲା ପୁଲିସ

କୋଷାଗୁମୁଡ଼ା, ୫ା୧୧(ସମିସ): କୋଷାଗୁମୁଡ଼ା ପୁଲିସ ଏବଂ ନବରଙ୍ଗପୁର ଆରଟିଓଙ୍କ ମିଳିତ ଯାଞ୍ଚ ସମୟରେ ସନ୍ତୋଷପୁର ପଞ୍ଚାୟତ ଛକ ନିକଟରେ ଜଣେ ମଦୁଆ ବାଇକ ଚାଳକକୁ ଗିରଫ କରି ଥାନାରେ ଅଟକ ରଖାଯାଇଛି। ଗିରଫ ବ୍ୟକ୍ତି ଜଣକ ହେଲେ ଛତିଶଗଡ଼ ରାଜ୍ୟର କୋର୍ପାବଣ୍ଡ ଥାନା ଅନ୍ତର୍ଗତ ଚିୟରଗାଁର ସୁବାଷ ଠାକୁର(୨୭)। ଅଭିଯୁକ୍ତଙ୍କ ନାମରେ କୋଷାଗୁମଡ଼ାରେ ୨୫୯/୨୬ ରେ ମାମଲା ରୁଜୁ କରାଯାଇଛି। ମୋଟର ସାଇକଲ ସିଜି-୧୭କେ ଡବ୍ଲୁ-୫୩୭୩କୁ ଜବତ କରାଯାଇଛି ବୋଲି ଥାନାଧିକାରୀ ଶ୍ରୀମତୀ ବାଗ୍ଗି ସୂଚନା ଦେଇଛନ୍ତି।

ସୁରତରେ କୋରାପୁଟ ଯୁବକଙ୍କୁ ହତ୍ୟା ଅଭିଯୋଗ

କୋରାପୁଟ,୫ା୧୦(ସମିସ): ସୁରତରୁ ଆସିଛି ଦୁଃଖଦ ଖବର। ଜଣେ କୋରାପୁଟର ଓଡ଼ିଆ ଯୁବକଙ୍କୁ ସେଠାରେ ହତ୍ୟା କରାଯାଇଥିବା ଜଣାପଡ଼ିଛି। ମୃତ ଯୁବକଜଣକ ହେଉଛନ୍ତି କୋରାପୁଟ ତନ୍ତି ସାହିର ୪୬ ବର୍ଷୀୟ ସଞ୍ଜିତ କୁମାର



ଖୋସଲା। ସୂଚନା ଅନୁଯାୟୀ ସଞ୍ଜିତ ଦୀର୍ଘ ୨୨ ବର୍ଷ ଧରି ସୁରତର ଏକ ସୂତାକଳରେ କାମକରୁଥିଲେ। ତାଙ୍କ ଜେଜେମା'ଙ୍କ ଦେହ ଅସୁସ୍ଥ ଥିବାରୁ ସେ ଆସନ୍ତା ୮ ତାରିଖରେ ଘରକୁ ଫେରିବା ପାଇଁ ଟିକେଟ୍ ମଧ୍ୟ କରିଥିଲେ। ହେଲେ ଘରକୁ ଫେରିବା ପୂର୍ବରୁ ହିଁ ତାଙ୍କର ଜୀବନ ଚାଲିଯାଇଛି। ଏହି ଖବର ପାଇବା ପରେ ସଞ୍ଜିତଙ୍କ ମୃତଦେହ ଆଣିବା ପାଇଁ ପରିବାରର ଚାରି ଜଣ ସଦସ୍ୟ ସୁରତ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଘଟଣାକୁ ନେଇ ସଞ୍ଜିତଙ୍କ ନିଜ ଗାଁ କୋରାପୁଟରେ ଗଭୀର ଶୋକର ଛାୟା ଖେଳିଯାଇଛି।

ଜିଲ୍ଲାପାଳଙ୍କ ରଣନୀତି କାମ ଦେଲା

ଆନ୍ଧ୍ର ନଯାଇ ସ୍ୱତନ୍ତ୍ର ସେବା ଶିବିରରେ ସାମିଲ ହେଲେ ଜୁମଡାଙ୍ଗବାସୀ

ମାଲକାନଗିରି, ୫ା୧୧(ସମିସ): ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ କ୍ରମେ ଚିତ୍ରକୋଣ୍ଡା ବ୍ଲକ ଅଧୀନସ୍ଥ ଧୂଳିପୁଟ ପଞ୍ଚାୟତର ଆନ୍ଧ୍ର ସୀମାବର୍ତ୍ତୀ ଜୁମଡାଙ୍ଗ ଗ୍ରାମରେ ଏକ ସ୍ୱତନ୍ତ୍ର ଜନଶୁଣାଣି ତଥା ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସୀମାନ୍ତ ଅଞ୍ଚଳର ନାଗରିକଙ୍କ ନିକଟରେ ଓଡ଼ିଶା ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ମୌଳିକ ସେବା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ, ପୋଲିସ, ସ୍ଥାନୀୟ ଜନପ୍ରତିନିଧି, ଆଦିବାସୀ ସମାଜ ଏବଂ ଗଣମାଧ୍ୟମର ମିଳିତ ସହଯୋଗରେ ଏହି ବୃହତ ପ୍ରଶାସନିକ ପ୍ରୟାସ କରାଯାଇଛି। ଜୁମଡାଙ୍ଗ ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ଆଶ୍ୱାସନା ଦିଆଯାଇଛି। ଆୟୋଜିତ ଏହି ସ୍ୱତନ୍ତ୍ର ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ ଅଧକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ବିଡିଓ ପ୍ରିତା କୁମାର୍ ଏବଂ ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡା ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ପରିସରରେ ଗ୍ରାମବାସୀଙ୍କ ପାଇଁ ସାମାଜିକ ସୁରକ୍ଷା, ଆଧାର ପଞ୍ଜୀକରଣ, ଶ୍ରମ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ ଭଳି ବିଭିନ୍ନ ସେବା କ୍ୟାମ୍ପ ଆୟୋଜନ କରାଯାଇଥିଲା। ଶିବିରରେ ୫୦୦ରୁ ଅଧିକ ଗ୍ରାମବାସୀ ଯୋଗଦେଇ ନିଜ ନିଜର ସମସ୍ୟା ଉପସ୍ଥାପନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ବମୋଟ ୧୩୭ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି। ଯେଉଁଥିରେ ୪ଟି ସାମୂହିକ ସମସ୍ୟା ଏବଂ ଅବଶିଷ୍ଟ ଜବ କାର୍ଡ, ରାସନ କାର୍ଡ ଓ ଆବାସ ଯୋଜନା ସମ୍ବନ୍ଧୀୟ ବ୍ୟକ୍ତିଗତ ଅଭିଯୋଗ ଅନ୍ତର୍ଭୁକ୍ତ। ପ୍ରଶାସନ ପକ୍ଷରୁ ସମସ୍ତ ଉପସ୍ଥିତ ଗ୍ରାମବାସୀଙ୍କ ପାଇଁ ମଧ୍ୟାହ୍ନ ଭୋଜନର ସୁବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି, ସୀମାନ୍ତ ଗ୍ରାମ ଝୁମଡାଙ୍ଗ ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଗ୍ରାମବାସୀଙ୍କ ପାଖରେ ଓଡ଼ିଶା ସରକାରଙ୍କ ପ୍ରତ୍ୟେକ କଲ୍ୟାଣକାରୀ ଯୋଜନା ଓ ମୌଳିକ ସୁବିଧା ପହଞ୍ଚାଇବା ଆମର ପ୍ରାଥମିକତା। ପ୍ରଶାସନ ସବୁସମୟରେ ଲୋକଙ୍କ ସହ ରହିଛି ଏବଂ କୌଣସି ବି ପରିସ୍ଥିତିରେ ଆମର ନିଜ ମାଟି ଓ ଲୋକଙ୍କ ବିକାଶରେ ଅବହେଳା କରାଯିବ ନାହିଁ। ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ଦୃଷ୍ଟିରୁ ପୋଲିସ ପ୍ରଶାସନ ପକ୍ଷରୁ ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବା ସହ ସୀମାନ୍ତ ଅଞ୍ଚଳରେ ବ୍ୟାରିକେଡିଂ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆନ୍ଧ୍ରପ୍ରଦେଶରେ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ଓଡ଼ିଶାର ସୀମାନ୍ତ ଗ୍ରାମ ଝୁମଡାଙ୍ଗ ବାସୀ ଭୋଟ ଦେବାକୁ ନ ଯାଇ ଏକ ବଡ଼ ଓ ସକାରାତ୍ମକ ନିଷ୍ପତ୍ତି ନେଇଛନ୍ତି। ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ନିର୍ବାଚନରେ ଗ୍ରାମବାସୀ ସାମିଲ ହେବେ ବୋଲି ପୂର୍ବରୁ ଚର୍ଚ୍ଚା ଜୋର ଧରିଥିବା ବେଳେ ମାଲକାନଗିରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନର ତୁରନ୍ତ ହସ୍ତକ୍ଷେପ, ବୁଝାସୁଝା ଓ ସଫଳ ଆଲୋଚନା ପରେ ଗ୍ରାମବାସୀମାନେ ସମ୍ପୂର୍ଣ୍ଣ ଭାବେ ଆନ୍ଧ୍ରକୁ ଭୋଟ ଦେବା ନିଷ୍ପତ୍ତିରୁ ଓହରିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପ୍ରଶାସନିକ ସ୍ତରରେ ପ୍ରତିଶ୍ରୁତି ଦିଆଯିବା ପରେ ଗ୍ରାମବାସୀମାନେ ଏହାକୁ ଆଦରର ସହ ଗ୍ରହଣ କରିବା ସହ ଆନ୍ଧ୍ର ନିର୍ବାଚନରେ ସାମିଲ ନ ହେବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ମାଲକାନଗିରି ଜିଲ୍ଲାପାଳଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ଜିଲ୍ଲା ପ୍ରଶାସନର ଏହି ନିଷ୍ଠାପର ପ୍ରୟାସ ସୀମାନ୍ତବାସୀଙ୍କ ଆସ୍ଥା ଜିତିବା ସହ ନିଜ ମାଟିକୁ ଫେରାଇ ଆଣିବାରେ ଏକ ବିରାଟ ସଫଳତା ସାବ୍ୟସ୍ତ ହୋଇଛି।

• ତାଲାବନ୍ଦ ଘରୁ ରୁପା ଓ ସୁନା ଅଳଙ୍କାର ଚୋରି

ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ଗୁଣୁପୁର, ୫ା୧୧ (ସମିସ): ତାଲାବନ୍ଦ ଘରକୁ ଟାର୍ଗେଟ୍ କରି ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି। ରାୟଗଡ଼ା ଜିଲ୍ଲା ଗୁଣୁପୁର ସହରର ୧୮ ନମ୍ବର ୱାର୍ଡ ଅନ୍ତର୍ଗତ ପାର୍ବତୀ ନଗର ଲେନ୍-୧ରେ ଏହି ଚୋରି ଘଟଣା ଘଟିଛି। ଅଭିମନ୍ୟୁ ସାହୁଙ୍କ ଘରୁ ପ୍ରାୟ ୫୦ ଭରି ରୁପା ଓ ୨ ଭରି ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ଗୁଣୁପୁର ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଅଭିମନ୍ୟୁ ସାହୁ ଓ ତାଙ୍କ ପରିବାର ଘରେ ତାଲା ପକାଇ ଅଡ଼ବା ଅଞ୍ଚଳରେ ରହୁଥିବା ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘରର ମୁଖ୍ୟ କବାଟର ତାଲା ଭାଙ୍ଗି ଭିତରକୁ ପଶିଥିଲେ। ପରେ ଘରେ ଥିବା ଆଲମାରୀ ଭାଙ୍ଗି ସେଥିରୁ ସୁନା ଓ ରୁପା ଅଳଙ୍କାର ଚୋରି କରି ଫେରାର ହୋଇଯାଇଥିଲେ। ଗୁରୁବାର ସକାଳେ ଅଭିମନ୍ୟୁଙ୍କ ଜଣେ ସମ୍ପର୍କୀୟ ଘର ନିକଟକୁ ଫୁଲ ତୋଳିବାକୁ ଆସିଥିବା ବେଳେ ମୁଖ୍ୟ କବାଟ ଖୋଲାଥିବା ଦେଖିଥିଲେ। ଏନେଇ ସେ ଅଭିମନ୍ୟୁଙ୍କୁ ଖବର ଦେଇଥିଲେ। ଅଭିମନ୍ୟୁ ଘରେ ପହଞ୍ଚି ଯାଞ୍ଚ କରିବା ପରେ ଚୋରି ହୋଇଥିବା ଜାଣି ଗୁଣୁପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଗୁଣୁପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୁରୁବାର ସକାଳେ ସାଇଣ୍ଟିଫିକ୍ ଟିମ୍ ଓ ଡଗସ୍କ୍ୱାଡକୁ ଡକାଯାଇ ଘଟଣାସ୍ଥଳରେ ଯାଞ୍ଚ କରାଯାଇଥିଲା। ଏଥିସହ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା କିଛି ସିସିଟିଭି କ୍ୟାମେରାର ଫୁଟେଜ୍‌କୁ ମଧ୍ୟ ପୋଲିସ ଯାଞ୍ଚ କରୁଛି। ତଦନ୍ତକାରୀ ପୋଲିସ ଏସ୍ଆଇ ବିକାଶ ଦେବନାଥ ଏନେଇ ସୂଚନା ଦେଇଛନ୍ତି। ତେବେ ଏହି ଚୋରି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ପରିଚୟ ଓ ଚୋରି ଅଳଙ୍କାର ଉଦ୍ଧାର ନେଇ ପୁଲିସର ତଦନ୍ତ ଜାରି ରହିଛି।

ଆନ୍ଧ୍ର ନିର୍ବାଚନ ପାଇଁ ଓଡ଼ିଶା ସୀମାରେ ମଦ ଦୋକାନ ସିଲ୍

ରାୟଗଡ, ୫ା୧୧(ସମିସ): ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ ନିର୍ବାଚନ ପାଇଁ ରାୟଗଡ ଜିଲ୍ଲାର ଆନ୍ଧ୍ର ସୀମାନ୍ତ କେରଡ଼ାଠାରେ ଥିବା ଗୋଟିଏ ଦେଶୀ ଓ ଗୋଟିଏ ବିଦେଶୀ ମଦ ଦୋକାନକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ସୀମାନ୍ତ ଅଞ୍ଚଳ ହୋଇଥିବା ସହ ଅଣିଯା ଠାରୁ ଆନ୍ଧ୍ରପ୍ରଦେଶର ମତଦାନ କେନ୍ଦ୍ରକୁ ଯିବା ପାଇଁ କେରଡ଼ା ଦେଇ ଏକମାତ୍ର ରାସ୍ତା ରହିଥିବାରୁ ରାସ୍ତାକଡ଼ରେ ଥିବା ଏହି ଦୁଇଟି ମଦ ଦୋକାନକୁ ସିଲ୍ କରାଯାଇଛି। ନିର୍ବାଚନକୁ ଦୃଷ୍ଟିରେ ରଖି ଦୁଇ ଦିନ ପାଇଁ ସୀମାନ୍ତ ଅଞ୍ଚଳରେ ଥିବା ମଦ ଦୋକାନଗୁଡ଼ିକ ବନ୍ଦ ରଖିବାକୁ ଆଦେଶ ରହିଥିବା ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ ଧଳ ସାମନ୍ତ କହିଛନ୍ତି। ତେବେ ନିର୍ବାଚନ ସମୟରେ ମଦ ବିକ୍ରି ଓ ବଣ୍ଟନ ନିୟନ୍ତ୍ରଣ ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା ବେଳେ ସୀମାନ୍ତରେ ଦୀର୍ଘଦିନ ଧରି ଚାଲିଥିବା ବେଆଇନ ଦେଶୀ ମଦ କାରବାରକୁ ନେଇ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ରହିଛି। ମୀରବାଲି ଓ ସନ୍ଧୁବାଡ଼ି ସମେତ ଆନ୍ଧ୍ରପ୍ରଦେଶର ପୁଡେଶୁ, ରେବା ଓ କୋନା ଅଞ୍ଚଳରେ ବ୍ୟାପକ ଦେଶୀ ମଦ ପ୍ରସ୍ତୁତି ଓ କାରବାର ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏହାକୁ ରୋକିବା ପାଇଁ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଅବକାରୀ ବିଭାଗ ପକ୍ଷରୁ ସୀମାନ୍ତ ଅଞ୍ଚଳରେ ମିଳିତ ଚଢ଼ାଉ କରାଯାଇ ବହୁ ପରିମାଣର ଦେଶୀ ମଦ ଜବତ କରାଯିବା ସହ ମଦ ପ୍ରସ୍ତୁତିରେ ବ୍ୟବହୃତ ପୋଚ ନଷ୍ଟ କରାଯାଉଛି। ଅବକାରୀ ବିଭାଗର ସୂଚନା ଅନୁଯାୟୀ, ଗତ ତିନି ବର୍ଷ ମଧ୍ୟରେ ଏହି ଅଞ୍ଚଳରେ ୧୧ ଥର ମିଳିତ ଚଢ଼ଉ କରାଯାଇ ୯ ଜଣଙ୍କୁ ଗିରଫ କରାଯାଇଛି। ତଥାପି ସୀମାନ୍ତରେ ବେଆଇନ ଦେଶୀ ମଦ ପ୍ରସ୍ତୁତି ଓ ବିକ୍ରି ଉପରେ କେତେ ମାତ୍ରାରେ ରୋକ୍ ଲାଗିପାରଛି। ତାହାକୁ ନେଇ ପ୍ରଶ୍ନ ଉଠୁଛି। ନିର୍ବାଚନ ସମୟରେ ଲାଇସେନ୍ସପ୍ରାପ୍ତ ଦୋକାନ ସିଲ୍ କରିବା ସହିତ ବେଆଇନ ମଦ କାରବାର ରୋକିବା ଦିଗରେ ମଧ୍ୟ ଅବକାରୀ ବିଭାଗ ସମାନ ତତ୍ପରତା ଦେଖାଇବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଆନ୍ଧ୍ର ନିର୍ବାଚନରେ ରାୟଗଡ଼ ଜିଲ୍ଲା ବାସିନ୍ଦାଙ୍କ ମତଦାନ!



ରାୟଗଡ, ୫ା୧୧(ସମିସ): ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମାନ୍ତ ଗ୍ରାମଗୁଡ଼ିକରେ ଦୁଇ ରାଜ୍ୟର ଭୋଟର ତାଲିକାରେ ନାମ ରହିଥିବା ଲୋକଙ୍କୁ ନେଇ ପୁଣି ଚର୍ଚ୍ଚା ଜୋର ଧରିଛି। ଆନ୍ଧ୍ରପ୍ରଦେଶରେ ଆଜି ଜିଲ୍ଲା ପରିଷଦ ଓ ମଣ୍ଡଳ ପରିଷଦ ନିର୍ବାଚନ ପାଇଁ ମତଦାନ ହୋଇଥିବା ବେଳେ ରାୟଗଡ ଜିଲ୍ଲା ସୀମାନ୍ତ ଅଞ୍ଚଳର କେତେକ ଓଡ଼ିଆ ଭୋଟର ଲୁଚାଛପାରେ ଆନ୍ଧ୍ରରେ ମତଦାନ କରିଥିବା ଅଭିଯୋଗ ଜୋର ଧରିଛି। ସୀମାନ୍ତ କେରଡ଼ା ଠାରୁ ପ୍ରାୟ ୩ କିଲୋମିଟର ଦୂର ଆନ୍ଧ୍ରପ୍ରଦେଶର ସୋଲପଦମ୍‌ଠାରେ ମତଦାନ କେନ୍ଦ୍ର ରହିଥିବା ବେଳେ ସୀମାନ୍ତ ଅଞ୍ଚଳର ବହୁ ଭୋଟରଙ୍କୁ ସେଠାରେ ଦେଖିବାକୁ ମିଳିଥିବା ଅଞ୍ଚଳବାସୀ ଚର୍ଚ୍ଚା କରୁଛନ୍ତି। କେରଡ଼ା, ଟୀନାପେଡମ୍ ଓ ତୁଳସୀ ୱାଲସା ଗ୍ରାମର କିଛି ଭୋଟର ଗୁପ୍ତ ଭାବେ ଆନ୍ଧ୍ରରେ ଭୋଟ ଦେଇଥିବା ନେଇ ଅଞ୍ଚଳରେ ଆଲୋଚନା ହେଉଛି। ଦୁଇ ରାଜ୍ୟରୁ ସରକାରୀ ଯୋଜନାର ସୁବିଧା ପାଉଥିବା ଏହି ଭୋଟରମାନେ ଗୋଟିଏ ରାଜ୍ୟରେ ନିଜର ନାମ ବାଦ୍ ପଡ଼ିଯିବା ଆଶଙ୍କାରେ ନିଜର ମତଦାନ ସମ୍ପର୍କିତ ତଥ୍ୟ ଗୋପନ ରଖୁଥିବା କୁହାଯାଉଛି। ଅନ୍ୟପକ୍ଷରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ପ୍ରକ୍ରିୟାରେ ମଧ୍ୟ ଏହି ଅଞ୍ଚଳର କେତେକ ଭୋଟର ସହଯୋଗ କରୁନଥିବା ମଧ୍ୟ ଶୁଣିବାକୁ ମିଳୁଛି। ଏସ୍ଆଇଆର୍ ଫର୍ମ ନମ୍ବର ୬ ପୂରଣ କରିବା ଓ ଆବଶ୍ୟକ ତଥ୍ୟ ଦେବାରେ ଅସହଯୋଗ କରୁଥିବାରୁ ବୁଥ୍‌ସ୍ତରୀୟ ଅଧିକାରୀମାନେ ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ରାୟଗଡ ଜିଲ୍ଲା ସୀମାନ୍ତରେ ଥିବା ଆନ୍ଧ୍ରପ୍ରଦେଶର ବିରିପଡୁ ଓ ପୁଡେସୁ ଗ୍ରାମରେ ମଧ୍ୟ ମତଦାନ କେନ୍ଦ୍ର ହୋଇଥିବା ବେଳେ ଏହି ଅଞ୍ଚଳର ଅନେକ ଓଡ଼ିଆ ଭୋଟର ସେଠାରେ ଗୁପ୍ତ ଭାବେ ମତଦାନ କରିଥିବା ସୀମାନ୍ତରେ ଚର୍ଚ୍ଚାକୁ ଆହୁରି ଜୋର ଦେଇଛି। ଏହି ସୀମାନ୍ତ ଅଞ୍ଚଳରେ ଭୋଟର ସଂଖ୍ୟାରେ ଦେଖାଦେଇଥିବା ପରିବର୍ତ୍ତନ ଏବେ ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛି। କେରଡ଼ା ପଞ୍ଚାୟତରେ ୨୦୧୧ ଜନଗଣନା ଅନୁଯାୟୀ ଜନସଂଖ୍ୟା ୩୭୩୮ ଥିବା ବେଳେ ବର୍ତ୍ତମାନ ଭୋଟର ତାଲିକାରେ ମାତ୍ର ୧୮୯୧ ଜଣଙ୍କ ନାମ ରହିଛି। ଅର୍ଥାତ୍ ପୂର୍ବରୁ ଥିବା ଜନସଂଖ୍ୟା ତୁଳନାରେ ବର୍ତ୍ତମାନ ଭୋଟରଙ୍କ ସଂଖ୍ୟା ଯଥେଷ୍ଟ କମ୍ ରହିଛି। ଅନ୍ୟପକ୍ଷରେ ରାୟଗଡ ଜିଲ୍ଲା ସୀମାନ୍ତ ଅଞ୍ଚଳରେ ଭୋଟର ସଂଖ୍ୟା ହ୍ରାସ ପାଉଥିବା ବେଳେ ଆନ୍ଧ୍ରପ୍ରଦେଶର ମାନ୍ୟମ ଜିଲ୍ଲାରେ ଭୋଟର ସଂଖ୍ୟା ବୃଦ୍ଧି ପାଉଥିବା କୁହାଯାଉଛି। ଆନ୍ଧ୍ର ସରକାରଙ୍କ ବିଭିନ୍ନ ଆକର୍ଷଣୀୟ ଯୋଜନା ଏହାର ଏକ କାରଣ ହୋଇପାରେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି। ଏହି ସମସ୍ୟାର ସମାଧାନ ଓ ପ୍ରକୃତ ଭୋଟରଙ୍କୁ ଚିହ୍ନଟ କରିବା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଏସ୍ଆଇଆର୍ ପ୍ରକ୍ରିୟା ସମୟରେ ସ୍ୱତନ୍ତ୍ର ଉଦ୍ୟମ କରାଯିବ ବୋଲି ରାୟଗଡ ବିଡିଓ ସୁଜିତ କୁମାର ମିଶ୍ର କହିଛନ୍ତି।

ଜୁମୁଡ଼ାଙ୍ଗ ଗସ୍ତ ପାଇଁ ଉତ୍କଳ ସମ୍ମିଳନୀର ପ୍ରସ୍ତୁତି



ମାଲକାନଗିରି, ୫ା୧୧ (ସମିସ): ଜୁମୁଡ଼ାଙ୍ଗ ଗ୍ରାମର ସମସ୍ୟା ଓ ସ୍ଥିତି ଅନୁଧ୍ୟାନ ସହ ଗ୍ରାମବାସୀଙ୍କୁ ସହାୟତା ପ୍ରଦାନ ନେଇ ଉତ୍କଳ ସମ୍ମିଳନୀର ଏକ ବୈଠକ ଆଜି ମାଲକାନଗିରି ସଦରସ୍ଥିତ ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ସଭାପତି ଦୁଷ୍ମନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଜାମୁଡ଼ାଙ୍ଗ ଅଞ୍ଚଳ ଗସ୍ତ କରି ସେଠାକାର ସମସ୍ୟା ଅନୁଧ୍ୟାନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ଗସ୍ତ ସମୟରେ ପ୍ରତ୍ୟେକ ପରିବାରକୁ କମ୍ବଳ ଏବଂ ଶିଶୁମାନଙ୍କୁ ବର୍ଣ୍ଣବୋଧ, ପଟା ଓ ଖଡ଼ି ବଣ୍ଟନ କରାଯିବ। ଏଥିସହ ଜିଲ୍ଲାପାଳଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବାକୁ ମଧ୍ୟ ସ୍ଥିର ହୋଇଛି। ଏହି ସେବାମୂଳକ କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ନିରନ୍ତର ଜାରି ରଖିବାକୁ ସମ୍ମିଳନୀ ପକ୍ଷରୁ ଉଦ୍ୟମ କରାଯିବ। ବୈଠକରେ ସମ୍ମିଳନୀର ସମ୍ପାଦକ ଅଶୋକ ମିଶ୍ରଙ୍କ ସମେତ ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଡ.ସରୋଜ କୁମାର ଦାଶ, ରବୀନ୍ଦ୍ର କୁମାର ମହାରଣା, ନିରଞ୍ଜନ ପଣ୍ଡା, ଦୁର୍ଗା ପ୍ରସାଦ ପଟ୍ଟନାୟକ, ଜୀବନ କୁମାର ମହାନ୍ତି, ଜଗନ୍ନାଥ ତିଆଡ଼ି, ବାବାଜୀ ଚରଣ ସ୍ୱାଇଁ, ଜୟଦେବ ରାଉଳ ଓ ବିଚିତ୍ରାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୯ ତାରିଖରେ ଅଧିକ ସଦସ୍ୟଙ୍କ ଉପସ୍ଥିତିରେ ପରବର୍ତ୍ତୀ ବୈଠକ କରି ଗସ୍ତ ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

କଳାଗୁଡା ଗାଁରେ ଡ୍ରେନ୍ ଭଙ୍ଗା ନେଇ ଅସନ୍ତୋଷ



ଜୟପୁର,୪ା୧୦(ସମିସ): ଜୟପୁର ବ୍ଲକର ଗଡପଦର ଗ୍ରାମପଞ୍ଚାୟତରେ ବିନା କାରଣରେ ଭଲ ଡ୍ରେନକୁ ଭଙ୍ଗା ଯାଉଥିବା ନେଇ ବିଡିଓଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗପତ୍ର ଜୟପୁର ବିଡିଓଙ୍କୁ ପ୍ରଦାନ କରାଯାଇଛି। କୌଣସି ଏକ ଠିକାଦାରକୁ ସ୍ଥାନୀୟ ପଞ୍ଚାୟତ ଦାୟୀତ୍ୱରେ ରହିଥିବା କନିଷ୍ଠ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହାକୁ ଭଙ୍ଗାଯାଉଥିବା ସେଠାରେ ନିୟୋଜିତ ଶ୍ରମିକମାନେ ପ୍ରକାଶ କରିଛନ୍ତି। ନାଳ ଭଲ ରହିଥିବା ବେଳେ ଗତ କିଛି ମାସ ପୂର୍ବରୁ ପଞ୍ଚାୟତ ପାଣ୍ଠିର ଏହି ଡ୍ରେନକୁ ସଫେଇ କରାଯାଇଥିଲା। ଗ୍ରାମର ଉନ୍ନତମାନର ରାସ୍ତା ଓ ଡ୍ରେନକୁ ନିର୍ମାଣ ସମେତ ଅନ୍ୟାନ୍ୟ ପରିମଳ ବ୍ୟବସ୍ଥାକୁ ନେଇ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇଥିଲା। ତେଣ ଭଲ ଡ୍ରେନ ଭାଙ୍ଗି ନୂତନ ଡ୍ରେନ ନିର୍ମାଣ କରିବା ଦ୍ୱାରା ସରକାରଙ୍କ ଅର୍ଥ ଅଯଥା ଅପବ୍ୟୟ କରାଯାଉଥିବା ଅଭିଯୋଗ କରାଯାଉଥିବା ଗ୍ରାମବାସୀ ବସନ୍ତ ଟାକ୍ରୀ, ମୁନା ହିଆଲ, ସୁଶାନ୍ତ ଟାକ୍ରୀ, ମଙ୍ଗଳା ବାଘ, ସୁରେନ୍ଦ୍ର ଖିଲ, ପ୍ରିତମ ତୁରକ, ଅରୁଣ ହିଆଲ, ବିଜୟ ଚଲାଣ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।

ମା' ଗଜଲକ୍ଷ୍ମୀଙ୍କ ପୂଜାରେ ୧୧୧୬ ଦୀପଦାନ



ଶିକରପାଇ, ୫ା୧୧(ସମିସ): ରାୟଗଡ଼ ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ଶିକରପାଇ ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ୧୧୧୬ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂଜାରେ କର୍ତ୍ତା ଭାବେ ରାଜୀବ ନାୟକ ଯୋଗଦେଇ ମା'ଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରିବା ସହ ଗ୍ରାମର ସର୍ବାଙ୍ଗୀନ ଉନ୍ନତି କାମନା କରିଥିଲେ। ପରେ ବହୁ ସଂଖ୍ୟାରେ ଭକ୍ତ ମା'ଙ୍କୁ ସ୍ମରଣ କରି ଦୀପ ପ୍ରଜ୍ୱଳନ କରିଥିଲେ। ପବିତ୍ର କାର୍ତ୍ତିକ ମାସର ଗୁରୁବାର ଅବସରରେ ଭକ୍ତମାନେ ଆନନ୍ଦ ଓ ଉଲ୍ଲାସର ସହ ମାଁଙ୍କ ନିକଟରେ ନିଜ ନିଜର ମନସ୍କାମନା ପୂରଣ ପାଇଁ ପ୍ରାର୍ଥନା କରିଥିଲେ। ମା' ଗଜଲକ୍ଷ୍ମୀଙ୍କ କୃପାରୁ ଗ୍ରାମରେ ବାଣିଜ୍ୟ ଓ କୃଷି କ୍ଷେତ୍ରରେ ଉନ୍ନତି ହେବା ସହ ଗ୍ରାମବାସୀ ଆରୋଗ୍ୟ ଓ ସୁଖଶାନ୍ତିରେ ରହୁଥିବା ଭକ୍ତମାନେ ପ୍ରକାଶ କରିଥିଲେ।

• ଜାମିନ୍‌ରେ ଖଲାସ ହେଲେ ରାଜେଶ

ଶୋଭାଯାତ୍ରାରେ ସହର ବୁଲାଇଲେ ହଜାର ହଜାର ମହିଳା

ନବରଙ୍ଗପୁର,୫ା୧୧(ସମିସ): ନବରଙ୍ଗପୁର ଜିଲ୍ଲାରେ ଚାଲିଥିବା ମଦ ମୁକ୍ତି ଆନ୍ଦୋଳନର ନେତୃତ୍ୱ ନେଉଥିବା ତଥା ନାରୀ ସଂଘର ଉପଦେଷ୍ଟା ରାଜେଶ ଜାନୀ ଆଜି ଜାମିନରେ ଜେଲରୁ ଖଲାସ ହୋଇଛନ୍ତି। ଖଲାସ ହେବା ପରେ ନବରଙ୍ଗପୁର ନାରୀ ସଂଘ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା କରାଯାଇଛି। ସୂଚନା ଅନୁଯାୟୀ, ଶାନ୍ତି ଭଙ୍ଗ ଆଶଙ୍କାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଏନଏସଏସ ଧାରା ୧୨୯ ଅନୁଯାୟୀ ତାଙ୍କୁ ପିସ୍ ବଣ୍ଡ ବା ଶାନ୍ତି ଚୁକ୍ତିପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ସେ ଏଥିରେ ଦସ୍ତଖତ କରିବାକୁ ମନା କରିବାରୁ ତାଙ୍କୁ



ଗିରଫ କରି ଜେଲ୍ ପଠାଇ ଦିଆଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନର ପ୍ରତିବାଦରେ ନବରଙ୍ଗପୁର ଜିଲ୍ଲା ନାରୀ ସଂଘ ପକ୍ଷରୁ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୁଇ ଦିନ ଧରି ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରା ଯାଇଥିଲା। ପରବର୍ତ୍ତୀ ସମୟରେ ଗତକାଲି ଆବଶ୍ୟକୀୟ ବଣ୍ଡ ଦାଖଲ କରାଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଜି ପ୍ରଶାସନ ପକ୍ଷରୁ ସବ୍-ଜେଲ୍‌କୁ ରିଲିଜ୍ ଅର୍ଡର ପଠାଯିବା ପରେ ସେ ମୁକୁଳିଛନ୍ତି। ଜେଲ୍‌ରୁ ବାହାରିବା ପରେ ରାଜେଶ ଜାନୀ ପ୍ରଶାସନର ପଦକ୍ଷେପକୁ ଅନ୍ୟାୟ ଦର୍ଶାଇ ବେଆଇନ ମଦ ବ୍ୟବସାୟୀଙ୍କୁ ଛାଡ଼ି ଆନ୍ଦୋଳନକାରୀଙ୍କୁ ଟାର୍ଗେଟ କରାଯାଉଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ୨୦ ହଜାର ଟଙ୍କାର ଦୁଇଟି ସିକ୍ୟୁରିଟି ସହିତ ପିସ୍ ବଣ୍ଡ ଦାଖଲ ହେବା ପରେ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସର୍ତ୍ତରେ ଆଇନଗତ ନିୟମ ଅନୁଯାୟୀ ତାଙ୍କୁ ଜାମିନ ପ୍ରଦାନ କରାଯାଇଥିବା ନେଇ ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର ସ୍ପଷ୍ଟ କରିଛନ୍ତି। ଏହି ଶୋଭାଯାତ୍ରାରେ ନାରୀସଙ୍ଘର ଉପଦେଷ୍ଟା ରାଜେଶ ଜାନିଙ୍କ ସମେତ ନାରୀ ମହାସଂଘର ନାରୀ ମହାସଂଘ ସଭାନେତ୍ରୀ ଦ୍ରୌପଦି ବାଘ, ଜିଲ୍ଲା ଉପଦେଷ୍ଟା। ବନମାଳା ନାଗ, ସମ୍ପାଦିକା ପାର୍ବତୀ ଦୁରୁଆ, ତେନ୍ତୁଲିଖୁଣ୍ଟି ବ୍ଲକ ସଭାନେତ୍ରୀ ଶ୍ରୀମତୀ ଭତ୍ରା, ଉପସଭାପତି ରମ୍ଭା କୁମ୍ଭାର, ଜିଲ୍ଲା ସଂଗଠକ ଦେବରାଜ ନାଗ, ଦୟାନିଧି ସୁନା ପ୍ରମୁଖଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

ମା' କାଳୀପୂଜା ଓ ଦଶମହାବିଦ୍ୟା ମହୋତ୍ସବ ପାଇଁ ପ୍ରସ୍ତୁତି ଜୋରଦାର

ରାୟଗଡ, ୫ା୧୧(ସମିସ): ରାୟଗଡ ସହରର ବ୍ଲକ କଲୋନୀସ୍ଥିତ କାଳୀପୂଜା ମଣ୍ଡପରେ ୪୪ତମ ବାର୍ଷିକ ମା' ଜଗତଜନନୀ କାଳୀପୂଜା ଓ ଦଶମହାବିଦ୍ୟା ମହୋତ୍ସବ-୨୦୨୬ ମହାସମାରୋହରେ ଆୟୋଜିତ ହେବ। ଏଥିନିମନ୍ତେ ପୂଜା ମଣ୍ଡପରେ ପ୍ରସ୍ତୁତି ଶେଷ

▶ ଚାଲିଛି ମୂର୍ତ୍ତି, ତୋରଣ ନିର୍ମାଣ ଓ ମଣ୍ଡପ ସାଜସଜ୍ଜା
▶ ୧୧ ଦିନ ଧରି ଚାଲିବ ପୂଜା
▶ ମୀନାବଜାର ସାଙ୍ଗକୁ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ

ପର୍ଯ୍ୟାୟରେ ପହଞ୍ଚିଛି। ମା'ଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣରେ କାରିଗରମାନେ ଲାଗିପଡ଼ିଥିବା ବେଳେ ମଣ୍ଡପ ଚତୁଃପାର୍ଶ୍ୱରେ ଆଲୋକମାଳାରେ ସାଜସଜ୍ଜା ଏବଂ ମୁଖ୍ୟ ତୋରଣ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ଏହାକୁ ନେଇ ସମଗ୍ର ବ୍ଲକ କଲୋନୀ ଅଞ୍ଚଳରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ଫ୍ରେଣ୍ଡସ୍ ୟୁଥ୍ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବ ଆସନ୍ତା ୮ ନଭେମ୍ବର ଦୀପାବଳି ଅମାବାସ୍ୟା ମଧ୍ୟରାତ୍ରରୁ ଆରମ୍ଭ ହୋଇ ୧୮ ନଭେମ୍ବର ପର୍ଯ୍ୟନ୍ତ ୧୧ ଦିନ ଧରି ଚାଲିବ। ପ୍ରଥମ ଦିନ ୮ ତାରିଖରେ ମା' କାଳୀଙ୍କ ପୂଜା ଅବସରରେ ସକାଳେ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ମଣ୍ଡପ ଶାଳାଶୁଦ୍ଧି, ଆବାହନ, ବିଲ୍ୱବରଣ, କଳସ ଆବାହନ ଓ ଅଧିବାସ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଦେବୀ ସ୍ୱାଗତ ପୂଜା, ଶାଳା ମଣ୍ଡପ ମଧ୍ୟକୁ କଳସ ପ୍ରବେଶ, ଦ୍ୱାରପାଳ ପୂଜା, ପ୍ରାଣପ୍ରତିଷ୍ଠା, ନିଶିପୂଜା, ପୁଷ୍ପାଞ୍ଜଳି ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। ପରବର୍ତ୍ତୀ ଦିନଗୁଡ଼ିକରେ ଦଶମହାବିଦ୍ୟାଙ୍କ ପୂଜା କରାଯିବ। ୯ ନଭେମ୍ବରରେ ମା' ଗୁରୁତାରା,



୧୦ ତାରିଖରେ ମା' ତ୍ରିପୁରା ସୁନ୍ଦରୀ, ୧୧ ତାରିଖରେ ମା' ଭୁବନେଶ୍ୱରୀ, ୧୨ ତାରିଖରେ ମା' ତ୍ରିପୁରା ଭୈରବୀ, ୧୩ ତାରିଖରେ ମା' ଛିନ୍ନମସ୍ତା, ୧୪ ତାରିଖରେ ମା' ଧୂମାବତୀ, ୧୫ ତାରିଖରେ ମା' ବଗଳାମୁଖୀ ଏବଂ ୧୬ ତାରିଖରେ ମା' ମାତଙ୍ଗୀଙ୍କ ପୂଜା ଅନୁଷ୍ଠିତ ହେବ। ୧୭ ନଭେମ୍ବରରେ ମା' କମଳିକା ତଥା ମହାଲକ୍ଷ୍ମୀଙ୍କ ପୂଜା ସହ ବାଲ୍ୟ କୁମାରୀ ପୂଜା ଓ ପୂର୍ଣ୍ଣାହୁତି କରାଯିବ। ୧୮ ନଭେମ୍ବର ସକାଳ ୯ଟାରେ ମା'ଙ୍କ ବିସର୍ଜନ କରାଯିବ। ପ୍ରତିଦିନ ସନ୍ଧ୍ୟା ୭ଟାରେ ସନ୍ଧ୍ୟା ଆଳତି ଅନୁଷ୍ଠିତ ହେବ। ପୂଜା ଅବସରରେ ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ ହେବ। ୯ ନଭେମ୍ବରରେ ଚଳଚ୍ଚିତ୍ର ପ୍ରଦର୍ଶନ, ୧୦ ତାରିଖରେ ଯୁବି ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ କନିଷ୍ଠ ବର୍ଗର ବୁଗି ୱୁଗି ନୃତ୍ୟ, ୧୧ ତାରିଖରେ ଚଳଚ୍ଚିତ୍ର ପ୍ରଦର୍ଶନ, ୧୨ ତାରିଖରେ ଯୁବି ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ବରିଷ୍ଠ ବର୍ଗର ବୁଗି ୱୁଗି ନୃତ୍ୟ ପରିବେଷଣ କରାଯିବ। ସେହିପରି ୧୩ ତାରିଖରେ ରାୟଗଡର ଏମ୍.କେ.ପି. ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ୍, ୧୪ ତାରିଖରେ ପଦ୍ମନାଭ ପାଣି ମେଲୋଡି, ୧୫ ତାରିଖରେ ରାୟଗଡର ପି.ଡି.ସି. ଡ୍ୟାନ୍ସ ଗ୍ରୁପ୍, ୧୬ ତାରିଖରେ ଯୁବି ପକ୍ଷରୁ ଗ୍ରୁପ୍ ଡ୍ୟାନ୍ସ ଏବଂ ୧୭ ତାରିଖରେ ଜେକେପୁରର ନାଗାବଳୀ ଶ୍ରୀକ୍ଷେତ୍ର ମ୍ୟୁଜିକାଲ୍ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ ହେବ। ଉତ୍ସବର ଅନ୍ୟତମ ଆକର୍ଷଣ ଭାବେ ହୋଟେଲ ତେଜସ୍ୱୀ ପଡ଼ିଆରେ ଭବ୍ୟ ମୀନାବଜାର ଆୟୋଜନ କରାଯାଇଛି। ଏଥିସହ ପ୍ରସ୍ତାବିତ ମା' ଦକ୍ଷିଣ କାଳୀ ଦଶମହାବିଦ୍ୟା ମନ୍ଦିର ନିର୍ମାଣ ନିମନ୍ତେ ପୂଜା କମିଟି ପକ୍ଷରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦାନ କରିବାକୁ ନିବେଦନ କରାଯାଇଛି। ମହୋତ୍ସବକୁ ସଫଳ କରିବା ପାଇଁ କମିଟି ସଭାପତି ଦିଲ୍ଲୀପ ପଟ୍ଟନାୟକ, ଉପସଭାପତି ଶିବାଜୀ ଦାଶ, ସାଧାରଣ ସମ୍ପାଦକ ଶିବ ପଟ୍ଟନାୟକ, ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ସଂଗଠନ ସମ୍ପାଦକ ଜେ.ପି. ରାୟଗୁରୁ ଓ ପ୍ରସନ୍ନ କୁମାର ରାଓ ଏବଂ କୋଷାଧ୍ୟକ୍ଷ ଗୌରୀ ପଟ୍ଟନାୟକଙ୍କ ସମେତ ପୂର୍ବତନ ସଭାପତି ଓ ସମସ୍ତ ସଦସ୍ୟ କାର୍ଯ୍ୟରେ ସକ୍ରିୟ ସହଯୋଗ କରୁଛନ୍ତି। ଏହି ଧାର୍ମିକ ଓ ସାଂସ୍କୃତିକ ମହୋତ୍ସବରେ ବହୁ ସଂଖ୍ୟାରେ ଲୋକ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଲାଭ କରିବାକୁ ପୂଜା କମିଟି ପକ୍ଷରୁ ସମସ୍ତ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି।

ପାଟଣାଗଡ଼ ଏନ୍‌ଏସି ଇଓଙ୍କ ବିରୋଧରେ ବର୍ଷିଲେ ଅଧକ୍ଷା

ପାଟଣାଗଡ଼, ୫।୧୧(ସମିସ):



ପାଟଣାଗଡ ଏନ୍‌ଏସି ଅଞ୍ଚଳରେ ହେଉଥିବା ବିଭିନ୍ନ ଉନ୍ନତି ମୂଳକ କାମ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ଅଧକ୍ଷା ମାନସୀ ବିଶ୍ୱଳଙ୍କ ଅଜାଣତରେ କରୁଛନ୍ତି। ଏନେଇ ଅଧକ୍ଷା ଶ୍ରୀମତୀ ବଶ୍ୱାଳ ୭ ଜଣ କାଉସିଲରଙ୍କୁ ନେଇ ଆଜି ପାଟଣାଗଡ଼ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଉପରେ ବର୍ଷିଥିଲେ। ଏପରିକି ଏନେଇ ସେ ଚିଠି ମାଧ୍ୟମରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଥିବା ନେଇ ମଧ୍ୟ ସୂଚନା ଦେଇଥିଲେ। ଏନ୍‌ଏସି ଅଧକ୍ଷାଙ୍କ ଅଭିଯୋଗ ଅନୁସାରେ ନୂତନ ସରକାର ଗଠନ ହେଲା ପରେ ପାଟଣାଗଡ଼ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚାପ ଗ୍ରସ୍ତ ହୋଇ ଦଳୀୟ ନେତା ଏବଂ କର୍ମୀଙ୍କୁ ବିଭିନ୍ନ ପ୍ରକାରର ଉନ୍ନତି ମୂଳକ କାର୍ଯ୍ୟର ଠିକାକାମ ଦେଉଛନ୍ତି। କେତେଗୁଡିଏ କାମ ଦଳୀୟ ନେତାମାନେ ଅଧିକାରୀଙ୍କୁ ଚାପଗ୍ରସ୍ତ କରାଇ ଟେଣ୍ଡର ମାଧ୍ୟମରେ ପାଉଛନ୍ତି। ଆଉ କେତେଗୁଡିଏ କାମ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚାପଗ୍ରସ୍ତ ହୋଇ ଦଳୀୟ କର୍ମୀଙ୍କୁ ଦେଉଥିବା ସେ ଅଭିଯୋଗ କରିଥିଲେ। ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହେତୁ ଏନ୍‌ଏସି ଅଞ୍ଚଳରେ ଯାହାବି ଉନ୍ନତି ମୂଳକ କାମ ହେବ ଏହି ସବୁ କାମ ଏନ୍‌ଏସି ଅଧକ୍ଷା ଓ କାଉନସିଲରମାନଙ୍କ ଜ୍ଞାତସାରରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କରିବାର ନିୟମ ରହିଛି; କିନ୍ତୁ ପାଟଣାଗଡ଼ ଏନ୍‌ଏସିରେ କାର୍ଯ୍ୟ ନିର୍ବାହ ଅଧିକାରୀ ନିର୍ବାଚିତ ପ୍ରତିନିଧିଙ୍କୁ ସ୍ଥାନୀୟ ବିଧାୟକଙ୍କ ଚାପ ଗ୍ରସ୍ତ ହୋଇ ଅଣଦେଖା କରୁଛନ୍ତି। ଏହାକୁ ନେଇ ଏନ୍‌ଏସି ଅଧକ୍ଷା ବିଭିନ୍ନ ସମୟରେ କାର୍ଯ୍ୟ ନିର୍ବାହଙ୍କୁ ଚିଠି କରିଛନ୍ତି। ଏ ବିଷୟରେ ଅଧକ୍ଷା ଏବଂ କାଉନସିଲରମାନଙ୍କ ଉପସ୍ଥିତିରେ ଏହାର ଆଲୋଚନା କରିବା ପାଇଁ ଡାକିଥିଲେ; କିନ୍ତୁ କାର୍ଯ୍ୟ ନିର୍ବାହ ଅଧିକାରୀ ବାରମ୍ବାର ଆଲୋଚନା ପାଇଁ ନିର୍ଦ୍ଧାରିତ ତାରିଖରେ ଜାଣିଶୁଣି ଅନୁପସ୍ଥିତ ରହୁଛନ୍ତି। ଏହାକୁ ନେଇ ଅଧକ୍ଷା ଶ୍ରୀମତୀ ବିଶ୍ୱାଳ ଉପଜିଲ୍ଲାପାଳ, ଜିଲ୍ଲାପାଳ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ଚିଠି ମାଧ୍ୟମରେ ଅବଗତ କରିଥିବା ନେଇ ସାମ୍ବାଦିକ ସମ୍ମିଳନୀ କହିଥିଲେ।

ଭାରସାମ୍ୟ ହରାଇ ଓଲଟିଲା କାର୍

ଜହ୍ନାପଙ୍କ,୫।୧୧(ସମିସ): ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ତଥା ବୌଦ୍ଧ ଥାନା ବୁରକଟା ବକବନ୍ଧଠାରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭୋର ୪ଟା ସମୟରେ କାର୍‌ଟି ଭାରସାମ୍ୟ ହରାଇଥିଲା। ଏକ ଗଛରେ ପିଟି ହୋଇ ଓଲଟି ପଡିଥିଲା। ଗାଡ଼ିରେ ବସିଥିବା ଗୋଟିଏ ପରିବାରର ୫ ଜଣ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗାଡି ରାୟପୁରରୁ ପୁରୀ ଜଗନ୍ନାଥ ଦର୍ଶନ ପାଇଁ ଯାଉଥିଲା। ଡ୍ରାଇଭରଙ୍କ ଆଖି ଲେଖି ଯିବାରୁ ଗାଡିଟି ଦୁର୍ଘଟଣା ଗ୍ରସ୍ତ ହୋଇଛି। ପରିବାର ସଦସ୍ୟଙ୍କୁ ଉଦ୍ଧାର କରାଯାଇ ୧୦୨ ଗାଡ଼ିରେ ବୌଦ୍ଧ ଡାକ୍ତରଖାନା ନିଆଯାଇଥିଲା। ଖବର ପାଇ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ଶୂନ୍ୟବାସୀ ସାହୁ ଘଟଣା ସ୍ଥଳରେ ପହଞ୍ଚି ଗାଡି ଜବତ କରିବା ସହ ତଦନ୍ତ କରିଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪ ରାସ୍ତା ଶିଳାନ୍ୟାସ



କଣ୍ଟାମାଳ, ୫।୧୧(ସମିସ): ବୌଦ୍ଧ ଜିଲ୍ଲାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪ଟି ରାସ୍ତା ଶିଳାନ୍ୟାସ ହୋଇଛି। ଗୁନ୍ଦୁଳିଆ ପଞ୍ଚାୟତ ଜଡ଼ାପାଳଠାରୁ ଦମାମୁରା, ତିଳପଙ୍ଗାଠାରୁ କାମପଦର, କୁଆକୁମରଠାରୁ ତିଳପଙ୍ଗା ଓ ପୂର୍ତ୍ତ ବିଭାଗ ରାସ୍ତାଠାରୁ କୁରୁମୁଣ୍ଡା ରାସ୍ତାର ଶିଳାନ୍ୟାସ କରାଯାଇଛି। କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ, ବୌଦ୍ଧ ବ୍ଲକ୍ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲ୍ଲା ପରିଷଦ ସଭ୍ୟ ରାକେଶ ତ୍ରିପାଠି, ଗୁନ୍ଦୁଳିଆ ସରପଞ୍ଚ ଧବଳେଶ୍ୱର ସିଂ, ସମିତି ସଭ୍ୟ ବଳଦେବ କର୍ମୀ ପ୍ରମୁଖ ଯୋଗ ଦେଇଥିଲେ।

ଓଜିସି-୨୦୨୬ ନୂତନ ନିୟମାବଳୀର ପୁନର୍ବିଚାର ପାଇଁ ଦାବି



ବୌଦ୍ଧ,୫।୧୧(ସମିସ): ଓଡ଼ିଶା ବ୍ରାହ୍ମଣ ମହାସଂଘ ନେତୃତ୍ୱରେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ବିଡ଼ିଓଙ୍କ ଜରିଆରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ବୌଦ୍ଧ ବ୍ଲକ ବ୍ରାହ୍ମଣ ସମାଜ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ। ଅତିଥି ଭାବେ ଆଞ୍ଚଳିକ ରାଜ୍ୟ ସମ୍ପାଦକ ଅନ୍ତର୍ଯ୍ୟାମୀ ତ୍ରିପାଠୀ, ଜିଲ୍ଲା ସଭାପତି ଗୁରୁପ୍ରସାଦ ଦାଶ ଓ ଜିଲ୍ଲା ସମ୍ପାଦକ ଦେବାଶିଷ ପୁରୋହିତ ଉପସ୍ଥିତ ଥିଲେ। ସମସ୍ତ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସମାନ ନ୍ୟାୟ ସୁରକ୍ଷା ଓ ମର୍ଯ୍ୟାଦା ମିଳିବା ସହିତ ଅଭିଯୋଗର ନିରପେକ୍ଷ ତଦନ୍ତ କରିବା ପାଇଁ ଦାବୀପତ୍ର ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ କାର୍ଯ୍ୟାଳୟରେ ଦାବିପତ୍ର ଗ୍ରହଣ କରି ଖୁବ୍ ଶୀଘ୍ର ପଠାଯିବ ବୋଲି ଘୋଷଣା କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ନୃସିଂହ ଚରଣ ହୋତା, ହରିବନ୍ଧୁ ଶତପଥୀ, ଜିତେନ୍ଦ୍ର ହୋତା, ସୁଧାଂଶୁ ମିଶ୍ର, ନବୀନ ହୋତା, ସନତ ମିଶ୍ର, ସୁଶୀଲ ହୋତା, ଜ୍ଞାନେନ୍ଦ୍ର ଯୋଶୀ, ରବୀନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସରକାରଙ୍କ ପକ୍ଷରୁ ଏହାର ପୁନର୍ବିଚାର କରି ସମସ୍ତଙ୍କ ପାଇଁ ସମାନ ଆଇନ ବ୍ୟବସ୍ଥା କରା ନ ଗଲେ ଦେଶବ୍ୟାପୀ ଆନ୍ଦୋଳନ ପାଇଁ ମହାସଂଘ ପକ୍ଷରୁ ନିଷ୍ପତ୍ତି ନିଆଯିବ ବୋଲି ରାଜ୍ୟ ପଦାଧିକାରୀ ଜଣାଇଛନ୍ତି।

ଦୁଃସାହସିକ ସ୍କୋର୍ଟ କ୍ଲାଇମ୍ବିଂ ଚମ୍ପିଅନ୍‌ସିପ୍‌ରେ ଚମକିଲେ ଦୁଇ କୁନି ପ୍ରତିଭା

ବରଗଡ଼/ଭବାନୀପାଟଣା, ୫।୧୧(ସମିସ):



ଭାରତୀୟ ପର୍ବତାରୋହଣ ସଂସ୍ଥାନ, ପୂର୍ବାଞ୍ଚଳ ଏବଂ କ୍ରୀଡା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗରେ ପ୍ରଶିକ୍ଷଣ ଆୟୋଜିତ ହୋଇଥିଲା। ଆଗାମୀ ଅଲିମ୍ପିକ୍ କ୍ରୀଡ଼ାରେ ଏହା ଅନ୍ତର୍ଭୁକ୍ତ ହୋଇଥିବାରୁ ପ୍ରତିଭା ଚିହ୍ନଟ ପ୍ରକ୍ରିୟା ଜୋର୍‌ସୋର୍‌ରେ ଚାଲିଛି। ଗତ ୨୭ରୁ ୩୦ ଅକ୍ଟୋବରରେ ଆୟୋଜିତ ହେଇଥିବା ପୂର୍ବାଞ୍ଚଳ ସ୍କୋର୍ଟ କ୍ଲାଇମ୍ବିଙ୍ଗ ଚମ୍ପିଅନସିପ ୨୦୨୬ରେ ଭାଗ ନେଇଥିଲେ। କଳାହାଣ୍ଡି ଓ ବରଗଡ଼ ଜିଲ୍ଲାରୁ ୧୨ ଜଣିଆ ଦୁଃସାହସିକ ଦଳ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମଠାରେ ୧୪ ସ୍କୋର୍ଟ କ୍ଲାଇମ୍ବିଙ୍ଗ ପ୍ରଶିକ୍ଷଣରେ ଭାଗ ନେଇଥିବା ବେଳେ ବରଗଡ଼ ଜିଲ୍ଲାର ଦୁଣ ଜଣ କୁନି ପ୍ରତିଭାଙ୍କ କୃତିତ୍ୱ ରାଜ୍ୟ ତଥା ଜାତୀୟ ସ୍କୋର୍ଟ କ୍ଲାଇମ୍ବିଂ ସଂଗଠନର ନଜରକୁ ଆସିଛି। ବରଗଡ ଜିଲ୍ଲାର ଅମ୍ବାଭୋନା ବ୍ଲକ୍ ବୁଢାପାଲି ପଞ୍ଚାୟତ ତଥା ଉପାନ୍ତ ଅଞ୍ଚଳର ଦୁଇ କୁନି ପ୍ରତିଭା ଏହି ଚାମ୍ପିଅନ୍‌ସିପ୍‌ରେ ଚମକପ୍ରଦ ପ୍ରଦର୍ଶନ କରିଛନ୍ତି। ବୁଢାପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ର ଡିଲେଶରାଜ ଭୋଇ (୧୧ ବର୍ଷ) ଓ ବାର ସୁରେନ୍ଦ୍ର ସାଏ ସରକାରୀ ଉଚ୍ଚ ବିଦ୍ୟାଳୟ, ଡୁଙ୍ଗୁରାର ଦଶମ ଶ୍ରେଣୀର ଛାତ୍ରୀ ମେଘମାଳିନୀ ଭୋଇ (୧୪ ବର୍ଷ) ପ୍ରଥମ ଥର କ୍ରୀଡ଼ାର ଲିଡ ବିଭାଗରେ ଭାଗନେଇ ସବ୍‌ଜୁନିଅର ବାଳକ ବିଭାଗରେ ସଫଳତା ହାସଲ କରିଛନ୍ତି। ଡିଲେଶରାଜ ଭୋଇ ୧୩ ନମ୍ବର ସ୍ଥାନ ହାସଲ କରିଥିବା ବେଳେ ଜୁନିଅର ବାଳିକା ବିଭାଗରେ ମେଘମାଳିନୀ ୧୨ ନମ୍ବର ସ୍ଥାନ ହାସଲ କରି ବରଗଡ଼ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେଥିପାଇଁ ଭାରତୀୟ ପର୍ବତାରୋହଣ ସଂସ୍ଥାନ ପୂର୍ବାଞ୍ଚଳର ଅଧକ୍ଷ ଦେବରାଜ ଦତ୍ତା ଦୁଇ କୁନି ପ୍ରତିଭାଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ତିନୋଟି ବିଭାଗ ସ୍ପିଡ, ଲିଡ ଓ ବୁଲଡରିଙ୍ଗରେ ସବ୍‌ଜୁନିଅର (ବାଳକ ଓ ବାଳିକା), ଜୁନିଅର (ବାଳକ ଓ ବାଳିକା), ଓପନ (ମହିଳା ଓ ପୁରୁଷ) ବିଭାଗରେ ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରୁ ପାଖାପାଖି ୧୨୦ ଜଣ ଦୁଃସାହସିକ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଏଭରେଷ୍ଟ ବିଜେତା ତଥା ଆନ୍ତର୍ଜାତିକ ପର୍ବତାରୋହୀ ଯୋଗବ୍ୟାସ ଭୋଇଙ୍କ ନେତୃତ୍ୱରେ ଉପାନ୍ତ ଅଞ୍ଚଳର ଦୁଃସାହସିକ କୁନି ପ୍ରତିଭାଙ୍କମାନଙ୍କର ପ୍ରଥମ ଥରରେ ଉନ୍ନତ ମାନର ସଫଳ ପ୍ରଦର୍ଶନ ଏବେ ଚର୍ଚ୍ଚାକୁ ଆସିଛି। ଏହା ଏକ ଗର୍ବ ଓ ଗୌରବର ମୁହୁର୍ତ୍ତ ବୋଲି ଏଭରେଷ୍ଟ ବିଜେତା ଶ୍ରୀ ଭୋଇ ପ୍ରକାଶ କରିଛନ୍ତି । ଆଗକୁ ନିୟମିତ ଅଭ୍ୟାସ ସହିତ ଆବଶ୍ୟକୀୟ ଉପକରଣ, ପ୍ରଶିକ୍ଷଣ ପାଇଁ ବରଗଡ ଜିଲ୍ଲା ପ୍ରଶାସନ, ଜନପ୍ରତିନିଧିଙ୍କର ସହଯୋଗ ଅଗ୍ରାଧିକାର ଭିତ୍ତିରେ ନିତାନ୍ତ ଆବଶ୍ୟକ; ଯାହା ଏହି ପ୍ରତିଭାମାନେ ଆହୁରି ଉଲ୍ଲେଖନୀୟ ପ୍ରଦର୍ଶନ କରି କୃତିତ୍ୱ ଅର୍ଜନ କରିବେ ବୋଲି ଏଭରେଷ୍ଟ ବିଜେତା ଶ୍ରୀ ଭୋଇ ଓ ଟିମ ସଦସ୍ୟ ଦୃଢ ବିଶ୍ୱାସ ରଖିଛନ୍ତି। ଏହି ସଫଳତାର ପରେ ବିଭିନ୍ନ ବ୍ୟକ୍ତିବିଶେଷ ଦୁଇ ଦୁଃସାହସିକ କୁନି ପ୍ରତିଭାଙ୍କମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।





ରେଳବାଇକୁ ରାଜସ୍ୱରେ ଭରୁଥିବା କେନ୍ଦୁଝର ଯାତ୍ରୀସେବାରେ ଅବହେଳିତ

ଜରୁରୀ ରେଳ ଚଳାଚଳ ଓ ସେବା ପାଇଁ ଦାବି ଜୋର୍ ଧରିଲା

କେନ୍ଦୁଝର, ୬।୧୧(ସମିସ)



ଖଣିଜ ସମୃଦ୍ଧ କେନ୍ଦୁଝର ଜିଲ୍ଲା ଭାରତୀୟ ରେଳବାଇକୁ ପ୍ରତିଦିନ ଲକ୍ଷ ଲକ୍ଷ ଟନ୍ ଲୁହାପଥର ପରିବହନ କରି କୋଟି କୋଟି ଟଙ୍କାର ରାଜସ୍ୱ ଯୋଗାଇ ଦେଉଛି। ଏଠାରୁ ଉଭୟ ପୂର୍ବ ତଟ ରେଳପଥ ଓ ଦକ୍ଷିଣ-ପୂର୍ବ ରେଳପଥ ଲାଭବାନ ହେଉଥିବା ବେଳେ ଜିଲ୍ଲାର ସାଧାରଣ ଯାତ୍ରୀ ଆଜି ବି ଉନ୍ନତ ରେଳ ସେବାରୁ ବଞ୍ଚିତ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କେନ୍ଦୁଝରଗଡ଼-ଖୋର୍ଦ୍ଧା ରୋଡ୍ ମେମୁ ଟ୍ରେନ୍ ପ୍ରାୟ ପ୍ରତିଦିନ ବିଳମ୍ବରେ ଚାଲୁଛି। ସେହିପରି ଜିଲ୍ଲାର ଲାଇଫ୍ ଲାଇନ୍ କୁହାଯାଉଥିବା ବଡ଼ବିଲ-ପୁରୀ ଓ ପୁରୀ-ବଡ଼ବିଲ ଇଣ୍ଟରସିଟି ଏକ୍ସପ୍ରେସରେ ମାତ୍ର ୯ଟି ବଗି ସଂଯୋଗ କରାଯାଇଛି। ଫଳରେ ଶହ ଶହ ଯାତ୍ରୀ ଛୁଆ-ପିଲା ଧରି ଘଣ୍ଟା ଘଣ୍ଟା ଛିଡା ହୋଇ ଯାତ୍ରା କରିବାକୁ ବାଧ୍ୟ ହେଉଛନ୍ତି। ବର୍ତ୍ତମାନ ପାର୍ବଣ ଋତୁ ଚାଲିଥିବାରୁ ଏହି କଷ୍ଟ ଆହୁରି ବଢ଼ି ଯାଇଛି। ଟାଟା-ବିଶାଖାପାଟଣା, ବିଶାଖାପାଟଣା-ଟାଟା ଏବଂ ପୁରୀରୁ କେନ୍ଦୁଝର ଦେଇ ନୂଆଦିଲ୍ଲୀ, ନୂଆଦିଲ୍ଲୀରୁ କେନ୍ଦୁଝର ଦେଇ ପୁରୀ ଭଳି ଦୂରଗାମୀ ଟ୍ରେନ୍ ସପ୍ତାହକୁ ମାତ୍ର ଗୋଟିଏ ଦିନ ଚାଲୁଛି। ଏହାଦ୍ୱାରା କେନ୍ଦୁଝର ସମେତ ମୟୂରଭଞ୍ଜ, ସୁନ୍ଦରଗଡ଼ ଅଞ୍ଚଳର ଛାତ୍ର, ରୋଗୀ ଓ ଚାକିରି ଆଶାୟୀମାନେ ଦିଲ୍ଲୀ କିମ୍ବା ବିଶାଖାପାଟଣାରେ ପହଞ୍ଚି କାମ ସାରିବା ପରେ ଫେରିବା ପାଇଁ ୭ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। କେନ୍ଦୁଝରଗଡ଼ରୁ ଭାୟା ବାଂଶପାଣି-ଟାଟା ଦେଇ କୋଲକାତା ଏବଂ କେନ୍ଦୁଝରଗଡ଼ରୁ ଯାଜପୁର-କେନ୍ଦୁଝର ରୋଡ୍ ଦେଇ କୋଲକାତାକୁ ଦୈନିକ ଟ୍ରେନ୍ ଚଳାଚଳ ପାଇଁ ବର୍ଷ ବର୍ଷ ଧରି ଦାବି ହୋଇ ଆସୁଥିଲେ ମଧ୍ୟ ରେଳ ବିଭାଗ ଦ୍ୱାରା ଆଜି ସୁଦ୍ଧା କୌଣସି ସୁଫଳ ମିଳି ପାରିନାହିଁ। ସେହିପରି ମହାମହିମ ରାଷ୍ଟ୍ରପତିଙ୍କ ନିଜ ଇଲାକା ବାଦାମପାହାଡ଼ରୁ ଟାଟା-କେନ୍ଦୁଝର ଦେଇ ପୁରୀକୁ ସିଧା ଟ୍ରେନ୍ ସେବାର ଆବଶ୍ୟକତା ରହିଛି, ଯାହା ଘୋଷଣା ହୋଇଥିଲେ ମଧ୍ୟ ଆଜି ଯାଏଁ ପୂରଣ ହୋଇପାରି ନାହିଁ।

ଉଲ୍ଲେଖଯୋଗ୍ୟ ଯେ ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ ନିଜେ କେନ୍ଦୁଝର ଜିଲ୍ଲାର ବାସିନ୍ଦା ଏବଂ କେନ୍ଦ୍ର ରେଳମନ୍ତ୍ରୀ ମଧ୍ୟ ଓଡ଼ିଶାର ଅଟନ୍ତି। ଏପରି ସ୍ଥିତିରେ କେନ୍ଦୁଝରବାସୀଙ୍କ ଆଶା ବଢ଼ିଥିଲା ଯେ ରେଳ ସେବାରେ ଉନ୍ନତି ଆସିବ, ମାତ୍ର ବାସ୍ତବ ଓଲଟା। ବଡ଼ବିଲ-ପୁରୀ ଇଣ୍ଟରସିଟିର ବଗି ସଂଖ୍ୟା ୯ରୁ ୧୮କୁ ବୃଦ୍ଧି, ପୁରୀରୁ କେନ୍ଦୁଝର ଦେଇ ଦିଲ୍ଲୀ ଓ ଦିଲ୍ଲୀରୁ କେନ୍ଦୁଝର ଦେଇ ପୁରୀକୁ ଦୈନିକ ଏକ୍ସପ୍ରେସ ଟ୍ରେନ୍ ଚଳାଚଳ, ଟାଟା-ବିଶାଖାପାଟଣା ଟ୍ରେନକୁ ଦୈନିକ କରାଯିବା, କେନ୍ଦୁଝରରୁ କୋଲକାତାକୁ ଗୋଟିଏ ଯାଜପୁର ରୋଡ୍ ଦେଇ ଏବଂ ଆଉ ଗୋଟିଏ ଟାଟା ଦେଇ ଦୈନିକ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ, ବାଦାମପାହାଡ଼-ପୁରୀ ଭାୟା କେନ୍ଦୁଝର ଦେଇ ନୂଆ ଟ୍ରେନ୍ ତୁରନ୍ତ ଚଳାଇବା, କେନ୍ଦୁଝରରୁ ଚେନ୍ନାଇ ଓ ମୁମ୍ବାଇକୁ ରେଳସେବା ତୁରନ୍ତ ଯୋଗାଇ ଦେଲେ କେନ୍ଦୁଝର ଏକ ବାଣିଜ୍ୟିକ ସହର ହେବାସହିତ କେନ୍ଦୁଝରକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ଜିଲ୍ଲାବାସୀ ମୁଖ୍ୟମନ୍ତ୍ରୀ ଓ ରେଳ ମନ୍ତ୍ରାଳୟର ଦୃଷ୍ଟି ଆକର୍ଷଣ କରିଛନ୍ତି।

● ତାରିଣୀ ମନ୍ଦିରରୁ ରଡ୍ ଚୋରି ମାମଲା; କାର୍ ଜବତ

ଅଭିଯୁକ୍ତ ପୂର୍ବତନ ନଡ଼ିଆ ଟେଣ୍ଡରଧାରୀ ଫେରାର୍



ଘଟଗାଁ, ୬।୧୧(ସମିସ): ମା' ତାରିଣୀ ମନ୍ଦିରରୁ ବୁଧବାର ରାତି ୯ଟା ବେଳେ ପୂର୍ବତନ ଟେଣ୍ଡରଧାରୀ ଦାରୁବ୍ରହ୍ମ ପଲେଇ ନିଜ କାର ନମ୍ବର ଓଡି -୦୯-ଟି -୧୭୬୨ ଯୋଗେ ମା' ତାରିଣୀ ସମନ୍ୱିତ ବିକାଶ ପ୍ରକଳ୍ପର ନଡ଼ିଆ ଗୋଦାମ ଓ ପ୍ରସାଦାଳୟ ନିର୍ମାଣ କାର୍ଯ୍ୟର ଷ୍ଟକୟାର୍ଡ ମଧ୍ୟରେ ପଶି ରଡ଼ ଚୋରି କରି ତାଙ୍କ କାର ଡ଼ିକିରେ ନେଉଥିବା ଦୃଶ୍ୟ ମୋବାଇଲରୁ ମୋବାଇଲ ଘୂରି ବୁଲୁଛି। ପରେ ଦିଲ୍ଲୀପ କନଷ୍ଟ୍ରକ୍ସନ କମ୍ପାନୀ ଲିମିଟେଡର ପ୍ରକଳ୍ପ ମ୍ୟାନେଜର ଶୁଭଦୀପ ଚୌଧରୀଙ୍କ ଘଟଗାଁ ଥାନାରେ ଲିଖିତ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଘଟଗାଁ ଥାନାଧିକାରୀ ଶୁଭ୍ରାନ୍ତ ଜେନା ପ୍ରକାଶ କରିଛନ୍ତି।

ଅଭିଯୋଗ ଅନୁସାରେ, ପୂର୍ବତନ ନଡ଼ିଆ ଟେଣ୍ଡରଧାରୀ ଦାରୁବ୍ରହ୍ମ ପଲେଇ ତାଙ୍କ ନିଜ କାରରେ ମନ୍ଦିର ଚାରି ନମ୍ବର ଗେଟ ଦେଇ ମା' ତାରିଣୀ ମନ୍ଦିର ସମନ୍ୱିତ ବିକାଶ ପ୍ରକଳ୍ପର ନଡ଼ିଆ ଗୋଦାମ ଓ ପ୍ରସାଦାଳୟ ନିର୍ମାଣ କାର୍ଯ୍ୟ ଷ୍ଟକ ୟାର୍ଡ଼ ଭିତରକୁ ଅବରୋଧ ଭାଙ୍ଗି ତା' ଭିତରକୁ ପଶିଥିଲେ। ମନ୍ଦିର ସୁରକ୍ଷା କର୍ମଚାରୀ ସୁପରଭାଇଜର ତୁଷାରକାନ୍ତ ରାଉତଙ୍କୁ ସେଠାକୁ ଡାକି ପିଲାର ପାଇଁ ରିଙ୍ଗ ରଡ ଥିଲା; ତାହାକୁ ଉଭୟ ଉଠାଇ କାର ଡ଼ିକି ଟେକି ଭର୍ତ୍ତି କରିଥିଲେ। ତା' ପରେ ଚାରି ନମ୍ବର ଦେଇ ବଜାର ଆଡକୁ ଯାଉଥିବା ଦୃଶ୍ୟ ଦେଖାଯାଉଛି। ଥାନାଧିକାରୀ ଶ୍ରୀ ଜେନା ଓ ଏସଆଇ ପ୍ରଶାନ୍ତ ବେହେରା ଘଟଣାସ୍ଥଳରେ ପ୍ରଥମେ ମନ୍ଦିର ସୁରକ୍ଷା କର୍ମଚାରୀ ତୁଷାରକାନ୍ତ ରାଉତଙ୍କୁ ପଚାରଉଚରା କରିବା ପରେ ଘଟଣାଟି ସ୍ପଷ୍ଟ ହୋଇଛି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ପରେ ଉକ୍ତ ଗାଡିକୁ ପୁଲିସ କୋଳିପାଶିସ୍ଥିତ ଦାରୁବ୍ରହ୍ମ ପଲେଇଙ୍କ ବାସ ଭବନ ଆଗରୁ ଜବତ କରାଯାଇଥିବା ବେଳେ ଅଭିଯୁକ୍ତ ଦାରୁବ୍ରହ୍ମ ଫେରାର୍ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପ୍ରକଳ୍ପ ମ୍ୟାନେଜର ଶୁଭଦୀପଙ୍କୁ ପଚାରିବାରୁ ଗତ କିଛି ଦିନ ପ୍ରକଳ୍ପ ଚାଲିଥିବା ପ୍ରସାଦାଳୟ ଓ ନଡ଼ିଆ ଗୋଦାମ ଗୃହରୁ ରଡ଼ ଚୋରି ହେଉଥିବା ସନ୍ଦେହ କରୁଥିଲେ; ଏହି ଘଟଣା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିବା ସେ କହିଛନ୍ତି। ଏ ସମ୍ପର୍କରେ ମନ୍ଦିର ସୁରକ୍ଷା କର୍ମଚାରୀ ତୁଷାରକାନ୍ତ ରାଉତ ଦାରୁବ୍ରହ୍ମଙ୍କ ଦାଦାଗିରି ଭୟରେ ସେ ରଡ଼ ଚୋରି କରିବା କାର୍ଯ୍ୟରେ ସହାୟତା କରିଥିବା ସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ ଯେ ମନ୍ଦିର ପରିଚାଳନା ବୋର୍ଡ ଭାଙ୍ଗିବା ପରେ ସେ ମନ୍ଦିର ଅଫିସ ଓ ଅତିଥି ଭବନରେ ଅଧିକାଂଶ ସମୟ ବସି କର୍ମଚାରୀଙ୍କଠାରୁ ଆରମ୍ଭ କରି ସବୁ କାର୍ଯ୍ୟରେ ହସ୍ତକ୍ଷେପ କରୁଥିଲେ। ଏପରିକି ନିଯୁକ୍ତି, ବଦଳି, ପର୍ବପର୍ବାଣିରେ ତାଙ୍କର ହସ୍ତକ୍ଷେପ ଥିଲା। ବିଶେଷ କରି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଡିଭିଜନ ଇନ୍ସପେକଟର ପାଖରେ ବସି ନିଜର ହାକିମାତି ଦେଖାଉଥିଲେ ଯାହାକି ଏବେ ତାହାର ଏବେ ଅସଲ ପରିଚୟ ପଦାକୁ ଆସିଲା ବୋଲି ସାଧାରଣରେ ଆଲୋଚନା ହେଉଛି।

ବଜ୍ରପାତରେ ଗ୍ୟାରେଜ୍ ମିସ୍ତ୍ରିଙ୍କ ମୃତ୍ୟୁ

ଆନନ୍ଦପୁର, ୬।୧୧(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ଖପରାଖାଇ ୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଗାଡି ଗ୍ୟାରେଜର ଜଣେ ମିସ୍ତ୍ରିଙ୍କର ସନ୍ଧ୍ୟାରେ ବଜ୍ରପାତରେ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ଜଣଙ୍କ ଏସକେ ଆରିଫ (୨୦)। କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ଅସୁରେଶ୍ୱର ଗ୍ରାମର ନିବାସୀ ଏସକେ ସମୀର ଉଦିନ ଖାଁଙ୍କର ସେ ପୁଅ। ପ୍ରାୟ ୮ ମାସହେବ ଏସକେ ଆରିଫ ଗାଁରୁ ଆସି ନିଜ କକା କରିମ ଉଦିନଙ୍କର ଖପରାଖାଇସ୍ଥିତ ଗାଡି ଗ୍ୟାରେଜରେ କାମ କରୁଥିଲେ। ବର୍ଷା ସହ ବଜ୍ରପାତରେ ବିଦ୍ୟୁତ ସ୍ପର୍ଶରେ ଆସି ସେ ଗୁରୁତର ଆହତ ଅବସ୍ଥାରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଳୟରେ ପହଞ୍ଚିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଉପସ୍ଥିତରେ ଡାକ୍ତରଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଘସିପୁରା ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ଡିପ୍ଲୋମା ଇଞ୍ଜିନିୟରିଂ ସଂଘର ବାର୍ଷିକ ଅଧିବେଶନ; କର୍ମକର୍ତ୍ତା ଚୟନ

ଆନନ୍ଦପୁର, ୬।୧୧ (ସମିସ): ଶାଳପଡ଼ାସ୍ଥିତ ଓଡ଼ିଶା ଡିପ୍ଲୋମା ସର୍ଭିସ ଆସୋସିଏସନ ବୈତରଣୀ ଡିଭିଜିନାଲ ଶାଖା ପକ୍ଷରୁ ବାର୍ଷିକ ଅଧିବେଶନ ଓ ନୂତନ କର୍ମକର୍ତ୍ତା ମନୋନୟନ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ ଶ୍ରୀଧର ବାରିକ, ଉପଦେଷ୍ଟା ପୂର୍ବତନ ସମ୍ପାଦକ, ଇଂ ନରେନ୍ଦ୍ର କୁମାର ନାୟକ, ଇଂ ଅରୁଣ କୁମାର ସେଠୀ ଯୋଗ ଦେଇଥିଲେ। ଇଂ ପୀତାମ୍ବର ଜେନାଙ୍କ ସଭାପତିତ୍ୱରେ ରୋହନ କୁମାର ନାୟକ ବୈତରଣୀ ଶାଖାର ବାର୍ଷିକ ବିବରଣୀ ପାଠ କରିଥିଲେ। ବୈଠକରେ ଡିପ୍ଲୋମା ଇଞ୍ଜିନିଅରଙ୍କ ସାତ ଦଫା ଦାବି ଉପରେ ଦୀର୍ଘ ସମୟ ଆଲୋଚନା ହେବାପରେ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କ ପ୍ରସ୍ତାବ ଗୃହୀତ ହୋଇଥିଲା। ନିୟମିତ ପ୍ରଦୋନ୍ନତି ପଦରେ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ, ପୁରୁଣା ପେନସନ ନିୟମିତ ଲାଗୁ, ବେତନ ବୈଷମ୍ୟ ଦୂର ସମେତ ଅନ୍ୟାନ୍ୟ ଦାବି ପୂରଣ ଦିଗରେ ସରକାରଙ୍କ ଟାଳଟୁଳ ନୀତିର ପ୍ରତିବାଦ କରାଯାଇଥିଲା। ଏହି ସମସ୍ତ ଦାବି ଆଗାମୀ ଦିନରେ ରାଜ୍ୟ ସରକାର ଓ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ସଂଘ ପକ୍ଷରୁ ଉପସ୍ଥାପନ କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଛି। ସରକାର ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ ନକରନ୍ତି ସଂଘ ପକ୍ଷରୁ ନଭେମ୍ବର ୧୪ ତାରିଖରେ ଏକ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ପରେ ନୂତନ କମିଟିର ସଭାପତି ଭାବେ ଇଂ ପୀତାମ୍ବର ଜେନା, ଉପସଭାପତି ଇଂ ପ୍ରଶାନ୍ତ କୁମାର ନାୟକ, ସମ୍ପାଦକ ଇଂ ରୋହନ କୁମାର ନାୟକ, ସହସମ୍ପାଦକ ଟ୍ରେଜେରର ଇଂ ସତ୍ୟପ୍ରକାଶ ଜେନା, ସହସମ୍ପାଦକ ଇଂ ସୌମ୍ୟରଞ୍ଜନ ମାଝୀ, ଅଡିଟର ଇଂ ସତ୍ୟପ୍ରକାଶ ସେନାପତି, ଇଂ ସୁଶାନ୍ତି ଧଳ, ଇଂ ଲୋପାମୁଦ୍ରା ନାୟକ, ଇଂ ପ୍ରକାଶ କୁମାର ଟାଇସନ, ଇଂ ଦୁର୍ଗାପ୍ରସାଦ ହେମ୍ବ୍ରମ, ଇଂ ପ୍ରଶାନ୍ତ କୁମାର ପଣ୍ଡା, ଇଂ କ୍ଷେତ୍ରବାସୀ ସାମଲ, ଏବଂ ଉପଦେଷ୍ଟା ଇଂ ଲକ୍ଷ୍ମଣ ମୁର୍ମୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲ୍ଲାର ଆଦିବାସୀ ଉନ୍ନୟନ ସଂସ୍ଥା, ପୂର୍ତ୍ତ ବିଭାଗ, ପଞ୍ଚାୟତିରାଜ ଓ ପାନୀୟଜଳ, ଜଳସେଚନ, ଜଳସମ୍ପଦ, କ୍ଷୁଦ୍ରଜଳ ସେଚନ, ଗ୍ରାମ୍ୟ ଉନ୍ନୟନ, ବିଭାଗର ସମସ୍ତ ଡିପ୍ଲୋମା ଇଞ୍ଜିନିୟର ଉପସ୍ଥିତ ଥିଲେ।

ବୀଣାପାଣି କଳା ନିକେତନ ଶିଳ୍ପୀଙ୍କ ନୃତ୍ୟ ପ୍ରଦର୍ଶନ



ଆନନ୍ଦପୁର, ୬।୧୧(ସମିସ): ବୀଣାପାଣି କଳା ନିକେତନ ନୃତ୍ୟାନୁଷ୍ଠାନର ନୃତ୍ୟଶିଳ୍ପୀ ହସ୍ତତନ୍ତ ଓ ବୟନ ଶିଳ୍ପ ମଞ୍ଚରେ ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ପ୍ରଥମେ ନୃତ୍ୟଅଭିନୟ, 'ଆଜି ଗାଁ କଥା ମନେପଡେ 'ପରେ ପରେ ରାଧା କୃଷ୍ଣଙ୍କ ଉପରେ ଆଧାରିତ 'ଏ ମନ ମାନେ', ପରେ ଦଳ ଗତ ପଲ୍ଲୀନୃତ୍ୟ, ସମ୍ବଲପୁରୀ ନୃତ୍ୟକୁ ପରିବେଷଣ କରିଥିଲେ। ଶିଳ୍ପୀ ମୋନିକା ଦାଶ, ଲିଜାରାଣୀ ସାହୁ, ସାଇସ୍ମୃତି ସାହୁ, ଦେବହୁତି ପଟ୍ଟନାୟକ, ସାଇନୁ ନାୟକ, ପରିଣତି ଚକ୍ର, ଦେବସ୍ମିତା ନାୟକ, ଅରଶ୍ମିତା ତ୍ରିପାଠୀ, କ୍ରିଷ୍ଣା ପ୍ରିୟଦର୍ଶିନୀ ସାହୁ, ସାୟନି ନାୟକ, ବିନୋଦ ଓଝା ନୃତ୍ୟ ପରିବେଷଣ କରିଥିଲେ। ପାଗ ପ୍ରତିକୂଳ ସତ୍ତ୍ୱେ ଦର୍ଶକମାନେ ନୃତ୍ୟକୁ ଉପଭୋଗ କରିଥିଲେ। ବାସୁଦେବ ନାଥ ସଞ୍ଚାଳନ କରିଥିଲେ। ନୃତ୍ୟଗୁରୁଙ୍କ ସମେତ ନୃତ୍ୟଶିଳ୍ପୀଙ୍କୁ ଟେରାକୋଟର ମୂର୍ତ୍ତି ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ବାସୁଦେବପୁର ସିଏଚ୍‌ସିରେ ରକ୍ତଦାନ ଶିବିର



ଯୋଡ଼ା, ୬।୧୧(ସମିସ): ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ପକ୍ଷରୁ ଗୁରୁବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ ମୋଟ ୨୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଜ୍ୟୋତିରଞ୍ଜନ ମଲ୍ଲିକ ଓ ତାଙ୍କ ଟିମ୍‌ଙ୍କ ତତ୍ତ୍ୱାବଧାନରେ ଶିବିରଟି ସଫଳତାର ସହ ଆୟୋଜିତ ହୋଇଥିଲା। ଏଥିରେ ବହୁ ସ୍ୱେଚ୍ଛାସେବୀ ଓ ରକ୍ତଦାତା ଉତ୍ସାହର ସହ ଯୋଗ ଦେଇଥିଲେ। ରକ୍ତର ଅଭାବ ଦୂର କରିବା ସହ ଜରୁରୀ ସମୟରେ ରୋଗୀଙ୍କୁ ରକ୍ତ ଯୋଗାଇ ଦେବା ଏବଂ ସମାଜରେ ସ୍ୱେଚ୍ଛାକୃତ ରକ୍ତଦାନ ପ୍ରତି ସଚେତନତା ସୃଷ୍ଟି କରିବା ଶିବିରର ମୁଖ୍ୟ ଲକ୍ଷ୍ୟ ଥିଲା। ରକ୍ତଦାନ ପରି ଏକ ମହତ୍ କାର୍ଯ୍ୟରେ ସମସ୍ତ ସୁସ୍ଥ ନାଗରିକ ସାମିଲ ହେବାକୁ ଆୟୋଜକଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା।

ବିପୁଳ ମଦ ସହ ସ୍କୁଟି ଜବତ; ୪ ଗିରଫ



ତୁରୁମୁଙ୍ଗା, ୬।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଅଞ୍ଚଳର ବିଭିନ୍ନ ଗ୍ରାମରେ ଗୁରୁବାର ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୩୭ ଲିଟର ମହୁଲି ମଦ ସହ ୪.୧୪୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ମଦ ଚୋରା ଚାଲାଣରେ ବ୍ୟବହୃତ ଏକ ସ୍କୁଟିକୁ ମଧ୍ୟ ଜବତ କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। ପାଟଣା, ତୋଣ୍ଡ, ଜଡିଚାତର ଏବଂ ଭାଲିଆଡିହାରେ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ଦଳ ପକ୍ଷରୁ ଏହି ଚଢ଼ଉ କରାଯାଇଥିଲା। ପାଟଣା ବଜାର ନିକଟରେ ବିଦେଶୀ ମଦ ନେଇ ଯାଉଥିବା ସମୟରେ କାମେଶ୍ୱରପୁର ଗ୍ରାମର ବିକାଶ ଖଟୁଆ ଅବକାରୀ ବିଭାଗ ଗିରଫ କରିଛି। ତାଠାରୁ ବିଦେଶୀ ମଦ ସହ ଏକ ସ୍କୁଟି ଜବତ କରାଯାଇଛି। ସେହିପରି ତୋଣ୍ଡ ଗ୍ରାମର ହାରାମଣୀ ମୁଣ୍ଡା, ଜଡ଼ିଚାତର ଗ୍ରାମର ଚାରିପା ମୁଣ୍ଡା ଓ ଭାଲିଆଡିହା ଗ୍ରାମର ଗଣେଶ୍ୱର ମୁର୍ମୁ ଗିରଫ ହୋଇଥିବା ବେଳେ ଏମାନଙ୍କଠାରୁ ୩୭ ଲିଟର ମହୁଲି ମଦ ଜବତ କରାଯାଇଛି। ଏହି ଚଢ଼ଉରେ ଅବକାରୀ ସବ୍‌ଇନ୍ସପେକ୍ଟର ବିପିନ କୁମାର ପ୍ରଧାନ, ସୁମିତ୍ରା ଟୁଡୁଙ୍କ ସମେତ ହାବିଲଦାର ରଶ୍ମିରେଖା ମହାନ୍ତ, ଅନନ୍ତ ରାଜ, ସଞ୍ଜୀବ ଜେନା ଓ ରାଜୀବ ଲୋଚନ ନାଏକ ସାମିଲ ଥିଲେ।

କେଶଦୁରାପାଳରେ କ୍ରିକେଟ ପ୍ରତିଯୋଗିତା



ଆନନ୍ଦପୁର, ୬।୧୧(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ କେଶଦୁରାପାଳ ବାଲିଯାତ୍ରା ପଡ଼ିଆରେ ବ୍ଲକସ୍ତରୀୟ ୧୭ ବର୍ଷରୁ କମ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଚୟନ ପ୍ରକ୍ରିୟାରେ ବ୍ଲକର ୪ଟି ଜୋନର ୬୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରତିଭା ପ୍ରଦର୍ଶନ ଆଧାରରେ ଆଗାମୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ନିମନ୍ତେ ୧୧ ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୂଡ଼ାନ୍ତ ଭାବେ ଚୟନ କରାଯାଇଛି। ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବସନ୍ତକୁମାର ନାୟକ, ପ୍ରାକ୍ତନ ଖେଳ ଶିକ୍ଷକ ନିରଞ୍ଜନ ଚକ୍ର ଯୋଗ ଦେଇଥିଲେ। ବ୍ଲକ ଶାରୀରିକ କ୍ରୀଡ଼ା ଶିକ୍ଷକ ସଂଘର ସମ୍ପାଦକ ବିଜୟକୁମାର ସାହୁଙ୍କ ମାର୍ଗଦର୍ଶନରେ କ୍ରୀଡ଼ା ଶିକ୍ଷକ ମୁର୍ମୁୟୀ ପାତ୍ର, ବିଦୁଭୂଷଣ ଜେନା, ସୁରେଶକୁମାର ଭୂୟାଁ, ବରଦା ପ୍ରସନ୍ନ ଖୁଣ୍ଟିଆ, ମିନହରି ପେରେଇ, ଉମାକାନ୍ତ ଚକ୍ର, ବିଶ୍ୱରଞ୍ଜନ ମହାନ୍ତି, ବିଭୂତିଭୂଷଣ ମହାନ୍ତି, ଧର୍ମପ୍ରିୟା ବେହେରା, ପ୍ରଭାଶ୍ରୀ ଷଡଙ୍ଗୀ, ରାଜଶ୍ରୀ ଘଡେଇ, ପ୍ରକାଶ ବିଶ୍ୱାଳ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଅଭିଜ୍ଞ କ୍ରୀଡ଼ା ଶିକ୍ଷକ ଅଂଶଗ୍ରହଣ କରିଥିଲେ।

ଚୋରିର ଖିଅ ପାଉନି ପୁଲିସ

● ତହସିଲ ଗୋଦାମରୁ ପଲିଥିନ୍ ଚୋରି ଘଟଣା

ହାଟଡ଼ିହୀ, ୬।୧୧(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ତହସିଲ କାର୍ଯ୍ୟାଳୟର ଗୋଦାମ୍ ଘରୁ ୧୫୬ ବଣ୍ଡଲ ପଲିଥିନ ଚୋରି ହେବା ଘଟଣାରେ ପୁଲିସ ଚୋରମାନଙ୍କର ଟେର୍ ସୁଦ୍ଧା ପାଉନାହିଁ। ଗତ ୨୬ ତାରିଖ ଗୋଦାମ ଘରୁ ପଲିଥିନ୍ ଚୋରି ହେବା ପରେ ୨୮ ତାରିଖରେ ଏନେଇ ନନ୍ଦିପଦା ଥାନା କେସ୍ ନଂ ୩୧୨/୨୦୨୬ରେ ପୁଲିସ୍ ତଦନ୍ତ ଆରମ୍ଭ କରିଥିଲା। ନନ୍ଦିପଦା ଥାନାର ଇନ୍ସପେକ୍ଟର ବଳିଆ ବାରିକଙ୍କ ନେତୃତ୍ୱରେ କେନ୍ଦୁଝରରୁ ଫରେନସିକ୍ ଟିମ୍ ପହଞ୍ଚି ତନାଘନା କରିଥିଲା। ଘଟଣାକୁ ୧ ସପ୍ତାହ ବିତିଥିଲେ ସୁଦ୍ଧା ଏନେଇ ପୁଲିସ ନିକଟରେ କୌଣସି ସୁରାକ୍ ମିଳିନାହିଁ। ଏତେ ପରିମାଣର ପଲିଥିନ୍ ଚୋରି ହେବା ପଛରେ ୪ ଚକିଆ ଗାଡ଼ି ବ୍ୟବହୃତ ହୋଇଥାଇ କିମ୍ବା ସେସବୁ ଅଳ୍ପ ଅଳ୍ପ କରି କ୍ରମାଗତ ଭାବେ ଚୋରି ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ଏପଟେ ତହସିଲ କାର୍ଯ୍ୟାଳୟର ମୁଖ୍ୟ ଫାଟକ ସାଧାରଣତଃ ରାତିରେ ବନ୍ଦ ରହୁଥିବା ବେଳେ ରାତ୍ର ଜଗୁଆଳି ମଧ୍ୟ ନିୟୋଜିତ ରହନ୍ତି। ଫାଟକରେ ଚାବି ପଡ଼ିବା ଏବଂ ରାତ୍ର ଜଗୁଆଳି ଥାଇ ମଧ୍ୟ ତହସିଲ କ୍ୟାମ୍ପସ ମଧ୍ୟରେ ଥିବା ଗୋଦାମ ଘରୁ (୧୫୬ ବଣ୍ଡଲ) ଲକ୍ଷାଧିକ ଟଙ୍କାର ପଲିଥିନ ଚୋରି ହେବା ଘଟଣା ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ଗୋଦାମ ଘରର ତାଲା ଭଙ୍ଗାଯାଇ ନଥିଲା ବେଳେ ଲୁହା ଶିକୁଳି ଢିଲା ଥିବାର ସୁଯୋଗ ନେଇ ଚୋରି ହୋଇଥିବା ନେଇ ଗୋଟିଏ ପଟେ କୁହାଯାଉଥିବା ବେଳେ ଅନ୍ୟପଟେ ଚାବିକାଠିର ଅବିକଳ ନକଲ ଚାବି ଦ୍ୱାରା ଖୋଲା ଯାଇଥିବା ସନ୍ଦେହ କରାଯାଉଛି। ହାଟଡ଼ିହୀ ତହସିଲଦାର ସଞ୍ଜୟ ସାମନ୍ତରା ଏଭଳି ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଯାହା ଦେଖାଯାଇଛି, ଗୋଦାମ ଘରର ଝରକାରେ ଲାଗିଥିବା ଗ୍ରିଲ୍ ବାଟ ଦେଇ ପଲିଥିନ ବଣ୍ଡଲ ଚୋରି ହେବା ଆଦୌ ସମ୍ଭବ ନୁହଁ। ଏହା କୌଣସି ପୂର୍ବ ପ୍ରସ୍ତୁତ ଯୋଜନା ଅନୁସାରେ ଚୋରି ହୋଇଥିବା ସନ୍ଦେହ ପ୍ରକାଶ ପାଇଛି। କାର୍ଯ୍ୟାଳୟର ସିସିଟିଭି ଫୁଟେଜ୍ ସହିତ କିଛି ନିର୍ଦ୍ଦିଷ୍ଟ କର୍ମଚାରୀଙ୍କୁ ଏହି ଘଟଣାର ତଦନ୍ତ ପରିସରକୁ ଅଣାଯାଇ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଏହାର ସତ୍ୟତା ଜଣାପଡ଼ନ୍ତା ବୋଲି ସାଧାରଣରେ କୁହାଯାଉଛି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ସବଇନ୍ସପେକ୍ଟର ପ୍ରବୋଧ ମହାନ୍ତିଙ୍କୁ ପଚାରିବାରୁ, ତଦନ୍ତ ଜାରି ରହିଛି ଏବଂ ସିସିଟିଭି ଫୁଟେଜ ମଧ୍ୟରେ ଅନୁସନ୍ଧାନ ଚାଲୁ ରହିଛି ବୋଲି କହିଛନ୍ତି।

ଓରାଳିରୁ ୨ ନାବାଳିକା ସହ ନାବାଳକ ଉଦ୍ଧାର

ହାଟଡ଼ିହୀ, ୬।୧୧(ସମିସ): ନନ୍ଦିପଦା ଥାନା ଓରାଳି ଖେତୁଆଳି ରାସ୍ତାରୁ ୨ ନାବାଳିକା ଓ ଜଣେ ନାବାଳକକୁ ଉଦ୍ଧାର କରିଛି ପୁଲିସ। ସୂଚନା ଅନୁସାରେ, ଉଦ୍ଧାର ହୋଇଥିବା ପିଲାଙ୍କ ମାଆ ସେମାନଙ୍କୁ ଅଧିକ ମାଡ଼ ମାରୁଥିବା ଯୋଗୁଁ ଦୁଇ ନାବାଳିକା ଓ ଗୋଟିଏ ନାବାଳକ ରାଗରେ ଘର ଛାଡ଼ି ପଳେଇ ଆସିଥିଲେ। ସନ୍ଧ୍ୟା ସମୟରେ ଓରାଳି ସରପଞ୍ଚଙ୍କ ପୁଅ ଜିତେନ୍ଦ୍ର ଜେନା ଖେତୁଆଳି ଅଭିମୁଖେ ଯାଉଥିବା ବେଳେ ଉକ୍ତ ପିଲାମାନେ ନୂଆଗାଁ ଗାଁକୁ ରାସ୍ତା ପଚାରିଥିଲେ। ଜିତେନ୍ଦ୍ର ସେମାନଙ୍କ କଥା ଶୁଣିବା ପରେ ୩ଜଣ ପିଲାଙ୍କୁ ଅଟକାଇଥିଲେ। ପ୍ରଥମେ ସେମାନଙ୍କୁ ବିସ୍କୁଟ ଓ ପାଣି ଖାଇବାକୁ ଦେଇଥିଲେ। ପରେ, ପିଲାଙ୍କ ସୁରକ୍ଷା ଦିଗକୁ ଲକ୍ଷ୍ୟ କରି ଜିତେନ୍ଦ୍ର ଗଣମାଧ୍ୟମ ପ୍ରତିନିଧିଙ୍କ ସହାୟତାରେ ନନ୍ଦିପଦା ପୁଲିସକୁ ଖବର କରିଥିଲେ। ପୁଲିସ୍ ସେଠାରେ ପହଞ୍ଚିବା ବେଳକୁ ଉଦ୍ଧାର ହୋଇଥିବା ପିଲାଙ୍କ ମାଆ ଆସି ମଧ୍ୟ ସେଠାରେ ପହଞ୍ଚିଥିଲେ। ପିଲାମାନେ କେଉଁ କାରଣରୁ ଘରୁ ପଳେଇ ଆସିଲେ ଏବଂ ସେମାନଙ୍କ ପ୍ରକୃତ ଘର ଠିକଣା ସହ ସେମାନଙ୍କ ପ୍ରକୃତ ଅଭିଭାବକ କିଏ ସେସବୁର ତଦନ୍ତ ପାଇଁ ଉଭୟ ମହିଳା ଏବଂ ପିଲାମାନଙ୍କୁ ପୁଲିସ ସେଠାରୁ ଉଦ୍ଧାର କରି ନିଜ ହେପାଜତକୁ ନେଇ ପଚରାଉଚରା ଚଳାଇଥିବା ନେଇ ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି। ଖବର ଲେଖିବା ଯାଏଁ ଉଭୟ ମହିଳା ଓ ୩ଜଣ ପିଲା ଥାନାରେ ଥିଲେ।

ବେଆଇନ ମୋରମ୍ ଖାଦାନରେ ଚଢ଼ଉ; ୪ ଗାଡ଼ି ଜବତ

କେନ୍ଦୁଝର, ୬।୧୧(ସମିସ): କେନ୍ଦୁଝର ଜିଲ୍ଲା ବାଂଶପାଳ ତହସିଲ ତଳକଇଁସାରୀ ପଞ୍ଚାୟତ ଅନ୍ତର୍ଗତ ମେଦିନପୁର ଭେଜିଡିହି ସାହିରେ ବନ ବିଭାଗ, ଖଣି ବିଭାଗ, ରାଜସ୍ୱ ବିଭାଗ ଏବଂ ପୁଲିସ ବିଭାଗ ମିଳିତ ଚଢଉ କରି ୨ଟି ଜେସିବି ଏବଂ ୨ଟି ମୋରମ ବୋଝେଇ ହାଇୱା ଗାଡି ଜବତ କରାଯାଇଛି। ଗତକାଲି ବିଳମ୍ବିତ ରାତିରେ ବେଆଇନ ମୋରମ ଉତ୍ତୋଳନ ହୋଇ ଚାଲାଣ ହେଉଥିବା ସୂଚନା ପାଇ ଏହି ଚଢଉ କରାଯାଇଥିଲା। ମିଳିତ ଟ୍ୟାସ୍କଫୋର୍ସ ଚଢଉରେ ଅନ୍ଧାର ସୁଯୋଗ ନେଇ ମାଫିଆ ଏବଂ ଗାଡିର ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିବାକୁ ସକ୍ଷମ ହୋଇଛନ୍ତି। ଏହି ଚୋରା କାରବାରରେ ନେଲୁଙ୍ଗ ଅଞ୍ଚଳର ଜଣେ ମାଫିଆ ସମ୍ପୃକ୍ତ ଥିବା ଜଣାପଡ଼ିଛି। ପୁଲିସ ଗାଡି ନମ୍ବର ଆଧାରରେ ଗାଡି ମାଲିକଙ୍କୁ ଜେରା କଲେ କେଉଁ କେଉଁ ମାଫିଆ ଏହି ଚୋରା କାରବାରରେ ସମ୍ପୃକ୍ତ ଅଛନ୍ତି ତାହା ଜଣାପଡ଼ିବ। ଯେଉଁ ସ୍ଥାନରେ ବେଆଇନ ଉତ୍ତୋଳନ ହେଉଥିଲା ସେହି ସ୍ଥାନରୁ ମାତ୍ର ୫୦୦ ମିଟର ଦୂରରେ ସିଦ୍ଧମଠ ଜଙ୍ଗଲ ରହିଛି। ଏହି ଜଙ୍ଗଲ ହାତୀ ଏବଂ ଅନ୍ୟ ବନ୍ୟପ୍ରାଣୀଙ୍କଙ୍କ ଆବାସସ୍ଥଳ ଅଟେ।

ସୂଚନାଯୋଗ୍ୟ ଯେ ବାଂଶପାଳ ତହସିଲର ଠାକୁରଡିହି, ତେନ୍ତୁଳି, ବଡଘାଗରା, ଭେଜିଡିହି ଆଦି ଅଞ୍ଚଳରେ ବେଆଇନ ଭାବେ ମୋରମ ଉତ୍ତୋଳନ କରି କେନ୍ଦୁଝର ସହରକୁ ଚୋରା ଚାଲାଣ ହେଉଥିଲା। ଗତ ୩ ମାସରେ ହଜାର ହଜାର ଟ୍ରିପ ମୋରମ ଚୋରା ଚାଲାଣ ହୋଇଛି। ପ୍ରତ୍ୟେକ ଟ୍ରିପ ପ୍ରତି ୧୦ ହଜାର ଟଙ୍କାରେ ମାଫିଆମାନେ ବିକ୍ରି କରୁଥିଲେ। ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ଲଘୁ ଖଣିଜ ସମ୍ପଦ ଚୋରୀ ହେବା ସହ ପରିବେଶ କ୍ଷତି ହେଉଥିଲା। ବିଶେଷ କରି କେନ୍ଦୁଝର ସହରରେ ଜମି ମାଫିଆମାନେ ଏହି ମୋରମ କିଣି ଚାଷ ଜମିରେ ରାସ୍ତା କରି ପ୍ଲଟିଂ କରୁଥିଲେ। ଚାଷ ଜମିକୁ ପୋତିବା ଏବଂ ରାସ୍ତା ନିର୍ମାଣ ପାଇଁ ବ୍ୟାପକ ମାଟି ଓ ମୋରମ ବ୍ୟବହାର ହେଉଥିଲା। ବେଆଇନ ଭାବେ ଆଖିବୁଜା ମୋରମ ଓ ମାଟି ଖୋଳି ନେଉଥିବା ଯୋଗୁଁ ଏହାର କୁପ୍ରଭାବ ସ୍ଥାନୀୟ ଅଞ୍ଚଳରେ ପଡ଼ିବା ସହ ବନ୍ୟପ୍ରାଣୀଙ୍କ ଯାତାୟତରେ ସମସ୍ୟା ସୃଷ୍ଟି କରୁଛି। ଜଙ୍ଗଲ ଅଞ୍ଚଳରେ ବଡ ବଡ ପୋଖରୀ ସଦୃଶ ଗାତ ହୋଇଯାଇଥିବାବେଳେ ଜଙ୍ଗଲ ଜୀବଜନ୍ତୁଙ୍କ ଜୀବନ ପାଇଁ ଏହା ବିପଦ ସୃଷ୍ଟି କରିଛି। କେବଳ ସେତିକି ନୁହେଁ; ଜଙ୍ଗଲରେ ବସବାସ କରୁଥିବା ପଶୁପକ୍ଷୀ ନିଜର ବାସସ୍ଥାନ ହରାଇ ପ୍ରଭାବିତ ହେଉଛନ୍ତି। ଚୋରାରେ ମୋରମ ଓ ମାଟି ଖୋଳା ଯୋଗୁଁ ଜିଲ୍ଲାରେ ପୁରି ରହିଥିବା ବହୁ ଦୁର୍ଲ୍ଲଭ ଔଷଧୀୟ ବୃକ୍ଷଲତା ଧ୍ୱଂସ ପାଇବାରେ ଲାଗିଛି। ଏହାବ୍ୟତୀତ ଗୃହପାଳିତ ପଶୁମାନଙ୍କ ପାଇଁ ଚାରଣ ଭୂମି ସଙ୍କୁଚିତ ହେଉଛି। ବେଆଇନ ମୋରମ ଚାଲାଣରୁ ଗାଡି ମାଲିକ ଓ ମାଫିଆ ମାଲେମାଲ ହେଉଥିବାବେଳେ ପରିବେଶ ଅସନ୍ତୁଳିତ ହେଉଛି। ବେଆଇନ ଖନନ ଯୋଗୁଁ କେବଳ ଯେ ଜନସାଧାରଣ ଅସୁବିଧାରେ ପଡୁଛନ୍ତି ତା'ନୁହେଁ ଗୃହପାଳିତ ଓ ବନ୍ୟପ୍ରାଣୀମାନେ ମଧ୍ୟ ଏହି ବଡ ବଡ ଗର୍ତ୍ତରେ ପଡ଼ି ଜୀବନ ହରାଉଛନ୍ତି। ଅନେକ ସମୟରେ ବଣୁଆ ଜୀବଜନ୍ତୁମାନେ ଗର୍ତ୍ତରେ ପଡ଼ି ମୃତ୍ୟୁବରଣ କରୁଛନ୍ତି। ବିଗତ ଦିନରେ ଏଭଳି ବିପଦପୂର୍ଣ୍ଣ ମୋରମ ଗର୍ତ୍ତଗୁଡିକରେ ପଡ଼ି ଅନେକ ଲୋକଙ୍କ ଜୀବନ ମଧ୍ୟ ଯାଇଥିବା ନଜିର ରହିଛି। ପୁଲିସ ଚୋରା ମୋରମ କାରବାରରେ ସମ୍ପୃକ୍ତ କିଙ୍ଗପିନକୁ ଗିରଫ କରିବାକୁ ଦାବି ହୋଇଛି।

ତିନିମାସ ହେଲା ସରୁନି ରିଙ୍ଗରୋଡ ଘାଇ ମରାମତି

୭୨ ଲକ୍ଷ ଟଙ୍କା ବ୍ୟୟ ପରେ ବି ଅବସ୍ଥା ବେହାଲ୍

ଆନନ୍ଦପୁର, ୬।୧୧ (ସମିସ)



ତିନିମାସ ପରେବି ଆନନ୍ଦପୁର ରିଂରୋଡରେ ହୋଇଥିବା ଘାଇ ମରାମତି ଶେଷ ହୋଇନାହିଁ। ପ୍ରାୟ ୭୨ ଲକ୍ଷ ଟଙ୍କା ଖର୍ଚ୍ଚ ପରେ ବି ଅବସ୍ଥା ସୁଧୁରୁନି। ରାସ୍ତାରେ ବଡ଼ବଡ଼ ଖାଲ ହୋଇଥିବାରୁ ଯାତାୟାତରେ ସମସ୍ୟା ହେଉଛି। ବାଇକ୍ ଓ ସାଇକଲ ଆରୋହୀମାନେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଠିକ ସମୟରେ ଠିକ ଭାବେ ମରାମତି କାର୍ଯ୍ୟ ନହେବାରୁ ଦୁଇ ଥର ଘାଇରେ ପଡ଼ିଥିବା ମାଟି ଓ ମୋରମ ଭାସିଯାଇଥିଲା। ଶାସକ ଦଳ ଇଙ୍ଗିତରେ ଏହି ଘାଇର ଦୁଇଟି ବିଲ ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ହୋଇଛି। ତେବେ ଏତେ ଅର୍ଥ ବ୍ୟୟ ବରାଦ ସତ୍ତ୍ୱେ ଏହି ରାସ୍ତା ଯାତାୟାତ ଉପଯୋଗୀ ହୋଇପାରି ନାହିଁ। ଜୁଲାଇ ୨୮ ତାରିଖରେ ବୈତରଣୀ ନଦୀରେ ଆସିଥିବା ବନ୍ୟା ଯୋଗୁଁ ରିଂରୋଡରେ ବଡ଼ ଘାଇ ସୃଷ୍ଟି ହୋଇଥିଲା। ଏହି ଘାଇରେ ଦୁଇଟି ଗାଡ଼ି ଖସି ପଡ଼ିଥିଲା। ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ବାପା ଗୁରୁତର ହୋଇଥିଲେ। ବନ୍ୟାଜଳ ସହର ମଧ୍ୟକୁ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଅଗଷ୍ଟ ୩ରେ ବିଭାଗୀୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରତାପ କୁମାର ଦାସ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସାତଦିନ ମଧ୍ୟରେ ଘାଇ ମରାମତି ଶେଷ ହେବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେହିପରି ସାଂସଦ ଅନନ୍ତ ନାୟକ ତୁରନ୍ତ ଘାଇ ମରାମତି ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଳସମ୍ପଦ ବିଭାଗ ଦ୍ୱାରା ୭୨ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ସତ୍ତ୍ୱେ ରିଂରୋଡ୍‌ରେ ଆଣ୍ଠୁଏ ଖାଲ ରହିବା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତା ମରାମତି କରିବା ସହିତ ଏହି ମରାମତିର ବିଲ୍‌କୁ ଅନୁଧ୍ୟାନ କରିବାକୁ ଦାବି ହେଉଛି।

ପଦାରେ ପଡ଼ିଲା ସରକାରଙ୍କ ଅସଲ ଚିତ୍ର

୯ ମାସ ଭତ୍ତା ନ ପାଇ ଟ୍ରଲିରେ ବ୍ଲକ୍ କାର୍ଯ୍ୟାଳୟ ଆସିଲେ ବୃଦ୍ଧ

ଗରଦପୁର, ୫।୧୧ (ସମିସ):



ବଦଳିଛି ସରକାର। ଲୋକେ ଆଣିଛନ୍ତି ଲୋକଙ୍କ ସରକାର। ହେଲେ ବାସ୍ତବ ରୂପ ନେଇପାରିନି ସରକାରୀ ଯୋଜନା। ତୃଣମୂଳ ସ୍ତରରେ ସରକାରୀ ଯୋଜନା ହିତାଧିକାରୀଙ୍କ ନିକଟରେ ପହଞ୍ଚିବା କେତେଯେ ଦୟନୀୟ ଏ ଚିତ୍ର ହିଁ ବୟାନ କରୁଛି। ଦୀର୍ଘ ନଅ ମାସ ହେଲା ଭତ୍ତା ପାଇ ନ ଥିବା ଜଣେ ବୟୋବୃଦ୍ଧ ନିଜ ଗାଁରୁ ଟ୍ରଲିରେ ବ୍ଲକ୍ କାର୍ଯ୍ୟାଳୟକୁ ଆସି ଅଭିଯୋଗ ଜଣାଇବା ଚିତ୍ର ସମସ୍ତଙ୍କୁ ଚିନ୍ତାରେ ପକାଇବା ସହ ବ୍ୟଥିତ କରିଛି। ଗରଦପୁର ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ପହଣା ଗ୍ରାମର ବଟକୃଷ୍ଣ ବେହେରା। ବୟସ ପାଖାପାଖି ୮୮ ହେବ। ବୟୋବୃଦ୍ଧ ଯୋଗୁଁ ୩ ହଜାର ୫ ଶହ ଟଙ୍କା ଭତ୍ତା ପାଉଥିଲେ। ହେଲେ ଆଜକୁ ୯ ମାସ ହେବ ଭତ୍ତା ପାଇନାହାନ୍ତି । ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ୟାଙ୍କ ଦୌଡ଼ି ଦୌଡ଼ି ନିରାଶ ହେଲେଣି। ତଥାପି ଭତ୍ତା ମିଳୁନାହିଁ। ସରକାର ଅନଲାଇନ ମାଧ୍ୟମରେ ଭତ୍ତା ଦେଉଛନ୍ତି। ସେଥିରୁ ମଧ୍ୟ ବଟକୃଷ୍ଣ ବଞ୍ଚିତ ହୋଇ ଏବେ ବ୍ଲକ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇଛନ୍ତି। ବଟକୃଷ୍ଣଙ୍କ ପାଇଁ ଏହି ଭତ୍ତା ଗଣ୍ଡାକ ସବୁକିଛି। ଔଷଧ କିଣିବାଠାରୁ ଆରମ୍ଭ କରି ତେଲ ଲୁଣ ପର୍ଯ୍ୟନ୍ତ ଗୁଜୁରାଣ ମେଣ୍ଟାନ୍ତି। ହେଲେ ସରକାର ଯେ କାହିଁକି ଅସହାୟଙ୍କ ପାଇଁ ଏତେ କଠୋର ନିରାହ ବଟକୃଷ୍ଣ ଏପର୍ଯ୍ୟନ୍ତ ବି ବୁଝି ପାରିନାହାଁନ୍ତି। ତେବେ ସରକାର ଗୋଟିଏ ପଟେ ଗରିବ କଲ୍ୟାଣ କଥା କହୁଥିବାବେଳେ ଏତେ ଅବେହେଳା ଓ ପ୍ରଶାସନିକ ବ୍ୟବସ୍ଥାରେ କେତେ ତ୍ରୁଟି ତାହା ବାସ୍ତବରେ ଯୁକ୍ତିଯୁକ୍ତ କି ନାହିଁ ଏବେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେପଟେ ଏ ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାରଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ଟିକେ ଅସୁବିଧା ଅଛି। ଏହାଛଡା ଅଭିଯୋଗ ହିତାଧିକାରୀଙ୍କ ମ୍ୟାପିଙ୍ଗ ହୋଇପାରିନାହିଁ। ଆସନ୍ତା ୧୦ ତାରିଖ ସୁଦ୍ଧା ବଞ୍ଚିତ ହୋଇଥିବା ସମସ୍ତ ହିତାଧିକାରୀଙ୍କୁ ବକେୟା ଭତ୍ତା ପ୍ରଦାନ କରାଯିବ ବୋଲି କହିଛନ୍ତି।

କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ପକ୍ଷରୁ ଗଣସଫେଇ ଅଭିଯାନ



କେନ୍ଦ୍ରାପଡ଼ା, ୫।୧୧(ସମିସ): ସ୍ୱଚ୍ଛତା କେବଳ କଥାରେ ନୁହେଁ, ବରଂ ନିଜ କାର୍ଯ୍ୟରେ ପ୍ରତିଫଳିତ ହେବା ଉଚିତ। ଏଭଳି ଏକ ସକାରାତ୍ମକ ବାର୍ତ୍ତା ଦେଇ ଆଜି କେନ୍ଦ୍ରାପଡ଼ା ସହରରେ ଆୟୋଜିତ ଗଣସଫେଇ ଅଭିଯାନରେ ନିଜେ ଝାଡୁ ଧରି ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ ଜିଲ୍ଲାପାଳ ରଘୁରାମ ଆର. ଆୟର। ଜିଲ୍ଲାପାଳଙ୍କ ଏହି ପ୍ରତ୍ୟକ୍ଷ ଅଂଶଗ୍ରହଣ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଓ ଅନ୍ୟ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିବା ସହ ସହରବାସୀଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ସଚେତନତାର ବାର୍ତ୍ତା ଦେଇଛି। କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ଆୟୋଜିତ ଏହି ଗଣସଫେଇ ଅଭିଯାନରେ ସହରର ପୁରୁଣା ବସଷ୍ଟାଣ୍ଡ, କୋର୍ଟ ପରିସର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସମେତ ଅନ୍ୟାନ୍ୟ ପ୍ରମୁଖ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ସଫେଇ କାର୍ଯ୍ୟ କରାଯାଇଥିଲା। ଜିଲ୍ଲାପାଳ ନିଜେ ସଫେଇ କାର୍ଯ୍ୟରେ ହାତ ମିଳାଇବା ସହ ସ୍ୱଚ୍ଛତା ରକ୍ଷା ପାଇଁ ସମସ୍ତଙ୍କୁ ଆଗେଇ ଆସିବାକୁ ପ୍ରେରଣା ଦେଇଥିଲେ। ଏହି ଅଭିଯାନରେ ପୌରପାଳିକାର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରାଙ୍କ ସମେତ ନିର୍ବାଚିତ ଜନପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ପୌରପାଳିକା ଅଧିକାରୀ ଓ କର୍ମଚାରୀ, ସଫେଇ କର୍ମଚାରୀ ଓ ଅନ୍ୟାନ୍ୟ ସହଯୋଗୀ ସକ୍ରିୟ ଭାବେ ଯୋଗ ଦେଇଥିଲେ। ସମସ୍ତଙ୍କ ସାମୂହିକ ପ୍ରୟାସରେ ସହରର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏ ଅବସରରେ ଜିଲ୍ଲାପାଳ କହିଥିଲେ, ସ୍ୱଚ୍ଛତା କେବଳ ପୌରପାଳିକା କିମ୍ବା ସଫେଇ କର୍ମଚାରୀଙ୍କ ଦାୟିତ୍ୱ ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କର ସାମୂହିକ ଦାୟିତ୍ୱ। ନିଜ ଘର, ରାସ୍ତାଘାଟ ଓ ଆଖପାଖ ପରିବେଶକୁ ସ୍ୱଚ୍ଛ ରଖିବା ସହ ସର୍ବସାଧାରଣ ସ୍ଥାନରେ ଅଳିଆ ଆବର୍ଜନା ନ ପକାଇବା ଦିଗରେ ସମସ୍ତେ ସଚେତନ ହେବା ଆବଶ୍ୟକ। ସଫେଇ କାର୍ଯ୍ୟରେ ସାମିଲ ହୋଇଥିବା ସମସ୍ତ ଜନପ୍ରତିନିଧି, କର୍ମଚାରୀ ଓ ସଫେଇ କର୍ମଚାରୀଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। କେନ୍ଦ୍ରାପଡ଼ାକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ସହର ଭାବେ ଗଢ଼ି ତୋଳିବା ପାଇଁ ଏଭଳି ସଫେଇ ଅଭିଯାନରେ ନିରନ୍ତର ସାମିଲ ହେବା ସହ ପ୍ରତ୍ୟେକ ନାଗରିକ ନିଜ ନିଜ ସ୍ତରରେ ସ୍ୱଚ୍ଛତା ବଜାୟ ରଖିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି।

ଯୋରରେ ବୁଡ଼ି ନାବାଳକ ନିଖୋଜ


ମହାକାଳପଡ଼ା, ୫।୧୧(ସମିସ): ଗାଧୋଇବାକୁ ଯାଇ ଯୋରରେ ବୁଡ଼ି ଜଣେ ୧୪ ବର୍ଷୀୟ ନାବାଳକ ନିଖୋଜ ହୋଇଯାଇଛନ୍ତି। ଏଭଳି ଅଭାବନୀୟ ଘଟଣା ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତ ଅନ୍ତର୍ଗତ ବାଲିସୁଆଁ ଗ୍ରାମରେ ଘଟିଛି। ନିଖୋଜ ନାବାଳକ ଜଣକ ଗ୍ରାମର ସୁବାସ ସ୍ୱାଇଁଙ୍କ ଏକମାତ୍ର ପୁଅ ସ୍ୱାଗତ ସ୍ୱାଇଁ। ସେ ଅଷ୍ଟମ ଶ୍ରେଣୀର ଛାତ୍ର। ସ୍ୱାଗତ ଆଜି ସକାଳ ପ୍ରାୟ ୧୦ଟା ସମୟରେ ଦୁଇଜଣ ସାଙ୍ଗଙ୍କ ସହ ଗାଧୋଇବା ପାଇଁ ନିକଟସ୍ଥ ଅଶୃଙ୍ଖଳା ଯୋରକୁ ଯାଇଥିଲେ। ସେଠାରେ ପୋଲ ଉପରୁ ଯୋରକୁ ଡେଇଁବା ସହ ପହଁରି କୂଳକୁ ଆସୁଥିଲେ। ଏହି ସମୟରେ ସ୍ୱାଗତ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ସାଙ୍ଗରେ ଥିବା ଅନ୍ୟ ଦୁଇଜଣ ପିଲାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଖୋଜାଖୋଜି କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଓ ଗ୍ରାମବାସୀ ମିଳିତ ଭାବେ ଦିନତମାମ ଖୋଜାଖୋଜି କରିଥିଲେ ହେଁ ସ୍ୱାଗତଙ୍କ କୌଣସି ପତ୍ତା ମିଳି ନ ଥିଲା। ଅନ୍ଧାର ହୋଇଯିବାରୁ ଆଜିର ଉଦ୍ଧାର କାର୍ଯ୍ୟ ବନ୍ଦ ରଖାଯାଇଛି। ଘରର ଏକମାତ୍ର ପୁଅ ନିଖୋଜ ହୋଇଯିବା ଘଟଣାରେ ପରିବାର ଲୋକେ ଭାଙ୍ଗି ପଡ଼ିଥିବାବେଳେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ଦିବ୍ୟାଙ୍ଗ ବାଳକଙ୍କୁ ହୁଇଲଚେୟାର ପ୍ରଦାନ



ମହାକାଳପଡ଼ା, ୫।୧୧(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାମନଗର ପଞ୍ଚାୟତର ବରଜ ବାହାକୁଦ ଗ୍ରାମର ରବି ମିର୍ଦ୍ଧାଙ୍କ ଦିବ୍ୟାଙ୍ଗ ପୁଅ ଅନିମେଶ ମିର୍ଦ୍ଧା ଯାତାୟାତ ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏ ବିଷୟରେ ବିଧାୟକ ଅବଗତ ହେବା ପରେ ଆଜି ତାଙ୍କୁ ହୁଇଲ୍‌ଚେୟାର ପ୍ରଦାନ କରାଯାଇଛି। ଯୁବନେତା ଇଂ. ଚନ୍ଦ୍ରକାନ୍ତ ସ୍ୱାଇଁ ବ୍ଲକ ପ୍ରଶାସନ ସହଯୋଗରେ ଅନିମେଶଙ୍କ ଘରେ ପହଞ୍ଚି ତାଙ୍କୁ ହୁଇଲ୍‌ଚେୟାର ପ୍ରଦାନ କରିଛନ୍ତି। ଏଥିସହ ଆଗାମୀ ଦିନରେ ସରକାର ଓ ବିଧାୟକଙ୍କ ପକ୍ଷରୁ ଅନିମେଶଙ୍କୁ ସମସ୍ତ ପ୍ରକାର ସାମ୍ଭାବ୍ୟ ସରକାରୀ ସହାୟତା ଯୋଗାଇ ଦେବାରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଶିକ୍ଷାବିତ୍ ଦେବକୀନନ୍ଦନ ମିଶ୍ରଙ୍କ ପରଲୋକ



ଡେରାବିଶ, ୫।୧୧(ସମିସ): କେନ୍ଦ୍ରାପଡ଼ା ବ୍ଲକ୍ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବଣହରା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବକୀନନ୍ଦନ ମିଶ୍ର (୮୪)ଙ୍କ ବୁଧବାର ପରଲୋକ ହୋଇଯାଇଛି। ସ୍ୱର୍ଗତ ମିଶ୍ର ସ୍ନାତକ ଶିକ୍ଷା ପରେ ଡେରାବିଶ ବ୍ଲକ୍ ଅନ୍ତର୍ଗତ ସଞ୍ଚପୁରା ହାଇସ୍କୁଲରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ପରେ ରାମଚନ୍ଦ୍ର ବିଦ୍ୟାପୀଠର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟଭାର ତୁଲାଇ ୨୦୦୩ରେ ଅବସର ଗ୍ରହଣ କରିଥିଲେ। ଛାତ୍ରବସ୍ଥାରୁ ଗ୍ରାମାଞ୍ଚଳରେ ସମାଜସେବା ପ୍ରତି ମନବଳାଇଥିବା ଦେବକୀନନ୍ଦନ ଅବସର ପରେ ଗ୍ରାମର ଜନମଙ୍ଗଳ କ୍ଲବ, ବିଣାପାଣି ସଙ୍ଗୀତ ସଦନ ଓ ସ୍ଥାନୀୟ ଦୋଳମଲେଣ କମିଟିର ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। ସେ ସ୍ଥାନୀୟ ବାଲିଆ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମ୍ପାଦକ, ମଧୁସାଗର ମହୋତ୍ସବର ସମ୍ପାଦକ ଭାବେ କାର୍ଯ୍ୟ କରିବା ସହିତ ପଞ୍ଚାୟତର ବହୁ ଅନୁଷ୍ଠାନ ସହିତ ସେ ସମ୍ପୃକ୍ତ ଥିଲେ। ତାଙ୍କ ଶେଷକୃତ୍ୟ ଗ୍ରାମ ଶ୍ମଶାନରେ ସମ୍ପନ୍ନ କରାଯାଇଥିବାବେଳେ ପୁଅ ଶାରଦା ପ୍ରସାଦ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସମାଜସେବୀ ରାଜେଶ ପଣ୍ଡା, ରାଜକିଶୋର ଲେଙ୍କା, ମଦନମୋହନ ବେହେରା, ଶ୍ରମିକ ନେତା ଅଶୋକ ତ୍ରିପାଠୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'





ପଟ୍ଟାମୁଣ୍ଡାଇ, ୫।୧୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସ୍ଥାନୀୟ ଅଢାଖଣ୍ଡ ମଠସାହି ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ବାରିକଙ୍କ ପୌରୋହିତ୍ୟ ଓ ଶିକ୍ଷକ ନେତା ମଳୟ କୁମାର ଜେନାଙ୍କ ସଂଯୋଜନାରେ ଆୟୋଜିତ ଉଦଘାଟନ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁଙ୍କ ପ୍ରତିଭା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ସହକାରୀ ଶିକ୍ଷାଧିକାରୀ ସୁନିତୀ ଦାଶ, ପୂର୍ବତନ ବ୍ଲକ ସହକାରୀ ଶିକ୍ଷାଧିକାରୀ ପ୍ରେମବାଳା ମହାପାତ୍ର, ସରକାରୀ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ଜେନା, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ କଷଣଅଣ୍ଡା ହାଇସ୍କୁଲ ପ୍ରାକ୍ତନ ପ୍ରଧାନଶିକ୍ଷକ ସୁରେଶ ଜେନା, ଅଢାଖଣ୍ଡ ମଠସାହି ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ଦାଶ, ସ୍କୁଲ ପରିଚାଳନା କମିଟି ସଭାପତି ଆଶାଲତା ଜେନା, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲଷ୍ଟର ସିଆରସିସି ନୀଳମଣି ବେହେରା ସ୍ୱାଗତ ଭାଷଣ ଓ ନୋଡାଲ ସିଆରସିସି ସଂଘମିତ୍ରା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସିଆରସିସି ଅରବିନ୍ଦ ବଳ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ବିଭୁରଞ୍ଜନ ସାହୁ, ଶୁଭଶ୍ରୀ ମାଝୀ, ସତ୍ୟବ୍ରତ ସାମନ୍ତରାୟ, ଆଶିଷ ମହାପାତ୍ର, ଲକ୍ଷ୍ମଣ ସେଠୀ, ପୂର୍ବତନ ସିଆରସିସି ରଞ୍ଜନ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

ଅପରାହ୍ନରେ ପଟ୍ଟାମୁଣ୍ଡାଇ ବ୍ଲକ ସହକାରୀ ଶିକ୍ଷାଧିକାରୀ ସୁନିତୀ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ମହାକାଳପଡା ବିଧାୟକ ଡ ଦୁର୍ଗାପ୍ରସନ୍ନ ନାୟକ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ ମୁଖ୍ୟବକ୍ତା, ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ବାରିକ ବରେଣ୍ୟ ଅତିଥି, ସାଂସଦ ପ୍ରତିନିଧି ଭାରତ ଭୂଷଣ ଦାସ, ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡା, ପୂର୍ବତନ ପ୍ରଧାନଶିକ୍ଷକ ରାମଚନ୍ଦ୍ର ମିଶ୍ର, ସିଆରସିସି ନୀଳମଣି ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ଶିଶୁ ମହୋତ୍ସବ ସୁରଭି ଏକ ବଳିଷ୍ଠ ପଦକ୍ଷେପ ବୋଲି ମତ ପ୍ରକାଶ କରିବା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ସିଆରସିସି ପ୍ରହଲ୍ଲାଦ ପଲାଇ ସ୍ୱାଗତ ଭାଷଣ ଓ ସିଆରସିସି ଶ୍ରୀରାମ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ସିଆରସିସି ରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ। ଏଥିରେ ବ୍ଲକର ୧୭ କ୍ଲଷ୍ଟରର ୭୨ ସ୍କୁଲର ପ୍ରାୟ ୩୦୦ ଛାତ୍ରଛାତ୍ରୀ, ସମସ୍ତ ସିଆରସିସି, ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ସିଆରସିସି ଲୋକନାଥ ନାୟକ, ବିନାୟକ ଦାଶ, ମନୋଜ ସେଠୀ, ଏମଆଇଏସ ଆମ୍ର ପଲ୍ଲୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଯାପିତ



ଗରଦପୁର, ୫।୧୧ (ସମିସ): ଗରଦପୁର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପିଏମଶ୍ରୀ କୋରୁଆ ସରକାରୀ ଉଚ୍ଚବିଦ୍ୟାଳୟରେ ଉଦଯାପିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ କଳା ଓ ଅଭିନୟ ସମସ୍ତଙ୍କୁ ମନମୁଗ୍ଧ କରିଥିବାବେଳେ ଶିଶୁଙ୍କ ଅନ୍ତର୍ନିହିତ କଳା କୌଶଳ ସହ ଗ୍ରାମାଞ୍ଚଳରେ ଲୁଚି ଯାଉଥିବା ଶିଶୁ ପ୍ରତିଭାର ବିକାଶ ପାଇଁ ଏହା ଏକ ସୁଯୋଗ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ଏହି ମହୋତ୍ସବରେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ମଲ୍ଲଙ୍କ ଅଧକ୍ଷତାରେ ବ୍ଲକ ଉପାଧକ୍ଷା ସୌଦାମିନୀ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମହୋତ୍ସବକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷାଧିକାରୀ ଅଜୟ ସେଠୀ, ମଣ୍ଡଳ ଉନ୍ନୟନ ଅଧିକାରୀ ଆଲୋକ ସେଠୀ, ବ୍ଲକ ଅଧକ୍ଷ ଅଭୟ ମହାରାଜ, ମଣ୍ଡଳ ଉନ୍ନୟନ ଅଧିକାରୀ ଆଲୋକ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ କୁଞ୍ଜବିହାରୀ ଦାସ, ଏବିଓ ମନୋରଞ୍ଜନ ପଟ୍ଟନାୟକ, ବଳଦେବ ଉପାଧ୍ୟାୟ, ନୋଡାଲ ପ୍ରଧାନଶିକ୍ଷୟିତ୍ରୀ ନମିତା ମିଶ୍ର, ପୂର୍ବତନ ପ୍ରଧାନଶିକ୍ଷକ ନୃସିଂହ ମଲ୍ଲିକ, ପଞ୍ଚସଖା ଶିକ୍ଷାସେତୁ ସଭାପତି ଗୋପବନ୍ଧୁ ଖୁଣ୍ଟିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିଶୁଙ୍କ ଅନ୍ତର୍ନିହିତ ଶକ୍ତି ଓ ପ୍ରତିଭା ସମ୍ପର୍କରେ ଅବତାରଣା କରିଥିଲେ। ଉଦଯାପନୀ ଉତ୍ସବରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସୁରଭିର ତାତ୍ପର୍ଯ୍ୟ ବିଷୟରେ ଅବଗତ କରିଥିଲେ। ବ୍ଲକ ଅଧକ୍ଷ ଅଭୟ ମହାରାଜ, ବ୍ଲକ ଶିକ୍ଷାଧିକାରୀ ଅଜୟ ସେଠୀ, ପୂର୍ବତନ ପ୍ରଧାନଶିକ୍ଷକ ମଳୟ ପାଣି, ଓଷ୍ଟାର ସମ୍ପାଦକ ଅଶୋକ ପରିଡ଼ା, ପୂର୍ବତନ ଏବିଓ ଗତିକୃଷ୍ଣ ଦାସ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ନିଗମାନନ୍ଦ ରାଉତ, ସିଆରସିସି ଅମୀୟ ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ତର୍କ, ରଚନା, ଶ୍ରୁତଲିଖନ, ସଙ୍ଗୀତ, ଚିତ୍ରାଙ୍କନ ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

ରାଜକନିକାରେ ନିର୍ମାଣ ହେବ ବ୍ଲକସ୍ତରୀୟ ଷ୍ଟାଡ଼ିୟମ

ରାଜକନିକା, ୫।୧୧(ସମିସ): ଦୀର୍ଘଦିନ ପ୍ରତୀକ୍ଷାର ଅନ୍ତ ଘଟାଇ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜକନିକାରେ ୧୭ କୋଟି ଟଙ୍କା ବ୍ୟୟରେ ଏକ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ହେବ। ଏ ନେଇ ରାଜକନିକା ଅଞ୍ଚଳର ସାଧାରଣ ଜନତାଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ରାଜକନିକା ଅଞ୍ଚଳକୁ ଫୁଟବଲ ଖେଳର ଏନ୍ତୁଡ଼ିଶାଳ ବୋଲି କୁହାଯାଇଥାଏ। ଏହି ଅଞ୍ଚଳର କ୍ରୀଡ଼ାବିତ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାରେ ବିଭିନ୍ନ ପଦବୀରେ ଅବସ୍ଥାପିତ ହୋଇଥିବାବେଳେ ଦେଶ ବିଦେଶରେ ସୁନାମ ଅର୍ଜନ କରି କନିକାକୁ ଗୌରବାନ୍ୱିତ କରାଇଛନ୍ତି। ଉପଯୁକ୍ତ ଭିତ୍ତିଭୂମି ନ ଥାଇ ମଧ୍ୟ ଏହି ଅଞ୍ଚଳର କ୍ରୀଡ଼ାବିତ ନିଜ ଦକ୍ଷତା ପ୍ରତିପାଦନ କରିଛନ୍ତି। ଏଠାରେ ଷ୍ଟାଡିୟମ ହେବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା ହେବା ପରେ କେବଳ ଫୁଟବଲରେ ନୁହେଁ ବିଭିନ୍ନ ଇଣ୍ଡୋର ଖେଳରେ ମଧ୍ୟ ଆମ ଅଞ୍ଚଳର କ୍ରୀଡ଼ାବିତ ନିଜର ପାରଦର୍ଶିତା ଜିଲ୍ଲା, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଦେଖାଇ ପାରିବେ ବୋଲି ବୁଦ୍ଧିଜୀବି ଓ ଅଭିଭାବକ ଆଶା ପ୍ରକଟ କରିଛନ୍ତି। ରାଜ୍ୟ ବିଜେପି ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରେୟସ ଦାସ ମୁଖ୍ୟମନ୍ତ୍ରୀ ଓ କ୍ରୀଡ଼ାମନ୍ତ୍ରୀଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ କନିକାକୁ ଏନ୍‌ଏସି ଘୋଷଣା କରିବାକୁ ଅନୁରୋଧ କରିଛନ୍ତି।


ବିକଶିତ ଭାରତ, ଯୁବ ସମ୍ବାଦ କାର୍ଯ୍ୟକ୍ରମ



ଡେରାବିଶ, ୫।୧୧(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ମନ୍ତ୍ରଣାଳୟ ବିଭାଗ ପକ୍ଷରୁ 'ବିକଶିତ ଭାରତ ଯୁବ ସମ୍ବାଦ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଅକ୍ଷୟ କୁମାର ବଳ, ମୁଖ୍ୟବକ୍ତା ଭାବେ ସାଂସଦଙ୍କ ପ୍ରତିନିଧି ପ୍ରତୀମା ନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୁବ ଅଧିକାରୀ ଶୁଭେନ୍ଦୁ ସାହୁ, କ୍ରୀଡ଼ା ପ୍ରତୀକ ଭାବେ ଶିବାନୀ ପ୍ରିୟଦର୍ଶିନୀ ଯୋଗଦେଇଥିଲେ। ଯୁବ ପ୍ରତୀକ ଓମ୍‌ପ୍ରକାଶ ରଥ ପାୱାର ପଏଣ୍ଟ ମାଧ୍ୟମରେ କାର୍ଯ୍ୟକ୍ରମର ତଥ୍ୟ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରଦୀପ ରାଉତ ମଞ୍ଚ ସଂଯୋଜନା କରିଥିଲେ। ଶେଷରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଶପଥ ପାଠ କରିବା ସହିତ ଜାତୀୟ ସଙ୍ଗୀତ ଗାନ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ବିଶ୍ୱରଞ୍ଜନ ମିଶ୍ର ବେଦପାଠ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ।

ରାଜ୍ୟସ୍ତରୀୟ ରାଜକନିକା କପ୍ ଫୁଟବଲ

କିଶୋର କ୍ଲବ୍‌କୁ ହରାଇ ଫାଇନାଲରେ ବାରିପଦା ଓଡ଼ିଶା ଏଫ୍‌ସି



ରାଜକନିକା, ୫।୧୧(ସମିସ): ରାଜକନିକା ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଆରଏନ ହାଇସ୍କୁଲ ମିନି ଷ୍ଟାଡ଼ିୟମରେ ଚାଲିଥିଲା ୪୫ତମ ରାଜ୍ୟସ୍ତରୀୟ ରାଜକନିକା କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱରର କିଶୋର କ୍ଲବକୁ ୨-୧ ଗୋଲରେ ପରାସ୍ତ କରି ବାରିପଦାର ଓଡିଶା ଏଫ୍‌ସି ଫାଇନାଲରେ ପ୍ରବେଶ କରିଛି। ଡାକ୍ତର ଶ୍ରୀରାମଚନ୍ଦ୍ର ସୂତାର, ସମାଜସେବୀ ମଦନମୋହନ ବିଶ୍ୱାଳ ଓ ବାଇଧର ଜେନାଙ୍କୁ ସମର୍ପିତ କରାଯାଇଥିବା ଏହି ଖେଳରେ ମୁଖ୍ୟଅତିଥି ଭାବେ ଆର.ଆଣ୍ଡ ବିର ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଇଂ ଶୈଳେନ୍ଦ୍ର ସୂତାର, ସମ୍ମାନିତ ଅତିଥି ଭାବେ ଖଣ୍ଡାୟତ କ୍ଷତ୍ରିୟ ମହାସଭାର ରାଜ୍ୟ ସଂଯୋଜକ ସୁଧାଂଶୁ ଶେଖର ବେହୁରା, ଜିଲ୍ଲା ସଭାପତି ଶରତ ବେହୁରା, ଆଳି ବ୍ଲକ ସଭାପତି ସୁକାନ୍ତ ରାଉତ, ଉପଦେଷ୍ଟା ଧନେଶ୍ୱର ରାଉତ, ଅର୍ବାନ ବ୍ୟାଙ୍କର ପ୍ରାକ୍ତନ ସିଇଓ ସୁଜିତ ସାମଲ, ଏସ.ଏନ କଲେଜ ଅଧକ୍ଷ ପ୍ରଫେସର ଉପେନ୍ଦ୍ର ପଣ୍ଡା, ରାଜକନିକା ଇଣ୍ଡିଆନ ବ୍ୟାଙ୍କ ଶାଖା ପରିଚାଳକ ବାସୁଦେବ ମଲ୍ଲିକ, ଅବସରପ୍ରାପ୍ତ ବ୍ୟାଙ୍କ ପ୍ରଶାସକ ଦଶରଥ ସେନାପତି, ସାମାଜିକ କର୍ମୀ ସୁବ୍ରତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ତଥା ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ପ୍ରଫେସର ବୈକୁଣ୍ଠ ପରିଡା, ସାଧାରଣ ସମ୍ପାଦକ ଅଜୟ ନାୟକ, ଉପସଭାପତି ବିସିକେଶନ ଦାସ, କପିଳେନ୍ଦ୍ର ମଲ୍ଲିକ ଓ ଇଂ ପ୍ରଶାନ୍ତ ବିଶ୍ୱାଳ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ପଣ୍ଡା, ଯୁଗ୍ମ ସମ୍ପାଦକ ପ୍ରାଣବନ୍ଧୁ ରାଉତ, କୋଷାଧକ୍ଷ ଦେବେନ୍ଦ୍ର ନାୟକ ଓ ମିଡ଼ିଆ ସେଲ ସମ୍ପାଦକ ଅଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

କେନାଲରେ ମଲା ଜୀବଜନ୍ତୁ

ଦୁର୍ଗନ୍ଧରେ ଫାଟିପଡୁଛି ପଞ୍ଚୁପାଣ୍ଡବ ଛକ

ପଞ୍ଚୁପାଣ୍ଡବ, ୫।୧୧(ସମିସ):



ଡେରାବିଶ ବ୍ଲକ ପଞ୍ଚୁପାଣ୍ଡବ ଛକରେ ଥିବା କେନାଲରେ ମଲା ଜୀବଜନ୍ତୁ ପଚି ଦୁର୍ଗନ୍ଧ ହେଉଥିବା ଅଭିଯୋଗ ହେଉଛି। କଟକ ଜିଲ୍ଲା ଅଧୀନରେ ଥିବା ଅଚ୍ୟୁତପୁର ସେକ୍ସନର କେନ୍ଦୁପାଟଣାଠାରୁ ଡେରାବିଶ ବ୍ଲକ ଛତା ସେକ୍ସନର ସଦାନନ୍ଦପୁର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସଫେଇ କାର୍ଯ୍ୟ ହୋଇ ନ ଥିବାବେଳେ ପାଣି ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ଏଥିସହିତ ପଞ୍ଚୁପାଣ୍ଡବ ଛକ ନିକଟରେ ରାଜପଥ ବ୍ରିଜ ତଳେ ଯାଇଥିବା କେନାଲ ଭିତରେ ପାଣି ଯିବାରେ ସମସ୍ୟା ହେବା ସହ ଅଳିଆ ଆବର୍ଜନା ରହିଥିବାବେଳେ ମଲା ଜୀବଜନ୍ତୁ ପଚି ଯାଇଥିବାରୁ ଦୁର୍ଗନ୍ଧ ବାହାରୁଥିବା ଅଭିଯୋଗ ହେଉଛି। କେନାଲ ସଫେଇ କାର୍ଯ୍ୟ ଠିକ୍ ଭାବେ ହୋଇ ନ ଥିବାରୁ ଶେଷ ମୁଣ୍ଡକୁ ପାଣି ପହଞ୍ଚିବା ପରେ ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଠିକାଦାର ମନମୁଖୀ କାର୍ଯ୍ୟ କରି ସରକାରଙ୍କ ଟଙ୍କାକୁ ହରିଲୁଟ୍ କରୁଛନ୍ତି। ଏପଟେ ଚାଷୀ ପାଣି ପାଇଁ ହନ୍ତସନ୍ତ ହେଉଥିବା ଜଣାପଡ଼ିଛି। ଗତ କିଛିଦିନ ତଳେ ଖବର ପ୍ରକାଶ ପାଇଥିବାରୁ ପ୍ରଶାସନ ପକ୍ଷରୁ ଏକ ଜେସିବି ମେସିନ ଲଗାଇ ଟ୍ରାକ୍ଟର ସାହାଯ୍ୟରେ ଅଳିଆ ଆବର୍ଜନା ସଫା କରାଯାଇଥିଲା। ପୁଣି କିଛିଦିନ ମଧ୍ୟରେ କେନାଲରେ ଅଳିଆ ଆବର୍ଜନା ସହ ମଲା ଜୀବଜନ୍ତୁ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳୁଛି। ଯାତ୍ରୀ ଦୁର୍ଗନ୍ଧରେ ଠିଆ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ କେନାଲକୁ ଯେତେ ଶୀଘ୍ର ସଫେଇ କରିବା ପାଇଁ ଚାଷୀଙ୍କ ସହ ଦୋକାନୀ ଦାବି କରିଛନ୍ତି।

ଜିଲ୍ଲାସ୍ତରୀୟ ସୁରଭିରେ କିଶୋରନଗର ହାଇସ୍କୁଲର ସଫଳତା

କିଶୋରନଗର, ୬ ।୧୧(ସମିସ): ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପିଏମ୍‌ଶ୍ରୀ କିଶୋରନଗର ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଦିବ୍ୟାଙ୍ଗ ଚିତ୍ରାଙ୍କନ ପ୍ରତିଯୋଗିତାରେ ଦଶମ ଶ୍ରେଣୀ ଛାତ୍ରୀ ମଧୁସ୍ମିତା ତାଣ୍ଡିଆ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହେବା ସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ବରିଷ୍ଠ ବିଭାଗ ଚିତ୍ରାଙ୍କନ ପ୍ରତିଯୋଗିତାରେ ଦଶମଶ୍ରେଣୀ ଛାତ୍ର ଶୁଭ୍ରଜ୍ୟୋତି ପ୍ରଧାନ ଦ୍ୱିତୀୟ, ବକ୍ତୃତାରେ ନବମଶ୍ରେଣୀ ଛାତ୍ରୀ ସ୍ୱାତିସ୍ମିତା ପ୍ରଧାନ ତୃତୀୟ ଓ ମଧ୍ୟାହ୍ନ ଭୋଜନ ଚିତ୍ରାଙ୍କନରେ ସଞ୍ଚୟିତା ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଛାୟାସଂସଦ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଦକ୍ଷତା ପ୍ରଦର୍ଶନ କରି ପ୍ରଶଂସିତ ହୋଇଛନ୍ତି । ସେହିପରି ଅନୁଗୋଳରେ ଅନୁଷ୍ଠିତ ୩୨ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ 'ଔଷଧୀୟ ବୃକ୍ଷର ବ୍ୟବହାର ଓ ଉପଲବ୍ଧି ହ୍ରାସ' ଉପରେ ଗବେଷଣା କରି ନବମଶ୍ରେଣୀ ଛାତ୍ର ସଦାଶିବ ସାହୁ ଓ ସାଇପ୍ରକାଶ ପ୍ରଧାନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି । ପ୍ରସନ୍ନ କୁମାର ପ୍ରଧାନ, ହେମନ୍ତ କୁମାର ପ୍ରଧାନ, ସୁଧୀର କୁମାରଦାର, ହରିପ୍ରିୟା ମାଝୀ ଓ ପ୍ରମୋଦିନୀ ପ୍ରଧାନ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀମାନେ ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି, ସୋମାଞ୍ଜଳି ସାହୁ, ଚିନ୍ମୟୀ ମହାପାତ୍ରଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଯୋଗଦେଇଥିଲେ । ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

ରାଜପଥ କଡ଼ରେ 'କ୍ୟାଟେଲ ବାରିକେଡ୍' ଲଗାଇବାକୁ ଗୁରୁତ୍ୱ

ଅନୁଗୋଳ, ୬ ।୧୧(ସମିସ)

ଗୁରୁବାର ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି । ଏସ୍‌ପି ରାହୁଲ ଜୈନ ବୈଠକରେ ଯୋଗଦେଇଥିଲେ । ବୈଠକରେ ଅକ୍ଟୋବର ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା । ପରିବହନ ବିଭାଗ ସୂଚନା ଅନୁଯାୟୀ ଗତ ଅକ୍ଟୋବରରେ ଜିଲ୍ଲାରେ ମୋଟ ୩୭ ଦୁର୍ଘଟଣା ଘଟିଥିବାବେଳେ ୧୨ଜଣଙ୍କ ମୃତ୍ୟୁ ଘଟିଛି ଓ ୨୫ଜଣ ଆହତ ହୋଇଛନ୍ତି । ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡ଼ି ଚାଳନା ପାଇଁ ୧୨୮୫ଜଣ, ଦ୍ରୁତ ଗାଡ଼ି ଚାଳନା ପାଇଁ ୮୭୬ଜଣ, ମଦ୍ୟପାନ କରି ଗାଡ଼ି ଚାଳନା ନିମନ୍ତେ ୨୮ ଜଣ, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୩୪ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି । ୪୫୦ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି । ବୈଠକର ନିଷ୍ପତ୍ତି ଅନୁସାରେ, ବୁଲା ଗୋରୁଙ୍କ ପାଇଁ ରାଜପଥ କଡ଼ରେ 'କ୍ୟାଟେଲ ବାରିକେଡ୍' ଲଗାଯିବା ଉପରେ ଗୁରୁତ୍ୱ ଦିଆଯାଇଛି । ସେହିଭଳି ରାସ୍ତା ଉପରେ ଥିବା ଭାରୀଯାନଗୁଡ଼ିକୁ ନିଜସ୍ୱ ସ୍ୱେଚ୍ଛାସେବୀ ନିୟୋଜିତ କରି ଗାଡ଼ି ମୋବିଲାଇଜ୍ କରିବାକୁ ଏମସିଏଲ ଓ ଘରୋଇ କମ୍ପାନୀଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଜାତୀୟ ରାଜପଥ ପାର୍ଶ୍ୱ ଢାବା କିମ୍ବା ପେଟ୍ରୋଲ୍ ପମ୍ପ ଆଗରେ ବେଆଇନ୍ ଗାଡ଼ି ପାର୍କିଂ କଲେ ସମ୍ପୃକ୍ତ ଡ୍ରାଇଭରଙ୍କ ଲାଇସେନ୍ସ ଜବତ ଓ ଜରିମାନା ଆଦାୟ କରିବା ସହ ନିୟମ ଉଲ୍ଲଂଘନ କରୁଥିବା ପେଟ୍ରୋଲ୍ ପମ୍ପ, ହୋଟେଲ୍ ଓ ଢାବାଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଅନୁଗୋଳ ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ, ତାଳଚେର ଉପଜିଲ୍ଲାପାଳ ପ୍ରଜ୍ଞାନନ୍ଦନ ଗିରି, ଡିଏସ୍‌ପି ସୁକୁମାର ତ୍ରିପାଠୀ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରସନ୍ନ କୁମାର ଦାସ, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ସଂଗ୍ରାମ ରଞ୍ଜନ ଦାସଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ ।



ରାସ୍ତା ମରାମତି ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ତାଳଚେର, ୬ ।୧୧(ସମିସ): ପ୍ରତିଦିନ ହଜାର ହଜାର ଲୋକ ନିର୍ଭର କରୁଥିବା ତାଳଚେର ବାଇପାସରୁ ବଅଁରପାଳ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ରାସ୍ତାରେ ଶହ ଶହ ଖାଲଖମା ଯୋଗୁଁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି । ରାସ୍ତା ମରାମତି ପାଇଁ ସମାଜସେବୀ ସୁଲେଖ ସେଠୀଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।



ଜିଲ୍ଲାପାଳଙ୍କ କଲ୍ୟାଣ ମଣ୍ଡପ କାର୍ଯ୍ୟ ତଦାରଖ



କିଶୋରନଗର, ୬ ।୧୧(ସମିସ): କିଶୋରନଗର ବ୍ଲକ ଗତିକୃଷ୍ଣପୁରଠାରେ ଜିଲ୍ଲା ଖଣିଜ ପାଣ୍ଠିରୁ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ କାର୍ଯ୍ୟ ତଦାରଖ କରିଛନ୍ତି ଜିଲ୍ଲାପାଳ ଅବଦଲ ଏମ୍ ଅଖତର । ଏଥିସହ ଫୁଲାମ୍ବା ଆଦିବାସୀ ପିଏମ୍‌ଶ୍ରୀ ହାଇସ୍କୁଲରେ ନିର୍ମାଣାଧୀନ ଶ୍ରେଣୀ କୋଠରି କାର୍ଯ୍ୟ ଦେଖିଛନ୍ତି । ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ବିଡିଓ ଶୁଭକାନ୍ତ ନାଏକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପ୍ତିରାଣୀ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଯତୀନ ଦେହୁରୀ ଉପସ୍ଥିତ ଥିଲେ ।

ପୋଲ ବାଡ଼ ଭାଙ୍ଗିଲା, ମରାମତି ଦାବି



କିଶୋରନଗର, ୬ ।୧୧(ସମିସ): ଠାକୁରଗଡ଼ରୁ ନାକଚିକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ବନମାଳୀପୁର ନିକଟ ପୋଲର ସୁରକ୍ଷା ବାଡ଼ ଭାଙ୍ଗିଯାଇଛି । ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ପାଇଁ ଦୁର୍ଘଟଣାର ଆଶଙ୍କା ଦେଖାଦେଇଛି । ଏହି ରାସ୍ତା ଦେଇ ପ୍ରତିଦିନ ବହୁ ସଂଖ୍ୟାରେ ଯାନବାହନ ଓ ଲୋକ ଯାତାୟାତ କରୁଛନ୍ତି । ତେବେ ପୋଲ ବାଡ଼ ଭାଙ୍ଗିଯାଇଥିବାରୁ ରାତି ସମୟରେ ଯାତ୍ରୀମାନେ ଅଧିକ ବିପଦର ସମ୍ମୁଖୀନ ହେବା ଆଶଙ୍କା ରହିଛି । ଏଭଳି ସ୍ଥିତିରେ କୌଣସି ଅଘଟଣ ଘଟିବା ପୂର୍ବରୁ ତୁରନ୍ତ ସୁରକ୍ଷା ବାଡ଼ ମରାମତି କରିବା ସହ ଆବଶ୍ୟକ ସତର୍କତାମୂଳକ ବ୍ୟବସ୍ଥା କରିବାକୁ ଦାବି ହେଉଛି ।

ବିକଶିତ ଭାରତ ଯୁବ ମହୋତ୍ସବ ଉଦ୍‌ଯାପିତ

ଅନୁଗୋଳ, ୬ ।୧୧(ସମିସ): ଜିଲ୍ଲା ପ୍ରଶାସନ ଓ ମୋ ଯୁବ ଭାରତ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସଭାଗୃହରେ ଦୁଇଦିନ ଧରି ଚାଲିଥିବା ବିକଶିତ ଭାରତ ଯୁବ ମହୋତ୍ସବ ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ସମାରୋହରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ପ୍ରଭାତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଉଦ୍‌ଯାପନୀ ଦିବସରେ ନୁକ୍କଡ଼ ନାଟକ, କବିତା ଲିଖନ, ଲୋକନୃତ୍ୟ, ଲୋକସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମୋ ଯୁବ ଭାରତ ସଦସ୍ୟ ତପନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।



ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ମଶାରି ବଣ୍ଟନ

ଅନୁଗୋଳ, ୬ ।୧୧(ସମିସ): ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ 'ନ୍ୟାସନାଲ୍ ସେଣ୍ଟର ଫର୍ ଭେକ୍ଟର ବୋର୍ନ୍ ଡିଜିଜେସ୍ କଣ୍ଟ୍ରୋଲ୍' (ଏନସିଭିବିଡିସି) ସହଯୋଗରେ ପାଲଲହଡ଼ା ବ୍ଲକ ନଗିରା ଗ୍ରାମର ଅସହାୟ ଓ ଆବଶ୍ୟକତା ଥିବା ପରିବାରଗୁଡ଼ିକୁ ମଶାରି ବଣ୍ଟନ କରାଯାଇଛି । ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଏଡିପିଏଚଓ (ଭେକ୍ଟର୍ ବୋର୍ନ୍ ଡିଜିଜେସ୍) ଡା. ପୂର୍ଣ୍ଣିମା ଉଦଗାତା, ପାଲଲହଡ଼ା ଉପଜିଲ୍ଲାପାଳ ରବିନାରାୟଣ ପଟେଲ, ବିଡିଓ ନିଶାନ ମିଶ୍ର, ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ, ବିଧାୟକଙ୍କ ପ୍ରତିନିଧି ତନ୍ମୟ ସାହୁ, ଡେପୁଟି କଲେକ୍ଟର ବିଦ୍ୟୁସ୍ମିତା ସାହୁ, ଏସଡିଆଇ ଓ ପିଆରଡି ଶୋଭିତା କୁମାର ବିଶି, ଜିନ୍ଦଲ ଫାଉଣ୍ଡେସନ ଏଜିଏମ୍ (ସିଏସ୍ଆର) ଝିଲ୍ଲି ଖଟୁଆ ଏବଂ ଆଶିଷ କୁମାର ସାମଲଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ, ସ୍ଥାନୀୟ ପ୍ରଶାସନ ଏବଂ ସ୍ଥାନୀୟ ସମ୍ପ୍ରଦାୟର ପ୍ରତିନିଧି ଉପସ୍ଥିତ ଥିଲେ । ଏକ ସୁସ୍ଥ ଓ ରୋଗମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ଉଦ୍ୟମ ଏବଂ ସ୍ୱଚ୍ଛତା ସମ୍ବନ୍ଧୀୟ ଅଭ୍ୟାସ ଅବଲମ୍ବନ କରିବାକୁ ବିଧାୟକ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଏଡିପିଏଚଓ (ଭେକ୍ଟର ବୋର୍ଣ୍ଣ) ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।



'ଆମ କୁନାକୁନି'ର ଦଶହରା ବିଶେଷାଙ୍କ ଲୋକାର୍ପିତ

ତାଳଚେର, ୬ ।୧୧(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ହିଙ୍ଗୁଳା ପାଠାଗାର ଆନୁକୂଲ୍ୟରେ ପ୍ରକାଶିତ ତ୍ରୈମାସିକ ଶିଶୁ କିଶୋର ପତ୍ରିକା 'ଆମ କୁନାକୁନି'ର ଦଶହରା ବିଶେଷାଙ୍କ ଲୋକାର୍ପିତ ହୋଇଛି । ଓଡ଼ିଶା ଶିଶୁ ସାହିତ୍ୟ ପତ୍ରିକା ସମ୍ପାଦକ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ପୁରୀସ୍ଥିତ ଯୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ମହାପାତ୍ର, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ଡ. ଶ୍ରୀକାନ୍ତ ଚରଣ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ଗୋବିନ୍ଦ ଚାନ୍ଦ, ଡ. ପ୍ରିୟଙ୍କା ବେହେରା ପ୍ରମୁଖ ଯୋଗଦେଇଥିଲେ । ଓଡ଼ିଶା ଶିଶୁ ସାହିତ୍ୟ ପତ୍ରିକା ସମ୍ପାଦକ ସଂଗଠନର ସଭାପତି ଡ. ରାମଚନ୍ଦ୍ର ଦେଓ, ସାଧାରଣ ସମ୍ପାଦକ ତଥା ଶିଶୁ ସାହିତ୍ୟିକ ସୁଶାନ୍ତ କୁମାର ସେନାପତି ଓ ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ଆମ କୁନାକୁନି ଶିଶୁ କିଶୋର ପତ୍ରିକାର ସମ୍ପାଦକ ଶିଶୁ ସାହିତ୍ୟିକ ବିଭୂତି ଭୂଷଣ ସ୍ୱାଇଁ ଉପସ୍ଥିତ ଥିଲେ ।

ଅସହାୟ ମହିଳାଙ୍କୁ ସହାୟତା କଲେ ସମାଜସେବୀ

ବଅଁରପାଳ, ୬ ।୧୧(ସମିସ): ଅସହାୟ ମହିଳାଙ୍କ ସହାୟତାର ହାତ ବଢ଼ାଇଛନ୍ତି ସମାଜସେବୀ ତଥା ଆଞ୍ଚଳିକ ବହୁଜନ ସମିତି ସଂଗଠନ ସଭାପତି ମହେଶ୍ୱର ବେହେରା । ମହେଶ୍ୱର ମହିଳାଙ୍କ ଘରେ ପହଞ୍ଚି ଆଲୋଚନା କରିବା ସହ ଆର୍ଥିକ ସହାୟତା ଓ ଆବଶ୍ୟକ ସାମଗ୍ରୀ ପ୍ରଦାନ କରିଛନ୍ତି । ବଅଁରପାଳ ବ୍ଲକ ନୂଆହତା ପଞ୍ଚାୟତ ପାଟଣାସାହିର ଏହି ମହିଳାଙ୍କ ଜୀବନ ଦୁଃଖ ଓ ଯନ୍ତ୍ରଣାରେ ଭରି ରହିଛି । କିଛିବର୍ଷ ପୂର୍ବରୁ ସ୍ୱାମୀଙ୍କ ଦେହାନ୍ତ ପରେ ସେ ଏକୁଟିଆ ଜୀବନ ବିତାଉଛନ୍ତି । ନିକଟରେ ଏକ ପାରିବାରିକ କଳହ ଘଟଣାରେ ତାଙ୍କ ବୋହୂଙ୍କ ମୃତ୍ୟୁ ପରେ ମାମଲାରେ ପୁଅ ଜେଲ ଯିବାକୁ ପଡ଼ିଛି । ଫଳରେ ମହିଳା ଜଣକ ସମ୍ପୂର୍ଣ୍ଣ ଏକୁଟିଆ ହୋଇ ଅତ୍ୟନ୍ତ ଦୁର୍ଦ୍ଦଶାରେ ଦିନ କାଟୁଥିଲେ । ଦୁଃଖ ଉପରେ ଦୁଃଖ ଭାବେ ଏବେ ତାଙ୍କ ଡାହାଣ ହାତ ମଧ୍ୟ ଭାଙ୍ଗିଯାଇଛି । ଫଳରେ ନିଜ ଦୈନନ୍ଦିନ କାର୍ଯ୍ୟ କରିବା ମଧ୍ୟ ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି । ମହିଳାଙ୍କ ଏଭଳି ଦୁର୍ଦ୍ଦଶା ସମ୍ପର୍କରେ ଖବର ପାଇ ମହେଶ୍ୱର ତାଙ୍କ ଘରେ ପହଞ୍ଚିଥିଲେ । ଏଥିସହ ତାଙ୍କୁ ରାସନ ସାମଗ୍ରୀ, ଲୁଗାପଟା ଏବଂ ନଗଦ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ । ଅସହାୟ ଲୋକଙ୍କ ମୁହଁରେ ହସ ଫୁଟାଇବା ଏବଂ ବିପଦ ସମୟରେ ସେମାନଙ୍କ ପାଖରେ ଠିଆହେବା ହିଁ ମାନବିକତାର ପ୍ରକୃତ ପରିଚୟ ବୋଲି ମହେଶ୍ୱର କହିଛନ୍ତି । ଆଗାମୀ ଦିନରେ ମଧ୍ୟ ମହିଳାଙ୍କୁ ଆବଶ୍ୟକ ସହଯୋଗ ଯୋଗାଇଦେବାକୁ ପ୍ରୟାସ ଜାରି ରହିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

● ଆଇନଜୀବୀଙ୍କ ସହାୟତା ୯ ଲକ୍ଷ ଟଙ୍କାକୁ ବୃଦ୍ଧି


ମୁଖ୍ୟମନ୍ତ୍ରୀଙ୍କୁ ଓକିଲ ସଙ୍ଘର କୃତଜ୍ଞତା

ଅନୁଗୋଳ, ୬ ।୧୧(ସମିସ): ସରକାର ଆଇନଜୀବୀଙ୍କ ମୃତ୍ୟୁ ଓ ଅବସରକାଳୀନ ସହାୟତା ୯ ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିବାରୁ ଅନୁଗୋଳ ଓକିଲ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଏକ ମିଳିତ ବିବୃତିରେ ସଭାପତି ଦିଲୀପ କୁମାର ସାହୁ, ଉପସଭାପତି ପ୍ରଦୀପ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ନିରୋଦ କୁମାର ମିଶ୍ର, ସହସମ୍ପାଦକ ପ୍ରଭୁପ୍ରସାଦ ପ୍ରଧାନ, ସାଂସ୍କୃତିକ ସମ୍ପାଦିକା ଜ୍ୟୋସ୍ନାମୟୀ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସେଠୀ ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଓଡ଼ିଶା ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କୁ ଅନୁଗୋଳ ଓକିଲ ସଂଘ ତରଫରୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏଥିସହ ସମସ୍ତ ଆଇନଜୀବୀ ଓ ସେମାନଙ୍କ ପରିବାରକୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ କରିବାକୁ ଅନୁରୋଧ କରିଛନ୍ତି ।

● ବଅଁରପାଳରେ ପାଗଳ କୁକୁର ଆତଙ୍କ

ଡାକ୍ତରଖାନାରେ ମିଳୁନି ଇଞ୍ଜେକ୍ସନ୍

ବଅଁରପାଳ, ୬ ।୧୧(ସମିସ): ୨ ଦିନ ଧରି ବଅଁରପାଳର ବିଭିନ୍ନ ଛକରେ କୁକୁର କାମୁଡ଼ାରେ ୨୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି । ଏକ କଳା ରଙ୍ଗ କୁକୁର ପ୍ରଥମେ ଗୋତମରା ରେଳଲାଇନ ନିକଟରେ ୧୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ କାମୁଡ଼ିବା ପରେ ଗୁରୁବାର ସନ୍ତ୍ରୀ ଛକରେ ୧୫ରୁ ଉର୍ଦ୍ଧ୍ୱ ଲୋକଙ୍କୁ କାମୁଡ଼ିଛି । କୁକୁର ଲୋକଙ୍କୁ ଗୋଡ଼େଇ ଗୋଡ଼େଇ କାମୁଡ଼ିଥିବା ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି । ଟାଟା କମ୍ପାନୀକୁ ଲୋକେ ସାଇକଲରେ ଯିବା ବେଳେ କୁକୁର କାମୁଡ଼ିଥିବା ଜଣାପଡ଼ିଛି । ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ନିହାତି ଜରୁରୀ ନ ଥିଲେ ଲୋକେ ମାର୍କେଟ ଆସିବାକୁ ଭୟ କଲେଣି । ଅନ୍ୟପଟେ କୁକୁର କାମୁଡ଼ା ରୋଗୀ ଡାକ୍ତରଖାନାକୁ ଯାଇ ଇଞ୍ଜେକ୍ସନ୍ ଦେବା ପରେ ଆଉ ଇଞ୍ଜେକ୍ସନ୍ ମିଳୁ ନ ଥିବା ଅଭିଯୋଗ ହୋଇଛି । ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚାରିବାରେ କହିଛନ୍ତି, ଅଳ୍ପ ଷ୍ଟକ୍ ଥିଲା । ତାହା ସରିଗଲା । ପୁଣି ମୁଖ୍ୟ ଡାକ୍ତରଖାନାରୁ ଇଞ୍ଜେକ୍ସନ୍ ଆସିଲେ ଦିଆଯିବ ବୋଲି କହିଛନ୍ତି ।



ପ୍ଲାଷ୍ଟିକ ଆବର୍ଜନା ବିନିଯୋଗ କାର୍ଯ୍ୟକ୍ରମ ଶୁଭାରମ୍ଭ



ବଅଁରପାଳ, ୬ ।୧୧(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ଲାଷ୍ଟିକ ଆବର୍ଜନା ବିନିଯୋଗ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ସଭାପତି ସତ୍ୟବାନ ବରାହ, ସମ୍ମାନିତ ଅତିଥି ଭାବେ ସମ୍ପାଦକ ଅଖିଳ ମହାପାତ୍ର ମଞ୍ଚାସୀନ ଥିଲେ । ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ଦିବା ପର୍ଯ୍ୟାୟ ପ୍ରମୁଖ ତନ୍ମୟ କୁମାର ନାଥ ଯୋଗଦେଇ ପ୍ଲାଷ୍ଟିକ ଆବର୍ଜନାର ସୁବିନିଯୋଗ ଓ ପ୍ରଦୂଷଣମୁକ୍ତ ଭାରତ ଗଢ଼ିବାରେ ନାଗରିକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଧାନଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିଙ୍କ ଦ୍ୱାରା ପୁସ୍ତକ 'ପ୍ଲାଷ୍ଟିକ୍‌କୁ ପର୍‌ପୋଜ୍' ଉନ୍ମୋଚନ କରାଯାଇଥିଲା । ବିଦ୍ୟାଳୟର ଶିଶୁ ଭାଇଭଉଣୀ, ଗୁରୁଜୀ ଗୁରୁମା ତଥା ଅତିଥିମାନେ ବିଦ୍ୟାଳୟକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଶପଥପାଠ କରିଥିଲେ ।

ଜିଲ୍ଲାସ୍ତରୀୟ 'ମାଣ୍ଡିଆ ଦିବସ' ପାଳିତ

ଦୈନନ୍ଦିନ ଖାଦ୍ୟ ସରଣୀରେ କ୍ଷୁଦ୍ରଶସ୍ୟ ବ୍ୟବହାର ପାଇଁ ଆହ୍ୱାନ

ଅନୁଗୋଳ, ୬ ।୧୧(ସମିସ)

ଜିଲ୍ଲା କୃଷି ବିଭାଗ ତରଫରୁ ସ୍ଥାନୀୟ ବ୍ଲାକ୍ ଡାଇମଣ୍ଡ ସଭାଗୃହରେ ଜିଲ୍ଲାସ୍ତରୀୟ 'ମାଣ୍ଡିଆ ଦିବସ' ପାଳିତ ହୋଇଛି । ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ମାଣ୍ଡିଆର ଉପକାରିତା ସମ୍ପର୍କରେ ବର୍ଣ୍ଣନା କରିବା ସହ ଏହାର ବ୍ୟାପକ ପ୍ରସାର କରିବାକୁ ପରାମର୍ଶ ଦେଇଥିଲେ । ଦୈନନ୍ଦିନ ଖାଦ୍ୟ ସରଣୀରେ କ୍ଷୁଦ୍ରଶସ୍ୟ ବ୍ୟବହାର ପାଇଁ ସେ ଆହ୍ୱାନ ଦେଇଥିଲେ । ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟଗୁଡ଼ିକର ମଧ୍ୟାହ୍ନଭୋଜନରେ ମାଣ୍ଡିଆ ଲଡୁର ଅନ୍ତର୍ଭୁକ୍ତୀକରଣକୁ ପ୍ରଶଂସା କରିବାସହ ବିଦ୍ୟାଳୟ ପରିଦର୍ଶନ ସମୟରେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଉପରେ ଏହାର ସକାରାତ୍ମକ ପ୍ରଭାବ ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ଯୋଗଦେଇ ମାଣ୍ଡିଆ ଚାଷ ପାଇଁ କମ୍ ପାଣି ଓ କମ୍ ସାର ଦରକାର ହେଉଥିବାରୁ ଏହା ଚାଷୀଙ୍କ ପାଇଁ ବେଶ୍ ଲାଭଦାୟକ ବୋଲି ମତଦେଇ ଏହି ଚାଷ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାରେ 'ଶ୍ରୀଅନ୍ନ ଅଭିଯାନ'ର ସଫଳତା ଉପରେ ପ୍ରସ୍ତୁତ ପ୍ରାମାଣିକ ଚିତ୍ର (ଡକ୍ୟୁମେଣ୍ଟାରୀ) ପ୍ରଦର୍ଶିତ ହୋଇଥିଲା । 'ମାଣ୍ଡିଆ ଖାଦ୍ୟମେଳା' ଆୟୋଜନ କରାଯାଇ ବିଭିନ୍ନ ସ୍ୱାଦିଷ୍ଟ ଓ ପୁଷ୍ଟିକର ଖାଦ୍ୟ ପରିବେଷଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ପ୍ରଭାତ ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଚୌଧୁରୀ ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀ, ଜିଲ୍ଲାର ୬ ମିଲେଟ ବ୍ଲକର କୃଷକ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦିବ୍ୟସ୍ୱରୂପ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ସହକାରୀ ନିର୍ଦ୍ଦେଶିକା ପ୍ରଭାତୀ ରାମ ଧନ୍ୟବାଦ ଅର୍ପଣ କରିଥିଲେ ।



ଶିଶୁ ଶ୍ରମମୁକ୍ତ ସଚେତନତା କାର୍ଯ୍ୟକ୍ରମ

ତାଳଚେର, ୬ ।୧୧(ସମିସ): ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ଶିଶୁ ଶ୍ରମମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଉପଜିଲ୍ଲାପାଳ ପ୍ରଜ୍ଞାନନ୍ଦ ଗିରି ଶିଶୁଶ୍ରମମୁକ୍ତ ସଚେତନତା ରଥକୁ ପତାକା ଦେଖାଇ ଉଦଘାଟନ କରିଥିଲେ । ରଥ ସହର ପରିକ୍ରମା କରି ୧୪ବର୍ଷରୁ କମ୍ ବୟସ୍କ ଶିଶୁଙ୍କୁ କୌଣସି କାମରେ ନିୟୋଜି ନ କରିବା ତଥା ୧୫ରୁ ୧୮ ବର୍ଷ ବୟସ୍କ କିଶୋରଙ୍କୁ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜିତ ନ କରିବାକୁ ସଚେତନ କରିବ । ଅବମାନନା କଲେ ଶିଶୁ ଓ କିଶୋର ଶ୍ରମ ନିଷେଧ ଓ ନିୟନ୍ତ୍ରଣ ଆଇନ ଅନୁଯାୟୀ ୫୦ହଜାର ଟଙ୍କା ଯାଏଁ ଜରିମନା ସହ ଜେଲଦଣ୍ଡ, ଏପରିକି ପୁନରାବୃତ୍ତି ହେଲେ ୩ବର୍ଷ ଯାଏଁ ଜେଲଦଣ୍ଡ ସହ ଜରିମନା ଦେବାକୁ ପଡ଼ିବ ବୋଲି ସଚେତନ କରିବ । ଶିଶୁ ଶ୍ରମିକ ନିୟୋଜିତ କରାଯାଇଥିବା ନଜରକୁ ଆସିଲେ ନିଃଶୁଳ୍କ ଶିଶୁ ସହାୟତା ହେଲ୍‌ପଲାଇନ୍ ନମ୍ବର ୧୮୦୦-୩୪୫-୬୭୦୩ କିମ୍ବା ୧୦୯୮କୁ ଯୋଗଯୋଗ କରିବାକୁ କୁହାଯାଇଛି ।

ରାସ୍ତା ଅବସ୍ଥା ଶୋଚନୀୟ, ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ



ବଇଣ୍ଡା, ୬ ।୧୧(ସମିସ): ଆଠମଲ୍ଲିକ ବ୍ଲକ ପାଇକସାହି କଲ୍ୟାଣମଣ୍ଡପଠାରୁ ଖଇରମୁଣ୍ଡା ପର୍ଯ୍ୟନ୍ତ ଆର୍‌ଡ଼ି ବିଭାଗ ପିଚୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ରାସ୍ତା ମରାମତି କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ପାଇକସାହି ଅଞ୍ଚଳବାସୀ ବୁଧବାର ଇ-ମେଲ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି । ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ ୨୦୨୩ରେ ୪ କୋଟି ୪୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ରାସ୍ତା ନିର୍ମାଣ ହୋଇଥିଲା । ମାତ୍ର ୩ ବର୍ଷ ମଧ୍ୟରେ ରାସ୍ତା ଶୋଚନୀୟ ହୋଇପଡ଼ିଛି । ଫଳରେ ଲୋକେ ଦୁର୍ଦ୍ଦଶା ତଥା ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ରାସ୍ତା ମରାମତି କରିବାକୁ ସେମାନେ ଦାବି କରିଛନ୍ତି । ଅନ୍ୟପଟେ ଖୁବଶୀଘ୍ର ରାସ୍ତା ମରାମତି କରାଯିବ ବୋଲି ଆର୍‌ଡ଼ି ବିଭାଗ କନିଷ୍ଠଯନ୍ତ୍ରୀ ସୋନୁ ନାୟକ କହିଛନ୍ତି ।

ଏନ୍‌ଜିଟିଙ୍କ ନିର୍ଦ୍ଦେଶ ▶ ପ୍ରଶାସନର ସେକସରାଇ ବାଲି ସୈରାତ ଅନୁଧ୍ୟାନ

ଜଳେଶ୍ୱର, ୫।୧୧(ଜଳେଶ୍ୱର)



ସୁବର୍ଣ୍ଣରେଖା ନଦୀର ସେକସରାଇ କ, ଖ ବାଲି ସୈରାତ ଅନୁଧ୍ୟାନ ଲାଗି ଏକ ଉଚ୍ଚସ୍ତରୀୟ ପ୍ରତିନିଧି କ୍ଷେତ୍ର ପରିଦର୍ଶନ କରିଛନ୍ତି। ଉକ୍ତ ସ୍ଥାନରେ ବାଲି ଉତ୍ତୋଳନ ନେଇ ଲାଗି ରାଜ୍ୟ ଏବଂ ଜିଲ୍ଲା ସର୍ଭେ ରିପୋର୍ଟରେ ଅହେତୁକ ଅନୁକମ୍ପା ଦେଖାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକାରୀ ଡିଏସଆରରେ ତ୍ରୁଟି ଦର୍ଶାଇ ଏନଜିଟି ରେ ଦ୍ୱାରସ୍ଥ ହେବା ପରେ ମାମଲା ବିଚାରାଧୀନ ରହିଛି। ରାଜ୍ୟ ଏବଂ ଜିଲ୍ଲା ସର୍ଭେ ରିପୋର୍ଟ୍ କୁ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଜାତୀୟ ସବୁଜ ନ୍ୟାୟାଧିକରଣ (ଏନଜିଟି) ରଦ୍ଦ କରିଛନ୍ତି। ଫଳରେ ସେହି ସ୍ଥାନରେ ଦୀର୍ଘବର୍ଷ ଧରି ସରକାରୀ ବାଲି ସୈରାତ ନିଲାମ ଦିଆଯାଇ ପାରୁ ନାହିଁ। କିନ୍ତୁ ବେଆଇନ ଭାବେ ଚୋରାରେ କୋଟି କୋଟି ଟଙ୍କାର ବାଲି ଉତ୍ତୋଳନ ହୋଇ ଚାଲାଣ ହୋଇଆସୁଛି। ତେଣୁ ଜିଲ୍ଲା ପାଳଙ୍କ ନିର୍ଦ୍ଦେଶରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଗୁରୁବାର ମିଳିତ ଭାବେ ଉକ୍ତ ସ୍ଥଳ ପରିଦର୍ଶନ କରିଛନ୍ତି। ଜଳେଶ୍ୱର ଥାନା ମହମ୍ମଦ ନଗର ପାଟଣା ପଞ୍ଚାୟତ, ସେକସରାଇଇ କ, ଖ ବାଲି ଖାଦାନକୁ ବିଗତ ଦିନରେ ନିଲାମ ଦିଆଯାଇଥିବା ବେଳେ ସେଥିରେ ସରକାରୀ ନିୟମକୁ ଖୋଲା ଖୋଲି ଉଲଂଘନ କରାଯାଇଥିଲା। ଫଳରେ ଅଞ୍ଚଳରେ ପ୍ରଦୂଷଣ, ପରିବେଶ, ଜଙ୍ଗଲ ଆଇନ୍ ଉଲ୍ଲଂଘନ ହୋଇଥିବା ଦର୍ଶାଯାଇଥିଲା। ଗଚ୍ଛିତ ହୋଇଥିବା ବାଲି ସ୍ଥାନରେ, ମନୁଷ୍ୟକୃତ ଭାବେ ୩ମିଟର ଗଭୀର ପର୍ଯ୍ୟନ୍ତ, ନଦୀକୂଳରୁ ୩ ମିଟର ଛାଡ଼ି ଏବଂ ସକ୍ରିୟ ଜଳଧାରଠାରୁ ଦୂରରେ ବାଲି ଉତ୍ତୋଳନ ଲାଗି ଏନଜିଟି ନୟମ ରହିଛି। କିନ୍ତୁ ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ ମେସିନ୍ ଦ୍ୱାରା ବ୍ୟାପକ ବେଆଇନ ଖନନ ହୋଇଥିଲା। ଏହା ସହିତ କୋଟି କୋଟି ଟଙ୍କା ଆତ୍ମସାତ୍ ହୋଇଥିବା ଚର୍ଚ୍ଚିତ ବେଲ ପାଳ ବାଲି ସୈରାତର ସ୍ଥିତି ଅନୁଧ୍ୟାନ କରାଯାଇଛି। ଖଣି ନିୟମ ଉଲ୍ଲଙ୍ଘନ କରି ମାତ୍ରାଧିକ ବାଲି ଉତ୍ତୋଳନ ଯୋଗୁଁ ଭୂତଳ ଜଳସ୍ତର ହ୍ରାସ ପାଇବା ସହ ଲୋକେ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ କେତେକ ୨୦୨୪-୨୫ରେ ଏନ ଜି ଟି ର ଲିଖିତ ଅଭିଯୋଗ କରିଥିଲେ। ଆଜି ପର୍ଯ୍ୟନ୍ତ ଉକ୍ତ ସୈରାତ ଗୁଡ଼ିକ ସରକାରୀ ଭାବେ ଖୋଲୁ ନ ଥିବା ବେଳେ ଖରା ଦିନିଆ ବ୍ୟାପକ ଚୋରା ଉତ୍ତୋଳନ ହୋଇ ଆସୁଛି। ଗୁରୁବାର ରାଜ୍ୟ ଏବଂ ଜିଲ୍ଲାର ଏକ ଉଚ୍ଚସ୍ତରୀୟ ମିଳିତ ପ୍ରତିନିଧି ମଣ୍ଡଳୀ ବିବାଦୀୟ ବାଲି ସୈରାତ ପରିଦର୍ଶନ କରିଥିଲେ। ଉକ୍ତ ରିପୋର୍ଟକୁ ଜାତୀୟ ସବୁଜ ନ୍ୟାୟାଧିକରଣକୁ ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ସୈରାତ ହୋଇଥିବା ସ୍ଥାନରେ ନଦୀ ଗର୍ଭ ଖାଲୁଆ ହେବା ସହ କୂଳ ରେ ଅତଡା ଆସୁଛି। ଉକ୍ତ ପ୍ରତିନିଧି ମଣ୍ଡଳୀରେ ଏଡିଏମ୍ ହେମନ୍ତ ସିଂ, ପ୍ରଦୂଷଣ ବିଭାଗର ରିଜୋନାଲ ମୁଖ୍ୟ ମନମୋହନ ମୁର୍ମୁ, ରାଜ୍ୟ ପରିବେଶ ମୂଲ୍ୟାଙ୍କନ ବିଭାଗର ଅଧିକାରୀ (ସିଆ), ଜିଲ୍ଲା ଖଣି ଅଧିକାରୀ ଜଗନ ବେହେରା,ଜୁନିୟର ଖଣି ଅଧିକାରୀ ତାପସ ରଞ୍ଜନ ବେହେରା, ତହସିଲଦାର ସତ୍ୟଜିତ ମହାନ୍ତି, ରାଜସ୍ୱ ପରିଦର୍ଶକ ସୁବ୍ରତ ଦେ, ରାଜସ୍ୱ ନୀରିକ୍ଷକ ଜଗନ୍ନାଥ ପାତ୍ର, ନିର୍ମାଲ୍ୟ ପାଢ଼ୀ, ଫରେଷ୍ଟର ପ୍ରହ୍ଲାଦ ଚନ୍ଦ୍ର ନାୟକ, ଫରେଷ୍ଟର ସରସ୍ୱତୀ ମୁର୍ମୁ ପ୍ରମୁଖ ସ୍ଥଳ ପରିଦର୍ଶନରେ ସାମିଲ୍ ଉପସ୍ଥିତ ଥିଲେ।

ଡମ୍ପର ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ

ସୋର, ୫।୧୧(ସମିସ): ସୋର ଥାନା ଦହିପୁର ଛକ ଶନି ମନ୍ଦିର ନିକଟରେ ଏକ ଟିପ୍ପ ବୋଝେଇ ଡମ୍ପର ଧକ୍କାରେ ଜଣେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଯାଇଛି। ଆଜି ପୂର୍ବାହ୍ନରେ ସୋର ପୌର ପାଳିକା ଅନ୍ତର୍ଗତ ଈଶ୍ୱରପୁର ଗ୍ରାମର ମନରଞ୍ଜନ ଧଡ଼ା ଏକ ବାଇକରେ ବାଗୁଡ଼ିରୁ ସୋର ଫେରୁଥିଲେ। ଶନି ମନ୍ଦିର ନିକଟରେ ପଛରୁ ଟିପ୍ପ ବୋଝେଇ କରି ଆସୁଥିବା ଡମ୍ପରଟି ବାଇକକୁ ପଛରୁ ଧକ୍କା ଦେଇଥିଲା। ଫଳରେ ବାଇକଟି ରାସ୍ତା କଡରେ ଗଦା ହୋଇଥିବା ଟିପ୍ପ ଗଦା ଉପରକୁ ଚଢି ଯିବା ଫଳରେ ମନରଞ୍ଜନ ରାସ୍ତା ଉପରେ ପଡି ଯାଇଥିଲେ। ପଛରୁ ଆସୁଥିବା ଟ୍ରକଟି ତାଙ୍କ ଉପରେ ଚଢି ଯିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଡମ୍ପରଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ସୋର ମେଡିକାଲକୁ ଆଣିଥିବା ବେଳେ ବାଇକ ଏବଂ ଡମ୍ପର ଟିକୁ ଜବତ କରି ଥାନାକୁ ଆଣିଥିଲେ। ଏ ବାବଦରେ ମନରଞ୍ଜନଙ୍କ ପରିବାର ଲୋକେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ସୋର ବାଗୁଡ଼ି ରାସ୍ତା କଡରେ ବିଭିନ୍ନ ସ୍ଥାନରେ ଗଛିତ କରି ରଖାଯାଉଥିବା ବାଲି, ଟିପ୍ପକୁ ରାସ୍ତାକଡ଼ରୁ ହଟାଇବା ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

ବିପୁଳ ଦେଶୀ ମଦ ଜବତ, ୩ ଗିରଫ



ବାଲେଶ୍ୱର, ୫।୧୧(ସମିସ) : ବାଲେଶ୍ୱର ସହରରେ ବେଆଇନ ଦେଶୀ ମଦ କାରବାର ବିରୋଧରେ ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ୍ ପକ୍ଷରୁ ଏକ ବଡ଼ଧରଣର ଚଢ଼ଉ କରାଯାଇ ୩୮୦ ଲିଟର ଦେଶୀ ମଦ ସହ ୩ଟି ଦୁଇଚକିଆ ଯାନ ଜବତ କରାଯାଇଛି। ଗୁରୁବାର ସକାଳ ୬ଟା ସମୟରେ ଟାଉନ୍ ଥାନା ଅଧୀନ ପତ୍ରପଡ଼ା ଛକ, ବାଙ୍କାଖଜୁରୀ ଛକ ଓ ହେମକାପଦା ଛକରେ ଏକକାଳୀନ ଚଢ଼ଉ କରି ଅବକାରୀ ବିଭାଗ ଏହି ସଫଳତା ହାସଲ କରିଛି। ଏହି ଘଟଣାରେ ପୁରୁଣା ବାଲେଶ୍ୱର ଅଞ୍ଚଳର ବିଦ୍ୟାଧର ବେହେରା, ଗଣେଶ ମାଝୀ ଓ କାର୍ତ୍ତିକ ମଣ୍ଡଳଙ୍କ ନାମରେ ଅବକାରୀ ମାମଲା ରୁଜୁ ହୋଇଛି। ଜବତ ହୋଇଥିବା ଦେଶୀ ମଦ ଓ ଦୁଇଚକିଆ ଯାନଗୁଡ଼ିକର ଆନୁମାନିକ ମୂଲ୍ୟ ୩ ଲକ୍ଷ ୧୬ ହଜାର ଟଙ୍କା ବୋଲି ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି। ଏନେଇ ତିନିଟି ପୃଥକ ମାମଲାରେ ରୁଜୁ କରାଯାଇଛି। ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ୍‌ର ଆଇଆଇସି ଅଭିରାମ ସାହୁଙ୍କ ନେତୃତ୍ୱରେ ଏହି ଚଢ଼ଉରେ ଏସ୍‌ଆଇ ଅଲିଭା ମାଝୀ, ଏସ୍‌ଆଇ ଶିବଶଙ୍କର ସିଂ, ଏଏସ୍‌ଆଇ ଲମ୍ବୋଦର ମହାନ୍ତ, କନେଷ୍ଟବଳ ନୁହାନ ମୁର୍ମୁ ଓ ଗଣେଶ ସିଂ ସାମିଲ ହୋଇଥିଲେ। ସହରର ବିଭିନ୍ନ ଛକରେ ଏକାସାଙ୍ଗରେ ଚଢ଼ଉ କରି ୩୮୦ ଲିଟର ଦେଶୀ ମଦ ଜବତ ହେବା ଘଟଣା ବେଆଇନ ମଦ କାରବାରର ବ୍ୟାପକତାକୁ ପଦାରେ ପକାଇଛି।

ବାଲିଆପାଳରେ ମାଛ ଶସ୍ତା, ପରିବା ମହଙ୍ଗା

କାଳିପଦା, ୫।୧୧ (ସମିସ): ବାଲିଆପାଳ ବଜାର ସମେତ କାଳିପଦା ଓ ଲଙ୍ଗଳେଶ୍ୱର ବଜାରରେ ଏବେ ଉଭୟ ମଧୁର ଓ କ୍ଷାର ଜଳ ମାଛ ଶସ୍ତା ହୋଇଥିବା ବେଳେ ପରିବା ମହଙ୍ଗା ହୋଇ ଥିବା ଦେଖିବାକୁ ମିଳିଛି। ଏବେ ଧର୍ମ ମାସ କାର୍ତ୍ତିକ ଚାଲି ଥିବାରୁ ଅଧିକାଂଶ ଲୋକ ସାକାହାରୀ ହୋଇଛନ୍ତି। ଚଳିତ ସୁବର୍ଣ୍ଣରେଖା ଓ ଜଳକା ନଦୀର ବନ୍ୟାରେ ଏ ଅଞ୍ଚଳର ପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଥିଲା। ତାର ସ୍ଥାନ ପୂରଣ କରିବା ପାଇଁ ପ୍ରତିଦିନ ପଶ୍ଚିମ ବଙ୍ଗଳାର ଗଡ଼ବେତା, ଝାଡ଼ଖଣ୍ଡ, ଆନ୍ଧ୍ର ପ୍ରଦେଶରୁ ପିକଅପ ଭ୍ୟାନ, ଟ୍ରକରେ କୁଇଣ୍ଟାଲ କୁଇଣ୍ଟାଲ ପରିବା ଏ ଅଞ୍ଚଳକୁ ଆସୁଛି। ଏବେ ଏହି ସବୁ ମାର୍କେଟରେ ଆଳୁ ୨୫, ପିଆଜ ୩୦, କଖାରୁ ୨୫, ବାଇଗଣ ୮୦, କଲରା ୮୦, ସୁଜୁନା ଛୁଇଁ ୧୨୦, ପୋଟଳ ୯୦, ଭେଣ୍ଡି ୯୦, ଫୁଲ କୋବି ଏକ ଶହ, ବନ୍ଧା କୋବି ୫୦, ରସୁଣ ୧୫୦, ଅଦା ୩୫, ଟମାଟୁ ୯୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ଏହି ସବୁ ମାର୍କେଟରେ ୮୦ରୁ ୧୨୦ ମଧ୍ୟରେ ଭଲ ଲୁଣି ମାଛ ମିଳି ଯାଉଛି। କେବଳ ଇଲିସି, ଚିଙ୍ଗୁଡ଼ି, ଭେକିଟି, ଫିରିକି ମାଛର ଦର ଟିକେ ଅଧିକ ରହିଛି। ବାଲିଆପାଳ ବ୍ଲକର ସୁବର୍ଣ୍ଣ ରେଖା ନଦୀ ଓ ବଙ୍ଗୋପ ସାଗରରୁ ପ୍ରତିଦିନ ଧୀବର ମାନେ ପ୍ରଚୁର ପରିମାଣରେ ମାଛ ମାରିଥାନ୍ତି। ମାତ୍ର ବନ୍ୟା ଦାଉ ସାଧୁ ଥିବାରୁ ପରିବା ଦର ଆକାଶ ଛୁଆଁ ହେଉଛି। ପରିବା ଦର କ୍ରମା ଗତ ଭାବେ ବଢ଼ି ଚାଲିଛି। ତା ଉପରେ ସରକାର ଓ ପ୍ରଶାସନର କୌଣସି ଆଙ୍କୁଶ ନ ଥିବାରୁ ଅସାଧୁ ବ୍ୟବସାୟୀ ମାନେ ଖୁବ ମୁନଫା ଉଠାଉଛନ୍ତି। ଆମ ବ୍ଲକରେ ସରକାରୀ କିମ୍ବା ବେସରକାରୀ ସ୍ତରରେ କୌଣସି ଶୀତଳ ଭଣ୍ଡାର ନାହିଁ। ଶୀତଳ ଭଣ୍ଡାର ଥିଲେ ପରିବା ଦର ସ୍ଥିର ରହନ୍ତା ବୋଲି ମିଥୁନ ନନ୍ଦ, ପର୍ଶୁରାମ ବିଶ୍ୱାଳ, ଗୁଣାକର ସେଠୀ, ସୁମନ୍ତ କୁମାର ଗିରି, ନିଗମାନନ୍ଦ ପଡ଼ିଆରୀ, କରୁଣାକର ସାମନ୍ତରାୟ, ଭିକାରୀ ଚରଣ ମହୁରୀ, ସାବିତ୍ରୀ ସୂତାର, ଦମୟନ୍ତୀ ଜେନା ପ୍ରମୁଖ କହିଛନ୍ତି। ସରକାର ରିହାତି ଦରରେ ପରିବା ଯୋଗାଇ ଦେବାକୁ ଖାଉଟିମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଶୀତଳ ଭଣ୍ଡାର ସରକାର ପ୍ରତିଷ୍ଠା କରନ୍ତୁ ବୋଲି ଖାଉଟିମାନେ ମଧ୍ୟ ଦାବି କରିଛନ୍ତି।



'ଭାଷା ଭାସ୍କର' ସମ୍ମାନ ପାଇଲେ ଦେବୀପ୍ରସନ୍ନ ପଟ୍ଟନାୟକ



ବାଲେଶ୍ୱର, ୫।୧୧(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠାନର ୧୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚଳିତ ବର୍ଷ ପ୍ରଥମ କରି ଅନୁଷ୍ଠାନ ତରଫରୁ ପ୍ରଚଳନ କରାଯାଉଥିବା 'ଭାଷା ଭାସ୍କର' ସମ୍ମାନରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଛି। ତାଙ୍କୁ ମାନପତ୍ର ଓ ଉପାୟନ ସହ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ତଥା ଜଗନ୍ନାଥ ସଂସ୍କୃତିର ଗବେଷକ ପ୍ରଫେସର ହରିହର କାନୁନ୍‌ଗୋ ମୁଖ୍ୟଅତିଥି ଭବେ ଯୋଗଦେଇ ଉପଯୁକ୍ତ ବ୍ୟକ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାରୁ ଆନନ୍ଦ ପ୍ରକାଶ କରିଥିଲେ। ଏହି ଆଲୋଚନାଚକ୍ରରେ ଡ. ନିରଞ୍ଜନ ପାଢ଼ୀ, ଡ. ମଧୁସୂଦନ ମିଶ୍ର ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଭାଷା ବିକାଶ ଆନ୍ଦୋଳନ ଗ୍ରହଣ କରିଥିବା ଯୋଗୁଁ ଖୁସି ବ୍ୟକ୍ତ କରିଥିଲେ। ଅନୁଷ୍ଠାନର ମୁଖପତ୍ର "ଭାଷା ବିକାଶ'ର ଶରତ ସଂଖ୍ୟା ଏହି ଅବସରରେ ଉନ୍ମୋଚିତ ହୋଇଥିଲା। କବି ଦୀପକ ବୋଷଙ୍କ ରଚିତ "ଆମ ଭାଷା ଏକ ନଈ' ଶୀର୍ଷକୀୟ ଭାଷା ସଂଗୀତକୁ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ବାସନ୍ତୀ ଦେ, ପୁଷ୍ପଲତା ଚକ୍ରବର୍ତ୍ତୀ, ଶାନ୍ତିଲତା ପଣ୍ଡା, ସ୍ନିଗ୍ଧା ସାମନ୍ତରାୟ, କବିତା ଜେନା, ଶାନ୍ତି ବିଶି, କମଳିନୀ ଦାସ ଓ ସୁନାମଣି ଜେନା ପ୍ରମୁଖ ନୃତ୍ୟ ମାଧ୍ୟମରେ ପରିବେଷଣ କରିଥିଲେ। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ନେତୃତ୍ୱରେ ପଣ୍ଡିତ ସଞ୍ଜୟ କୁମାର ପଣ୍ଡା, ପ୍ରଭାକର ସାହୁ, କଲ୍ୟାଣୀ ନନ୍ଦ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ ଓ ପ୍ରଫୁଲ୍ଲ କୁମାର ଦାସଙ୍କ ଦ୍ୱାରା 'ଆମ ଭାଷା ଶ୍ରେଷ୍ଠ ଭାଷା' ନାମକ ଏକ ପ୍ରବଚନ ପ୍ରଦାନ କରାଯାଇଥିଲା। ଡ. ଶିରୀଶ ଚନ୍ଦ୍ର ଜେନା, ନିବାରଣ ଜେନା, ଅରୂପ ଚାଟାର୍ଜୀ, ଅଞ୍ଜଳି ପଣ୍ଡା ଭାଷା ସଂପର୍କରେ ବକ୍ତବ୍ୟ ଦେଇଥିଲେ ଓ ସୁବ୍ରତା ମହାନ୍ତି ଏକ ସଂଗୀତ ପରିବେଶଣ କରିଥିଲେ। ଅନୁଷ୍ଠାନ ସଦସ୍ୟାଙ୍କ ଦ୍ୱାରା ବିଦାୟ ସଂଗୀତ ପରିବେଷିତ ହୋଇଥିଲା। ଯୁଗ୍ମସଂପାଦିକା ଶାନ୍ତିଲତା ପଣ୍ଡା ମଞ୍ଚ ଆହ୍ୱାନ କରିଥିବା ବେଳେ ଦୀପକ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଅରୁଣା ରାୟ, ଡ. ରମାକାନ୍ତ ନାୟକ, ଶରତ କୁମାର ମହାପାତ୍ର, "ଶ୍ରୀ' ସଂପାଦକ କୃଷ୍ଣ ନାୟକ, ସନ୍ତୋଷ ବାରିକ, ଅର୍ଚ୍ଚନା ନନ୍ଦୀ, ଅରୁଣ ଚାଟାର୍ଜୀ, ସୁଷମା ମହାପାତ୍ର, ଡ. ଭାଗବତ ପ୍ରସାଦ ଦାସ, ଡ. କ୍ଷିତୀଶ୍ୱର ଦାଶ, ଡ. ରତ୍ନାକର ସିଂ, ଦୀନବନ୍ଧୁ ଲେଙ୍କା, ଡ. ହେମମାଳା ଦାଶ, ମମତା ମହାପାତ୍ର, ଶୁଭଙ୍କର ମହାପାତ୍ର, ପ୍ରଫେସର ରଶ୍ମିରେଖା ପତି, କରୁଣା କର ସ, ଡ. ଅରୁଣ ମିଶ୍ର, ଅକ୍ଷୟ କୁମାର ତ୍ରିପାଠୀ, ଉର୍ମିଳା ନାୟକ, ଲମ୍ବୋଦର ନାୟକ, ପ୍ରଦୀପ ମିଶ୍ର, ସଂଗୀତା ରଥ, ଅନନ୍ତ କୁମାର ଦାସ, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, କୁମରନାଥ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ "ମୋ ଜୀବନ ସାରଧନ ଜନନୀ ଉତ୍କଳ ଭାଷା" ଶୀର୍ଷକରେ ଏକତ୍ର କବିତା ରଚନା କରାଯାଇଥିଲା।

ବାଲିଖଣ୍ଡ ଡିଗ୍ରୀ କଲେଜରେ ଭିଜିଲାନ୍ସ ଚଢ଼ଉ

ସିମୁଳିଆ, ୫।୧୧ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅଧୀନ ପୁରୁଷୋତ୍ତମପୁର ପଞ୍ଚାୟତ ବାଲିଖଣ୍ଡ +୩ ଡିଗ୍ରୀ ମହାବିଦ୍ୟାଳୟରେ ନୂତନ ବିଲଡିଙ୍ଗ ପାଇଁ ଆସିଥିବା ୯୨ ଲକ୍ଷ ଟଙ୍କାର କାମରେ ଅନିୟମିତତା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଅଚାନକ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇ କଲେଜର କିଛି କାଗଜ ପତ୍ର ନେଇଥିବାର ପ୍ରିନ୍ସପାଲ ପ୍ରଶାନ୍ତ ପଣ୍ଡା କହିଛନ୍ତି।

ଯାତ୍ରୀବାହୀ ବସ୍‌ରେ ଘରୋଇ ଗ୍ୟାସ ସିଲିଣ୍ଡର ଚାଲାଣ
ଯୋଗାଣ ବିଭାଗର ଚଢ଼ଉରେ ୯ ଟାଙ୍କି ଜବତ

ରାଜଘାଟ, ୫।୧୧ (ସମିସ): ଆଜି ବସ୍ତା ଗାନ୍ଧୀଛକ ନିକଟରେ ଯୋଗାଣ ବିଭାଗ ଚଢ଼ଉ କରି ଏକ ଘରୋଇ ଯାତ୍ରୀବାହୀ ବସ୍‌ରୁ ୯ଟି ଗ୍ୟାସ ଟାଙ୍କି ଜବତ କରିଛି। ବାଲିଆପାଳରୁ ବାଲେଶ୍ୱର ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସ୍‌ରେ ବେଆଇନ ଭାବେ ଘରୋଇ ଗ୍ୟାସ ଟାଙ୍କି ଚାଲାଣ ହେଉଥିଲା। ବିଶେଷ ସୂତ୍ରରୁ ଖବର ପାଇ ଯୋଗାଣ ବିଭାଗ ଟିମ୍ ଗାନ୍ଧୀଛକ ନିକଟରେ ବସ୍‌କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ବସ୍‌ରେ ବେଆଇନ ଭାବେ ଏହି ଗ୍ୟାସ ଟାଙ୍କିଗୁଡ଼ିକୁ ଚାଲାଣ କରାଯାଉଥିବା ଜାଣିବାକୁ ପାଇ ଅଚାନକ ମାଡ଼ି ବସିଥିଲେ ଅଧିକାରୀମାନେ। ବସ୍ ଭିତରୁ ମୋଟ ୯ଟି ଗ୍ୟାସ ଟାଙ୍କି ଜବତ କରାଯିବା ସହ ଏହି ଚାଲାଣ ପଛରେ କେଉଁମାନେ ଜଡ଼ିତ ଅଛନ୍ତି, ସେ ନେଇ ଯୋଗାଣ ବିଭାଗ ଏବଂ ପୁଲିସ ପକ୍ଷରୁ ତନାଘନା ଜାରି ରହିଛି। ଯାତ୍ରୀଙ୍କ ଜୀବନକୁ ବିପଦରେ ପକାଇ ଏଭଳି ଗ୍ୟାସ ଚାଲାଣକୁ ନେଇ ସ୍ଥାନୀୟ ଲୋକେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜବତ ଗ୍ୟାସ ଟାଙ୍କିର ମାଲିକ କିଏ, କେଉଁଠାକୁ ଯାଉଥିଲା ସେ ନେଇ ତଦନ୍ତ ଜାରି ରହିଛି।



ଦୟନୀୟ କମ୍ୟୁନିଟି ସେଣ୍ଟରରେ ଚାଲିଛି ଅଙ୍ଗନବାଡ଼ି

ରାଜଘାଟ, ୫।୧୧ (ସମିସ): ବସ୍ତା ବ୍ଲକ ପାଉଁଶକୁଲି ପଞ୍ଚାୟତ ଅନ୍ତର୍ଗତ ସୋନପୁର ଗ୍ରାମର ଅଙ୍ଗନବାଡି କେନ୍ଦ୍ରର ଅବସ୍ଥା ଦେଖିଲେ ଯେ କେହି ବି ମୁଣ୍ଡରେ ହାତ ଦେବ। ଗ୍ରାମରେ ନିଜସ୍ୱ ଅଙ୍ଗନବାଡି ଗୃହ ନାହିଁ। ଦୀର୍ଘ ୩୦ ବର୍ଷ ତଳେ ନିର୍ମିତ ପୁରୁଣା ଭଙ୍ଗା ସୀମାନ୍ତ କମ୍ୟୁନିଟି ସେଣ୍ଟରରେ ଏବେ ୧୬ଜଣ କୁନି କୁନି ପିଲାଙ୍କ ପାଠପଢା ଚାଲିଛି। ଛାତରୁ ପ୍ଲାଷ୍ଟର ଖସୁଛି, ବର୍ଷା ହେଲେ ପାଣି ଗଳୁଛି କାନ୍ଥ ଫାଟି ଯାଇଛି, ଝରକା କବାଟ ନାହିଁ, ପିଇବା ପାଣି ଓ ଶୌଚାଳୟ ବ୍ୟବସ୍ଥା ନାହିଁ ପିଲାଙ୍କ ବସିବା ପାଇଁ ଭଲ ଚଟାଣ ନାହିଁ, ଖେଳିବା ଜାଗା ନାହିଁ। ଅଙ୍ଗନବାଡି କର୍ମୀ ମଞ୍ଜୁରାଣୀ ବ୍ରହ୍ମ ବହୁ କଷ୍ଟରେ ପିଲାଙ୍କୁ ପାଠ ପଢାଉଛନ୍ତି। ଅଭିଭାବକମାନେ କହୁଛନ୍ତି, ପିଲାଙ୍କୁ ଛାଡିବାକୁ ଡର ଲାଗୁଛି, କେତେବେଳେ ଛାତ ଭୁଶୁଡି ପଡିବ, ଭଗବାନଙ୍କ ଭରସାରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର। ବାରମ୍ବାର ଦାବି ସତ୍ତ୍ୱେ ନୂଆ ଅଙ୍ଗନବାଡି ଗୃହ ନିର୍ମାଣ ହୋଇପାରୁନାହିଁ। ତୁରନ୍ତ ନୂତନ ଗୃହ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ଶାନ୍ତିଆ ଆଉଟଡୋର ଷ୍ଟାଡିୟମର ଉନ୍ନତି ପାଇଁ କ୍ରୀଡ଼ାମନ୍ତ୍ରୀଙ୍କୁ ଦାବିପତ୍ର



ଜଳେଶ୍ୱର, ୫।୧୧ (ସମିସ): ଜଳେଶ୍ୱର ଶାନ୍ତିଆ ସ୍ଥିତ ଆଉଟଡୋର ଷ୍ଟାଡିୟମର ଅସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ସହ ଏହାର ସାମଗ୍ରିକ ଉନ୍ନତିକରଣ ନିମନ୍ତେ ବିଜେପିର ନଗର ଟିମ୍ ପକ୍ଷରୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସରକାରୀ ବାସଭବନରେ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଷ୍ଟାଡିୟମଟି ଜଳେଶ୍ୱର ତଥା ଏହାର ଆଖପାଖ ଅଞ୍ଚଳର କ୍ରୀଡ଼ାପ୍ରେମୀଙ୍କ ପାଇଁ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ପଡ଼ିଆ ରହିଅଛି। ଏଠାରେ ବିଭିନ୍ନ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସହ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସ୍ଥାନୀୟ କ୍ଲବଗୁଡ଼ିକ ଦ୍ୱାରା କ୍ରିକେଟ୍ ଓ ଫୁଟବଲ୍ ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ବହୁ ସଂଖ୍ୟକ ଯୁବ କ୍ରୀଡ଼ାବିତ୍ ଏହି ପଡ଼ିଆ ଉପରେ ନିଜର ଅଭ୍ୟାସ ଓ ପ୍ରତିଯୋଗିତା ପାଇଁ ନିର୍ଭର କରିଥାନ୍ତି। ବହୁ ବର୍ଷ ଧରି ଏହି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ଆବଶ୍ୟକୀୟ କ୍ଲବ୍ ହାଉସ୍, ପାଭିଲିୟନ୍, ପାନୀୟ ଜଳ ବ୍ୟବସ୍ଥା, ପର୍ଯ୍ୟାପ୍ତ ଆଲୋକୀକରଣ ଏବଂ ଅନ୍ୟାନ୍ୟ ମୌଳିକ କ୍ରୀଡ଼ା ଭିତ୍ତିଭୂମିର ଅଭାବ ରହିଛି। ଫଳରେ କ୍ରୀଡ଼ାବିତ୍, ଛାତ୍ରଛାତ୍ରୀ ଓ ସ୍ଥାନୀୟ କ୍ରୀଡ଼ା ସଂଗଠନଗୁଡ଼ିକ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଦୃଷ୍ଟି ଆକର୍ଷଣ କରାଯାଇଛି। ଉକ୍ତ ଦାବିପତ୍ରରେ ପୌରବାସୀଙ୍କ ପକ୍ଷରୁ ଆଧୁନିକ କ୍ଲବ୍ ହାଉସ୍ ନିର୍ମାଣ। ଖେଳାଳି ଓ ଦର୍ଶକଙ୍କ ପାଇଁ ପାଭିଲିୟନ୍ ନିର୍ମାଣ। ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା। ଷ୍ଟାଡିୟମରେ ଉନ୍ନତ ଆଲୋକୀକରଣ ବ୍ୟବସ୍ଥା। ଅନ୍ୟାନ୍ୟ ଆବଶ୍ୟକୀୟ କ୍ରୀଡ଼ା ଭିତ୍ତିଭୂମିର ବିକାଶଗୁଡ଼ିକ ଉପରେ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଫାଲ୍‌ଗୁନି ପାଣିଗ୍ରାହୀ, ନଗର ଯୁବମୋର୍ଚ୍ଚା ସଭାପତି ଶ୍ରୀ ଅଞ୍ଜନ କୁମାର ଦାସ, ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ମନମୋହନ ଆଚାର୍ଯ୍ୟ, ଜିଲ୍ଲା ସାଧାରଣ ସଂପାଦକ ତପନ କୁମାର ପାତ୍ର, ଅଘୋରତୋସ ପଣ୍ଡା, ଶୁଭଙ୍କର ଦେ ପ୍ରମୁଖ ଉପସ୍ଥିତ ଥିଲେ।

ତାଳସାରି ବେଳାଭୂମି ପାର୍ଶ୍ୱରେ ବଢୁଛି ଜବରଦଖଲ

ବାଲେଶ୍ୱର(ଉତ୍ତର), ୫।୧୧ (ସମିସ)



- କବଜାରେ ପ୍ରସ୍ତାବିତ ବାୟୁସେନା ଘାଟି
- ସନ୍ଦେହ ଘେରରେ ଏକ ହୋଟେଲ
- ଏନ୍‌ଆଇଏ ତଦନ୍ତ ଦାବି

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ତଳସାରୀ ସମୁଦ୍ରକୂଳରେ ନିର୍ମାଣ ହେବାକୁ ଯାଉଛି ଭାରତୀୟ ପ୍ରତିରକ୍ଷା ବିଭାଗର ବାୟୁସେନା ଷ୍ଟେସନ । ପ୍ରାରମ୍ଭିକ ପର୍ଯ୍ୟାୟରେ ୪ ଏକର ଜାଗାରେ ୧ ୬ କୋଟି ୩୬ ଲକ୍ଷ ୭ ହଜାର ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ପାଇଁ ପ୍ରଚେରୀ ନିର୍ମାଣ ଯୁଦ୍ଧ କାଳୀନ ଭିତ୍ତିରେ ଚାଲିଛି । ମନ୍ତ୍ରାଳୟ ପକ୍ଷରୁ ପ୍ରଥମେ ୧୦ ଏକର ଜାଗା ଚିହ୍ନଟ କରାଯିବା ପରେ ପୁଣି ୫୦ ଏକର ଜାଗା ନିଆଯାଉ ଥିବାର ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି । ପ୍ରତିରକ୍ଷା ମନ୍ତ୍ରାଳୟର ଏକ ସାଇନବୋର୍ଡ଼ରେ ଉକ୍ତ ଜମିର ମାଲିକାନା ରକ୍ଷା ମନ୍ତ୍ରାଳୟ ଭାରତୀୟ ବାୟୁସେନା ଅଧୀନରେ ଥିବାର ସୂଚନା ଲେଖା ଥିବାବେଳେ ଉକ୍ତ ସ୍ଥାନରେ କୌଣସି ଯାତାୟାତ, କୋଠା ନିର୍ମାଣ, ଚାଷବାସ, ଆବର୍ଜନା ନ ପକାଇବା ପାଇଁ ନେଷଧାଜ୍ଞା ଜାରି କରାଯାଇଛି । ପ୍ରତିରକ୍ଷା ମନ୍ତ୍ରାଳୟ ତରଫରୁ ପୂର୍ବରୁ ନିର୍ମିତ ଏକ ପୁରୁଣା ଛୋଟ ଘରେ ୪ ଜଣ ସିକ୍ୟୁରିଟି ଜଗି ରହି ଛନ୍ତି। ମାତ୍ର କେତେକ ପ୍ରଭାବଶାଳୀ ବ୍ୟକ୍ତି ଉକ୍ତ ଜାଗାର କିଛି ଅଂଶକୁ ବେଆଇନ ଦଖଲ କରିବା ସହିତ ତାରବାଡ଼ କରି ହୋଟେଲ ନିର୍ମାଣ କରୁଥିବାର ପ୍ରତିରକ୍ଷା ବିଭାଗ ପକ୍ଷରୁ ଅଭିଯୋଗ ହୋଇଛି । ଏପରିକି ବାୟୁସେନା ଷ୍ଟେସନକୁ ଲାଗି ଏକ ସନ୍ଦିଗ୍ଧ ହୋଟେଲ ରହିଛି । ନିକଟରେ ଏହି ହୋଟେଲରେ ଅସାମାଜିକ କାର୍ଯ୍ୟ ଚାଲିଥିବା ଖବର ପାଇ ତାଳସାରୀ ମେରାଇନ ଥାନାଧିକାରୀ ଶ୍ରବଣ କୁମାର ମହାରଣା ସମ୍ପୃକ୍ତ ହୋଟେଲରେ ପଶି ଛାନ ଭିନ କରିଥିଲେ। ମାତ୍ର ସମ୍ପୃକ୍ତ ହୋଟେଲର ମ୍ୟାନେଜର ଚମ୍ପଟ ମାରିଥିଲା । ଅନ୍ୟପକ୍ଷରେ ଯଦି ଉକ୍ତ ହୋଟେଲର ମାଲିକ ସହିତ ମେନେଜରଙ୍କ ଆଧାରକାର୍ଡ, ଭୋଟର ଲିଷ୍ଟ ଯାଞ୍ଚ ସହିତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଦ୍ୱାରା ତଦନ୍ତ କରାଯାଏ ତେବେ ସେମାନେ ବାଂଲାଦେଶୀ ନା ଭାରତୀୟ ତାହା ଲୋକଲୋଚନକୁ ଆସିପାରନ୍ତା ବୋଲି ସାଧାରଣରେ ଦାବି ହୋଇଛି । ସେହିପରି ବାଲେଶ୍ୱର ଚାନ୍ଦିପୁର ଡ଼ିଆରଡ଼ିଓ, ଭଦ୍ରକ ର ହୁଇଲର ଦୀପରେ ଆଧୁନିକ କ୍ଷେପଣାସ୍ତ୍ର ପରୀକ୍ଷଣ, ଚିଲିକାରେ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ସହ ତାଳସାରୀରେ ଏହି ଏୟାରଫୋର୍ସ ଷ୍ଟେସନ ଶତ୍ରୁ ରାଷ୍ଟ୍ରକୁ ଜବାବ ଦେବାକୁ ଭାରତ ପ୍ରତିରକ୍ଷା ମନ୍ତ୍ରାଳୟକୁ ସଶକ୍ତ ହେଉଥିବାର କୁହାଯାଇଛି । ମେଦିନୀପୁର କଲେଇକୁଣ୍ଡା ବାୟୁସେନା କ୍ୟାମ୍ପ ତରଫରୁ ବିଭାଗୀୟ ଅଫିସର ମାନେ ତାଳସାରୀକୁ ଘନଘନ ତଦାରଖ ଆସୁଥିବା ଦେଖିବାକୁ ମିଳିଛି। ମନ୍ତ୍ରାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ମାଟିତଳେ ୭ କୋଟି ଟଙ୍କାର ବିଦ୍ୟୁତ ସଂଯୋଗ ନିର୍ମାଣ ମଧ୍ୟ ନଜରକୁ ଆସିବାରୁ ସମ୍ଭାବ୍ୟ ବାୟୁସେନାର କ୍ଷେପଣାସ୍ତ୍ର ଘାଟୀ ସ୍ଥାପନକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି । ତାଳସାରୀରେ ବାୟୁସେନାର ଷ୍ଟେସନ କେନ୍ଦ୍ର ସ୍ଥାପନ ସଂକ୍ରାନ୍ତ ବିଷୟରେ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ଏଯାଏ କୌଣସି ସୂଚନା ମିଳି ନଥିବା ନେଇ ଉପଜିଲାପାଳ ଶିବ ମାଲଭିୟେ ପ୍ରକାଶ କରିଛନ୍ତି। ମାତ୍ର ଉଦୟପୁର, ତାଳସାରୀରେ ଅସାମାଜିକ କ୍ରିୟାକଳାପ ବନ୍ଦ ନିମନ୍ତେ ପୋଲିସ ପକ୍ଷରୁ କଡା ପଦକ୍ଷେପ ନିଆଯାଉଥିବାର ଜଳେଶ୍ୱର ଏସଡିପିଓ ସୁରେଶ କୁମାର ତ୍ରିପାଠୀ କହିଛନ୍ତି । ତାଳସାରୀରେ ପ୍ରତିରକ୍ଷା ବଳୟର ସୁରକ୍ଷା ଲୋଡ଼ା ବୋଲି ସାମାଜିକ କର୍ମୀ ଆଶିଷ ଧାବନ କହିଥିବାବେଳେ ସରକାରୀ ଜାଗାକୁ ବେଆଇନଭାବେ ଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ସୂଚନା ଦେଇଛନ୍ତି।



ସିସିଟିଭି ଖୋଲିଲା ହତ୍ୟାକାଣ୍ଡର ଗୁମର

ତପୁ ନାୟକ ହତ୍ୟା ମାମଲାରେ ୮ ଗିରଫ

ଭୁବନେଶ୍ୱର, ୬ ।୧୧(ସମିସ)

ଧଉଳି ଥାନା ଶିଶୁପାଳଗଡ଼ ଗାଁରେ ହୋଇଥିବା ତପୁ ନାୟକ ହତ୍ୟା ମାମଲାର ପର୍ଦ୍ଦାଫାସ କରିଛି କମିସନରେଟ୍ ପୁଲିସ। ହତ୍ୟା ମାମଲାରେ ପୁଲିସ ୮ଜଣଙ୍କୁ ଗିରଫ କରିଛି। ବନ୍ଧୁକ ଆଣିବା ଖୁସିରେ ଭୋଜିଭାତ ସହ ମଦ୍ୟପାନ କରୁଥିଲା ବେଳେ ଅସାବଧାନତା ବସତଃ ଏଭଳି ହତ୍ୟାକାଣ୍ଡ ଘଟିଛି। ବନ୍ଧୁକ ଚାଲୁଛି କି ନାହିଁ ପରୀକ୍ଷା କଲା ବେଳେ ତପୁଙ୍କ ଦେହରେ ଗୁଳିମାଡ଼ ହୋଇଥିଲା। ଗିରଫଦାରୀରୁ ବଞ୍ଚିବାକୁ ଏମାନେ ଏକ ନାଟକ ରଚିଥିଲେ। ହେଲେ ପୁଲିସ ଶେଷରେ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଗଙ୍ଗୁଆ ନାଳରୁ ବନ୍ଧୁକ ଜବତ କରିଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିସନର ଡଃ. ଏସ୍ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।



ପୁଲିସ ସୂଚନା ମୁତାବକ, ଗିରଫ ଅଭିଯୁକ୍ତମାନେ ହେଲେ ଅଭିଯୁକ୍ତମାନେ ହେଲେ ଉମେଶ କୁମାର ପଟ୍ଟନାୟକ, ବିଷ୍ଣୁପ୍ରସାଦ ସାମନ୍ତରାୟ ଓରଫ ପିକୁନ, ରତ୍ନାକର ସାହୁ, ଆଲୋକ ଜେନା, ମାନସ ସ୍ୱାଇଁ, ଅକ୍ଷୟ ପ୍ରଧାନ, କଳିଙ୍ଗ କେଶରୀ ପାତ୍ର ଓ ଚିତ୍ରସେନ ଗଜେନ୍ଦ୍ର। ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଗାଁରେ ଜେସିବି ମାଲିକ ତପନ ନାୟକ ଓରଫ ତପୁ ଏମାନଙ୍କ ସାଙ୍ଗ ଥିଲେ। ସମସ୍ତେ ମିଶି ଏକ ବନ୍ଧୁକ ଆଣିଥିଲେ। ବନ୍ଧୁକ ମିଳିବା ଖୁସିରେ ସମସ୍ତେ ମିଶି ଏକ ନିର୍ମାଣସ୍ଥଳରେ ଭୋଜିଭାତ କରୁଥିଲା। ମଦମାଂସର ଆସର ବି ଚାଲୁଥିଲା। ଏହି ସମୟରେ ବନ୍ଧୁକରୁ ଗୁଳି କାଢି ଦିଆଯାଇଥିଲା। ଗୋଟିଏ ଟେବୁଲ ଉପରେ ବନ୍ଧୁକ ଓ ଗୁଳି ଗୁଡ଼ିକୁ ରଖାଯାଇଥିଲା। ହେଲେ ଅସାବଧାନତା ବସଠତ ବନ୍ଧୁକରେ ଗୋଟିଏ ଗୁଳି ରହିଯାଇଥିଲା। ବନ୍ଧୁକ ଧରି ଗୁଳି କେମିତି ଫୁଟାଯିବ ବୋଲି ଡେମେ ଦେଲା ବେଳେ ତପୁଙ୍କ ଦେହରେ ଗୁଳି ମାଡ଼ ହୋଇଥିଲା। ରକ୍ତସ୍ରାବ ହେବାରୁ ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇ ତାଙ୍କ ଘର ଲୋକଙ୍କୁ ଖବର ଦିଆଯାଇଥିଲା। ଗିରଫଦାରୀରୁ ବର୍ତ୍ତିବାକୁ ଅଭିଯୁକ୍ତମାନେ ଏକ ମିଛ କାହାଣୀ ବନାଇ ପରିବାରଲୋକ ଓ ପୁଲିସକୁ ଶୁଣାଇଥିଲେ। ହେଲେ ସେମାନଙ୍କ କଥା ପୁଲିସକୁ ହଜମ ହେଲା ନାହିଁ। ପୁଲିସ ଏହାର ଖୋଳତାଡ଼ କରିବା ଆରମ୍ଭ କଲା।

ପୁଲିସ କମିସନର କହିଛନ୍ତି, ଗୁରୁବାର ରାତି ୧ଟାଏ ବେଳେ ଗୁଳିମାଡ଼ ଘଟଣା ଆମ ନଜରକୁ ଆସିଥିଲା। ଜଣେ ଲୋକଙ୍କୁ କିଛି ଗୁଳି ବାଜିଥିବା ବେଳେ ତାକୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ଖବର ମିଳିଥିଲା। ପୁଲିସ ଟିମ୍ ବୁଝିବାରୁ ସେତେବେଳେ ମୃତକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଯାଇଥିଲେ। ଉକ୍ତ ଘରୋଇ ହସ୍ପିଟାଲରେ ଡାକ୍ତର ମୃତ ଘୋଷଣା କରିଥିଲେ। ଯେଉଁ ଲୋକମାନେ ମୃତକଙ୍କୁ ଆଣିଥିଲେ ସେମାନଙ୍କୁ ଖୋଜାଖୋଜି କରିବା ବେଳେ ସେମାନେ ଫେରାର ହୋଇଯାଇଥିଲେ। ହେଲେ କ୍ୟାପିଟାଲ ହସ୍ପିଟାଲରେ ତାଙ୍କ ନାଁ ଥିଲା। ଡ଼କାଯିବାରୁ ୩୦ ମିନିଟ ଭିତରେ ପଳାଇ ଆସିଥିଲେ। ଉଭୟ ହେଲେ ଉମେଶ ଓ ପିକୁନ ପୁଲିସ ଭୁଆଁ ବୁଲାଇଥିଲେ। ଶିଶୁ ଭବନ ଫ୍ଲାଇ ଓଭର ବ୍ରିଜ୍ ଉପରେ ରାତିରେ ଠିଆହୋଇ ମୃତକ ତପନ ଓ ଆମେ ୨ ଜଣ କଥାବାର୍ତ୍ତା ହୋଉଥିଲୁ। ହେଲେ ଏହି ସମୟରେ ଜଣେ ବାଇକରେ ଦୁଇ ଦୁର୍ବୃତ୍ତ ଆସିଥିଲେ। ଜଣେ ମୁଖା ଓ ଅନ୍ୟଜଣେ ହେଲମେଟ ପିନ୍ଧିଥିଲା। ସେମାନେ ଆସି ଗୋଟିଏ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଗୁଳି ତପନଙ୍କ ଶରୀରରେ ବାଜିଥିଲା। ତାପରେ ଦୁଇ ଦୁର୍ବୃତମାନେ ଫେରାର ହୋଇଗଲେ। ସେମାନେ କିଏ ଥିଲେ ଆମେ ଜାଣିନାହୁଁ ବୋଲି ଉଭୟ କହିଥିଲେ।

ପୁଲିସ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଅନ୍ୟାନ୍ୟ ଉପାୟରେ ତଦନ୍ତ ଆଗକୁ ବଢାଇ ଥିଲା। ହେଲେ ଉଭୟଙ୍କ କଥା ଅନୁଯାୟୀ, ଫ୍ଲାଇ ଓଭର ଉପରେ କୌଣସି ଘଟଣା ଘଟିବା ସମ୍ଭବ ନୁହେଁ ବୋଲି ସ୍ପଷ୍ଟ ହୋଇଥିଲା। ସିସିଟିଭିରେ ସେମାନଙ୍କ ଫ୍ଲାଏ ଓଭରରେ ଅଗମନ ଏବଂ ପ୍ରସ୍ଥାନ ରେକର୍ଡ ହୋଇଛି। ଏହି ସମୟ ଅନୁଯାୟୀ ଅନୁସନ୍ଧାନ କଲେ ଜଣାପଡ଼ିଲା ଏତେ କମ୍ ସମୟ ମଧ୍ୟମରେ ଏଠାରେ ଆସି ଛିଡା ହେବା। ଆଉ ଗପସପକରିବା। ଆଉକିଛି ସମୟପରେ ଜଣେ ଆସି ଗୁଳି ମାଡ଼ କରିବା। ଏହାସହ ଗୁଳିମାଡ଼ ପରେ ତାଙ୍କୁ ଉଠାଇ ହସ୍ପିଟାଲ ନେବା ସମ୍ଭବ ନୁହେଁ। କେବଳ ଜଣେ ଦ୍ରୁତ ଗତିରେ କୌଣସି ସ୍ଥାନରେ ନରହି ଯଦି ଫ୍ଲାଏ ଓଭର ପାର କରିବ ତେବେ ଏହାସମ୍ଭବ ହୋଇପାରିବ। ପୁଲିସ ସନ୍ଦେହ ବଢ଼ିବାରୁ ଦୁଇ ଯୁବକଙ୍କୁ କଠିନ ପଚରାଉଚରା କରିଥିଲା। ଏହାପରେ ସେମାନେ ବାରମ୍ବାର ବୟାନ ବଦଳାଇବାରୁ ହତ୍ୟାକାଣ୍ଡ ପର୍ଦ୍ଦାଫାସ ହୋଇଥିଲା। ଏକ ସ୍ୱତନ୍ତ୍ର ଟିମ୍ ଅନ୍ୟ ମାନଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ଗଙ୍ଗୁଆ ନାଳରେ ଫିଙ୍ଗିଥିବା ୭.୬୫ ଏମ୍ଏମ୍ ବନ୍ଧୁକକୁ ଅଗ୍ନିଶମ ଟିମ୍ ସାହାଯ୍ୟରେ ଜବତ କରାଯାଇଛି। ଏଥିସହ ପୁଲିସ ଗୋଟିଏ ଜୀବନ୍ତ ଗୁଳି, ଖୋକା ଆଦି ମଧ୍ୟ ଜବତ କରିଛି। ତପନଙ୍କ ପତ୍ନୀ ମାନସୀ ନାୟକଙ୍କ ଏତଲାକ୍ରମେ ଧଉଳି ଥାନା ଏକ ହତ୍ୟା ମାମଲା ରୁଜୁ କରିଛି।

ଚୋରା ବନ୍ଧୁକ ଆସିଲା କେଉଁଠୁ

ତେବେ ଏମାନେ ବିଭିନ୍ନ ନିର୍ମାଣସ୍ଥଳକୁ ବାଲି ଗୋଡ଼ି ଯୋଗାଉଥିଲେ। ହେଲେ ଏମାନଙ୍କର ବନ୍ଧୁକର ଆବଶ୍ୟକତା ପଡ଼ିଲା କାହିଁକି। ଏମାନେ କାହାକୁ ହତ୍ୟା ଉଦ୍ଦେଶ୍ୟରେ ବନ୍ଧୁକ ଆଣିଥିଲେ। ନାଁ ନିଜ ସୁରକ୍ଷା ପାଇଁ ବନ୍ଧୁକ କିଣିଥିଲେ। କିଏ ଏମାନଙ୍କୁ ଧମକ ଚମକ ଦେଉଥିଲା କି ଯେଉଁଥିପାଇଁ ବନ୍ଧୁକ ମିଳିବା ମାତ୍ରେ ସମସ୍ତେ ଉତ୍ଫୁଲିତ ହୋଇ ଭୋଜି କରିଥିଲେ। ଅନ୍ୟପକ୍ଷରେ ପୁଲିସ ବାରମ୍ବାର ବନ୍ଧୁକ ଜବତ କରୁଛି। ଅପରାଧକୁ ଆଗୁଆ ରୋକା ଯାଉଛି ବୋଲି ପୁଲିସ କମିସନର ଦାବି କରୁଛି। ହେଲେ ଏହି ବନ୍ଧୁକ ସେମାନେ ଆଣିଲେ କେଉଁଠୁ। କିଏ ସେମାନଙ୍କୁ ବିକ୍ରି କଲା। ବନ୍ଧୁକ ବେପାରୀ କିଏ ବୋଲି ଏକାଧିକ ପ୍ରଶ୍ନର ଉତ୍ତର ମିଳିପାରି ନାହିଁ। ଏନେଇ ପୁଲିସ କମିସନର କହିଛନ୍ତି, ଅଭିଯୁକ୍ତ ଉମେଶ ପୁରୀରୁ ଜଣେ ବ୍ୟକ୍ତିଙ୍କ ଜରିଆରେ ବନ୍ଧୁକ ଆଣିଥିଲେ। ପିକୁନ ବନ୍ଧୁକ ଚଳାଇବା ବେଳେ ହିଁ ଗୁଳି ଫୁଟି ତପନଙ୍କ ଶରୀରରେ ବାଜିଥିଲା। ତେବେ କେଉଁଠୁ ବନ୍ଧୁକ ଆସିଥିଲା, ତାହା ଜାଣିବାକୁ ଯାଞ୍ଚ ଚାଲିଛି ବୋଲି କମିସନର କହିଛନ୍ତି।

- ବନ୍ଧୁକ କିଣିବା ଖୁସିରେ ଉତ୍ସବ ମନାଉଥିଲେ, ଅସାବଧାନତାରୁ ଚାଲିଗଲା ଜୀବନ
- ଗିରଫଦାରୀରୁ ବଞ୍ଚିବାକୁ ରଚିଥିଲେ ମିଛ ନାଟକ

ଯାତ୍ରୀଙ୍କ ଠାରୁ ୨୫ ହଜାର ଲୁଟ୍; ଆଉଜଣେ ଗିରଫ

ଭୁବନେଶ୍ୱର, ୬।୧୧ (ସମିସ): ଏଟିଏମରୁ ଫେରୁଥିବା ଯାତ୍ରୀଙ୍କ ଠାରୁ ୨୫ ହଜାର ଟଙ୍କା ଲୁଟ୍ କରିଥିବା ଅଭିଯୋଗରେ ଆଉଜଣଙ୍କୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ୟୁନିଟ୍ ୩ ମସଜିଦ କଲୋନୀର ସେକ୍ ଆଲାମିନ୍ ଲାକ୍ (୩୯)।

ପୁଲିସ ସୂଚନାନୁସାରେ, ନସିମ୍ ରହମାନ ଓ ତା'ର ସାନଭାଇ ସେକ୍ ନଜିମୁଦ୍ଦିନ୍, ସହଯୋଗୀ ବିଜୁ ବେହେରା, ସୟଜାଦ ଖାଁ ଓ ଆଲାମିନ ଲାକ ମିଶି ମାଷ୍ଟରକ୍ୟାଣ୍ଟିନ୍ ଅଞ୍ଚଳରେ ଭୋର ସମୟରେ ବାହାର ଲୋକଙ୍କୁ ଟାର୍ଗେଟ କରନ୍ତି। ଏଟିଏମରୁ ଟଙ୍କା ଉଠାଉ ଥିବା ଲୋକଙ୍କୁ ଜୋରଜବରଦସ୍ତ ରିଲାଏନ୍ସ ଫ୍ରେସ୍ ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡାକୁ ନେଇଯାଆନ୍ତି। ସେଠାରେ ଭୟଭୀତ କରାଇ ନଗଦ ଟଙ୍କା ଲୁଟିନେଇଥାନ୍ତି। ପୁଲିସରେ ଅଭିଯୋଗ କଲେ ଜୁଆଖେଳି ଟଙ୍କା ହାରିଯାଇଥିବା ନେଇ ସମାଜରେ ବଦନାମ କରିଦେବେ ବୋଲି ଧମକ ମଧ୍ୟ ଦିଅନ୍ତି। ଗତ ସେପ୍ଟେମ୍ବର ୧୧ ତାରିଖ ସକାଳେ କେନ୍ଦୁଝରର ଗଣେଶ୍ୱର ମହାନ୍ତି ଇଣ୍ଡିଆନ୍ ଓଭର ସିଜ୍ ବ୍ୟାଙ୍କ୍ ଏଟିଏମ୍ କାଉଣ୍ଟରରୁ ୨୫ ହଜାର ଟଙ୍କା ଉଠାଇ ଫେରୁଥିବା ବେଳେ ଏହିଗ୍ୟାଙ୍ଗ ତାଙ୍କୁ ଘେରିଯାଇ ଉକ୍ତ ଟଙ୍କା ଲୁଟିନେଇଥିଲା । ସମାନ ଢଙ୍ଗରେ ସେହିଦିନ ସକାଳେ ସେମାନେ ପର୍ଶୁରାମ କରଣଙ୍କ ଠାରୁ ମଧ୍ୟ ଟଙ୍କା ଲୁଟିଥିଲେ।

ଗଣେଶ୍ୱର ଏନେଇ ଖାରବେଳ ନଗର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ସେକ ନଜିମୁଦ୍ଦିନ୍, ବିଜୁ, ସୟଜାଦ ଖାଁକୁ ଓ ନସିମ ରହମାନକୁ ଗିରଫ କରିଥିଲା। ଆଜି ସେକ ଆଲାମିନ ଲାକକୁ ଆଜି ସତ୍ୟନଗର ମଶାଣି ନିକଟରୁ ଗିରଫ କରି କୋର୍ଟ ଚାଲାଣ କରିଛି।

ରାସ୍ତାରେ ଅଟକାଇ ଖଣ୍ଡାରେ ହାଣିଲେ; ଦୁଇ ଗିରଫ

ଭୁବନେଶ୍ୱର, ୬।୧୧ (ସମିସ): ରାସ୍ତାରେ ଅଟକାଇ ଖଣ୍ଡାରେ ହାଣିବା ସହ ଗାଡ଼ି ଭଙ୍ଗାରୁଜା କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବୁଦ୍ଧ ନଗରର ଶୁଭମ ପଲେଇ (୧୯) ଓ ସନ୍ତୋଷ ଦାସ ଓରଫ୍ ମୁନୁ (୨୧)।

ପୁଲିସ କହିବା ଅନୁସାରେ, ବିଜେବି ନଗର ଅନ୍ତର୍ଗତ ମଇଁଷାଖାଲ ଅଞ୍ଚଳରେ ରହୁଥିବା ରଞ୍ଜନ ଦାସ ୩ ବର୍ଷ ହେବ ସନଫ୍ଲାୱାର ନର୍ସିଂହୋମରେ ଚାକିରି କରୁଛନ୍ତି। ଗତକାଲି ସନ୍ଧ୍ୟାରେ ସେ ଜରୁରୀ ପାର୍ସଲ ନେଇ ଡାକ୍ତରଙ୍କ ଘରକୁ ଯାଉଥିବା ବେଳେ ବୁଦ୍ଧନଗର ସ୍ଥିତ କଦଳୀ ଗୋଦାମ ବସ୍ତି ନିକଟରେ ଶୁଭମ୍, ମୁନୁ ଓ ତାଙ୍କ ସହଯୋଗୀମାନେ ତାଙ୍କୁ ଜୋରଜବରଦସ୍ତ ରାସ୍ତାରେ ଅଟକାଇବା ସହ ହଠାତ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାସହିତ ଖଣ୍ଡା ଓ ପଥର ସାହାଯ୍ୟରେ ତାଙ୍କ ମୋଟରସାଇକେଲକୁ ଆକ୍ରମଣ କରି କ୍ଷତିଗ୍ରସ୍ତ ମଧ୍ୟ କରିଥିଲେ। ରଞ୍ଜନ କେବଳ ଶୁଭମ ଓ ଲୋକନାଥକୁ ଚିହ୍ନି ପାରିଥିଲେ।ଏନେଇ ରଞ୍ଜନ ଲକ୍ଷ୍ମୀସାଗର ଥାନାରେ ଏତଲା ଦେବାପରେ ମାମଲା ରୁଜୁ ହୋଇଥିଲା। ପିଡବ୍ଲ୍ୟୁଡି ବସ୍ତିରୁ ଶୁଭମକୁ ଓ ବୁଦ୍ଧ ନଗରରୁ ସନ୍ତୋଷକୁ ଗିରଫ କରିବା ସହ ଖଣ୍ଡା ଓ କ୍ଷତିଗ୍ରସ୍ତ ମୋଟରସାଇକେଲକୁ ଜବତ କରିଥିଲା।

ଏସ୍ପିଙ୍କ ଡ୍ରାଇଭର ସାଜିଥିଲା ଚେନ୍ ଲୁଟେରା

ଭୁବନେଶ୍ୱର, ୬।୧୧ (ସମିସ): ଯାହାଙ୍କ କାନ୍ଧରେ ଆଇନଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣର ଗୁରୁଦାୟିତ୍ୱ, ସେହି ପୁଲିସ ବିଭାଗର ଜଣେ ଅଧିକାରୀଙ୍କ ଗାଡ଼ି ଚଳାଉଥିବା ବ୍ୟକ୍ତି ନିଜେ ଚେନ୍ ଲୁଟ୍ ଭଳି ଅପରାଧରେ ସମ୍ପୃକ୍ତ। ମହିଳାଙ୍କ ବେକରୁ ସୁନା ଚେନ୍ ଓ ହୀରା ପେଣ୍ଡି ଲୁଟ୍ ଘଟଣାରେ ଏସ୍ପିଙ୍କ ଡ୍ରାଇଭର ସମେତ ୩ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଏସ୍ପିଙ୍କ ଡ୍ରାଇଭର ତଥା ଚକେଇସିଆଣୀର ପ୍ରିୟବ୍ରତ ଜେନା (୩୭), ନୃସିଂହ ଚରଣ ସାହୁ (୪୭) ଓ ଭିଏସ୍ଏସ୍ ନଗରର ଅଳଙ୍କାର ଦୋକାନୀ ଆଲୋକ ସେନାପତି (୩୭)।

- ମହିଳାଙ୍କ ବେକରୁ ଝାମ୍ପି ନେଇଥିଲା ୩.୫ ଲକ୍ଷ ଟଙ୍କାର ସୁନା ଚେନ୍
- ଲୁଟ୍ ଅଳଙ୍କାର ବନ୍ଧକ ରଖି ନେଇଥିଲେ ଗୋଲ୍ଡ ଲୋନ୍
- ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଗିରଫ

ପୁଲିସ ସୂଚନାନୁସାରେ, ଗତମାସ ୨୪ ତାରିଖ ରାତି ପ୍ରାୟ ୮ଟା ୩୩ ମିନିଟ୍ ସମୟରେ ଅବସରପ୍ରାପ୍ତ ଯନ୍ତ୍ରୀ ସଞ୍ଜୀବ କୁମାର ମହାନ୍ତି ନିଜ ପତ୍ନୀଙ୍କ ସହ ଜୟଦେବ ବିହାରସ୍ଥିତ ଶାଶୁଘରୁ ଫେରୁଥିଲେ। ସେମାନେ ସାନ୍ଭି ନିବାସ ସମ୍ମୁଖରେ ରଖିଥିବା ନିଜ କାର୍ ପାଖକୁ ଯାଉଥିବା ବେଳେ ପ୍ରିୟବ୍ରତ ସ୍କୁଟିରେ ଆସି ସ୍ମିତା ଦାସଙ୍କ ବେକରୁ ହୀରା ପେଣ୍ଡେଣ୍ଟ ଲାଗିଥିବା ସୁନା ଚେନ୍‌ଟିକୁ ଜୋର୍ ଝାମ୍ପି ନେଇଥିଲା। ସ୍ମିତା ରାସ୍ତାରେ ପଡ଼ି ଆହତ ହୋଇଥିଲେ। ଲୁଟ୍ ହୋଇଥିବା ସୁନା ଚେନ୍ ଓ ହୀରା ପେଣ୍ଡେଣ୍ଟର ଓଜନ ୧୫ରୁ ୨୦ ଗ୍ରାମ୍ ହୋଇଥିବାବେଳେ ଏହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ୫୦ ହଜାର ଟଙ୍କା ଥିଲା। ଏନେଇ ସଞ୍ଜୀବ ନୂଆପଲ୍ଲୀ ଥାନାରେ ମାମଲା ରୁଜୁ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳର ସିସିଟିଭି ଫୁଟେଜ୍ ଯାଞ୍ଚ କରି ଗାଡ଼ି ନମ୍ବର ଆଧାରରେ ପ୍ରିୟବ୍ରତକୁ ଚିହ୍ନଟ କରିଥିଲା।

ରସୁଲଗଡ଼ ଅଞ୍ଚଳରୁ ପ୍ରିୟବ୍ରତକୁ ସ୍କୁଟି ସହ ଗିରଫ କରିଥିଲା। ପଚରାଉଚରା ସମୟରେ ସେ ନୂଆପଲ୍ଲୀ, ଖଣ୍ଡଗିରି ଓ ଭରତପୁର ଅଞ୍ଚଳରେ ଘଟିଥିବା ଏକାଧିକ ଚେନ୍ ଲୁଟ୍ କରିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ଲୁଟ୍ ସୁନା ଚେନ୍‌କୁ ସେ ଚକେଇସିଆଣି ଅଞ୍ଚଳର ନୃସିଂହ ଚରଣ ସାହୁ ଓ ଆଲୋକ ସେନାପତିଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଥିଲା। ଏହାପରେ ପୁଲିସ ପ୍ରଥମେ ନୃସିଂହକୁ ଓ ପରେ ଆଲୋକକୁ ଭିଏସ୍ଏସ୍ ନଗରସ୍ଥିତ ଅଳଙ୍କାର ଦୋକାନରୁ ଗିରଫ କରିଥିଲା। ଲୁଟ୍ ସୁନା ଚେନ୍‌କୁ କଟକ ଲିଙ୍କ୍ ରୋଡ୍‌ସ୍ଥିତ କାନାରା ବ୍ୟାଙ୍କ ଶାଖାରେ ବନ୍ଧକ ରଖି ନିଜ ନାମରେ ଗୋଲ୍ଡ ଲୋନ୍ ନେଇଥିବା ପଚରାଉଚରା ସମୟରେ ନୃସିଂହ କହିଥିଲା। ଅଭିଯୁକ୍ତମାନଙ୍କ ଠାରୁ ଲୁଟ୍ ହୋଇଥିବା ୭ଟି ସୁନାଚେନ୍, ୩ଟି ମୋବାଇଲ୍ ଫୋନ୍ ଓ ଏକଲକ୍ଷ ୩୨ ହଜାର ଟଙ୍କା ଜବତ କରିଥିଲା। ଗତ ୮ ମାସ ଧରି ପ୍ରିୟବ୍ରତ ରାଜଧାନୀରେ ଆତଙ୍କ ଖେଳାଇ ଥିଲା। ଏହାରି ଭିତରେ ପ୍ରିୟବ୍ରତ ୭ ଜଣଙ୍କ ଠାରୁ ଚେନ୍ ଲୁଟ୍ କରିଥିବା ତଦନ୍ତ ବେଳେ ଜଣାପଡ଼ିଛି। ସେହିପରି ନୃସିଂହ ନାମରେ ୪ଟି ଓ ଆଲୋକ ନାମରେ ୨ଟି ମାମଲା ରହିଛି।

ଅସହ୍ୟ ହେଲା ମାଆର ନିର୍ଯାତନା

ଚାଉଳ ପୋକମରା ଔଷଧ ଖାଇ ଜୀବନ ହାରିଲା ଝିଅ

ଭୁବନେଶ୍ୱର, ୬।୧୧ (ସମିସ): ବାପାଙ୍କ ମୃତ୍ୟୁପରେ ଦ୍ୱିତୀୟ ବିବାହ କଲା ମାଆ। ଆଉ ବିବାହ ପରେ ସବୁକିଛି ବଦଳିଗଲା। ଖୋଦ୍ ଜନ୍ମଦାତ୍ରୀ ମାଆର ନିର୍ଯାତନା ଅସହ୍ୟ ହେଲା। ଶେଷରେ ଚାଉଳ ପୋକ ମରା ଔଷଧ ଖାଇ ଜୀବନ ହାରିଲା ଝିଅ। ଲକ୍ଷ୍ମୀନଗର ବସ୍ତି ଅଞ୍ଚଳରେ ଏଭଳି ଘଟଣା ଘଟିଛି। ମୃତ ଯୁବତୀ ହେଉଛନ୍ତି ଶାନ୍ତିଲତା ନାୟକ (୨୧)। ଜେଜେ ମାଆ କିଲା ନାୟକଙ୍କ ଅଭିଯୋଗ କ୍ରମେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ମାମଲା ରୁଜୁ କରିଛି। ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ମାଆକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମହିଳା ହେଲେ ମାନିନୀ ମଞ୍ଜରୀ ପ୍ରଧାନ (୩୯)।

ପୁଲିସ ସୂଚନାନୁସାରେ, କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ି ଅଞ୍ଚଳର ମାନିନୀ ୨୦୦୨ ମସିହାରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ବିରିପଡ଼ା ଗ୍ରାମର ଝଡ଼ିରାମ ନାୟକଙ୍କୁ ବିବାହ କରିଥିଲେ। ବିବାହ ପରେ ପୁଅ ଓ ଝିଅ ଶାନ୍ତିଲତା ଜନ୍ମ ହୋଇଥିଲେ। ୨୦୦୭ ମସିହାରେ ଝଡ଼ିରାମଙ୍କ ମୃତ୍ୟୁ ପରେ ସେ ନିଜର ଦୁଇ ସନ୍ତାନଙ୍କ ସହ ପୈତୃକ ଘରକୁ ଫେରି ଯାଇଥିଲେ। ମାନିନୀ ପରବର୍ତ୍ତୀ ସମୟରେ ଅରୁଣ କୁମାର ପ୍ରଧାନଙ୍କୁ ଦ୍ୱିତୀୟ ବିବାହ କରି ଲକ୍ଷ୍ମୀନଗର ବସ୍ତିରେ ରହୁଥିଲେ। ତାଙ୍କର ଦୁଇ ସନ୍ତାନ ଜେଜେ ମାଆ କିଲାଙ୍କ ନିକଟରେ ରହୁଥିଲେ। ମୃତା ଶାନ୍ତିଲତା ନାୟକ ଇଞ୍ଜିନିୟରିଂ ଶିକ୍ଷା ସମାପ୍ତ କରି ବ୍ୟାଙ୍କ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ।

ଘଟଣାର ପ୍ରାୟ ୩/୪ ମାସ ପୂର୍ବରୁ ସେ ମାଆ ମାନିନୀ ଓ ଦ୍ୱିତୀୟ ବାପାଙ୍କ ସହ ରହୁଥିଲେ।ମାଆ ଓ ଝିଅଙ୍କ ମଧ୍ୟରେ ବିଭିନ୍ନ ସାମାନ୍ୟ କଥାକୁ ନେଇ ବାରମ୍ବାର ଝଗଡ଼ା ହେଉଥିଲା। ମାନିନୀ ତାଙ୍କ ଝିଅ ଶାନ୍ତିଲତାଙ୍କୁ ନିୟମିତ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ଗାଳିଗୁଲଜ କରୁଥିଲେ। ଘର ଛାଡ଼ି ଚାଲିଯିବାକୁ କହିବା ସହ ତାଙ୍କ ଚରିତ୍ରକୁ ନେଇ ବାରମ୍ବାର ଅପମାନିତ କରୁଥିବା ଅଭିଯୋଗ ହୋଇଛି । ଘଟଣାର ଦୁଇ ଦିନ ପୂର୍ବରୁ ପୁନର୍ବାର ମାଆ ଓ ଝିଅଙ୍କ ମଧ୍ୟରେ ଝଗଡ଼ା ହେବାସହ ତମାଣ୍ଡୋ ଥାନାର ଆପୋଷ ସମାଧାନ କରିଥିଲେ। ଏହାସହିତ ଝିଅ ହଷ୍ଟେଲରେ ରହିବାକୁ ମଧ୍ୟ ସ୍ଥିର ହୋଇଥିଲା।

ଗତ କାଲି ବାପା ଅରୁଣ ଅଫିସ ଯିବା ପରେ ମୃତା ଶାନ୍ତିଲତା ତାଙ୍କ ବଡ଼ ମାଉସୀଙ୍କୁ ଫୋନ୍ କରିଥିଲେ। ମାଆଙ୍କ ନିର୍ଯାତନା ସହି ନପାରି ଚାଉଳ ପୋକ ମରା ଔଷଧ ଖାଇଥିବା ଜଣାଇଥିଲେ। ତୁରନ୍ତ ତାଙ୍କ ବଡ଼ ମାଉସୀ ଓ ବାପା ଘରେ ପହଞ୍ଚି ତାଙ୍କୁ ଏମ୍ସ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ। କିନ୍ତୁ ଡାକ୍ତର ପରୀକ୍ଷା ତାଙ୍କୁ ମୃତ ଘୋଷଣା କରିଥିଲେ। ମାଆର ନିର୍ଯାତନା ଅସହ୍ୟ ହେବାରୁ ଝିଅ ଆତ୍ମହତ୍ୟା କରିଥିବା ଜେଜେମାଆ ତମାଣ୍ଡୋ ଥାନାରେ ଏତଲା ଦେଇଥିଲେ। ପୁଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ମାନିନୀକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ପାର୍କ କଡ଼ରୁ ମିଳିଥିବା କଙ୍କାଳ ଶରତଙ୍କର

ଭୁବନେଶ୍ୱର, ୬।୧୧ (ସମିସ): ମାସେରୁ ଉର୍ଦ୍ଧ୍ୱ ହେବ ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ ବଢ଼ିଛି ରହସ୍ୟ। ଗାଡ଼କଣସ୍ଥିତ ଗୁରୁ କେଲୁଚରଣ ପାର୍କ ପାଚେରି କଡ଼ ଜଙ୍ଗଲରୁ ଉଦ୍ଧାର ହୋଇଥିବା କଙ୍କାଳ ନିଖୋଜ ଶରତ ସାହୁଙ୍କର ବୋଲି ସନ୍ଦେହ କରୁଛି ପୁଲିସ। କଙ୍କାଳ ନିକଟରୁ ମିଳିଥିବା ଅଧା ପ୍ୟାଣ୍ଟ ଓ ନିର୍ଦ୍ଦିଷ୍ଟ ଲେଖା ଥିବା ନୀଳ ରଙ୍ଗର ଟି-ସାର୍ଟ ଏହି ସନ୍ଦେହକୁ ଅଧିକ ଘନୀଭୂତ କରିଛି। ତେବେ ଡିଏନ୍ଏ ପରୀକ୍ଷା ଓ ଅନ୍ୟାନ୍ୟ ଫରେନ୍‌ସିକ୍ ଯାଞ୍ଚ ପରେ ହିଁ ମୃତକଙ୍କ ପ୍ରକୃତ ପରିଚୟ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

ପୁଲିସ ସୂଚନା ଅନୁଯାୟୀ, ଗୁରୁ କେଲୁଚରଣ ପାର୍କର ପାଚେରି ବାହାର ପାର୍ଶ୍ୱରେ ଥିବା ଏକ ଜଙ୍ଗଲିଆ ସ୍ଥାନରୁ ମଣିଷ କଙ୍କାଳର କିଛି ଅଂଶ ଉଦ୍ଧାର କରାଯାଇଥିଲା। ସେଥିରେ ଖପୁରି, ଗୋଡ଼ର ହାଡ଼ ସମେତ ଅନ୍ୟାନ୍ୟ ହାଡ଼ ରହିଥିଲା। ଏନେଇ ମଞ୍ଚେଶ୍ୱର ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା। ପ୍ରାଥମିକ ଡାକ୍ତରୀ ଯାଞ୍ଚରୁ କଙ୍କାଳଟି ପ୍ରାୟ ୫୦ରୁ ୬୦ ବର୍ଷ ବୟସର ଜଣେ ବ୍ୟକ୍ତିଙ୍କର ବୋଲି ଆକଳନ କରାଯାଇଥିଲା।ଏହାପରେ ମଞ୍ଚ?ଶ୍ୱର ଥାନାରେ ଥିବା ନିଖୋଜ ବ୍ୟକ୍ତିଙ୍କ ତାଲିକା ଯାଞ୍ଚ କରିଥିଲା ପୁଲିସ। ଏଥିରୁ ଦୁଇଜଣ ନିଖୋଜ ପୁରୁଷଙ୍କ ସମ୍ପର୍କରେ ତଥ୍ୟ ମିଳିଥିଲା। ଅଧିକ ଯାଞ୍ଚରୁ ଜଣାପଡ଼ିଥିଲା ଯେ, ଡମଣା ହାଟ ବସ୍ତିର ବାସିନ୍ଦା ଶରତ ସାହୁ ଗତ ଅଗଷ୍ଟ ୨୯ ତାରିଖରୁ ଆଦିମାତା କଲୋନୀ ଅଞ୍ଚଳରୁ ନିଖୋଜ ହୋଇଯାଇଛନ୍ତି। ତାଙ୍କ ନିଖୋଜ ନେଇ ମଞ୍ଚେଶ୍ୱର ଥାନା ପୁଲିସ ଅପହରଣ ମାମଲା ରୁଜୁ ହୋଇ କରିଥିଲା। ଏବେ ନରକଙ୍କାଳ ମିଳିବା ପରେ ପୁଲିସ ନିଖୋଜ ଶରତଙ୍କ ପରିବାର ସଦସ୍ୟଙ୍କୁ ପଚରାଉଚରା କରିଥିଲା।

- ପୋଷାକରୁ ମିଳିଲା ପରିଚୟ
- ଅଗଷ୍ଟ ମାସରୁ ନିଖୋଜ ଥିଲେ
- ଡିଏନ୍ଏ ପରୀକ୍ଷା ପରେ ସ୍ପଷ୍ଟ ହେବ ପରିଚୟ

ସେ ନିଖୋଜ ହେବା ସମୟରେ ଅଧା ପ୍ୟାଣ୍ଟ ସହ ଏକ ନିର୍ଦ୍ଦିଷ୍ଟ ଲେଖା ଥିବା ନୀଳ ରଙ୍ଗର ଗୋଲ ବେକ ଟି-ସାର୍ଟ ପିନ୍ଧିଥିବା ଜଣାପଡ଼ିଥିଲା। କଙ୍କାଳ ନିକଟରୁ ସମାନ ବର୍ଣ୍ଣନାର ପୋଷାକ ମିଳିବା ପରେ ତାହା ଶରତଙ୍କର ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ତେବେ କେବଳ ପୋଷାକ ଆଧାରରେ ପରିଚୟ ନିଶ୍ଚିତ କରାଯାଇପାରିବ ନାହିଁ। ତେଣୁ ଡିଏନ୍ଏ ପ୍ରୋଫାଇଲିଂ ସହ ଆବଶ୍ୟକ ଫରେନ୍‌ସିକ୍ ପରୀକ୍ଷା ପରେ ହିଁ ଏହା ସ୍ପଷ୍ଟ ହେବ। ଡିଏନ୍ଏ ପରୀକ୍ଷା ପାଇଁ ପୁଲିସ କୋର୍ଟରେ ଆବେଦନ କରିଛି। ଅନୁମତି ମିଳିବା ପରେ ଆବଶ୍ୟକୀୟ ପ୍ରକ୍ରିୟା ଆରମ୍ଭ ହେବ ବୋଲି ପୁଲିସ କହିଛି।

ରାଜଧାନୀରୁ ଅଧା କିଲୋ ବ୍ରାଉନ୍ସୁଗର ଜବତ; ୩ ଗିରଫ

ଭୁବନେଶ୍ୱର, ୬।୧୧ (ସମିସ): ରାଜଧାନୀ ଭୁବନେଶ୍ୱରରେ ନିଶା କାରବାର ବିରୋଧରେ ଚଢ଼ଉ କରିଛି ଅବକାରୀ ବିଭାଗ। ଦିନକରେ ୪୯୦ ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଥରବନ୍ଧ ବସ୍ତିର ସମୀର କୁମାର ପ୍ରଧାନ, ୟୁନିଟ୍ ୪ ମଙ୍ଗଳା ବସ୍ତିର ଆଶୁତୋଷ ଭାରତୀ ଓ ବି ଲିଙ୍ଗରାଜ ପାତ୍ର। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୪୯ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।



ସୂଚନାନୁସାରେ, ସହିଦନଗର ଥାନା ଅଞ୍ଚଳରେ ବ୍ରାଉନସୁଗର ବେପାର ଚାଲିଥିବା ନେଇ ଅବକାରୀ ପୁଲିସ ଖବର ପାଇଥିଲା। ଅବକାରୀ ଇନ୍ସପେକ୍ଟର ସତସଙ୍ଗ ବିହାର ନିକଟରେ ଚଢ଼ଉ କରି ସମୀରକୁ ଅଟକ ରଖିଥିଲା। ଯାଞ୍ଚ ବେଳେ ତା' ହେପାଜତରୁ ୨୧୫ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଥିଲା। ସେହିପରି ୟୁନିଟ୍ ୪ ଅଞ୍ଚଳରେ ବ୍ରାଉନସୁଗର କାରବାର ହେଉଥିବା ଖବରପାଇ ଏମ୍ଏଲ୍ଏ କଲୋନୀ ପଛପଟେ ଚଢ଼ଉ କରିଥିଲା। ସେଠାରୁ ଆଶୁତୋଷକୁ ସନ୍ଦେହଜନକ ଅବସ୍ଥାରେ ଅଟକ ରଖିଥିଲା। ତଲାସୀ ବେଳେ ଆଶୁତୋଷ ଠାରୁ ୧୭୫ ଗ୍ରାମ ଓଜନର ବ୍ରାଉନସୁଗର ମିଳିଥିଲା। ସେପଟେ ଅବକାରୀ ଜିଲ୍ଲା ମୋବାଇଲ୍ ୟୁନିଟ୍ ବଡ଼ଗଡ଼ ଥାନା ଅଧିନସ୍ଥ ମଇଁଷିଖାଲ ବସ୍ତିରେ ଚଢ଼ଉ କରିଥିଲା। ଲିଙ୍ଗରାଜ ବ୍ରାଉନସୁଗର ବିକ୍ରି କରୁଥିବା ବେଳେ ଅବକାରୀ ଟିମ୍ ତାକୁ ମାଡ଼ି ବସିଥିଲା। ତା' ଠାରୁ ୧୦୦ ଗ୍ରାମ ଓଜନର ବ୍ରାଉନସୁଗର ଓ ମୋଟରସାଇକେଲ ଜବତ କରିଥିଲା। ଭୁବନେଶ୍ୱର ଅବକାରୀ ପୁଲିସ ୩ଟି ପୃଥକ୍ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

ରାଜଧାନୀ ମୁହାଁ ଶିକ୍ଷକ, ମୂଳ ବିଦ୍ୟାଳୟକୁ ଫେରିବାକୁ ଅନିଚ୍ଛୁକ!

ଡେପୁଟେସନ ସରିବା ପରେ ବି ସହରରେ ଆସ୍ଥାନ

ଗଣଶିକ୍ଷା ବିଭାଗର ନିଷ୍କ୍ରିୟତାକୁ ନେଇ ଉଠିଲା ପ୍ରଶ୍ନ

ଭୁବନେଶ୍ୱର, ୬ ।୧୧(ସମିସ)

ରାଜଧାନୀ ମୁହାଁ ଶିକ୍ଷକ। ଡେପୁଟେସନରେ ଥରେ ଭୁବନେଶ୍ୱର ଆସିବା ପରେ ଆଉ ମୂଳ କର୍ମସ୍ଥଳୀକୁ ଫେରିବାକୁ ନାଁ ଧରୁ ନାହାନ୍ତି। ଡେପୁଟେସସନ୍ ଅବଧି ସରିବା ପରେ ମଧ୍ୟ ରାଜଧାନୀରେ ରହି ଶିକ୍ଷାଦାନ କରୁଛନ୍ତି। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଶିକ୍ଷା ବ୍ୟବସ୍ଥାରେ ଅସନ୍ତୁଳନ ସୃଷ୍ଟି ହେଉଛି। ଅପରପକ୍ଷରେ ଏହି ସମସ୍ୟା ଉପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିରବତା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ବିଭିନ୍ନ ଜିଲ୍ଲାର ବିଦ୍ୟାଳୟରେ କାର୍ଯ୍ୟରତ ୧୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ୨୦୨୨ରେ ପ୍ରଶାସନିକ ଆବଶ୍ୟକତା ଏବଂ ବିଭାଗୀୟକାର୍ଯ୍ୟ ପାଇଁ ଡେପୁଟେସନରେ ରାଜଧାନୀ ଭୁବନେଶ୍ୱରକୁ ଅଣାଯାଇଥିଲା। ସେମାନଙ୍କ ଅବଧି ୩ ବର୍ଷ ପର୍ଯ୍ୟନ୍ତ ରହିଥିବା ଏବଂ ଅବଧି ସରିବା ପରେ ମୂଳ ବିଦ୍ୟାଳୟରେ ଯୋଗଦେବାକୁ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଥିଲା। ମାତ୍ର ୨୦୨୫ରୁ ଏହି ସମସ୍ତ ଶିକ୍ଷକଙ୍କ ଡେପୁଟେସନ ଅବଧି ଶେଷ ହୋଇଥିବାବେଳେ କେହି ନିଜର ମୂଳ ବିଦ୍ୟାଳୟକୁ ଫେରିନାହାନ୍ତି। ଭୁବନେଶ୍ୱର ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ପକ୍ଷରୁ ୨୦୨୫ ଜୁନ୍ ୫ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି କରାଯାଇ ଏହି ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଡେପୁଟେସନ୍ ଅବଧି ଶେଷ ହୋଇଥିବା ଅବଗତ କରିଛନ୍ତି। ଏହାର ପରବର୍ତ୍ତୀ ପଦକ୍ଷେପ କଣ ନିଆଯିବ ଅର୍ଥାତ୍ ସମ୍ପୃକ୍ତ ଶିକ୍ଷକମାନେ ସେମାନଙ୍କ ମୂଳ ବିଦ୍ୟାଳୟକୁ ଫେରିବେ ନା ଡେପୁଟେସନ୍‌ରେ କାର୍ଯ୍ୟରତ ରହିବେ, ସେନେଇ ସ୍ପଷ୍ଟ କରିବାକୁ ଅନୁରୋଧ କରିଛନ୍ତି। ମାତ୍ର ଏବେଯାଏଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ କୌଣସି ନିର୍ଦ୍ଦେଶ ଦିଆଯାଇ ନ ଥିବା ଭୁବନେଶ୍ୱର ବିଇଓ ବ୍ରହ୍ମାନନ୍ଦ ରାଉତ କହିଛନ୍ତି। ପ୍ରାୟ ଦେଢ଼ବର୍ଷ ପରେ ମଧ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏପରି ନିଷ୍କ୍ରିୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହାର ସିଧାସଳଖ ପ୍ରଭାବ ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳର ବିଦ୍ୟାଳୟଗୁଡ଼ିକ ଉପରେ ପଡୁଛି। ଯେଉଁ ବିଦ୍ୟାଳୟରୁ ଶିକ୍ଷକମାନେ ଡେପୁଟେସନରେ ଆସୁଛନ୍ତି, ସେଠାରେ ପୂର୍ବରୁ ଥିବା ଶିକ୍ଷକ ଅଭାବ ସମସ୍ୟା ଆହୁରି ଗମ୍ଭୀର ହେଉଛି। ଅନେକ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବାରୁ ପିଲାମାନଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଯଦି ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଅସ୍ଥାୟୀ ଭାବେ ଡେପୁଟେସନ ଦିଆଯାଇଛି, ତେବେ ତାହାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରଖିବାର ଯଥାର୍ଥତା କ'ଣ ରହିଛି ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ରାଜ୍ୟବ୍ୟାପୀ ଡେପୁଟେସନରେ ଥିବା ଶିକ୍ଷକମାନଙ୍କର ସମୀକ୍ଷା କରି ତ୍ୱରିତ ପଦକ୍ଷେପ ନେବାକୁ ଶିକ୍ଷାବିତ ଓ ଅଭିଭାବକମାନେ ଦାବି କରିଛନ୍ତି।

କଣ୍ଟାପାଳ କେନାଲରେ ୩ ଘାଇ

ଭୁବନ,୫ ।୧୧(ସମିସ):



ଭୁବନ ବ୍ଲକ ଏକତାଳି ପଞ୍ଚାୟତ ପୁରୁଷୋତ୍ତମପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉତ୍ତର ପାର୍ଶ୍ୱରେ କଣ୍ଟାପାଳ କେନାଲରେ ବିରାଟ ଘାଇ ସୃଷ୍ଟି ହୋଇଛି। ଚାଷୀଙ୍କ ଜମିକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ରେଙ୍ଗାଳି କେନାଲ ଏବେ ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କେନାଲର ବନ୍ଧ ଭାଙ୍ଗି ତିନି ସ୍ଥାନରେ ବଡ଼ ଘାଇ ସୃଷ୍ଟି ହେବାରୁ ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇଛି। ନଭେମ୍ବର ୫ ସୁଦ୍ଧା ରବି ଫସଲ ପାଇଁ ଜମି ପ୍ରସ୍ତୁତି ଚାଲିଥିବା ବେଳେ ଅନାବଶ୍ୟକ ଜଳ ପ୍ରବାହ ଚାଷୀଙ୍କ ଚିନ୍ତା ବଢ଼ାଇଛି।

ବ୍ରାହ୍ମଣୀ ନଦୀର ଜଳକୁ ରେଙ୍ଗାଳିଠାରେ ଅଟକାଇବା ପରେ ସମଲଠାରୁ ରେଙ୍ଗାଳି କେନାଲ ମାଧ୍ୟମରେ ଢେଙ୍କାନାଳ ଜିଲ୍ଲାକୁ ଜଳସେଚନ ବ୍ୟବସ୍ଥା ହୋଇଛି। ରେଙ୍ଗାଳି ବାମ ମୁଖ୍ୟ କେନାଲରୁ ଓଡ଼ିଶଠାରୁ ଭୁବନ ଶାଖା କେନାଲ ବାହାରିଛି। ଏହାର ଶେଷମୁଣ୍ଡ ହେଉଛି କଣ୍ଟାପାଳ ମାଇନର। ଭୁବନ ବ୍ଲକ ଏକତାଳି ପଞ୍ଚାୟତ ପୁରୁଷୋତ୍ତମପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଉତ୍ତର ପାର୍ଶ୍ୱରେ ଥିବା କେନାଲରେ ବିରାଟ ଘାଇ ହୋଇଛି। କେବଳ ଏହି ଗୋଟିଏ ସ୍ଥାନ ନୁହେଁ, କେନାଲର ତିନଟି ସ୍ଥାନରେ ମାଟି ଧସିବାରୁ ପାଣି ଆଖପାଖ ଜମିକୁ ମାଡ଼ିଯାଇଛି। ଏହାର ସବୁଠାରୁ ଅଧିକ ପ୍ରଭାବ ସୁନପଶି ମୌଜାରେ ପଡ଼ିଛି। ଏଠାରେ ରବି ଫସଲ ପାଇଁ ଜମି ପ୍ରସ୍ତୁତ କରୁଥିବା ୫୦ରୁ ଊର୍ଦ୍ଧ୍ୱ ଚାଷୀ ଅସୁବିଧାରେ ପଡ଼ିଛନ୍ତି। ଜମିରେ ଅନାବଶ୍ୟକ ଭାବେ ପାଣି ଜମି ରହିବାରୁ ହଳ, ଚାଷ ଓ ରବି ଫସଲ ପ୍ରସ୍ତୁତି ବାଧାପ୍ରାପ୍ତ ହେଉଛି। ଏବେ ଜଳସେଚନ ଆବଶ୍ୟକତା ନ ଥିବାରୁ ଉପରମୁଣ୍ଡର ଗେଟ୍ ବନ୍ଦ କରି କେନାଲରେ ଜଳ ପ୍ରବାହ ରୋକିବାକୁ ଚାଷୀମାନେ ନିବେଦନ କରିଛନ୍ତି। ଚାଷୀ ଦୀନବନ୍ଧୁ ଦେହୁରୀ କହିଛନ୍ତି, ରବି ଫସଲ ପାଇଁ ଜମି ପ୍ରସ୍ତୁତ କରିବାର ଏହା ଉପଯୁକ୍ତ ସମୟ। କିନ୍ତୁ କେନାଲ ପାଣି ଜମିରେ ପଶିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ଏହାର ତୁରନ୍ତ ସମାଧାନ ହେବା ଦରକାର। ଚାଷୀ ନବଘନ ନାୟକଙ୍କ ଅଭିଯୋଗ ଅନୁଯାୟୀ, ଏହା କେନାଲର ତଳମୁଣ୍ଡ ଅଞ୍ଚଳ। ଲିଆଖାଇ ନାଳର ଉଭୟ ପାର୍ଶ୍ୱରେ ମାଟି କେନାଲ ଥିବାରୁ ବାରମ୍ବାର ମାଟି ଧୋଇହୋଇ ଘଳିଆ ସୃଷ୍ଟି ହେଉଛି। ଆବଶ୍ୟକ ସ୍ଥାନରେ କଂକ୍ରିଟ୍ ଆବରଣ ନ ଥିବାରୁ ଏଭଳି ସମସ୍ୟା ଦେଖାଦେଉଥିବା ସେ କହିଛନ୍ତି। ସେହିପରି ବାଜି ରାଉତ ପଞ୍ଚାୟତ ସମ୍ପାଦକ କଳ୍ପତରୁ ଦାସ କହିଛନ୍ତି, ଏ ନେଇ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଆଶାନୁରୂପ ପଦକ୍ଷେପ ନିଆଯାଉନାହିଁ। ଘାଇ ବନ୍ଦ କରିବା ସହ ଜମିରୁ ପାଣି ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରାଯିବା ଜରୁରୀ। ଭୁବନ କୃଷକ ସମାଜ ସଦସ୍ୟ ଅର୍ଜୁନ କୁମାର ପୃଷ୍ଟି ମଧ୍ୟ ଏହି ସମସ୍ୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଜଳସେଚନ ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ କେନାଲ ଯଦି ଚାଷଜମିକୁ ଜଳମଗ୍ନ କରିବ, ତେବେ ଚାଷୀଙ୍କ ଫସଲ ଓ ଜୀବିକାର ସୁରକ୍ଷା କିଏ କରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଦୁଃଖୁ କୁସ୍କ କହିଛନ୍ତି ଯେ ଚାଷୀଙ୍କ ଉପକାର ପାଇଁ ଜୁଲାଇ ୧୫ରୁ ନଭେମ୍ବର ୧୫ ପର୍ଯ୍ୟନ୍ତ କେନାଲରେ ପାଣି ଛଡ଼ାଯାଇଥାଏ। କଣ୍ଟାପାଳ ମାଇନରରେ ଘାଇ ସୃଷ୍ଟି ହୋଇଛି। ଏବେ ତତ୍କାଳ ଜଳପ୍ରବାହ ବନ୍ଦ କରିବା ସମ୍ଭବ ହେବ ନାହିଁ। ଉପରମୁଣ୍ଡରେ କେତେକ ସ୍ଥାନରେ ଗେଟ୍ ଚୋରି ହୋଇଥିବାରୁ ସମସ୍ୟା ରହିଛି। ତତ୍କାଳ କିଛି ବ୍ୟବସ୍ଥା କରିବାକୁ ଯୋଜନା କରାଯିବ ବୋଲି ସେ କହିଛନ୍ତି। ତେବେ ଚାଷୀଙ୍କ ପାଇଁ ନିର୍ଦ୍ଧାରିତ

- ଶହ ଶହ ଏକର ଜମି ଜଳମଗ୍ନ, ରବିଚାଷ ପୂର୍ବରୁ ଚାଷୀ ହନ୍ତସନ୍ତ
- ଗେଟ୍ ବନ୍ଦ ପାଇଁ ନିବେଦନକୁ ପ୍ରଶାସନର ଅଣଦେଖା ଅଭିଯୋଗ
- କୋଟି କୋଟି ଟଙ୍କାରେ ନିର୍ମିତ କେନାଲର ମାନକୁ ନେଇ ପ୍ରଶ୍ନ

- ଟାଟା ଷ୍ଟିଲ ପକ୍ଷରୁ 'ନିକ୍ଷୟ ମିତ୍ର' କାର୍ଯ୍ୟକ୍ରମ ଶୁଭାରମ୍ଭ

ଯକ୍ଷ୍ମା ରୋଗୀଙ୍କୁ ୬ ମାସ ମିଳିବ ପୁଷ୍ଟିକର ଖାଦ୍ୟ କୀଟ୍



ଢେଙ୍କାନାଳ,୫ ।୧୧(ସମିସ): ଯକ୍ଷ୍ମାମୁକ୍ତ ସଚେତନତା ପାଇଁ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହଯୋଗରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନିକ୍ଷୟ ମିତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲ୍ଲା ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ଏହାକୁ ଉଦଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମିଳା ବରାଳ, ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର ଏବଂ ଟାଟା ଷ୍ଟିଲ୍ ମେରାମଣ୍ଡଳୀ କର୍ପୋରେଟ୍ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟଯକ୍ଷ୍ମାମୁକ୍ତ ଅଭିଯାନ ପ୍ରତି ନିଜ ସାମାଜିକ ଦାୟିତ୍ୱବୋଧ ସ୍ୱରୂପ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ନିକ୍ଷୟ ମିତ୍ର ଭାବେ ଆଗେଇ ଆସିଛି। ଏହି ଯୋଜନା ଅଧୀନରେ ଚଳିତ ବର୍ଷ ଟାଟା ଷ୍ଟିଲ ଫାଉଣ୍ଡେସନ୍ ଢେଙ୍କାନାଳ ସଦର ଏବଂ ଭୁବନକୁ ପୋଷ୍ୟ ବ୍ଲକ ଭାବେ ଗ୍ରହଣ କରି ସେଠାକାର ଯକ୍ଷ୍ମା ରୋଗୀଙ୍କ ସେବା ଓ ପୁଷ୍ଟିକର ଖାଦ୍ୟ ଯୋଗାଇବା ଦାୟିତ୍ୱ ବହନ କରିଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ଅଧିକାରୀ, ଟାଟା ଷ୍ଟିଲ ମେରାମଣ୍ଡଳୀ ହେଡ୍ କର୍ପୋରେଟ ରିଲେସନ ଆଣ୍ଡ ରେଗୁଲେଟୋରୀ ଆଫ୍ଲିଆନ୍ସ ନୃସିଂହ ଚରଣ ମହାପାତ୍ର ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ୟୁନିଟ୍ ମୁଖ୍ୟ କୁମାର ସୌରଭ ଉପସ୍ଥିତ ଥିଲେ।

ଭୁବନରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି

ଭୁବନ,୫ ।୧୧(ସମିସ): ଭୁବନ ଥାନା ଓଡ଼ିଶ ପଞ୍ଚାୟତ ଟିକରପଡ଼ା ଗ୍ରାମରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ନଭେମ୍ବର ୧ ମଧ୍ୟାହ୍ନ ପ୍ରାୟ ୧୨ଟାରେ ଟ୍ରାନ୍ସଫର୍ମର ନ ଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏ ନେଇ ଗ୍ରାମର ବିରଞ୍ଚି ଧଳ, ଶ୍ରୀଧର ପରିଡ଼ା, ତୋଫାନ ସ୍ୱାଇଁ, ପ୍ରସନ୍ନ ପରିଡ଼ା, ଚନ୍ଦ୍ରମଣି ଧଳ ଓ ମନୋଜ ଧଳ ୨ ତାରିଖ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରିଛି। ଏଏସ୍‌ଆଇ ପିଏମ୍ ତଦନ୍ତ କରୁଛନ୍ତି।

ଢେଙ୍କାନାଳ ଜିଲ୍ଲା ଗସ୍ତରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର

ଯୋରନ୍ଦା ମହିମାଗାଦିର ବିକାଶ କାର୍ଯ୍ୟ ସମୀକ୍ଷା

ଢେଙ୍କାନାଳ,୫ ।୧୧(ସମିସ): ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ର ଢେଙ୍କାନାଳ ଜିଲ୍ଲା ଗସ୍ତ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ବିଭିନ୍ନ ପ୍ରଶାସନିକ କାର୍ଯ୍ୟ ଓ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ସେବାର ସ୍ଥିତି ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମହିମାଗାଦି ପରିଦର୍ଶନ କରି ସେଠାରେ ଚାଲୁଥିବା ନବୀକରଣ ଓ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଅନୁଧାନ କରିଛନ୍ତି। କାର୍ଯ୍ୟର ବୈଷୟିକ ଦିଗ ସମ୍ପର୍କରେ ଅବଗତ ହେବା ସହ ଅଗ୍ରଗତି ଓ ଧାର୍ଯ୍ୟ ସମୟ ମଧ୍ୟରେ ଏହା ସମ୍ପୂର୍ଣ୍ଣ ହେବା



ଆଶା ନେଇ ସେ ସନ୍ତୋଷ ପ୍ରକାଶ କରିଛନ୍ତି। ଆଗାମୀ ପ୍ରସିଦ୍ଧ ମାଘମେଳା ଆୟୋଜନ ସମ୍ପର୍କରେ ସେ ଯୋରନ୍ଦା ମହିମାଗାଦି ପୀଠର ସାଧୁସନ୍ଥମାନଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ଜିଲ୍ଲାର ପ୍ରଶାସନିକ ବ୍ୟବସ୍ଥା ଏବଂ ଜନସାଧାରଣଙ୍କୁ ସେବା ପ୍ରଦାନର ମାନକୁ ମହାପାତ୍ର ଅତ୍ୟନ୍ତ ଉତ୍କୃଷ୍ଟ ବୋଲି ଅଭିହିତ କରିଥିଲେ। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏବଂ ତାଙ୍କର ସମଗ୍ର ଟିମ୍‌ର କାର୍ଯ୍ୟଶୈଳୀ ଓ କଲ୍ୟାଣମୂଳକ ପଦକ୍ଷେପର ପ୍ରଶଂସା କରିଥିଲେ। ପୂର୍ବରୁ କନ୍ଧମାଳ ଓ ମାଲକାନଗିରି ଜିଲ୍ଲାରେ ଜିଲ୍ଲାପାଳ ଭାବେ ପାଟିଲଙ୍କ ଜନକୈନ୍ଦ୍ରିକ କାର୍ଯ୍ୟଧାରା ପାଇଁ ସେଠାକାର ଲୋକେ ଆଜି ମଧ୍ୟ ତାଙ୍କୁ ମନେ ପକାଉଛନ୍ତି। ଢେଙ୍କାନାଳ ଜିଲ୍ଲାରେ ମଧ୍ୟ ସେ ନିଜ କାର୍ଯ୍ୟଦକ୍ଷତା ଓ ନେତୃତ୍ୱର ପ୍ରମାଣ ଦେଇଛନ୍ତି ବୋଲି ମହାପାତ୍ର କହିଥିଲେ।


ସାମ୍ବାଦିକ ଦୀପ୍ତିରଞ୍ଜନ ସାହୁଙ୍କ ପରଲୋକ

କାମାକ୍ଷାନଗର,୫ ।୧୧(ସମିସ): କଙ୍କଡ଼ାହାଡ଼ ବ୍ଲକ କଙ୍କଡ଼ାହାଡ଼ ଗ୍ରାମର ଯୁବ ସାମ୍ବାଦିକ ଦୀପ୍ତିରଞ୍ଜନ ସାହୁ (୩୧)ଙ୍କର ଗୁରୁବାର କଟକ ବଡ଼ ମେଡିକାଲରେ ପରଲୋକ ଘଟିଛି। ୩ ତାରିଖ ରାତିରେ ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ଦେହାନ୍ତ ଘଟିଛି। କଙ୍କଡ଼ାହାଡ଼ ବ୍ଲକରେ ଦୀର୍ଘ ବର୍ଷ ସାମ୍ବାଦିକତା କରି ସେ ବେଶ୍ ଜନପ୍ରିୟ ହୋଇଥିଲେ। ଅପହଞ୍ଚ ଏହି ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା, ଅସହାୟ ଲୋକଙ୍କ ସମସ୍ୟା, ସରକାରୀ ଯୋଜନା କିଭଳି ଲୋକମାନେ ପାଇପାରିବେ ସେ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ସେ ଜଣେ ମେଳାପୀ, କର୍ତ୍ତବ୍ୟନିଷ୍ଠ, ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ସେ କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଦସ୍ୟ ଥିଲେ। ତାଙ୍କ ବିୟୋଗରେ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ, କାର୍ଯ୍ୟକାରୀ ସଭାପତି ଅରବିନ୍ଦ ପାଳ, ଉପସଭାପତି ଦୀପକ ସାହୁ, ଦାପେଶ ପଣ୍ଡା, ସାଧାରଣ ସମ୍ପାଦକ ନବକିଶୋର ସାହୁ, ଉପଦେଷ୍ଟା ଦିବ୍ୟସିଂହ ଦେହୁରୀ, ବୀରବର ସାହୁ, କୋଷାଧ୍ୟକ୍ଷ କ୍ଷୀରୋଦ ଦେହୁରୀ, ସହସମ୍ପାଦକ ଚଗଲା ଦେହୁରୀ, ସଭ୍ୟ ରାଜୀବ ନାୟକ, ରିତେଶ ବ୍ରହ୍ମା, ଜ୍ୟୋତିଜୀବନ ସାହୁ, ଜିତେନ୍ଦ୍ର ପାଣି, ରଞ୍ଜିତ ସାହୁ, ଶଙ୍କର୍ଷଣ ନାଏକ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ଦେହାନ୍ତ କଙ୍କଡ଼ାହାଡ଼ ସାମ୍ବାଦିକତାରେ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ ପାଇଛି।

- ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲା

ବର୍ଷେ ପରେ ଫେରାର ଅଭିଯୁକ୍ତ ଗିରଫ

ଭୁବନ,୫ ।୧୧(ସମିସ): ନାବାଳିକାଙ୍କୁ ଯୌନ ନିର୍ଯାତନା ଅଭିଯୋଗର ଦୀର୍ଘ ଏକ ବର୍ଷ ପରେ ଫେରାର ଥିବା ଅଭିଯୁକ୍ତଙ୍କୁ ଗିରଫ କରିଛି ନିହାଲପ୍ରସାଦ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜିଲ୍ଲା ବୈରୀ ଥାନା ବାଉଁଶମୂଳି ଗ୍ରାମର ଅମୁଜ ମଲ୍ଲିକଙ୍କ ପୁଅ ପ୍ରକାଶ ମଲ୍ଲିକ (୨୪)। ଏହି ଘଟଣାରେ ପୂର୍ବରୁ ଥାନାରେ ମାମଲା ରୁଜୁ ହୋଇଥିଲା। ଗିରଫ ପରେ ପ୍ରକାଶଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତ ପଠାଇ ଦିଆଯାଇଛି। ଏସ୍‌ଆଇ ଅରୁଣ କୁମାର ଦେହୁରୀଙ୍କ ନେତୃତ୍ୱରେ ପ୍ରକାଶଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ଧୀରେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।





କାଳୀପୂଜାରେ ମୀନାବଜାର ବିବାଦ

ପ୍ରଶାସନର ଲୁଚକାଳି ଖେଳ; ତେଜୁଛି ଅସନ୍ତୋଷ

ଯାଜପୁର,୫।୧୧(ସମିସ):



ଯାଜପୁରର ଗଣପର୍ବ ଭାବେ କାଳୀପୂଜା ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ଲାଭ କରିଛି। ବର୍ଷ ବର୍ଷ ଧରି ଏଠାରେ ସଂପୁର୍ଣ୍ଣ ଭାଇଚାରା ମଧ୍ୟରେପ୍ରତିବର୍ଷକାଳୀପୂଜାଆୟୋଜନକରାଯାଏ। ବିଶେଷ କରି ଯାଜପୁର ସହରର ଶାନ୍ତି କମିଟି, କାଳୀପୂଜା କମିଟି ମଧ୍ୟରେ ସମନ୍ୱୟରକ୍ଷା କରାଯାଇ ଶାନ୍ତିଶୃଙ୍ଖଳାରେ ପୂଜା ଯାଜପୁର ପୌରପାଳିକା ପକ୍ଷରୁ କରାଯାଉଥିବା ବିରଜା ଶ୍ରୀ ପଲ୍ଲିଶ୍ରୀ ମେଳାକୁ ଆୟୋଜନ ନେଇ ବାରଣ କରିଥିଲା ପ୍ରଶାସନ। ଏହା ପରଠାରୁ ପ୍ରତ୍ୟେକ ବର୍ଷ କାଳୀପୂଜାରେ ମୀନା ବଜାର ବା ବିରଜାଶ୍ରୀ ମେଳା ଆୟୋଜନ ପାଇଁ ଯାଜପୁର ପୌରପାଳିକାକୁ ଅନୁମତି ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲା ଜିଲ୍ଲା ପ୍ରଶାସନ। କିନ୍ତୁ ଗତବର୍ଷ ମଧ୍ୟ ଅନୁମତି ନ ଦେଇ ପ୍ରସ୍ତାବକୁ ଟାଳି ଦେଇଥିଲା। ଚଳିତ ବର୍ଷ କାଳୀପୂଜାର ପ୍ରସ୍ତୁତି ବୈଠକରେ ସମସ୍ତ ୪୪ ଟି ପୂଜା କମିଟି ପକ୍ଷରୁ ଜିଲ୍ଲା ପ୍ରଶାସନ ନିକଟରେ ମୀନା ବଜାର କରିବାକୁ ପ୍ରସ୍ତାବ ଦେଇଥିଲେ। ଜିଲ୍ଲା ପ୍ରଶାସନ ପ୍ରଥମ ପର୍ଯ୍ୟାୟରେ ହଁ ଭରିଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ମୀନା ବଜାର ପ୍ରସ୍ତାବକୁ ଧରାଛୁଆଁ ନ ଦେଇ ଲୁଚକାଳି ଖେଳୁଥିବା ଅଭିଯୋଗ ହୋଇଛି। ପ୍ରତିବର୍ଷ କାଳୀପୂଜାରେ ସହରବାସୀ ମୀନାବଜାର ଓ ବିରଜାଶ୍ରୀ ମେଳାକୁ ଅପେକ୍ଷା କରୁଥିବା ବେଳେ ଜିଲ୍ଲା ପ୍ରଶାସନ କାହା ପ୍ରରୋଚନାରେ ଏଭଳି ନିଷ୍ପତ୍ତି ନେଉଛି ତାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଜି ଏ ସଂକ୍ରାନ୍ତରେ ଯାଜପୁର ପୂଜା କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପ୍ରଶାସନକୁ କାଠଗଡାକୁ ଟାଣିଛି। ଯେତେବେଳେ ସହରବାସୀ ଓ ସମସ୍ତ ପୂଜା କମିଟି ଦେଇଥିବା ପ୍ରସ୍ତାବକୁ ଜିଲ୍ଲାପ୍ରଶାସନ କାଟ କରିଦେଉଛି ସେତେବେଳେ ପୂଜା କମିଟି ଜାଣିବାକୁ ଚାହୁଁଛି କାହା ନିର୍ଦ୍ଦେଶରେ ପ୍ରଶାସନ ଚାଲୁଛି। କାଳୀ ପୂଜା ସମୟରେ ମୀନାବଜାର ନ କରିବା ଏବଂ ଏହି ଗାରିମାମୟ କାଳୀପୂଜାକୁ ଶ୍ରୀହୀନ କରିବା ପଛରେ କେଉଁ ବ୍ୟକ୍ତି ବିଶେଷଙ୍କ ହାତ ରହିଛି ବୋଲି ପ୍ରଶ୍ନ ଉଠୁଛି। ଏ ନେଇ ଜିଲ୍ଲା ପ୍ରଶାସନ ସହରବାସୀଙ୍କୁ ଜବାବ ଦିଅନ୍ତୁ ବୋଲି ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଆଜି ପ୍ରମୋଦିନି ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂଜା କମିଟିର ସଭାପତି କର୍ଣ୍ଣାଟ କେଶରୀ ଦାସଙ୍କ ସମେତ ଯାଜପୁର ପୌରପାଳିକାର ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ, ଶାନ୍ତି କମିଟି ସଦସ୍ୟ ବଟକୃଷ୍ଣ ମହାପାତ୍ର, ରାଜୀବ ମହାନ୍ତି, ସମରଜିତ ମହାନ୍ତି, ବଳଭଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଶ୍ରୀହୀନ କରିବାକୁ ପ୍ରଶାସନର ଉଦ୍ୟମ: କାଳୀପୂଜା କମିଟି

ଆୟୋଜନ କରାଯାଏ। ପ୍ରଶାସନକୁ ସଂପୁର୍ଣ୍ଣ ସହଯୋଗ କରି ପ୍ରତିବର୍ଷ କାଳୀପୂଜା ଠାରୁ ଆରମ୍ଭ କରି ସାଂସ୍କୃତିକ କାର୍ଯ୍ୟକ୍ରମ, ଭସାଣ ଉତ୍ସବ ଠିକଣା ଭାବେ ଆୟୋଜନ କରାଯାଉଥିଲା। କିନ୍ତୁ ୨୦୨୪ ମସିହାରେ ରାଜ୍ୟରେ ସରକାର ବଦଳିବା ପରେ ଏହି କାଳୀପୂଜା ଆୟୋଜନ ଠାରୁ ଆରମ୍ଭ କରି ଶାନ୍ତି କମିଟି ଗଠନ, ବିରଜାଶ୍ରୀ ମେଳା ଆୟୋଜନରେ ନାନା ବିଶୃଙ୍ଖଳା ପରିଲକ୍ଷିତ ହୋଇଛି। ଶାନ୍ତି କମିଟିରେ ପ୍ରଶାସନ ମନ ଇଚ୍ଛା ଲୋକଙ୍କୁ ସାମିଲ କରିବାକୁ ନେଇ ବିବାଦ ଦେଖାଦେବା ପରେ ନିଜ ଛେପ ନିଜେ ଢୋକିଥିଲା ଜିଲ୍ଲା ପ୍ରଶାସନ। ପୁଣି ପ୍ରତିବର୍ଷ

ହତ୍ୟା ଅଭିଯୁକ୍ତ କୋର୍ଟ ଚାଲାଣ

କୟାଁଗୋଲା,୫।୧୧(ସମିସ): ମଙ୍ଗଳପୁର ଥାନା କନିକା ପଡ଼ା ଗୀତାଞ୍ଜଳିଙ୍କ ମୃତ୍ୟୁ ଘଟଣାରେ ତାଙ୍କ ସ୍ୱାମୀଙ୍କୁ ଅଦାଲତ ଚାଲାଣ କରିଛି ପୁଲିସ। ଏହି ଘଟଣାକୁ ନେଇ ମୃତ ଗୀତାଞ୍ଜଳିଙ୍କ ବାପା ମଙ୍ଗଳପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ୨୭୩/୨୦୨୬ ନମ୍ବରରେ ଏକ ମାମଲା ରୁଜୁ କରିଥିଲା। ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ଧାରା ୧୦୩(୧), ୩(୫), ୮୦ ଓ ୮୫ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଏ ନେଇ ଥାନା ଅଧିକାରୀ ଭୁବନ ମୋହନ ସେଠି ଏହି ସୂଚନା ଦେଇଛନ୍ତି। ପୁଲିସ ଅଭିଯୁକ୍ତଙ୍କୁ ଅଦାଲତରେ ହାଜର କରିଛି।

● ଭାଇବୋହୂ-ଦେଢ଼ଶୂର କୂଅ ପୁନଃଉଦ୍ଧାର ନିମନ୍ତେ କ୍ଷେତ୍ର ପରିଦର୍ଶନ

ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି



ବଡ଼ଚଣା,୫।୧୧(ସମିସ): ବଡ଼ଚଣା ବ୍ଲକ ଚଣ୍ଡିତଳ ଗ୍ରାମର ବହୁ ପୁରାତନ ଐତିହ୍ୟ ଓ ସ୍ଥାପତ୍ୟର ନିଦର୍ଶନ ତଥା ଲୋକ ମୁଖରେ ପ୍ରଚଳିତ କିମ୍ବଦନ୍ତୀ "ଭାଇ ବୋହୂ ଦେଢ଼ଶୂର କୂଅ' ଏବେ ପୁନଃଉଦ୍ଧାର ହେବାକୁ ଯାଉଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହର ଖେଳିଯାଇଛି। ସୂଚନା ଅନୁସାରେ, ଏହି ଐତିହାସିକ କୂଅଟି ଦୀର୍ଘବର୍ଷ ଧରିଅବହେଳିତ ଓ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲା। ଏହାର ଐତିହାସିକ ଗୁରୁତ୍ୱକୁ ଅନୁଧ୍ୟାନ କରି ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ପ୍ରଚେଷ୍ଟା ରେ ଏବେ ଓଡ଼ିଶା ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଓ ପଞ୍ଚାୟତିରାଜ ବିଭାଗର ମିଳିତ ଉଦ୍ୟମରେ ଏହାର ପୁନଃଉଦ୍ଧାର ଓ ସଂରକ୍ଷଣ କାର୍ଯ୍ୟ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ପଞ୍ଚାୟତିରାଜ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ଉନ୍ନୟନ ପ୍ରକଳ୍ପର ନିର୍ଦ୍ଦେଶକ ଶ୍ରୀଯୁକ୍ତ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ଏକ ବିଶେଷଜ୍ଞ ଦଳ ଚଣ୍ଡିତଳ ଗ୍ରାମକୁ ଆସି କୂଅର ସ୍ଥିତି ପରିଦର୍ଶନ କରିଥିଲେ। କୂଅର ଗଭୀରତା, ନିର୍ମାଣ ଶୈଳୀ, ଏହାର ଚାରିପାଖ ପରିବେଶ ଓ ପୁନଃଉଦ୍ଧାର ପାଇଁ ଆବଶ୍ୟକ ଯୋଜନା ସମ୍ପର୍କରେ ସେମାନେ ଆଲୋଚନା କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି କୂଅ ସହିତ ଭାଇ-ବୋହୂର ଏକ କରୁଣ କିମ୍ବଦନ୍ତୀ ଜଡ଼ିତ ରହିଛି। ପୁରାତନ କାଳରେ ନିର୍ମିତ ଏହି କୂଅର କାରୁକାର୍ଯ୍ୟ ସେ ସମୟର ସ୍ଥାପତ୍ୟ କଳାର ଏକ ଅନନ୍ୟ ନିଦର୍ଶନ। ଭାଇ-ବୋହୂ ଦେଢ଼ଶୂର ବିଶିଷ୍ଟ ଏହି କୂଅଟି ସ୍ଥାନୀୟ ଅଞ୍ଚଳର ପରିଚୟ ପାଲଟିଛି। ଏହାର ପୁନଃଉଦ୍ଧାର ହେଲେ ଏହା କେବଳ ଏକ ଐତିହ୍ୟ ସ୍ଥଳୀ ନୁହେଁ, ବରଂ ଏକ ପର୍ଯ୍ୟଟନ ସ୍ଥଳୀ ଭାବେ ମଧ୍ୟ ବିକଶିତ ହେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ମାନେ ଆଶା ବ୍ୟକ୍ତ କରିଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳ ବାସୀ ସ୍ୱାଗତ କରିଛନ୍ତି।

କଂଗ୍ରେସ ନେତାଙ୍କ ହୃଦ୍‌ଘାତରେ ମୃତ୍ୟୁ

ଯାଜପୁର,୫।୧୧(ସମିସ): ଯାଜପୁର ସହରର ନିକଟସ୍ଥ ଚଇନପୁର ପଞ୍ଚାୟତ ବିଦ୍ୟାଧରପୁର ଗାମର କଂଗ୍ରେସର ଜଣେ ବରିଷ୍ଠ ନେତା ସନ୍ତୋଷ ରଣା ହୃଦ୍ଘାତରେ ମୃତ୍ୟୁବରଣ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୩ବର୍ଷ ବୟସ ହୋଇଥିଲା। ସେ କଂଗ୍ରେସ ଦଳରେ ଦୀର୍ଘ ବର୍ଷଧରି କାର୍ଯ୍ୟ କରିଆସୁଥିଲେ। ତାଙ୍କର ସଜୋଟ ପଣିଆ ପାଇଁ ଚଇନପୁର ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳରେ ମଧ୍ୟ ସୁପରିଚିତ। ଆଜି ଦିବା ୧୧ ଘଟିକା ସମୟରେ ଗାନ୍ଧି ମାର୍କେଟ ଠାରେ ପରିବା ପାଇଁ ଆସିଥିଲେ। ପରିବା କିଣୁଥିବା ସମୟରେ ହଠାତ୍ ତାଙ୍କର ଛାତିରେ ଯନ୍ତ୍ରଣା ହୋଇଥିଲା। ଫଳରେ ସେଠାରେ ସେ ସଂଜ୍ଞାହୀନ ହୋଇଯାଇଥିଲେ। ସ୍ଥାନୀୟ ବ୍ୟବସାୟୀ ଦେଖି ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ସ୍ୱର୍ଗତ ରଣା ଜଣେପରୋପକାରୀ, ଧାର୍ମିକ, ମେଳାପି ବ୍ୟକ୍ତି ଥିଲେ। ଖବର ପାଇ କଂଗ୍ରେସର ବରିଷ୍ଠ ନେତା ବିଷ୍ଣୁ ରାଉତ, ଗଦାଧର ଦାସ, ଦୁର୍ଯ୍ୟୋଧନ ବେହେରା, ବିଜୟ ମହାପାତ୍ର ପ୍ରଭୃତି ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତ ଶରୀରରେ ପୁଲମାଳ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ ଅନ୍ୟପକ୍ଷରେ ପି.ସି.ସି. ସାଧାରଣ ସଂପାଦକ ମନୋଜ ରାଉତ, ବରିଷ୍ଠ ନେତା ସନ୍ତୋଷ ନନ୍ଦ, ଦିଗମ୍ବର କର, ନାରାୟଣ ସାମନ୍ତ, ଦିଲିପ ଦାଶ, ଆଲୋକ ବେହେରା, ଭାସ୍କର ମହାନ୍ତି, ବିଭୂତି ମହାପାତ୍ର, ଅଶୋକ ଦାସ, ରବି ସାଇଁ, ଜିତେନ୍ଦ୍ର ଧଳ, ଅର୍ଣ୍ଣବ ମିଶ୍ର ପ୍ରଭୃତି ଶୋକ ବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ଆଜି

ଧର୍ମଶାଳା,୫।୧୧(ସମିସ): ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଆସନ୍ତା କାଲି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରାଯିବ। ୧୫ ନମ୍ବର ଜୋନର କୋତପୁର ପଞ୍ଚାୟତ ଜାଗୁଳାଇ ହାଇସ୍କୁଲ ପରିସର, ୧୪ ନମ୍ବର ଜୋନର ସୁନ୍ଦରିଆ ହାଇସ୍କୁଲ ପରିସର, ୧୩ନମ୍ବର ଜୋନର ତରଞ୍ଜିଆ ପଞ୍ଚାୟତ ବିଲାସିନୀ ନୋଡାଲ ସ୍କୁଲ ପରିସର, ୧୩ ନମ୍ବର ଜୋନ କ୍ଷେତ୍ରପାଳ ପଞ୍ଚାୟତ ସିଦ୍ଧ ନାରାୟଣ ସ୍କୁଲ ପରିସର ଓ ୧୨ନମ୍ବର ଜୋନର ପୁରୁଣାବଉଳମାଳ ପଞ୍ଚାୟତ ଇଚ୍ଛାପୁର ବିଦ୍ୟାଳୟ ପରିସରରେ ଆସନ୍ତା କାଲି ଶୁକ୍ରବାର ସକାଳ ୯ ଘଟିକାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସ ମାଧ୍ୟମରେ ଏହାର ଶୁଭ ଦେବେ।


ବ୍ରାଉନ୍‌ସୁଗର ଜବତ, ବେପାରୀ ଗିରଫ

ବ୍ୟାସନଗର,୫।୧୧(ସମିସ): ଯାଜପୁର ରୋଡ ପୁଲିସ ବ୍ରାଉନସୁଗର ଚାଲାଣ କରୁଥିବା ଜଣେ ବେପାରୀକୁ ଗିରଫ କରିଥିବା ଜଣାପଡ଼ିଛି। ଜବତ ବ୍ରାଉନସୁଗରର ମୂଲ୍ୟ ୪୦ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଇଛି। ଯାଜପୁର ରୋଡ ଥାନା ସବ ଇନ୍ସପେକ୍ଟର ମାନସ ସାହୁ ସୋବରା ଓଭର ବ୍ରିଜଠାରେ ଟମକା ଥାନା ଅନ୍ତର୍ଗତ ଡାହାଣଗଡ଼ିଆ ବାଙ୍ଗରକୋଟା ଅଞ୍ଚଳର ବୃନ୍ଦାବନ ରାଉତଙ୍କ ପୁଅ ବିଜୟ(୩୫) କୁ ଅଟକାଇ ଯାଞ୍ଚ କରିବା ପରେ ବ୍ରାଉନସୁଗର ଜବତ କରିବା ସହ ତାକୁ ଗିରଫ କରିଥିଲେ। ଏଥିସହିତ ଏକ ମଟରସାଇକଲ ମଧ୍ୟ ଜବତ କରି କୋର୍ଟ ଚାଲାଣ କରିଥିବା ଯାଜପୁର ରୋଡ ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

ପାସେଞ୍ଜର୍ ଟ୍ରେନ୍ ପୁନଃ ରହଣି ଦାବିରେ ଧାରଣା



କୋରେଇ,୫।୧୧(ସମିସ): ପୂର୍ବତଟ ରେଳପଥର ଯାଜପୁର ଜିଲ୍ଲାର ସୀମାବର୍ତ୍ତୀ ରେଳଷ୍ଟେସନ ଦୁଲାଖା ପାଟଣା ଠାରେ ଖୋର୍ଦ୍ଧା ରୋଡ଼ ଖଡ଼ଗପୁର ଫାଷ୍ଟ ପାସେଞ୍ଜର୍ ପୁନଃ ରହଣି ଦାବିରେ ନିୟମିତ ରେଳ ଯାତ୍ରୀ ସଂଘ ପକ୍ଷରୁ ଆଜି ଗଣ ଧାରଣା ଦିଆଯାଇଥିଲା। ସଂଘ ର ଆବାହକ ପୂର୍ଣ୍ଣଚନ୍ଦ୍ର ଦାଶ ଙ୍କ ନେତୃତ୍ୱରେ ଆଜିର ଗଣଧାରଣା ଦିଆଯାଇ ତୁରନ୍ତ ଦାବୀ ପୂରଣ କରିବାକୁ ଦାବି କରାଯାଇଥିଲା। ଧାରଣା ସଂପର୍କରେ ଖବର ପାଇ ଖୋର୍ଦ୍ଧା ରୋଡ଼ ଡିଭିଜନ ର ସହକାରୀ ମହାପ୍ରବନ୍ଧକ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପ୍ରତିଶୃତି ମୁତାବକ ଖୋର୍ଦ୍ଧା ରୋଡ଼ ଖଡ଼ଗପୁର ଫାଷ୍ଟ ପାସେଞ୍ଜର୍ ଆଗାମୀ ସପ୍ତାହ ମଧ୍ୟରେ ପୁନଃ ରହଣି ବ୍ୟବସ୍ଥା ହେବ। ଯଦି ଏହି ରହଣି ପ୍ରତିଶୃତି କାର୍ଯ୍ୟକାରୀ ନ ହୁଏ ତାହେଲେ ଆସନ୍ତା ନଭେମ୍ବର ଉଣେଇଶ ତାରିଖ ଗୁରୁବାର ଦିନ ଦୁଲାଖାପାଟଣା ଠାରେ ରେଳରୋକ କରାଯିବ। ଏହି ଆନ୍ଦୋଳନରେ ଜଗନ୍ନାଥ ନାଏକ, ରାଜକୁମାର ସାହୁ, ମନୋଜ କୁମାର ଦାସ, ପୂର୍ବତନ ସରପଞ୍ଚ ସୁରେଖା ସେଠୀ, ସମିତି ସଭ୍ୟ ଅଜୟ ମହାକୁଡ଼, ବିଦ୍ୟାଧର ଯେନା, ପ୍ରମୋଦ ସାହୁ, ସରୋଜ ଷଡ଼ଙ୍ଗୀ, ସୋନାଲି ସେନାପତି, ପୂଜା ରାଣୀ ବେହେରା, ଶଶୀଭୂଷଣ ଦାଶ, ଯଜ୍ଞେଶ୍ୱର ଷଡ଼ଙ୍ଗୀ, ଦେବବ୍ରତ ସେଠୀ, ଆଦି ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଭଦ୍ରକ ଆର୍ ପି ଏଫ୍ ଇନ୍ସପେକ୍ଟର ସୁନା ଯାଦବ, ଭଦ୍ରକ ଜିଆରପି ଇନ୍ସପେକ୍ଟର ଚିତ୍ତରଞ୍ଜନ ଦାସ, କୋରାଇ ଥାନା ଅଧିକାରୀ ରାକେଶ ତ୍ରିପାଠୀ, ସୁଦର୍ଶନ ସେଠୀ, ରେଳବାଇ ଗୁଇନ୍ଦା ବିଭାଗର ଅଧିକାରୀ ଅସିତ ନାୟକ, ଜ୍ୟୋତି ପ୍ରକାଶ ନାୟକ, କେନ୍ଦ୍ର ଗୁଇନ୍ଦା ଅଧିକାରୀ ଅମ୍ରିତ୍ ସାହୁ, ଏବଂ ଅନେକ ପୁଲିସ କର୍ମଚାରୀ ଓ ମହିଳା ପୋଲିସ ସହଯୋଗ କରିଥିଲେ।





ପିଆରଏମ୍‌ରେ ରୋଗୀ ସେବା ବିପର୍ଯ୍ୟସ୍ତ

ଆଧାର ଓଟିପି ଚକ୍କର୍‌ରେ ଅଟକୁଛି ପଞ୍ଜୀକରଣ

ବାରିପଦା, ୫।୧୧(ସମିସ):



ବାରିପଦାସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ (ପିଆରଏମ୍) ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀ ସେବା ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ମୟୂରଭଞ୍ଜ ଜିଲ୍ଲାବାସୀଙ୍କୁ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇବା ଲକ୍ଷ୍ୟରେ ଏହି ମେଡିକାଲ ପ୍ରତିଷ୍ଠା କରାଯାଇଥିଲେ ହେଁ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁଁ ରୋଗୀ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ବିଶେଷକରି ହସ୍ପିଟାଲରେ ପଞ୍ଜୀକରଣ ବେଳେ ଆଧାର ସହ ସଂଯୁକ୍ତ ମୋବାଇଲ ନମ୍ବରକୁ ଓଟିପି ନ ଆସିବା କିମ୍ବା ନମ୍ବର ସଂଯୋଗ ନ ଥିବାରୁ ଶହ ଶହ ରୋଗୀ ଲମ୍ବା ଧାଡ଼ିରେ ଘଣ୍ଟା ଘଣ୍ଟା ଛିଡ଼ା ହୋଇରହୁଛନ୍ତି। ଜରୁରିକାଳୀନ ଅବସ୍ଥାରେ ଆସୁଥିବା ରୋଗୀଙ୍କ କ୍ଷେତ୍ରରେ ଏଭଳି ପ୍ରକ୍ରିୟାଗତ ବିଳମ୍ବ ଯୋଗୁଁ ଠିକ୍ ସମୟରେ ଚିକିତ୍ସା ମିଳିପାରୁନାହିଁ। ତେଣୁ ଓଟିପି ଆସୁ ନ ଥିବା ରୋଗୀଙ୍କ ଲାଗି ତୁରନ୍ତ ବିକଳ୍ପ ଅଫଲାଇନ୍ ପଞ୍ଜୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଦାବି ହେଉଛି।

ଅନ୍ୟପକ୍ଷରେ ମେଡିକାଲରେ ଆବଶ୍ୟକ ସଂଖ୍ୟକ ବିଶେଷଜ୍ଞ ଡାକ୍ତର ନ ଥିବା ସହ ସିଟି ସ୍କାନ, ଏମଆରଆଇ ଓ ରକ୍ତଭଣ୍ଡାର ଭଳି ଅତ୍ୟାବଶ୍ୟକ ଭିତ୍ତିଭୂମିର ସଠିକ୍ କାର୍ଯ୍ୟକ୍ଷମତାକୁ ନେଇ ପ୍ରଶ୍ନ ଉଠିଛି। ଗୁରୁତର ରୋଗୀ ଆସିଲେ ତାଙ୍କର ଚିକିତ୍ସା କରିବା ପରିବର୍ତ୍ତେ ଅନ୍ୟତ୍ର ରେଫର କରିଦେଇ ହସ୍ପିଟାଲ କର୍ତ୍ତୃପକ୍ଷ ନିଜ ଦାୟିତ୍ୱ ସାରିଦେଉଥିବା ଅଭିଯୋଗ ହେଉଛି। ମେଡିକାଲରୁ ଦୈନିକ କେତେ ସଂଖ୍ୟକ ରୋଗୀଙ୍କୁ କେଉଁ କାରଣରୁ ରେଫର କରାଯାଉଛି, ତା'ର ଶ୍ୱେତପତ୍ର ପ୍ରକାଶ ପାଇଲେ ବାସ୍ତବ ଚିତ୍ର ପଦାକୁ ଆସିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏଥିସହ ପାଲବଣୀରୁ ରଙ୍ଗାମାଟିଆ ମେଡିକାଲକୁ

ରେଫରାଲ୍ ବଢୁଥିବାରୁ ବଢୁଛି ଅସନ୍ତୋଷ

ଯାଉଥିବା ରାସ୍ତା ଖାଲଖମାରେ ଭରି ରହିଥିବାରୁ ଆମ୍ବୁଲାନ୍ସ ଯାତାୟାତରେ ଗୁରୁତର ବାଧା ଉପୁଜୁଛି। ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ହସ୍ପିଟାଲ ପରିସରରେ ସ୍ୱଚ୍ଛ ଓ ସୁଲଭ କ୍ୟାଣ୍ଟିନ ସୁବିଧା ନାହିଁ। କେବଳ କୋଠା ନିର୍ମାଣ ନ କରି ରୋଗୀଙ୍କୁ ସମୟୋଚିତ ଗୁଣାତ୍ମକ ଚିକିତ୍ସା ଯୋଗାଇବା ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ତଦନ୍ତ କରି ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

ବାରିପଦା ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ବାରିପଦା, ୫।୧୧(ସମିସ): ସ୍ଥାନୀୟ ସହିଦ ସ୍ମୃତି ଭବନ ପରିସରରେ ବାରିପଦା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ "ସୁରଭି' ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା ଓ ୩୦ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ନରେନ୍ଦ୍ର ହାଁସଦା ପ୍ରମୁଖ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶରେ ବିଶେଷ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରିଣୀ (ବିଇଓ) ଅନୁଜା ମାଧୁରୀ ଦାସଙ୍କ ଦିଗ୍‌ଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏବିଇଓ) ସୁକୁମାର ରାଉତ ପରିଚାଳନା କରିଥିଲେ। ଶିକ୍ଷକ ଗୌତମ ପ୍ରସାଦ ଦାସ ମଞ୍ଚ ସଂଯୋଜନା ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୋମନାଥ ସିଂହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ପୂର୍ଣ୍ଣଚନ୍ଦ୍ର ସେଠୀ, ବାରିପଦା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶୀଧର ସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବ୍ଲକର ୧୩ଟି କ୍ଲଷ୍ଟରରୁ ଆସିଥିବା ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ୩୨ଟି ଭିନ୍ନ ଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀ ଆସନ୍ତା ୭ ତାରିଖରେ ହେବାକୁ ଥିବା ଜିଲ୍ଲାସ୍ତରୀୟ "ସୁରଭି'ରେ ଭାଗନେବେ। ସେହିପରି ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ଉନ୍ନୀତ ହୋଇଛି। ଏ ଅବସରରେ କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ରାଜ୍ୟ ତଥା ଜାତୀୟସ୍ତରକୁ ମନୋନୀତ ହୋଇ ବ୍ଲକ ପାଇଁ ଗୌରବ ଆଣିଥିବା ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଇଓ ସୁଶ୍ରୀ ଦାସ ସମସ୍ତ ପ୍ରତିଯୋଗୀଙ୍କ ସଫଳତା କାମନା କରିଥିବାବେଳେ ଏବିଇଓ ଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟାଳୟର ସେକ୍ସନ ଅଫିସର ସତ୍ୟନାରାୟଣ ଦାସ, ସମସ୍ତ ସିଆରସିସି ଓ ଶିକ୍ଷକ-ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଭଞ୍ଜସେନାର ନିରବଚ୍ଛିନ୍ନ ସଂଗ୍ରାମ ଓ ବରିଷ୍ଠଙ୍କ ହସ୍ତକ୍ଷେପ ଆଣିଲା ସଫଳତା

- ସମ୍ବଲପୁର ବଦଳରେ ପୂର୍ବପରି ଭୁବନେଶ୍ୱର ଅଧୀନରେ ରହିବ ମୟୂରଭଞ୍ଜ ଓ ରାଇରଙ୍ଗପୁର ଡାକ ଡିଭିଜନ

ବାରିପଦା, ୫।୧୧(ସମିସ): ମୟୂରଭଞ୍ଜ ଗ୍ଧ ରାଇରଙ୍ଗପୁର ପୋଷ୍ଟାଲ ଡିଭିଜନକୁ ସମ୍ବଲପୁର ଅଧୀନକୁ ସ୍ଥାନାନ୍ତର ନିଷ୍ପତ୍ତି ଉପରେ ରୋକ ଲାଗିଛି। ଏହି ଦୁଇଟି ଡିଭିଜନ ପୂର୍ବଭଳି ଭୁବନେଶ୍ୱର ମୁଖ୍ୟାଳୟ ଅଧୀନରେ ରହିବ ବୋଲି ଓଡ଼ିଶା ପରିମଣ୍ଡଳ ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲଙ୍କ କାର୍ଯ୍ୟାଳୟ ପକ୍ଷରୁ ନୂଆଦିଲ୍ଲୀ ଡାକ ଭବନ ନିର୍ଦ୍ଦେଶାଳୟକୁ ସାନି ପ୍ରସ୍ତାବ ପଠାଯାଇଛି। ଏଥିସହ ଗତ ଅକ୍ଟୋବର ୧୫ ତାରିଖରେ ଜାରି ହୋଇଥିବା ପୁନର୍ଗଠନ ନିର୍ଦ୍ଦେଶନାମାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ଭଞ୍ଜସେନାର ନିରବଚ୍ଛିନ୍ନ ଲଢ଼େଇ, ବିଭିନ୍ନ ବରିଷ୍ଠ ବ୍ୟକ୍ତିବିଶେଷ ଓ ଅଲ୍ ଇଣ୍ଡିଆ ସେଣ୍ଟ୍ରାଲ ଗଭର୍ଣ୍ଣମେଣ୍ଟ ପେନସନର୍ସ ଆସୋସିଏସନର ଦାବି ଉପସ୍ଥାପନ ଫଳରେ ଏହି ସଫଳତା ମିଳିଛି। ତେବେ ଜିଲ୍ଲାର ସ୍ୱାର୍ଥ ଦୃଷ୍ଟିରୁ ଉତ୍ତର ଓଡ଼ିଶା ଡାକ ମୁଖ୍ୟାଳୟ ମୟୂରଭଞ୍ଜରେ ପ୍ରତିଷ୍ଠା ନ ହେବା ପର୍ଯ୍ୟନ୍ତ ସଂଗଠନ ପକ୍ଷରୁ ଚେଷ୍ଟା ଜାରି ରହିବ ବୋଲି ଭଞ୍ଜସେନା ସ୍ପଷ୍ଟ କରିଛି। ଓଡ଼ିଶା ସର୍କଲ ଅଧୀନସ୍ଥ ତିନୋଟି ରିଜିଅନ୍ ମଧ୍ୟରେ ଡିଭିଜନର ସନ୍ତୁଳନ ରକ୍ଷା ଆଳରେ ଭୁବନେଶ୍ୱର ଅଧୀନରୁ ମୟୂରଭଞ୍ଜ ଓ ରାଇରଙ୍ଗପୁର ଡିଭିଜନକୁ କାଢ଼ି ସମ୍ବଲପୁର ଅଧୀନକୁ ନେବା ପାଇଁ ଡାକ ନିର୍ଦ୍ଦେଶାଳୟ ଅନୁମୋଦନ ଦେଇଥିଲା। ଏହାକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଭୌଗୋଳିକ ଦୂରତା, ପ୍ରଶାସନିକ ସୁବିଧା ଓ ଦୈନନ୍ଦିନ କାର୍ଯ୍ୟାଳୟ ସମନ୍ୱୟ ଦୃଷ୍ଟିକୋଣରୁ ସମ୍ବଲପୁର ସହ ଯୋଡ଼ାଯିବା ଅସୁବିଧାଜନକ ବୋଲି ବିଭିନ୍ନ ମହଲରୁ ଆପତ୍ତି ଉଠିଥିଲା। ଏସବୁ ଦାବିକୁ ପୁନଃ ତର୍ଜମା କରିବା ପରେ, ପ୍ରଶାସନିକ କାର୍ଯ୍ୟକ୍ଷମତା ଓ ସୁବିଧା ଦୃଷ୍ଟିରୁ ଏହି ଦୁଇ ଡିଭିଜନକୁ ଭୁବନେଶ୍ୱର ଅଧୀନରେ ହିଁ ବଜାୟ ରଖିବା ଯଥାର୍ଥ ବୋଲି ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ କାର୍ଯ୍ୟାଳୟ ପକ୍ଷରୁ ସହକାରୀ ନିର୍ଦ୍ଦେଶକ (ସଂସ୍ଥାପନ ଓ ଯୋଜନା) ନୂଆଦିଲ୍ଲୀ ଡାକ ନିର୍ଦ୍ଦେଶାଳୟକୁ ପତ୍ର ସଂଖ୍ୟା ଇଏସଟି/୧୬-୨୧/୨୦୨୬ ମାଧ୍ୟମରେ ଅବଗତ କରାଇଛନ୍ତି।

ଉତ୍ତର ଓଡ଼ିଶା ମୁଖ୍ୟାଳୟ ପ୍ରତିଷ୍ଠା ନ ହେବା ଯାଏଁ ଲଢ଼େଇ ଜାରି ରହିବ: ଭଞ୍ଜସେନା

ଯୋଡ଼ିଆ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ଶିକ୍ଷକ ଅଭାବ

ସ୍କୁଲରେ ତାଲା ପକାଇ ଗ୍ରାମବାସୀ, ଛାତ୍ରଛାତ୍ରୀଙ୍କ ଧାରଣା



ବିଶୋଇ,୫।୧୧ (ସମିସ): ବିଶୋଇ ବ୍ଲକ ଅନ୍ତର୍ଗତ ଯୋଡ଼ିଆ ପଞ୍ଚାୟତର ଯୋଡ଼ିଆ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ଶିକ୍ଷକ ଅଭାବକୁ କେନ୍ଦ୍ର କରି ଆଜି ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ସ୍କୁଲରେ ତାଲା ପକାଯାଇଛି। ବିନା ଶିକ୍ଷକରେ ସ୍କୁଲ ପିଲାଙ୍କ ଭବିଷ୍ୟତ ଅନ୍ଧାର ଘେରକୁ ଯାଉଥିବାବେଳେ ଏ ନେଇ ଛାତ୍ରଛାତ୍ରୀ ମଧ୍ୟ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତେବେ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଉକ୍ତ ସ୍କୁଲରେ ତୁରନ୍ତ ଡେପୁଟେସନରେ ଶିକ୍ଷକ ନିଯୁକ୍ତି କରିବା ପରେ ସ୍କୁଲର ତାଲା ଖୋଲାଯାଇଛି। ସୂଚନା ମୁତାବକ, ୨୦୨୬-୨୦୨୭ ବର୍ଷରେ ଯୋଡ଼ିଆ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟଟି ଉଚ୍ଚବିଦ୍ୟାଳୟକୁ ଉନ୍ନୀତ ହୋଇଥିଲା। ଏହି ନୂତନ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ନବମ ଶ୍ରେଣୀରେ ୨୬ ଜଣ ଛାତ୍ରଛାତ୍ରୀ ଆଡ଼ମିଶନ ନେଇଥିଲେ। ପରିତାପର ବିଷୟ ନବମ ଶ୍ରେଣୀରେ ପଢାଇବା ପାଇଁ କୌଣସ ଶିକ୍ଷକ ନିଯୁକ୍ତି ନ ଥିବାରୁ ବିନା ଶିକ୍ଷକରେ ସ୍କୁଲ ଚାଲିଥିଲା। ଏହି ସମସ୍ୟା ନେଇ ସ୍କୁଲ ପରିଚାଳନା କମିଟି ସହିତ ଛାତ୍ରଛାତ୍ରୀଙ୍କ ଅଭିଭାବକ ବିଶୋଇ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କପିଳେନ୍ଦ୍ର ଦାସଙ୍କ ଜରିଆରେ ବାରମ୍ବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହେବାପରେ ଗତ ଅଗଷ୍ଟ ମାସରେ ଜଣେ ଟିଜିଟି ଶିକ୍ଷକଙ୍କୁ ଡେପୁଟେସନରେ ସ୍କୁଲରେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ମାତ୍ର ମାସକ ପରେ ଉକ୍ତ ଟିଜିଟି ଶିକ୍ଷକଙ୍କ ଡେପୁଟେସନ ଆଦେଶ ବାତିଲ କରାଯିବା ସହିତ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଗତ ସେପ୍ଟେମ୍ବର ୩୦ ତାରିଖ ଦିନ ଏ ନେଇ ଚିଠି ଜାରି କରାଯାଇଥିଲା। ବାତିଲ ଚିଠି ଖବର ପାଇବା ପରେ ଅକ୍ଟୋବର ୧୫ରେ ପୁନର୍ବାର ସ୍କୁଲ ଅଭିଭାବକ ଓ ପରିଚାଳନା କମିଟି ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବା ସହିତ ଶିକ୍ଷକ ନିଯୁକ୍ତି ନ ହେଲେ ବିଦ୍ୟାଳୟରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ତାଲା ପକାଇବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା। ମାତ୍ର ଏହି ସମସ୍ୟା ପ୍ରତି ଜିଲ୍ଲା ଶିକ୍ଷାଧିକାରୀ କୌଣସି ଗୁରୁତ୍ୱ ଦେଇ ନ ଥିଲେ। ବିନା ଶିକ୍ଷକରେ ସ୍କୁଲ ଚାଲିଥିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ଘେରକୁ ଯିବା ଦେଖି ଗ୍ରାମବାସୀ ଓ ଅଭିଭାବକ ଆଜି ସକାଳ ୧୦ ଘଟିକା ସମୟରେ ବାଧ ହୋଇ ସ୍କୁଲରେ ତାଲା ପକାଇବା ସହିତ ଛାତ୍ରଛାତ୍ରୀ ସ୍କୁଲ ସମ୍ମୁଖରେ ଧାରଣାରେ ବସିଥିଲେ। ଖବର ପାଇ ବିଶୋଇ ବିଇଓ କପିଳେନ୍ଦ୍ର ଦାସ ଘଟଣାସ୍ଥଳକୁ ଯାଇ ହସ୍ତକ୍ଷେପ କରିବା ସହିତ ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି ସହିତ ଆଲୋଚନା କରି ଏନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ପରେ ବିଦ୍ୟାଳୟରେ ସପ୍ତାହରେ ୩ ଦିନ ପାଠ ପଢ଼ାଇବା ପାଇଁ ଜଣେ ସହକାରୀ ଟିଜିଟି ଶିକ୍ଷକଙ୍କୁ ଡେପୁଟେସନ ଆଦେଶରେ ନିଯୁକ୍ତି କରାଯାଇଥିଲା। ଏ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରୁ ଚିଠି ଜାରି କରାଯିବା ପରେ ଗ୍ରାମବାସୀ ସ୍କୁଲରୁ ତାଲା ଖୋଲିଥିଲେ। ଉକ୍ତ ବିଦ୍ୟାଳୟରେ ଏକାଧିକ ଶିକ୍ଷକ ନିଯୁକ୍ତି ସହିତ ଆଗାମୀ ଦିନରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି ଦାବି କରିଛି।

ଅସ୍ଥାୟୀ ଶିକ୍ଷକ ନିଯୁକ୍ତି ପରେ ଖୋଲିଲା ତାଲା

ସାନଭାଇ ମାଡ଼ରେ ବଡ଼ଭାଇ ଗୁରୁତର

କୁଆମରା,୫।୧୧(ସମିସ): ଖୁଣ୍ଟା ଥାନା ଡୁକୁରା ଗ୍ରାମର ପୂର୍ବ ଶତ୍ରୁତାକୁ ନେଇ ଦୁଇଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଉପୁଜିଛି। ଦଶରଥ ପାତ୍ର (୪୦) ଓ ତାଙ୍କ ବଡ଼ଭାଇ ପୀତାମ୍ବର ପାତ୍ର (୪୫)ଙ୍କ ମଧ୍ୟରେ କୈଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ସାନଭାଇ ଦଶରଥ ଉତ୍ତ୍ୟକ୍ତ ହୋଇ ବଡ଼ଭାଇ ପୀତାମ୍ବରଙ୍କୁ ନିସ୍ତୁକ ମାଡ଼ ମାରିବା ଯୋଗୁଁ ସେ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଡୁକୁରା ଡାକ୍ତରଖାନା ନେଇଥିବାବେଳେ ପୀତାମ୍ବରଙ୍କ ଅଭିଯୋଗ ଆଧାରରେ ୨୯୦/୨୬ରେ ଏକ ମାମଲା ରୁଜୁ ହୋଇଛି। ତେବେ ଦୀର୍ଘଦିନ ଧରି ଉଭୟଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଥିବା ଜଣାପଡ଼ିଛି।

ଶୁଳିଆପଦାରେ ବ୍ଲକ୍‌ସ୍ତରୀୟ ସୁରଭି



ଶୁଳିଆପଦା,୫।୧୧(ସମିସ): ଶୁଳିଆପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକ୍‌ସ୍ତରୀୟ ସୁରଭି ଧର୍ମପୁରାସ୍ଥ ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଦୀପକ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶୁଳିଆପଦା ବ୍ଲକ୍ ଅଧକ୍ଷା ପାନମଣୀ ମାରାଣ୍ଡି, ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁ, ବ୍ଲକ୍ ଉପାଧ୍ୟକ୍ଷ ଜ୍ୟୋତିଲାଲ ବାରିକ, ସାଂସଦ ପ୍ରତନିଧି ଭାଗବତ ମାରାଣ୍ଡି, ବିଧାୟକ ପ୍ରତିନିଧି ମନୋଜ କୁମାର ଦାନ, କଣ୍ଟିସାହି ସମିତି ସଭ୍ୟା କଳ୍ପନା ତୁଙ୍ଗ, ମହାବିଲା ସରପଞ୍ଚ ଅନୁପ ସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ବିଭିନ୍ନ ପ୍ରତିଯୋଗିତାରେ ସମସ୍ତ କ୍ଲଷ୍ଟରରୁ ଚୟନ ହୋଇ ଆସିଥିବା ଛାତ୍ରଛାତ୍ରୀଙ୍କୁ ନେଇ ନେଇ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହିତ ଜିଲ୍ଲାସ୍ତରୀୟ ସୁରଭି ପାଇଁ ଚୟନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଶୋଭାକର ଆଚାର୍ଯ୍ୟ, ବିଆରସିସି ସରୋଜ ସାହୁ, ବିଆରଟି ପ୍ରଦୀପ ଦଳାଇ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ +୨ ବିଜ୍ଞାନରେ ଟପ୍ପର ହୋଇଥିବା କୋଷ୍ଠା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ଗାୟତ୍ରୀ ପଣ୍ଡା, କଳାରେ ଟପ୍ପର ହୋଇଥିବା ପିଏସ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ଲିପିକା ସି ଓ କୋଷ୍ଠା ଉଚ୍ଚବିଦ୍ୟାଳୟ ଟପ୍ପର ଛାତ୍ରୀ ସାଧନା ଦତ୍ତଙ୍କୁ ସମ୍ମାନିତ କରାଯାଇଥିଲା। ବିଆରସିସି ଶ୍ରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ସପନ ଦାଶ ଓ ସଞ୍ଜୀବ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଗୋଷ୍ଠୀ ଶିକ୍ଷାକେନ୍ଦ୍ରର ସମସ୍ତ କର୍ମଚାରୀ, ସିଆରସିସି, ଶିକ୍ଷକ, କେଜିବିଭି, ଶୁଳିଆପଦାର କର୍ମଚାରୀ ସହଯୋଗ କରିଥିଲେ।

ଜୀବନାଶକର ସୁରକ୍ଷିତ ବ୍ୟବହାର ସମ୍ପର୍କିତ ସଚେତନତା



କରଞ୍ଜିଆ, ୫।୧୧(ସମିସ): କୃଷକମାନଙ୍କୁ ଜୀବନାଶକ ଔଷଧର ସଠିକ୍ ମାତ୍ରା, ଉପଯୁକ୍ତ ପ୍ରୟୋଗ ପଦ୍ଧତି ଓ ସୁରକ୍ଷିତ ବ୍ୟବହାର ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ କରଞ୍ଜିଆ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ କୃଷି ଜିଲ୍ଲା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ବାରିପଦାର ମୃତ୍ତିକା ରସାୟନବିଦ୍ ସୁଧାଂଶୁ ଶେଖର ପଣ୍ଡା, କରଞ୍ଜିଆ ଗୋଷ୍ଠୀ କୃଷି ଅଧିକାରୀ ବିଶ୍ୱଭୂଷଣ ନାୟକ, ବିଟିଏମ୍ ପ୍ରମୋଦ ମହାନ୍ତ, ଏଟିଏମ୍ ବଂଶୀଧର ସାହୁ ଓ ଶକ୍ତିକାନ୍ତ ସାମଲ, ଏଓ ବାଦଲ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ରହି କୃଷକଙ୍କୁ କୃଷି ସମ୍ପର୍କିତ ବିଭିନ୍ନ ଉପଯୋଗୀ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ଜୀବନାଶକ ଔଷଧର ଅତ୍ୟଧିକ ଓ ଅନିୟନ୍ତ୍ରିତ ବ୍ୟବହାର ଦ୍ୱାରା ଫସଲ, ମୃତ୍ତିକା ଓ ପରିବେଶ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ କୃଷକଙ୍କୁ ବୁଝାଯାଇଥିଲା। ଏଥିସହ ନିର୍ଦ୍ଧାରିତ ମାତ୍ରା ଓ କୃଷି ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଜୀବନାଶକ ପ୍ରୟୋଗ କରିବା ସହ ବ୍ୟବହାର ସମୟରେ ଆବଶ୍ୟକ ସୁରକ୍ଷା ନିୟମ ମାନିବାକୁ କୃଷକଙ୍କୁ ପରାମର୍ଶ ଦିଆଯାଇଥିଲା।

ମହିଳାଙ୍କୁ ନିର୍ଯାତନା ଅଭିଯୋଗ

କୁଆମରା,୫।୧୧(ସମିସ): ଖୁଣ୍ଟା ଥାନା ଭୂପଡ ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ମାଡ଼ ମାରିବା ସହ ମାନସିକ ନିର୍ଯାତନା ଦେଉଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମାଲା ବଗାଳ (୪୦) ନାମକ ଜଣେ ଯୁବକ ୬ ବର୍ଷ ତଳେ ପଶ୍ଚିମବଙ୍ଗର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। କିଛିବର୍ଷ ଠିକ୍ ଠାକ୍ ଚାଲିଥିବାବେଳେ ଗତ ୬ ମାସ ହେବ ଛୋଟ ଛୋଟ କଥାରେ ତାଙ୍କୁ ମାରପିଟ୍ କରିବା ସହ ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ସଂପୃକ୍ତ ମହିଳା। ମହିଳାଙ୍କ ଅଭିଯୋଗ ଆଧାରରେ ୨୮୯/୨୬ରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି। ମହିଳାଙ୍କର ୫ ବର୍ଷର ଏକ ସନ୍ତାନ ରହିଛି।

ବିଜେପିର ଗଣତନ୍ତ୍ର ବଞ୍ଚାଅ ଅଭିଯାନ




ବାରିପଦା, ୫।୧୧(ସମିସ): ଗଣତନ୍ତ୍ର ସୁରକ୍ଷା ନାଁରେ ବିରୋଧୀ ଦଳ ମିଥ୍ୟା ତଥ୍ୟ ଓ ଭ୍ରମାତ୍ମକ ପ୍ରଚାର ଚଳାଇ ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ବାରିପଦାରେ ମୟୂରଭଞ୍ଜ ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସେ କହିଛନ୍ତି, ଏହି ଅପପ୍ରଚାର ବିରୋଧରେ ବିଜେପି 'ଗଣତନ୍ତ୍ର ବଞ୍ଚାଅ ଅଭିଯାନ' ଜାରି ରଖିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଆର୍ଥିକ, ପ୍ରତିରକ୍ଷା ଓ ମେକ୍ ଇନ୍ ଇଣ୍ଡିଆ କ୍ଷେତ୍ରରେ ଦ୍ରୁତ ଅଗ୍ରଗତି କରୁଥିବାବେଳେ ଏହାକୁ ସହ୍ୟ ନ କରି କିଛି ବିଦେଶୀ ଶକ୍ତିଙ୍କ ସହ ହାତ ମିଳାଇ ବିରୋଧୀ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଷଡ଼ଯନ୍ତ୍ର ଚଳାଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ଭୋଟ୍ ଚୋରି ଅଭିଯୋଗକୁ ଖଣ୍ଡନ କରି ମନ୍ତ୍ରୀ ପ୍ରଶ୍ନ କରିଥିଲେ ଯେ, ଯଦି ସେଭଳି ଘଟିଥିଲା ତେବେ ବିରୋଧୀ ତୁରନ୍ତ କୋର୍ଟ କିମ୍ବା ଆନ୍ଦୋଳନର ବାଟ ଧରିଲେ ନାହିଁ କାହିଁକି? ଦୀର୍ଘ ଅଢ଼େଇ ବର୍ଷ ପରେ ଏଭଳି ପ୍ରସଙ୍ଗ ଉଠାଇବା ପଛରେ ସ୍ପଷ୍ଟ ରାଜନୈତିକ ଅଭିସନ୍ଧି ରହିଛି। ସେହିପରି ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର) ରେ ଅନିୟମିତତା ଦୂର କରାଯାଉଛି ଓ ସବୁ ଦଳର ବୁଥ୍ ପ୍ରତିନିଧିଙ୍କ ଉପସ୍ଥିତିରେ ନିୟମ ଅନୁସାରେ ଫର୍ମ-୬ ମାଧ୍ୟମରେ ନୂତନ ଆବେଦନ ଗ୍ରହଣ କରାଯାଉଛି ବୋଲି ସେ ସ୍ପଷ୍ଟ କରିଥିଲେ। ସୋସିଆଲ ମିଡିଆରେ ଚାଲିଥିବା ମିଥ୍ୟା ପ୍ରଚାର ବିରୋଧରେ ଆଗାମୀ ଦିନରେ ବୁଦ୍ଧିଜୀବୀ ସମ୍ମିଳନୀ ଓ ରାଲି ଜରିଆରେ ଲୋକଙ୍କ ସମ୍ମୁଖରେ ସତ୍ୟତା ଉପସ୍ଥାପନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ମନ୍ତ୍ରୀଙ୍କ ସହିତ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦି, ପୂର୍ବତନ ବିଧାୟକ କାନ୍ଦରା ସୋରେନ, ପ୍ରଦୀପ ମହାନ୍ତି, କବିବିଷ୍ଣୁ ଶତପଥୀ ଓ ନରତ୍ତୋମ ପାଣିଗ୍ରାହୀ ଉପସ୍ଥିତ ଥିଲେ।

ସଫଳତା ଶୀର୍ଷରେ, ସ୍ଥିତି ସଙ୍କଟରେ

ସହାୟତା ଅପେକ୍ଷାରେ ଦେଶବିଦେଶରେ ସଫଳ ଫ୍ୟୁଚର ଷ୍ଟାର୍

ବାରିପଦା, ୫।୧୧(ସମିସ):



ଦିନେ ମାତ୍ର ୫ ଜଣ ଖେଳାଳିଙ୍କୁ ନେଇ ଆରମ୍ଭ ହୋଇଥିବା ଯାତ୍ରା ଆଜି ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ମୟୂରଭଞ୍ଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଖେଳ ପଡ଼ିଆରେ ଗୋଟିଏ ପରେ ଗୋଟିଏ ଐତିହାସିକ ବିଜୟ ହାସଲ କରୁଥିବା ବାରିପଦାର ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀ ଏବେ ନିଜ ଅସ୍ତିତ୍ୱ ରକ୍ଷା ପାଇଁ ଲଢ଼େଇ କରୁଛି। ଗୋଟିଏ ପଟେ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଶକ୍ତିଶାଳୀ ଦଳକୁ ମାତ୍ ଦେଇ ଚାମ୍ପିଅନ୍ ହେବାର ଗୌରବ, ଅନ୍ୟପଟେ ଖେଳାଳିଙ୍କ ଦୈନନ୍ଦିନ ଖର୍ଚ୍ଚ ତୁଲାଇ ନ ପାରିବାର ଚିନ୍ତା ଏଭଳି ଦୋଛକିରେ ଗତି କରୁଛି ଏହି ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ। କେନ୍ଦୁଝରର ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆନ୍ତଃଜିଲ୍ଲା ବରିଷ୍ଠ ରଗବୀ ୭ଏସ୍ ପ୍ରତିଯୋଗିତା-୨୦୨୬ରେ ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀର ମହିଳା ଦଳ ଅଭୁତପୂର୍ବ ସଫଳତା ହାସଲ କରିଛି। ରୋମାଞ୍ଚକର ଫାଇନାଲ ମ୍ୟାଚ୍‌ରେ ଏକାଡେମୀର ମହିଳା ଟିମ୍ ଶକ୍ତିଶାଳୀ କିସ୍ ଦଳକୁ ୧୨-୧୦ ପଏଣ୍ଟରେ ପରାସ୍ତ କରି ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛନ୍ତି। ଏହାସହ ନିକଟରେ କୋଲକାତାରେ ଅନୁଷ୍ଠିତ ପ୍ରତିଷ୍ଠିତ ଜର୍ଜଆଡ଼ି ସେଭେନ୍ସ ପ୍ରତିଯୋଗିତାରେ ମଧ୍ୟ ଦଳ ଚାମ୍ପିଅନ୍ ଟ୍ରଫି ହାସଲ କରି ନିଜର ଦକ୍ଷତା ପ୍ରମାଣିତ କରିଛି। ୨୦୧୯ରେ ସ୍ଥାପିତ ଏହି ଏକାଡେମୀ ଗ୍ରାମାଞ୍ଚଳ ଓ ବିଶେଷକରି ଆଦିବାସୀ ଯୁବପ୍ରତିଭାଙ୍କୁ ନୂଆ ଦିଶା ଦେଖାଇଛି। ବର୍ତ୍ତମାନ ଏଠାରେ ୬୩ ଜଣ ଆଦିବାସୀ ଖେଳାଳି ରହି ମାଗଣାରେ ରଗବୀ ସହ ଅନ୍ୟାନ୍ୟ କ୍ରୀଡ଼ା ପ୍ରଶିକ୍ଷଣ ନେଉଛନ୍ତି। ଏହି ଅନୁଷ୍ଠାନରୁ ଏଯାବତ୍ ୪୨ ଜଣ ଖେଳାଳି ଜାତୀୟ ରଗବୀ ଚାମ୍ପିଅନସିପ୍‌ରେ ୩ ଥର ସ୍ୱର୍ଣ୍ଣପଦକ ଜିତିଥିବାବେଳେ ୩ ଜଣ ଖେଳାଳି ଆନ୍ତର୍ଜାତିକ ସ୍ତରରେ ଦେଶ ପାଇଁ ରୌପ୍ୟ ପଦକ ହାସଲ କରିଛନ୍ତି। ଏସିଆନ ଗେମ୍ସରେ ଜାପାନ ଗସ୍ତ କରି ସନ୍ଧ୍ୟାରାଣୀ ଟୁଡୁ ସର୍ବାଧିକ ସ୍କୋର କରିଥିବାବେଳେ ପାର୍ବତୀ ହାଁସଦା ଭାରତୀୟ ଦଳର ପ୍ରତିନିଧିତ୍ୱ କରିବା ସହ ସେଣ୍ଟ୍ରାଲ ଆଣ୍ଡ ସାଉଥ ଏସିଆ ରଗବୀ ଟୁର୍ଣ୍ଣାମେଣ୍ଟରେ ଅଧିନାୟକ ଦାୟିତ୍ୱ ତୁଲାଇଛନ୍ତି। କେବଳ ରଗବୀ ନୁହେଁ, ଗୋବିନ୍ଦ ମାଝୀ ଓ ରୋହିତ୍ କୁମାର ମାରାଣ୍ଡିଙ୍କ ଭଳି ତୀରନ୍ଦାଜ, ଖୋ-ଖୋ ଓ ସନ୍ତରଣରେ ୫୦ରୁ ଊର୍ଦ୍ଧ୍ୱ ପ୍ରତିଭା ଜାତୀୟ ସ୍ତରରେ ଅଂଶଗ୍ରହଣ କରି ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏତେ ସଫଳତା ସତ୍ତ୍ୱେ ଏକାଡେମୀ ଏବେ ଗୁରୁତର ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ସରକାରୀ ଅନୁଦାନର ଅଭାବ, ସ୍ଥାନୀୟ ସମର୍ଥନ ହ୍ରାସ ଓ ବେସରକାରୀ ପ୍ରାୟୋଜକଙ୍କ ଅନାଗ୍ରହ ଯୋଗୁଁ ଖେଳାଳିଙ୍କୁ ନିୟମିତ ପୁଷ୍ଟିକର ଖାଦ୍ୟ, ଆବଶ୍ୟକ ଖେଳ ଉପକରଣ, ରହିବା ସୁବିଧା ଓ ପ୍ରଶିକ୍ଷକଙ୍କ ଦରମା ଦେବା କଷ୍ଟକର ହୋଇପଡ଼ିଛି। ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କ କହିବାନୁଯାୟୀ, ସରକାରୀ ଓ ସାମାଜିକ ସହଯୋଗ ବିନା ଏହି ଯାତ୍ରାକୁ ଦୀର୍ଘଦିନ ବଜାୟ ରଖିବା ଅସମ୍ଭବ। ସେହିପରି ଆନ୍ତର୍ଜାତିକ ଖେଳାଳି ସନ୍ଧ୍ୟାରାଣୀ ଟୁଡୁ, ସୁମିତ୍ରା ମୁର୍ମୁ ଓ ସୁନୀତା ହାଁସଦା ପ୍ରମୁଖ ଏକାଡେମୀର ଭବିଷ୍ୟତ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଆର୍ଥିକ ଅନଟନ ଭିତରେ ଜାରି ରହିଛି ସଂଘର୍ଷ

ମୟୂରଭଞ୍ଜ ରାଜପରିବାର ଦ୍ୱାରା ପରିଚାଳିତ ମୟୂରଭଞ୍ଜ ଫାଉଣ୍ଡେସନ ପକ୍ଷରୁ ମାସିକ ସହାୟତା ମିଳୁଥିଲେ ହେଁ ତାହା ପର୍ଯ୍ୟାପ୍ତ ହେଉନାହିଁ ବୋଲି ଫାଉଣ୍ଡେସନର ବିଭୁଦତ୍ତ ଦାସ ଜଣାଇଛନ୍ତି। ରାଜପରିବାର ଏଥିପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟପକ୍ଷରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡା. ଶୁଭାଶିଷ ନାୟକ କହିଛନ୍ତି, ଏକାଡେମୀର ସମସ୍ୟା ନେଇ ଆନୁଷ୍ଠାନିକ ଅଭିଯୋଗ ମିଳି ନ ଥିଲେ ମଧ୍ୟ ସରକାରୀ ନିୟମ ଅନୁସାରେ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ଉଦ୍ୟମ କରାଯିବ। ଖେଳ ମାଧ୍ୟମରେ ଆଦିବାସୀ ଯୁବପିଢ଼ିଙ୍କ ଭାଗ୍ୟ ବଦଳାଉଥିବା ଏହି ଅନୁଷ୍ଠାନକୁ ଟିକିଏ ପ୍ରୋତ୍ସାହନ ଓ ସରକାରୀ-ବେସରକାରୀ ସହାୟତା ମିଳିପାରିଲେ, ଏଠାକାର ଖେଳାଳି ଆଗାମୀ ଦିନରେ ଦେଶ ପାଇଁ ଆହୁରି ବଡ଼ ସଫଳତା ଆଣିପାରିବେ।



ଏସ୍ଆଇଆର୍ ପ୍ରତ୍ୟାହାର ଦାବିରେ ଶ୍ରମିକ ସଂଗଠନର ଗର୍ଜନ

ଭୁବନେଶ୍ୱର, ୫ ।୧୧(ସମିସ)



ଏସ୍ଆଇଆର ପ୍ରତ୍ୟାହାର, ଚାରିଟି ଶ୍ରମ କୋଡ୍ ବାତିଲ ଏବଂ ଶ୍ରମିକଙ୍କ ଅଧିକାର ସୁରକ୍ଷା ଦାବିରେ ଅଖିଳ ଭାରତୀୟ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଗାନ୍ଧୀ ମାର୍ଗରେ ପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନର ରାଜ୍ୟ ସଭାପତି ରାଧାକାନ୍ତ ସେଠୀ, ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା, ଉପସଭାପତି ବଂଶୀଧର ପରିଡ଼ା, ସମ୍ପାଦକ ମାନସ ରଞ୍ଜନ ପ୍ରଧାନ, ସତ୍ୟମନୁ ପ୍ରଧାନ, ବିଜୟ ବେହେରା ଓ ଶଙ୍କର ନାଏକଙ୍କ ସମେତ ବହୁ ଶ୍ରମିକ ଓ ଗଣତାନ୍ତ୍ରିକ ଆନ୍ଦୋଳନର କର୍ମୀ ଯୋଗ ଦେଇଥିଲେ। ବକ୍ତାମାନେ କହିଥିଲେ ଯେ, ଚାରିଟି ଶ୍ରମ କୋଡ୍ ଶ୍ରମିକଙ୍କ ସଂଗଠିତ ହେବା, ଧର୍ମଘଟ କରିବା, ସାମୂହିକ ଦରକଷାକଷି ଓ ନିଯୁକ୍ତି ସୁରକ୍ଷା ଅଧିକାରକୁ ସଂକୁଚିତ କରିବାର ଆଶଙ୍କା ରହିଛି। ତେଣୁ ଏହାକୁ ପ୍ରତ୍ୟାହାର କରି ପୂର୍ବରୁ ଥିବା ଶ୍ରମ ଆଇନର ଶ୍ରମିକପକ୍ଷୀ ବ୍ୟବସ୍ଥା ସୁରକ୍ଷିତ ରଖିବାକୁ ସେମାନେ ଦାବି କରିଥିଲେ।

ସେହିପରି ଏସ୍ଆଇଆର ପ୍ରକ୍ରିୟାରେ କୌଣସି ଯୋଗ୍ୟ ଭୋଟରଙ୍କ ନାମ ଯେପରି ଭୋଟର ତାଲିକାରୁ ବାଦ୍ ନ ପଡ଼େ, ସେଥିପ୍ରତି ନିର୍ବାଚନ କମିଶନ ଦାୟିତ୍ୱବାନ ହେବାକୁ ଦାବି ହୋଇଥିଲା। ବିଶେଷକରି ଗରିବ, ପ୍ରବାସୀ ଶ୍ରମିକ, ଦଳିତ, ଆଦିବାସୀ, ମହିଳା ଓ ବଞ୍ଚିତ ବର୍ଗର ଲୋକେ ଦଲିଲ୍ ଅଭାବ କିମ୍ବା ପ୍ରଶାସନିକ ଜଟିଳତା ଯୋଗୁଁ ମତଦାନ ଅଧିକାରରୁ ବଞ୍ଚିତ ନ ହେବା ଆବଶ୍ୟକ ବୋଲି ସେମାନେ କହିଥିଲେ। ଠିକା, ନିର୍ମାଣ, ସଫେଇ, ରେଳବାଇ, ଶିଳ୍ପ ଓ ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କୁ ନ୍ୟାଯ୍ୟ ମଜୁରି, ସାମାଜିକ ସୁରକ୍ଷା ଓ ସ୍ଥାୟୀ ନିଯୁକ୍ତି ଯୋଗାଇଦେବାକୁ ମଧ୍ୟ ଦାବି ହୋଇଥିଲା। ଏଆଇସିସିଟିୟୁ ପକ୍ଷରୁ ସମସ୍ତ ଶ୍ରମିକଙ୍କ ପାଇଁ ମାସିକ ୪୨ ହଜାର ଟଙ୍କା ସର୍ବନିମ୍ନ ମଜୁରି, ଆଠ ଘଣ୍ଟା କାର୍ଯ୍ୟଦିବସ, ଅତିରିକ୍ତ କାର୍ଯ୍ୟ ପାଇଁ ଦୁଇଗୁଣା ଓଭରଟାଇମ୍, ଇପିଏଫ, ଇଏସ୍ଆଇ, ବୋନସ୍, ଗ୍ରାଚ୍ୟୁଇଟି ଓ ଛୁଟି ସୁବିଧାର ସାର୍ବଜନୀନ ଲାଗୁ, ମହିଳା ଶ୍ରମିକଙ୍କ ସୁରକ୍ଷା ଓ ସମାନ ମଜୁରି ଏବଂ ଠିକା ଶ୍ରମିକଙ୍କ ନିଯୁକ୍ତି ସୁରକ୍ଷା ଦାବି କରାଯାଇଥିଲା।

ଚାରି ଶ୍ରମକୋଡ୍ ପ୍ରତ୍ୟାହାର ଦାବିରେ ବିକ୍ଷୋଭ



ରାଜ୍ୟପାଳ ବ୍ରଜମୋହନ ରାମଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଓଡ଼ିଶା ମାନବ ଅଧିକାର ଆୟୋଗ ଅଧ୍ୟକ୍ଷ ଜଷ୍ଟିସ୍ (ଅବସରପ୍ରାପ୍ତ) ଶତ୍ରୁଘନ ପୂଜାରୀଙ୍କ ସମେତ ଦୁଇ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ଏବଂ ବିରଜା ଶଙ୍କର ମିଶ୍ର


କୋଟିଆରେ ଆନ୍ଧ୍ରର ନିର୍ବାଚନ ପ୍ରତିବାଦରେ କଳା ଦିବସ

ଭୁବନେଶ୍ୱର, ୫ ।୧୧(ସମିସ): କୋଟିଆରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ପଞ୍ଚାୟତ ନିର୍ବାଚନ ଆୟୋଜନ ଉଦ୍ୟମକୁ ବିରୋଧ କରି ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଗୁରୁବାର କଳା ଦିବସ ପାଳନ କରାଯାଇଛି। ପରିଷଦ ଆବାହକ ରବି ବେହେରାଙ୍କ ଅଧ୍ୟକ୍ଷତାରେ ରାଜଭବନ ନିକଟସ୍ଥ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ନୀରବ ପ୍ରତିବାଦ କରାଯାଇଥିଲା। ରାଜନେତା ନିରଞ୍ଜନ ପଟ୍ଟନାୟକ କଳା ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରି ଆନ୍ଧ୍ର ସରକାର କୋଟିଆର ଭୋଟ ହାତେଇବାକୁ ଉଦ୍ୟମ କରୁଥିବାରୁ ପରିଷଦ ଏହାକୁ ତୀବ୍ର ନିନ୍ଦା କରିଛି। କୋଟିଆର କିଛି ଲୋକଙ୍କ ପାଖରେ ଦୁଇଟି ଆଧାର କାର୍ଡ, ରାସନ କାର୍ଡ ଓ ଭୋଟର କାର୍ଡ ରହିବା ହାସ୍ୟାସ୍ପଦ ବୋଲି ପରିଷଦ ଅଭିଯୋଗ କରିଛି। ଏଥିସହ ଆନ୍ଧ୍ର ସରକାର ସ୍ୱାସ୍ଥ୍ୟମେଳା ଆୟୋଜନ ଓ ଛାତ୍ରଛାତ୍ରୀଙ୍କୁ ସ୍କୁଲ ପୋଷାକ ବଣ୍ଟନ କରିବା ସହ



କିଛି ଓଡ଼ିଆ ଲୋକଙ୍କୁ ପ୍ରଲୋଭିତ କରି ପଞ୍ଚାୟତ ନିର୍ବାଚନରେ ଭୋଟ ହାତେଇବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। କୋଟିଆରେ ଓଡ଼ିଶା ପକ୍ଷରୁ ସ୍ଥାପିତ ପୋଲିସ ଚେକପୋଷ୍ଟକୁ ଆନ୍ଧ୍ର ପୁଲିସ ଜୋରଜବରଦସ୍ତ ଭାଙ୍ଗିଦେବା ଘଟଣାକୁ ପରିଷଦ ନିନ୍ଦା କରିଛି। ଆଗାମୀ ଦିନରେ କୋଟିଆ ସମସ୍ୟାର ସମାଧାନ ନହେଲେ ବିଧାନସଭା ସମ୍ମୁଖରେ ଗଣବିକ୍ଷୋଭ କରାଯିବ ବୋଲି ରବି ବେହେରା ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, ଉତ୍କଳ ସମ୍ମିଳନୀ ସଭାପତି ଅଦ୍ୱୈତ ପାତ୍ର, ଆଇନଜୀବୀ ବାଲା ରାୟ, ନାରୀନେତ୍ରୀ ସ୍ୱର୍ଣ୍ଣପ୍ରଭା ସାହୁ, ପ୍ରତାପ ସାହୁ, ନାରାୟଣ ଡାଲୁଆ, ନବକିଶୋର ବେହେରା, ସୌମ୍ୟକାନ୍ତ ବାସ, ରଶ୍ମିରେଖା ବେହେରା, ସସ୍ମିତା ସାହୁ, ସୂର୍ଯ୍ୟମଣି ସାହୁ, ଦେଶପ୍ରିୟ ଦାଶ, ପ୍ରମୋଦ ସାମନ୍ତରାୟ, ସାବିତ୍ରୀ ବେହେରା, ସଂଯୁକ୍ତା କିଷାନ, ନିରଞ୍ଜନ ଦାସ, ଗଜେନ୍ଦ୍ର ବାରିକ ଓ ତପନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଯୁବନେତା ମନୋରଞ୍ଜନ ମଲ୍ଲିକ ଓ ରାଜ୍ୟପ୍ରିୟ ବାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିରେ 'ମେଡିଓସା'



ଭୁବନେଶ୍ୱର, ୫ ।୧୧(ସମିସ): ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ର ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେସନ୍ ପକ୍ଷରୁ ବାର୍ଷିକ ମିଡିଆ ଉତ୍ସବ 'ମେଡିଓସା-୨୦୨୬' ଗୁରୁବାର ଉଦ୍‌ଘାଟିତ ହୋଇଛି। ଏହି ଦ୍ୱିତୀୟ ସଂସ୍କରଣର ବିଷୟବସ୍ତୁ ରହିଛି 'ଆଟେନସନ୍ ଇକୋନୋମି କ୍ୟାପଚରିଂ- ଆଟେନସନ୍ କ୍ରିଏଟିଂ ଇନ୍‌ଫ୍ଲୁଏନ୍ସ'। ଅର୍ଥାତ୍ ଦର୍ଶକଙ୍କ ଧ୍ୟାନ ଆକର୍ଷଣ ସହ ପ୍ରଭାବ ସୃଷ୍ଟି କରିବା। ଉଦ୍‌ଘାଟନୀ ସମାରୋହରେ ଅଭିନେତ୍ରୀ ତଥା ନିର୍ଦ୍ଦେଶିକା ଝିଲିକ୍ ଭଟ୍ଟାଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ମିଡିଆ କେବଳ ଦୃଶ୍ୟମାନ ହେବାର ବିଷୟ ନୁହେଁ, ଏହା ସମ୍ପୂର୍ଣ୍ଣ ଭାବେ ଦାୟିତ୍ୱବୋଧ ସହ ଜଡ଼ିତ। ନିଜର କ୍ୟାରିୟର ଗଢ଼ିବା ସହିତ ସମାଜ ପାଇଁ ନିଜର ଅବଦାନ ରଖିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଚଳଚ୍ଚିତ୍ର ସମୀକ୍ଷକ, ସାମ୍ବାଦିକ ତଥା ଗବେଷକ ଡ. ସୂର୍ଯ୍ୟ ଦେଓ ଯୋଗଦେଇ ଓଡ଼ିଆ ଚଳଚ୍ଚିତ୍ରର ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଏହାର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେସନ୍‌ର ଡିନ୍ ଡ. ଶିବଶଙ୍କର ଦାସ, ମେଡିଓସା-୨୦୨୬ର ଅଧ୍ୟକ୍ଷ ଡ. ଜ୍ଞାନରଞ୍ଜନ ମିଶ୍ର ଛାତ୍ରଛାତ୍ରୀଙ୍କୁ କେବଳ ସିଦ୍ଧାନ୍ତଗତ ଜ୍ଞାନରେ ସୀମିତ ନରହି ତାହାକୁ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିବାକୁ ପ୍ରୋତ୍ସାହିତ କରିଛନ୍ତି। ଆଲୁମିନାଇ ଓ ଷ୍ଟୁଡେଣ୍ଟ ଆଫେୟାର୍ସ ଡିନ୍ ପ୍ରଫେସର ଅନୁଭା ରାୟ ଛାତ୍ରଛାତ୍ରୀଙ୍କ କଳ୍ପନାଶକ୍ତି, ସୃଜନଶୀଳତା ଓ ପ୍ରତିଭାକୁ ପ୍ରଦର୍ଶନ କରିବା ପାଇଁ ମେଡିଓସା ପ୍ରକୃଷ୍ଟ ମଞ୍ଚ ବୋଲି କହିଥିବାବେଳେ ସହକାରୀ ପ୍ରାଧ୍ୟାପିକା ଅନ୍ୱେଷା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବ ସହିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗୀ ବଜାର "ଦି ଫ୍ଲିଆ" ମଧ୍ୟ ଉଦ୍‌ଘାଟିତ ହୋଇଥିଲା। ଏଥିରେ ଖାଦ୍ୟ, ପାନୀୟ ଓ ଖେଳକୁଦ ସମ୍ପର୍କିତ ୧୮ଟି ଷ୍ଟଲ୍ ସ୍ଥାନ ପାଇଥିଲା। ଏହାବ୍ୟତୀତ ମିଡିଆରେ ଦର୍ଶକଙ୍କ ଧ୍ୟାନ ଓ ଏହାର ପ୍ରଭାବକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର କଣ୍ଟେଣ୍ଟ କ୍ରିଏଟର ସିଦ୍ଧି ଶତପଥୀ, ସୌମ୍ୟ ବିଶ୍ୱଜିତ୍ ଓ ହୀନା ମିର୍ଜାଙ୍କ ସହ ଝାଡ଼ଖଣ୍ଡର ଆତିଫ୍ ହବିବ୍ ପ୍ରମୁଖ ଅଭାସୀ ଯୋଗେ ଯୋଗଦେଇଥିଲେ।

କାଜୁ ସମ୍ମିଳନୀ ଆୟୋଜନ ନିମନ୍ତେ ଓୟୁଏଟିରେ ପ୍ରସ୍ତୁତି



ଭୁବନେଶ୍ୱର, ୫ ।୧୧(ସମିସ): ଆସନ୍ତା ମାସ ୨୦ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ କାଜୁ ସମ୍ମିଳନୀ-୨୦୨୬ର ଆୟୋଜନ ନିମନ୍ତେ ଗୁରୁବାର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଆର୍‌କେ ହଲ୍‌ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। କାଜୁ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି, ଉନ୍ନତ ବୈଜ୍ଞାନିକ ଚାଷ ପଦ୍ଧତିର ପ୍ରସାର, ଜଳବାୟୁ ସହନଶୀଳ ଉତ୍ପାଦନ ପ୍ରଯୁକ୍ତି, କାଜୁ ପ୍ରକ୍ରିୟାକରଣ, ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ଏବଂ କ୍ଷୁଦ୍ର ଓ ଅଣୁ କାଜୁ ଭିତ୍ତିକ ଉଦ୍ୟୋଗର ପ୍ରୋତ୍ସାହନ ଆଦି ସମ୍ମିଳନୀର ମୁଖ୍ୟ ଆଲୋଚନାର ବିଷୟବସ୍ତୁ ରହିବ। କାଜୁ ଚାଷର ଉନ୍ନତି, କୃଷକଙ୍କ ଆୟ ବୃଦ୍ଧି ଏବଂ କାଜୁ ଶିଳ୍ପର ସୁଦୃଢ଼ୀକରଣ ଦିଗରେ ବୈଜ୍ଞାନିକ ଗବେଷଣା, ନୂତନ ପ୍ରଯୁକ୍ତିର ପ୍ରୟୋଗ ଓ ଶିଳ୍ପ-ଶିକ୍ଷାନୁଷ୍ଠାନ ମଧ୍ୟରେ ସମନ୍ୱୟର ଗୁରୁତ୍ୱ ଉପରେ ଚାଷୀ ଓ ଗବେଷକଙ୍କ ମଧ୍ୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। ଓଡ଼ିଶା ରାଜ୍ୟ କାଜୁ ସମ୍ମିଳନୀ ଏକ ସଫଳ ଓ ଫଳପ୍ରଦ ଆୟୋଜନରେ ପରିଣତ କରିବା ସହିତ ରାଜ୍ୟର କାଜୁ ଶିଳ୍ପର ଗବେଷଣା, ଉଦ୍ୟୋଗ, ପ୍ରକ୍ରିୟାକରଣ ଓ ସ୍ଥାୟୀ ବିକାଶକୁ ନୂତନ ଦିଗ ଦେବା ପାଇଁ ଏହା ସହାୟକ ହେବ ବୋଲି ଆଶା ରଖାଯାଇଛି। ଏହି ବୈଠକରେ ଓୟୁଏଟିର ଗବେଷଣା ନିର୍ଦ୍ଦେଶକ, ଅଲ୍ ଓଡ଼ିଶା କାଜୁ ପ୍ରୋସେସିଂ ଆସୋସିଏସନ୍‌ର ପ୍ରତିନିଧି, ସର୍ବଭାରତୀୟ କାଜୁ ଗବେଷଣା ପ୍ରକଳ୍ପ ଅଧିକାରୀ ଏବଂ ସମ୍ପୃକ୍ତ ଅଧିକାରୀମାନେ ଯୋଗଦେଇଥିଲେ।

ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ରାଜ୍ୟପାଳଙ୍କୁ ସାକ୍ଷାତ୍



ଭୁବନେଶ୍ୱର, ୫।୧୧(ସମିସ): ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଏକ ୫ଜଣିଆ ପ୍ରତିନିଧି ଦଳ ରାଜଭବନରେ ଓଡ଼ିଶାର ନୂତନ ରାଜ୍ୟପାଳ ବ୍ରଜମୋହନ ରାମଙ୍କୁ ସାକ୍ଷାତ୍ କରି ରାଜ୍ୟରେ ସାମ୍ବାଦିକମାନଙ୍କର ବୃତ୍ତିଗତ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ତାଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟତଃ ଓଡ଼ିଶାର ସାମ୍ବାଦିକ ମାନଙ୍କୁ ପେନସନ୍ ଦେବା ବିଷୟରେ ଆଲୋଚନା ହୋଇଥିଲା। ଦେଶର ପ୍ରାୟ ୨୧ଟି ରାଜ୍ୟରେ ସେଠାକାର ରାଜ୍ୟ ସରକାର ମାନଙ୍କ ପକ୍ଷରୁ ସାମ୍ବାଦିକ ମାନଙ୍କୁ ପେନସନ ଦେବା ନିଷ୍ପତ୍ତି କାର୍ଯ୍ୟକାରୀ ହେଉଥିବା ବେଳେ ଓଡ଼ିଶାରେ ସାମ୍ବାଦିକମାନେ ସେଥିରୁ ବଞ୍ଚିତ ହେଉଛନ୍ତି। ଓଡ଼ିଶା ସରକାର ଖୁବ୍ ଶୀଘ୍ର ସାମ୍ବାଦିକମାନଙ୍କୁ ପେନସନ ଦେବା ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟପାଳ ଶ୍ରୀ ରାମ ଏ ସମ୍ପର୍କରେ ଖୁବ୍ ଶୀଘ୍ର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ଦଳରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ସାଧାରଣ ସମ୍ପାଦକ ସନତ ମିଶ୍ର, ରାଜ୍ୟସଭାପତି ତଥା ଓଡ଼ିଶା ଭାସ୍କରର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, କଲ୍ୟାଣ ବୋର୍ଡର ଅନ୍ୟତମ ବରିଷ୍ଠ ଉପଦେଷ୍ଟା ରାଜାରାମ ଶତପଥି ଓ ଏସ୍.ଏ ମନାନ ପ୍ରମୁଖ ସାମିଲ୍ ଥିଲେ।

ସିଡ୍‌ନୀରେ ଓଡ଼ିଆ ସଂସ୍କୃତିର ମହକ ବିଞ୍ଚିଲା 'ଫୁଲ ବଉଳ ବେଣୀ'

ଭୁବନେଶ୍ୱର, ୫ ।୧୧(ସମିସ): ଅଷ୍ଟ୍ରେଲିଆର ସିଡନୀଠାରେ ଓଡ଼ିଆ ସମାଜ ପକ୍ଷରୁ ଦ୍ୱିବାର୍ଷିକ ସାଂସ୍କୃତିକ ଉତ୍ସବ 'ଫୁଲ ବଉଳ ବେଣୀ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦୦ରୁ ଅଧିକ ଓଡ଼ିଆ ଏକତ୍ରିତ ହୋଇ ଦଶହରାକୁ ସ୍ୱାଗତ କରିଥିଲେ। ଗ୍ରାନଭିଲ୍‌ର ସଦସ୍ୟା ଜୁଲିଆ ଫିନ୍, ଏମ୍‌ପି କାଉନସିଲର ସମୀର ପାଣ୍ଡେ, ଇମାନୁଏଲ୍ ସେଲଭରାଜ, ଓରିଓଜ୍‌ର ସଭାପତି ତାପସ ସେନାପତି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଓରିଓଜ୍ ଏନ୍ଏସ୍‌ଡବ୍ଲ୍ୟୁ ରାଜ୍ୟ ପ୍ରମୁଖ ଅଞ୍ଜଳି ପାତ୍ର ଅତିଥିମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଉତ୍ସବରେ ପିଲାମାନଙ୍କ "ଓଡ଼ିଶା ଛୁଆ', ଯୁବ ନୃତ୍ୟ "ନୂଆ ପିଢ଼ି ନୂଆ ପରିଚୟ', ଓଡ଼ିଆ ନାଟକ ଓ ବିଶିଷ୍ଟ ଓଡ଼ିଶୀ ଗୁରୁ ଦେବଶ୍ରୀ ଦାଶଙ୍କ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଏହି ଅବସରରେ ଓରିଓଜ୍ ସ୍ୱତନ୍ତ୍ର କ୍ରୀଡ଼ା ପୋଷାକ ମଧ୍ୟ ଉନ୍ମୋଚିତ ହୋଇଥିଲା। ଜୁଲିଆ ଫିନ୍ ଓଡ଼ିଆ ଭାଷା, ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ ପାଇଁ ସମ୍ପ୍ରଦାୟର ଉଦ୍ୟମକୁ ପ୍ରଶଂସା କରିଥିଲେ। ଅଞ୍ଜଳି ପାତ୍ର କହିଥିଲେ ଯେ ଏହି ଉତ୍ସବ ପିଲାମାନଙ୍କୁ ନିଜ ଭାଷା, ମୂଳ ଓ ପରିଚୟ ସହ ଯୋଡ଼ିବାର ମାଧ୍ୟମ। ସେହିପରି ତାପସ ସେନାପତି କହିଥିଲେ ଯେ, ଏହା ଓଡ଼ିଆ ଐତିହ୍ୟର ସଂରକ୍ଷଣ ସହ ଅଷ୍ଟ୍ରେଲିଆର ବହୁସଂସ୍କୃତିକ ପରିଚୟରେ ଓଡ଼ିଆ ସଂସ୍କୃତିକୁ ଯୋଡୁଛି।



ପ୍ରଫେସର ଅରୁଣ ମିଶ୍ର ଅଖିଳ ଭାରତୀୟ ପ୍ରାଚ୍ୟବିଦ୍ୟା ସମ୍ମେଳନର ଜାତୀୟ ସଭାପତି



ଭୁବନେଶ୍ୱର, ୪।୧୧(ସମିସ): ପ୍ରଫେସର ଅରୁଣ ରଞ୍ଜନ ମିଶ୍ର ବିଶ୍ୱର ବୃହତ୍ତମ ଅନୁଷ୍ଠାନ ଅଖିଳ ଭାରତୀୟ ପ୍ରାଚ୍ୟବିଦ୍ୟା ସମ୍ମେଳନର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହି ମର୍ଯ୍ୟାଦା ଜନକ ଅନୁଷ୍ଠାନର ସଭାପତି ହେବାରେ ସେ ହେଉଛନ୍ତି ଦ୍ୱିତୀୟ ଓଡ଼ିଆ। ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକ ଏହି ଅନୁଷ୍ଠାନର ସଭାପତି ଥିଲେ। ଅଖିଳ ଭାରତୀୟ ପ୍ରାଚ୍ୟବିଦ୍ୟା ସମ୍ମେଳନର ୫୨ତମ ଅଧିବେଶନ ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ସ୍ୱାମୀ ରାମଦେବ, ସଂଚାଳକ ସ୍ୱାମୀ ବାଲକୃଷ୍ଣ, କେନ୍ଦ୍ର ଶିକ୍ଷା ବୋର୍ଡର ଅଧ୍ୟକ୍ଷ ପ୍ରଫେସର ଏନ.ପି.ସିଂ, ପ୍ରଦୀପ ବାତ୍ରା ଓ କୋଡିଏଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହାଭାଗିତା ଏହି ସମ୍ମେଳନରେ ଶାନ୍ତିନିକେତନର ପ୍ରାକ୍ତନ ସଂସ୍କୃତ ପ୍ରଫେସର ଡ. ଅରୁଣ ରଞ୍ଜନ ମିଶ୍ର ଏକ ଦ୍ୱି-ସ୍ତରୀୟ ନିର୍ବାଚନରେ ଆସନ୍ତା ଦୁଇବର୍ଷ ପାଇଁ ଏହି ବିଶ୍ୱପ୍ରସିଦ୍ଧ ଅନୁଷ୍ଠାନର ଜାତୀୟ ସଭାପତି ଭାବେ ନିର୍ବାଚିତ ହୋଇ ବର୍ତ୍ତମାନର ସଭାପତି ଓ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡିଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି।

ପଞ୍ଚାୟତସ୍ତରୀୟ ଯାଁଳା କପ୍: ଫାଇନାଲରେ ଯାଁଳା

ଯାଁଳା, ୫ ।୧୧(ସମିସ): ଆଜି ଜଟଣୀ ବ୍ଲକର ଯାଁଳା ପଞ୍ଚାୟତରେ ରାଧାମାଧବ ଖେଳ ପଡିଆ ଠାରେ ଦ୍ୱିତୀୟ ସେମିଫାଇନାଲ ଖେଳ ଯାଁଳା ଓ କଲ୍ୟାଣ ପୁର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲ୍ୟାଣ ପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରେ ୬ ଉଇକେଟ୍ ହରାଇ ୯୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଯାଁଳା ୬.୪ ଓଭରରେ ୧ ଉଇକେଟ୍ ବିନିମୟରେ ଏହାକୁ ପୂରଣ କରି ବିଜୟୀ ହେଇଛି। ଆଜିର ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଛନ୍ତି ଭିର୍ ଅଭିମନ୍ୟୁ ସ୍ୱାଇଁ। ଆସନ୍ତା କାଲି ଫାଇନାଲରେ ଘରୋଇ ଦଳ ସହ କେସୁରାର ମୁକାବିଲା ହେବ। ଆଜିର ଖେଳ ପରିଚାଳନା କରିଥିଲେ ଅନିଲ୍ କୁମାର ପରିଡା ଓ ରଜନୀ କାନ୍ତ ପ୍ରଧାନ ଅତିଥି ହେଲେ ସତ୍ୟବ୍ରତ ମହାପାତ୍ର ଓ ସୁଦର୍ଶନ ମହାପାତ୍ର।



କିଟ୍ ଓ କିସ୍ ପରିଦର୍ଶନରେ ଉଚ୍ଚସ୍ତରୀୟ ଇସ୍ରାଏଲ୍ ପ୍ରତିନିଧିମଣ୍ଡଳୀ



ଭୁବନେଶ୍ୱର, ୫।୧୧(ସମିସ): 'ଇଣ୍ଡିଆ ଟ୍ରେକ୍ ଫର ଗ୍ଲୋବାଲ ଲିଡର୍ସ' କାର୍ଯ୍ୟକ୍ରମରେ ଭାରତ ଆସିଥିବା ୨୦ ଜଣିଆ ଉଚ୍ଚସ୍ତରୀୟ ଇସ୍ରାଏଲୀୟ ପ୍ରତିନିଧି ଦଳ ଆଜି କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅତିଥିମାନେ ଶ୍ରୀ ସାମନ୍ତଙ୍କ ଦୂରଦୃଷ୍ଟି ଓ ମାନବସେବାକୁ ଉଚ୍ଚ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ, ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ଅନୁମତି କ୍ରମେ ଏମାନେ ଭାରତ ପରିଦର୍ଶନ କରୁଛନ୍ତି। ଏହି ୧୨ ଦିନିଆ କାର୍ଯ୍ୟକ୍ରମରେ ସେମାନେ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ଦର୍ଶନୀୟ ସ୍ଥାନ ମଧ୍ୟ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହଙ୍କ ସମେତ କିଟ୍ ଓ କିସ୍‌ର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

ଜୟଦେବ ବରିଷ୍ଠ ନାଗରିକ ମଞ୍ଚର ବୁଦ୍ଧିଜୀବୀ ସମ୍ମିଳନୀ

ବାଲିପାଟଣା, ୫।୧୧ (ସମିସ) : ଜୟଦେବ ନିର୍ବାଚନ ମଣ୍ଡଳୀ ର ବୟୋଜ୍ୟେଷ୍ଠ ନାଗରିକ ମାନଙ୍କର ଏକ ସମାବେଶ ବିଶ୍ୱନାଥପୁରସ୍ଥିତ କ୍ରିଷ୍ଣା କଲ୍ୟାଣ ମଣ୍ଡପରେ ବୁଧବାର ଅପରାହ୍ନରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଡ଼ ଅରବିନ୍ଦ ଢ଼ାଲି, ବିଜେପି ଖୋର୍ଦ୍ଧା ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଦର୍ଶନ ନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ତନୟା ଦାସ ଗୋସ୍ୱାମୀ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ବ୍ୟାଙ୍କ ଅଧିକାରୀ ମାଗୁଣି ସେଠୀଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ଶତାଧିକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ସଫଳତାରେ ସଞ୍ଜୟ ତ୍ରିପାଠୀ, ପବିତ୍ର ଭୋଇ, ଜୟନ୍ତ ଶିଶୁ, ସନ୍ତୋଷ ସାହୁ, ବ୍ରହ୍ମାନନ୍ଦ ସ୍ୱାଇଁ, ଝିଲ୍ଲୀ ସାମନ୍ତରାୟ, ଜଗନ୍ନାଥ ବେହେରା, ପ୍ରଦୀପ୍ତ ସ୍ୱାଇଁ, ମନୋରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ମାନସିକ ଅନଗ୍ରସର ପିଲା ତିଆରି କରୁଛନ୍ତି ଦୀପାବଳି ଉପହାର

ଭୁବନେଶ୍ୱର, ୫।୧୧(ସମିସ)



ଆଉ ମାତ୍ର ଦିନକ ପରେ ଆଲୋକର ପର୍ବ ଦୀପାବଳି। କାରିଗରମାନେ ଦୀପ ତିଆରିରେ ଲାଗି ପଡ଼ିଥିବା ବେଳେ ମାନସିକ ଅନଗ୍ରସର ମାନେ ମଧ୍ୟ ତିଆରି କରୁଛନ୍ତି ଆକର୍ଷଣୀୟ ଦୀପ। ଏହି ଦିନର ମହତ୍ତ୍ୱ ଏବଂ ଦୀପର ଆଲୋକକୁ ବୁଝିପାରୁ ନଥିଲେ ବି ସେମାନେ ମାଟି ଦୀପ ଗୁଡ଼ିକ ଆକର୍ଷଣୀୟ କଳାକୃତିରେ ଏକ ନୂଆ ରୂପ ଦେଉଛନ୍ତି। ଯାହା ସେମାନଙ୍କୁ ରୋଜଗାରର ନୂଆ ଦିଶା ଦେଖାଇଛି। କଥା କହିପାରୁ ନଥିବା ଏବଂ ବୁଝିପାରୁନଥିଲେ ବି ବିଭିନ୍ନ ସାମଗ୍ରୀକୁ ଜୀବନ୍ତ ରୂପ ଦେଇ ଉଦାହରଣ ପାଲଟିଛନ୍ତି। ସ୍ଥାନୀୟ ଓଏଲଏସ(ଓପନ୍ ଲର୍ଣ୍ଣିଂ ସିଷ୍ଟମ୍) ରେ ରହୁଛନ୍ତି ବାପା ମା' ଛେଉଣ୍ଡ ମାନସିକ ଅନଗ୍ରସର ମାନେ।୨ବର୍ଷ ବୟସରୁ ଆରମ୍ଭ କରି ୩୫ ବର୍ଷ ପର୍ଯ୍ୟନ୍ତ ପ୍ରାୟ ୫୦ଜଣ ଏଠାରେ ରହୁଛନ୍ତି। ବିଭିନ୍ନ ପର୍ବପର୍ବାଣୀରେ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ଦୀପାବଳି ଅବସରରେ ପ୍ରାୟ ୧୫ଦିନ ଆଗରୁ ଏମାନେ ଦୀପ ତିଆରି ଆରମ୍ଭ କରିଛନ୍ତି। ସାଧା ମାଟି ଦୀପ ଗୁଡ଼ିକରେ ବିଭିନ୍ନ ରଙ୍ଗ ଦେବା ସହ ସେଥିରେ ଭଳି କି ଭଳି ଚିତ୍ର ଆଙ୍କି ନୂଆ ରୂପ ଦେଉଛନ୍ତି। ଏଥିପାଇଁ ସେମାନଙ୍କୁ ଜଣେ ପ୍ରଶିକ୍ଷକଙ୍କ ଦ୍ୱାରା ୨ରୁ ୩ଘଣ୍ଟା ପ୍ରଶିକ୍ଷଣ ଦିଆଯାଉଛି। ପ୍ରତିଦିନ ଏମାନେ ପ୍ରାୟ ୧୦୦ଟି ଦୀପ ତିଆରି କରୁଥିବା ଓଏଲସ୍‌ର ସୁପରିଟେଣ୍ଡେଣ୍ଟ ସୁଜାତା ମହାପାତ୍ର କହିଛନ୍ତି। ପ୍ରାୟ ୩୦ବର୍ଷ ହେବ ଏହି ଚାଇଲଡସ୍ ହୋମ୍ ଜରିଆରେ ମାନସିକ ଅନଗ୍ରସର ପିଲାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେହିପରି ଦୀପ ସାଙ୍ଗକୁ ମହମବତୀ, ଚକୋଲେଟ୍ ଆଦି ତିଆରି କରୁଛନ୍ତି। ଏହାକୁ ଏକ ଉପହାର ପ୍ୟାକେଟ୍ ମଧ୍ୟ କରାଯାଇଛି। ଯାହା ବଜାରକୁ ସପ୍ଲାଏ କରାଯିବା ସହ ଦୀପାବଳୀ ପୂର୍ବରୁ ଏହି ମାନସିକ ଅନଗ୍ରସରମାନଙ୍କ ଦ୍ୱାରା ଷ୍ଟଲ ଖୋଲାଯାଇ ବିକ୍ରୟ ମଧ୍ୟ ଆରମ୍ଭ ହୋଇଛି। ଆକୃତି ଅନୁସାରେ ଦୀପ ଗୁଡ଼ିକର ଦାମ୍ ରହିଛି। ୨୦ଟଙ୍କାରୁ ଆରମ୍ଭ ହୋଇ ୩୦ ଟଙ୍କା ଯାଏ ରହିଛି। ସେହିପରି ଚକୋଲେଟ୍, ଦୀପ, ମହମବତୀ ରହିଥିବା ଉପହାର ପ୍ୟାକେଟର ଦାମ୍ ୧୦୦ଟଙ୍କାରୁ ଆରମ୍ଭ ହୋଇ ୫ଶହ ପର୍ଯ୍ୟନ୍ତ ରହିଛି। ତେବେ ମାନସିକ ବିକାରଗ୍ରସ୍ତ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ସାମଗ୍ରୀ ଗୁଡ଼ିକ କିଣିବାକୁ ଲୋକଙ୍କ ମଧ୍ୟରେ ଆଗ୍ରହ ବଢ଼ିବା ସହ ଗ୍ରାହକମାନେ ସେମାନଙ୍କ ଦକ୍ଷତାକୁ ପ୍ରଶଂସା କରିଛନ୍ତି।

ସକାଳ
THE SAKALA

www.sakalaepaper.com

ବେଦବ୍ୟାସ ସଙ୍ଗୀତ ନୃତ୍ୟ ଉତ୍ସବର ଚତୁର୍ଥ ସନ୍ଧ୍ୟା

ମନମୋହିଲା ଓଡ଼ିଶୀ ଓ ଲୋକନୃତ୍ୟ





ରାଉରକେଲା, ୫।୧୧(ସମିସ)

ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଭଞ୍ଜ କଳାକେନ୍ଦ୍ର ଆନୁକୂଲ୍ୟରେ ଭଞ୍ଜଭବନ ମୁକ୍ତାକାଶ ମଞ୍ଚଠାରେ ଅନୁଷ୍ଠିତ ହେଉଥିବା ୨୯ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟ ଉତ୍ସବର ଚତୁର୍ଥ ସନ୍ଧ୍ୟାରେଓଡିଶୀ ନୃତ୍ୟ ଏବଂ ଲୋକନୃତ୍ୟର ଚିତ୍ତାକର୍ଷକ ପରିବେଷଣରେ ଦର୍ଶକ ଅଭିଭୂତ ହୋଇଥିଲେ। ଚତୁର୍ଥ ସନ୍ଧ୍ୟାରେ ଉପସ୍ଥିତ ଅତିଥି ମାନଙ୍କ ମଧ୍ୟରେ ଆରଏସପି ଖଣି ବିକାଶ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି.କେ ଗିରି, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ସ୍ମିତା ଗିରି, ବିଶିଷ୍ଟ ଓଡିଶୀ ନୃତ୍ୟଗୁରୁ ରତିକାନ୍ତ ମହାପାତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ଉତ୍ସବରେ ଭଞ୍ଜ ସାଂସ୍କୃତିକ ନ୍ୟାସର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ଆର୍‌ଏସପି ମାନବସମ୍ବଳ ବିଭାଗର ସିଜିଏମ ମାନସ ରଞ୍ଜନ ରଥ, ଭଞ୍ଜ କଳାକେନ୍ଦ୍ରର ସଭାପତି ତଥା ଆର୍‌ଏସପି ରକ୍ଷଣାବେକ୍ଷଣ ବିଭାଗର ସିଜିଏମ ଇନଚାର୍ଜ ଶୁଭଶଙ୍କର ରାୟଚୌଧୁରୀ, କଣ୍ଟ୍ରାକ୍ଟ ସେଲ ବିଭାଗର ସିଜିଏମ ତଥା ଭଞ୍ଜ କଳାକେନ୍ଦ୍ରର ଉପ-ସଭାପତି ଆଲୋକ କୁମାର ବେହେରା, ଭଞ୍ଜ ସାଂସ୍କୃତିକ ନ୍ୟାସର ସମସ୍ତ ଟ୍ରଷ୍ଟି ତଥା ଆରଏସପିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଏହି ଜାତୀୟ ମହୋତ୍ସବର ୨୯ତମ ସଂସ୍କରଣ ପଦ୍ମବିଭୂଷଣ ଗୁରୁ କେଳୁ ଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳନ ଉଦ୍ଦେଶ୍ୟରେ ଉତ୍ସର୍ଗିତ କରାଯାଇଛି। ଭଞ୍ଜ କଳା କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ସୁମଧୁର ବେହେଲା ବାଦନ ଉପସ୍ଥାପନା ସହିତ କାର୍ଯ୍ୟକ୍ରମ ପ୍ରାରମ୍ଭ ହୋଇଥିଲା। ଏହି ସନ୍ଧ୍ୟାରେ ପଦ୍ମ ବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀଜନ ନୃତ୍ୟାନୁଷ୍ଠାନର ମୁଖ୍ୟ ଗୁରୁ ରତିକାନ୍ତ ମହାପାତ୍ରଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଅନୁଷ୍ଠାନର ନୃତ୍ୟଶିଳ୍ପୀ ଲାଳିତ୍ୟପୂର୍ଣ୍ଣ ଓଡିଶୀ ନୃତ୍ୟ ପ୍ରସ୍ତୁତ କରିଥିଲେ ଯାହା ଦର୍ଶକଙ୍କୁ ଅଭିଭୂତ କରିଥିଲା। ସୃଜନ ନୃତ୍ୟଦଳ ଦ୍?।ରା ଜୟଦେବଙ୍କ ଗୀତଗୋବିନ୍ଦରୁ 'ଦଶାବତାର', ଶ୍ରୀରାମ ଭଜନ 'ଶ୍ରୀରାମଚନ୍ଦ୍ର କୃପାଳୁ ଭଜମନ' ଏବଂ 'ବନ୍ଦେ ସୂର୍ଯ୍ୟମ୍'କୁ ନେଇ ନୃତ୍ୟ ସଂରଚନାକୁ ନେଇ ତିନିଟି ମନୋମୁଗ୍ଧକାରୀ ନୃତ୍ୟ ସ୍ତବକ ପ୍ରସ୍ତୁତ ହୋଇଥିଲା। ଏହା ପରେପରେ ମଧ୍ୟପ୍ରଦେଶର ବୀରଦଳ ଜୟହିନ୍ଦର କଳାକାରମାନେ ବୁନ୍ଦେଲଖଣ୍ଡର ଲୋକପ୍ରିୟ ଲୋକନୃତ୍ୟ 'ଆଖଡା' ପରିବେଷଣ କରିଥିଲେ। ଉଲ୍ଲେଖନୀୟ ଯେ, ଭଞ୍ଜ କଳାକେନ୍ଦ୍ର ଦ୍ୱାରା ଭଞ୍ଜ ସାଂସ୍କୃତିକ ନ୍ୟାସର ସହଭାଗିତାରେ ଏହି ଉତ୍ସବ ଅନୁଷ୍ଠିତ ହେଉଛି। ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଉପସଭାପତି ଆଲୋକ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ। ଆରଏସପି ଏସଏମଏସ-୨ ବିଭାଗର ଉପ ପ୍ରବନ୍ଧକ ଶଶାଙ୍କ ପଟ୍ଟନାୟକ ଏବଂ ସୁଶ୍ରୀ କୋଏନା ଦସ୍ତିଦାର ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଭଞ୍ଜ କଳା କେନ୍ଦ୍ରର କର୍ମକର୍ତ୍ତା ବିବେକାନନ୍ଦ ପରିଡ଼ା, ବସନ୍ତ ସାହୁ, ଜ୍ୟୋତିର୍ମୟ ଆଚାର୍ଯ୍ୟ, ପଞ୍ଚାନନ ମଲ୍ଲିକ, ସୁବ୍ରତ ଶତପଥୀ, ସନ୍ତୋଷ ରଥ, ଗଜେନ୍ଦ୍ର ମୁର୍ମୁ, ରସାନନ୍ଦ ମହାନ୍ତ, କନକଲତା ମିଶ୍ର, ଏବଂ ପ୍ରବୀଣପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବେଆଇନ ସ୍କ୍ରାପ୍ ଉପରେ ଚାଲିଲା ବୁଲ୍‌ଡୋଜର

ରାଉରକେଲା, ୫।୧୧ (ସମିସ): ବେଆଇନ କାର୍ଯ୍ୟକଳାପ ତଥା ଅପରାଧୀମାନଙ୍କ ବିରୋଧରେ ଏକ କଡ଼ା ଆଭିମୁଖ୍ୟ ଗ୍ରହଣକରି ବୁଧବାର ରାଉରକେଲା ପୁଲିସ ରେହମତ ନଗର ଅଞ୍ଚଳରେ ବେଆଇନ ସ୍କ୍ରାପ ଗୋଦାମ ହୋଇଥିବା ଏକ ଘରକୁ ବୁଲଡୋଜର ଦ୍ୱାରା ଧୂଳିସାତ୍ କରିଦେଇଛି। ଉକ୍ତ ଘରଟି ବେଆଇନ ସ୍କ୍ରାପ୍ (କବାଡ଼ି) ବ୍ୟବସାୟ ପାଇଁ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଥିଲା। ପ୍ଲାଣ୍ଟ ସାଇଟ୍ ଥାନା ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଛି। ବେଆଇନ ସ୍କ୍ରାପ୍ ବ୍ୟବସାୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ପୁଲିସ ପୂର୍ବରୁ ଏହି ଘରକୁ ସିଲ୍ କରିଥିଲା। ଏହି ବେଆଇନ କାରବାରରେ ସମ୍ପୃକ୍ତ ଥିବା ଘରମାଲିକଙ୍କୁ ପୂର୍ବରୁ ଗିରଫ କରାଯାଇଥିବାବେଳେ ସେ ବର୍ତ୍ତମାନ ଜେଲ୍‌ରେ ଅଛନ୍ତି।

୧୭ରୁ ବଣାଇଁରେ କଳାକାର ଚୟନ ପ୍ରକ୍ରିୟା

ବଣାଇଁ, ୫।୧୧ (ସମିସ): ବଣାଇଁ ଅଞ୍ଚଳର କଳାକାରମାନଙ୍କ ଦୀର୍ଘଦିନର ଦାବି ଓ ଅସୁବିଧାକୁ ହୃଦୟଙ୍ଗମ କରି ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଆସନ୍ତା ୧୭ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ବଣାଇଁଠାରେ କଳାକାରମାନଙ୍କ ଅଡିସନ୍ (ଚୟନ ପ୍ରକ୍ରିୟା) ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ପୂର୍ବରୁ ଏହି ଅଡିସନ୍ ସୁନ୍ଦରଗଡ଼ଠାରେ ଆୟୋଜନ କରିବାକୁ ସ୍ଥିର ହୋଇଥିଲା। ଫଳରେ ବଣାଇଁ ଉପଖଣ୍ଡର ଦୂରଦୂରାନ୍ତରେ ରହୁଥିବା କଳାକାରମାନେ ସୁନ୍ଦରଗଡ଼ ଯାତାୟାତ କରିବା ସହ ଅଧିକ ଖର୍ଚ୍ଚାନ୍ତ ହେବାର ଆଶଙ୍କା ରହିଥିଲା। ଏହି ସମସ୍ୟାକୁ ହୃଦୟଙ୍ଗମ କରି ବଣାଇଁ ଅଞ୍ଚଳର ବରିଷ୍ଠ କଳାକାର ଖଗେଶ୍ୱର ବାରିକ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ନିକଟରେ ଏହି ଅସୁବିଧା ସମ୍ପର୍କରେ ଅବଗତ କରାଇ ଅଡିସନ୍ ବଣାଇଁଠାରେ କରିବାକୁ ଦାବି ଜଣାଇଥିଲେ। ଶ୍ରୀ ବାରିକଙ୍କ ଅଭିଯୋଗ ଓ ଉପବାଚସ୍ପତିଙ୍କ ଉଦ୍ୟମ ପରେ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ବଣାଇଁଠାରେ ଅଡିସନ୍ ଆୟୋଜନ ପାଇଁ ତାରିଖ ନିର୍ଦ୍ଧାରଣ କରାଯାଇଛି। ବଣାଇଁର ବରିଷ୍ଠ କଳାକାର ତଥା କଦମ୍ବ କେଶରୀ କଳା ପରିଷଦର ସଭାପତି ଖଗେଶ୍ୱର ବାରିକଙ୍କ ସମେତ ଉପ-ସଭାପତି ଲବ କିଶୋର ସାହୁ, କାର୍ଯ୍ୟକାରୀ ସଭାପତି ଭ୍ରମର କୁମାର ବାରିକ୍, ସମ୍ପାଦକ ଶ୍ରୀମନ୍ତ ମହାକୁଳ, କୋଷାଧ୍ୟକ୍ଷ ପ୍ରତାପ ସାହୁ, ଉପଦେଷ୍ଟା ଉଗ୍ରସେନ କିସାନ, ଶୁକଦେବ ପଲେଇ, ଡମ୍ବରୁଧର ପ୍ରଧାନ, ଭୁବନାନନ୍ଦ କିସାନ, ଟୋପି ଚନ୍ଦନ ସାହୁ, ସୁଦର୍ଶନ ଜଉ ତିକିଆ, ଶିବ ସୁନ୍ଦର ରାଉତ, ସାଧୁ ଚରଣ କିସାନ, ଗଜେନ୍ଦ୍ର ଦେଓ ଏବଂ ସମସ୍ତ କଳାକାରଙ୍କ ସହଯୋଗ କରିଥିଲେ।

'ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ'

ସାରବହାଲ୍‌ର ସୀତା ଡ୍ୟାନ୍ସ ଗ୍ରୁପ୍ ଚାମ୍ପିଅନ୍

ରାଉରକେଲା, ୫।୧୧(ସମିସ): ବିଶ୍ରାର ତେତେରକେଲା ସ୍ଥିତ ଜାମ୍ବରନା ଗ୍ରାମରେ ରାଉରକେଲା ଇସ୍ପାତ କାରଖାନାର ସି.ଏସ୍.ଆର୍. ବିଭାଗ ଦ୍ୱାରା 'ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ'ର ଆଞ୍ଚଳିକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବିଶ୍ରା ବ୍ଲକର ବିଭିନ୍ନ ଗ୍ରାମରୁ ୩୦ ଟି ନୃତ୍ୟ ଦଳ ଅତ୍ୟନ୍ତ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଆରଏସପିର ନିର୍ବାହୀ ନିର୍ଦ୍ଦେଶକ (ଏମ୍.ଡି.-ସି.ଏମ୍.ଏଲ୍.ଓ.) ବିପିନ କୁମାର ଗିରି ମୁଖ୍ୟ ଅତିଥି ଭାବେ ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ବେଳେ ଡିଏମ୍ଏସ୍‌ର ଉପସଭାନେତ୍ରୀ ସ୍ମିତା ଗିରି ଏହି ଉତ୍ସବର ସମ୍ମାନିତ ଅତିଥି ଥିଲେ। ଏହି ଅବସରରେ ମହାପ୍ରବନ୍ଧକ (ସିଏସ୍ଆର୍) ବିଭାବସୁ ମଲ୍ଲିକ, ଉପ ମହାପ୍ରବନ୍ଧକ ଆର.ଏସ୍. ବାରା, ଉପ ମହାପ୍ରବନ୍ଧକ (ସି.ଏସ୍.ଆର୍.) ପି. ସାହୁ, ଉପପ୍ରବନ୍ଧକ ଏସ୍. କେ. ଶୁକ୍ଲା ଏବଂ ବଡ଼ବାମବୁଆ ଗ୍ରାମ ପଞ୍ଚାୟତର ସରପଞ୍ଚ କୁମାରୀ ଜାହ୍ନବୀ ନାଏକ, ସି.ଏସ୍. ଆରର ଅନ୍ୟାନ୍ୟ ଅଧିକାରୀ, ଏସ୍‌ଏଚ୍‌ଜି. ଗ୍ରୁପ୍‌ର ସଦସ୍ୟ ଉପସ୍ଥିତ ଥିଲେ। ସାରବହାଲ୍‌ର ଗଞ୍ଜୁଟୋଳିର ସୀତା ଡ୍ୟାନ୍ସ ଗ୍ରୁପ୍ ବିସ୍ରାବ୍ଲକ ନୃତ୍ୟ ମହୋତ୍ସବର ଚାମ୍ପିଅନ୍ ହୋଇଥିଲା। ୧୦, ୦୦୦/- ଟଙ୍କାର ନଗଦ ପୁରସ୍କାର ଓ ଚାମ୍ପିଅନ୍ ଟ୍ରଫି ଜିତିଥିଲା। କଦମତୋଳା ଗ୍ରାମର ଉଦୁସୁର ମଙ୍ଗଳ ଗ୍ରୁପ୍ ଦ୍ୱିତୀୟ ପୁରସ୍କାର ହାସଲ କରିଥିଲା ଯେଉଁଥିରେ ୮, ୦୦୦/- ଟଙ୍କାର ନଗଦ ପୁରସ୍କାର ଏବଂ ଏକ ଟ୍ରଫି ଅନ୍ତର୍ଭୁକ୍ତ। ସାରବହାଲ୍ ଗ୍ରାମର ନୱାଟୋଲିର ଲକ୍ଷ୍ମୀ ଡ୍ୟାନ୍ସ ଟ୍ରୁପ୍ ୬, ୦୦୦/- ଟଙ୍କାର ନଗଦ ପୁରସ୍କାର ଏବଂ ଏକ ଟ୍ରଫି ସହିତ ତୃତୀୟ ପୁରସ୍କାର ଲାଭ କରିଥିଲା। ଏହି ଅବସରରେ ବିଚାରକମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅନ୍ୟାନ୍ୟ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ଦଳକୁ ୩୦୦୦/- ଟଙ୍କା ଲେଖାଏଁ ସାନ୍ତ୍ୱନାମୂଳକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ସୋନଲିକା ସ୍ୱୟଂ ସହାୟକ ଗୋଷ୍ଠୀର ସହଯୋଗରେ ଆର.ଏସ୍.ପି. ର ସି.ଏସ୍.ଆର୍. ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବି. ମଲ୍ଲିକ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ପି. ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସି.ଏସ୍.ଆର୍. ବିଭାଗର ସେକ୍ସନ ଅଫିସର୍ ବି. ଏକ୍କା ଏବଂ ଜି.ଆର୍. ନାଏକ ପରିଚାଳନା କରିଥିଲେ।



ଭାଲୁ ଆକ୍ରମଣରେ ଯୁବକ ମୃତ

କୋଇଡା, ୫।୧୧(ସମିସ): ଜାଳେଣି କାଠ ସଂଗ୍ରହ ପାଇଁ ଜଙ୍ଗଲକୁ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ଜଣେ ୪୨ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋଇଡା ଥାନା ଅଧୀନ ଡେଙ୍ଗୁଲା ଆରପି କଲୋନୀର କାହ୍ନୁ ଭୋକ୍ତା। ସୂଚନା ଅନୁଯାୟୀ, ଆଜି ପୂର୍ବାହ୍ନ ପ୍ରାୟ ୧୦ଟାରେ କାହ୍ନୁ ଦୁଇଜଣ ପଡ଼ୋଶୀଙ୍କ ସହ ଜାଳେଣି କାଠ ସଂଗ୍ରହ ପାଇଁ ବରସୁଆଁ ବନାଞ୍ଚଳର ଡେଙ୍ଗୁଳା ବିଟ୍ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ହଠାତ୍ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଭାଲୁର ଆକ୍ରମଣରେ ସେ ଗୁରୁତର ହୋଇ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ସାଥିରେ ଥିବା ଦୁଇ ପଡ଼ୋଶୀ ତାଙ୍କୁ ଘରକୁ ଆଣିବା ସହ ବନ ବିଭାଗକୁ ଖବର ଦେଇଥିଲେ। ପରେ ବନ ବିଭାଗ ଓ ପୁଲିସ ପହଞ୍ଚି ତାଙ୍କୁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସ୍ପୋର୍ଟିଂ କ୍ଲବ୍ ଗଣୁଆର ନକ୍‌ଆଉଟ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

କୋଇଡ଼ା, ୫।୧୧(ସମିସ): କୋଇଡ଼ା ବ୍ଲକ ଅଧୀନ ମାଲଦା ପଞ୍ଚାୟତର ଗଣୁଆ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ୧୭ତମ ନକ୍‌ଆଉଟ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଗଣୁଆ ମିନି ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରିଣୀ ରଶ୍ମିରେଖା ପାତ୍ର, ମାଲଦା ସରପଞ୍ଚ ସୁରୁବାଳି ପାତ୍ର ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୬ ତାରିଖରେ ଫାଇନାଲ୍ ମୁକାବିଲା ଅନୁଷ୍ଠିତ ହେବ। ଚାମ୍ପିଅନ୍ ଦଳକୁ ୨ ଲକ୍ଷ ଟଙ୍କା ନଗଦ ଅର୍ଥରାଶି ସହ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୧ ଲକ୍ଷ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ସେହିପରି ସେମିଫାଇନାଲ୍‌ରେ ପରାଜିତ ହୋଇଥିବା ଦୁଇଟି ଦଳକୁ ଯଥାକ୍ରମେ ୭୦ ହଜାର ଓ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଏଥିସହ ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ସ୍କୋରର, ଶ୍ରେଷ୍ଠ ଡିଫେଣ୍ଡର ଓ ଶ୍ରେଷ୍ଠ ଗୋଲ୍‌କିପରଙ୍କୁ ମଧ୍ୟ ସ୍ୱତନ୍ତ୍ର ପୁରସ୍କାର ଦିଆଯିବ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସ୍ପୋର୍ଟିଂ କ୍ଲବର ସଭାପତି ତପନ କୁମାର ପାତ୍ର, ଉପସଭାପତି ଦିବାକର ନାଏକ, ସମ୍ପାଦକ ରଞ୍ଜିତ ନାଏକ, କୋଷାଧ୍ୟକ୍ଷ ଟିକେଶ୍ୱର ପାତ୍ରଙ୍କ ସମେତ ବିଜୟ କୁମାର ପାତ୍ର, ଯୋଗେଶ୍ୱର ପାତ୍ର, ବାଦଲ ବାରିକ ଓ ଦିଲୀପ ମହାକୁଡ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଭାଷ୍ୟକାରଭାବେ କ୍ଷୀରୋଦ ଗିରି, ବୁଲବୁଲ ଆପଟ୍, ଘନ ମହାନ୍ତ ଓ ଗଣେଶ ମହାକୁଡ ଉପସ୍ଥିତ ଥିଲେ।

ଗୋପବନ୍ଧୁପାଲି ଅଞ୍ଚଳରେ ଚଡ଼ଉ : ୩ ଗିରଫ

ରାଉରକେଲା, ୫।୧୧ (ସମିସ): ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଗୋପବନ୍ଧୁପାଲି ଅଞ୍ଚଳରେ ଚାଲୁଥିବା ଏକ ଜୁଆ ଆ‡ାରେ ଚଡଉ କରି ୩ ଜଣ ଜୁଆଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ଗିରଫ। ଗିରଫ ଅଭିଯୁକ୍ତମାନେ ହେଲେ ଗୋପବନ୍ଧୁପାଲିର ଭୀମ କେରକେଟା (୧୯), ରିତିକ ସିଂହ (୧୯) ଏବଂ ରବିନ୍ ମଜୁମଦାର (୫୨)। ସେମାନେ ସମସ୍ତେ ରାଉରକେଲାର ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳର ବାସିନ୍ଦା। ପୁଲିସ ଘଟଣା ସ୍ଥଳରୁ ୨, ୦୭୦ ଟଙ୍କା ନଗଦ, ଏକ ତାସ୍ ମୁଠା, ୪ଟି ମୋବାଇଲ୍ ଫୋନ୍ ଜବତ କରିଥିଲା। ଅଭିଯୁକ୍ତମାନଙ୍କ ଅପରାଧିକ ପୂର୍ବ ରେକର୍ଡ ସମ୍ପର୍କରେ ଯାଞ୍ଚ ଜାରି ରହିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

ବର୍ଷବ୍ୟାପୀ ତାଲିମ ପାଇଁ ୩୫୦ ଜଣ ଟ୍ରେଡ୍ ଆପ୍ରେଣ୍ଟିସ୍ ଟ୍ରେନି ସାମିଲ



ରାଉରକେଲା, ୫।୧୧ (ସମିସ): ଆପ୍ରେଣ୍ଟିସସିପ୍ ଆକ୍ଟ, ୧୯୬୧/୧୯୭୩ ର ପ୍ରାବଧାନ ଅଧୀନରେ ବର୍ଷବ୍ୟାପୀ ତାଲିମ କାର୍ଯ୍ୟକ୍ରମ ପାଇଁ ରାଉରକେଲା ଇସ୍ପାତ କାରଖାନାରେ ୩୫୦ ଜଣ ଟ୍ରେଡ୍ ଆପ୍ରେଣ୍ଟିସ୍ ଟ୍ରେନିଙ୍କ ପ୍ରଥମ ବ୍ୟାଚ୍ ସାମିଲ ହୋଇଛନ୍ତି। ଗତ୨୭ ତାରିଖରେ ଗୋପବନ୍ଧୁ ପ୍ରେକ୍ଷାଳୟରେ ଟ୍ରେନିମାନଙ୍କ ପାଇଁ ଏକ ଇଣ୍ଡକ୍ସନ୍ କର୍ମଶାଳା ଆରମ୍ଭ ହୋଇଥିଲା। ମହାପ୍ରବନ୍ଧକ ପ୍ରଭାରୀ ଆରକେ.ବର୍ମା ଏହି ଉଦ୍‌ଘାଟନୀ ସମାରୋହରେ ଅଧ୍ୟକ୍ଷତା କରିଥିଲେ। ସହ-ମହାପ୍ରବନ୍ଧକ ଡି. ସାହୁ ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ। ଉପସ୍ଥିତ ଜନସମାଗମକୁ ସମ୍ବୋଧିତ କରି ଶ୍ରୀ ବର୍ମା ରାଷ୍ଟ୍ର ନିର୍ମାଣରେ ଆର.ଏସ.ପି ର ମୁଖ୍ୟ ଭୂମିକା ଏବଂ ଭାରତ ସରକାରଙ୍କ 'ସ୍କିଲ୍ ଇଣ୍ଡିଆ' ଅଭିଯାନରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ଆଲୋକପାତ କରିଥିଲେ। ଶ୍ରୀ ସାହୁ ତାଲିମ କାର୍ଯ୍ୟକ୍ରମର ପରିସର ଏବଂ ଢାଞ୍ଚା ବିଷୟରେ ବିସ୍ତୃତ ଭାବରେ ବୁଝାଇଥିଲେ ଏବଂ ଅଂଶଗ୍ରହଣକାରୀମାନଙ୍କୁ ଶିଖିବା ପାଇଁ ଏକ ସକ୍ରିୟ ମନୋଭାବ ଆପଣାଇବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଡମିନ୍ ଆସୋସିଏଟ୍ (ଏଲ୍‌ଏଣ୍ଡଡି) ସତ୍ୟବତୀ ବେହେରା ସଂଯୋଜନା କରିଥିଲେ। ସରକାରଙ୍କ ସ୍କିଲ୍ ଇଣ୍ଡିଆ ମିଶନ୍ ସହିତ ସାମଞ୍ଜସ୍ୟ ରଖି ବୃତ୍ତିଗତ ଶିକ୍ଷା ଏବଂ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ଆପ୍ରେଣ୍ଟିସସିପ୍ ସୁଯୋଗ ପ୍ରଦାନ କରି ଆରଏସପି ଯୁବକମାନଙ୍କୁ ସେମାନଙ୍କର ପସନ୍ଦର ବୃତ୍ତିରେ ଶ୍ରେଷ୍ଠତା ହାସଲ କରିବା ପାଇଁ ଆବଶ୍ୟକୀୟ ଜ୍ଞାନ ଏବଂ ଦକ୍ଷତାରେ ସମୃଦ୍ଧ କରିବାକୁ ଲକ୍ଷ୍ୟ ରଖିଛି।

ରାଜ୍ୟସ୍ତରୀୟ ନାଟକ ମହୋତ୍ସବ; 'ବାଲ୍ମୀକି' ମଞ୍ଚସ୍ଥ

ରାଉରକେଲା, ୫।୧୧(ସମିସ): ସାଂସ୍କୃତିକ କଳା ପରିଷଦ 'ସଂକଳ୍ପ' ରାଉରକେଲା ଦ୍ୱାରା ଆୟୋଜିତ ୧୮ତମ ରାଜ୍ୟସ୍ତରୀୟ ଓଡିଆ ନାଟକ ମହୋତ୍ସବ ଆଜି ଦ୍ୱିତୀୟ ସଂଧ୍ୟାରେ ସ୍ଥାନୀୟ ସିଭିକ୍‌ସେଣ୍ଟରଠାରେ ଯାଜପୁର ଟାଉନ୍‌ର ଅନ୍ୱେଷଣ ଥିଏଟର ଗ୍ରୁପ୍ ପକ୍ଷରୁ ନାଟକ 'ବାଲ୍ମୀକି' ମଞ୍ଚସ୍ଥ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ନଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ତଥା ରାଜ୍ୟର ଜଣେ ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ଡ. ସମର ମୁଦାଲି ଓ ଭାରତୀୟ ଜନତା ପାର୍ଟିର ଓଡ଼ିଶା ରାଜ୍ୟ ମୁଖପାତ୍ର ଧୀରେନ୍ ସେନାପତି ଅତିଥି ଭାବେ ଯୋଗ ଦେଇଥିଲେ। 'ସଂକଳ୍ପ'ର ସଭାନେତ୍ରୀ ଡ. କିଶୋରୀ ଦାଶ ଅଧ୍ୟକ୍ଷତା କରିବା ସହ ଅନୁଷ୍ଠାନର ଆଭିମୁଖ୍ୟ ପ୍ରସଙ୍ଗରେ ବର୍ଣ୍ଣନା କରିଥିଲେ। ବିଶିଷ୍ଟ ଶ୍ରମିକ ନେତା ତଥା ସଂକଳ୍ପର କାର୍ଯ୍ୟ ନିର୍ବାହୀ ସଭ୍ୟ ରମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟତମ ଉପଦେଷ୍ଟା ତଥା ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ପ୍ରସନ୍ନ କୁମାର ଦାଶ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘୋଷିକା ଶୁଭଶ୍ରୀ ଦାଶ ସଂଯୋଜନା କରିଥିଲେ। ମଞ୍ଚସ୍ଥ ନାଟକ 'ବାଲ୍ମୀକି'କୁ ଡ. ସୁବୋଧ ପଟ୍ଟନାୟକ ରଚନା କରିଥିବାବେଳେ ନିର୍ଦ୍ଦେଶନା ଦେଇଥିଲେ ଅଭିମନ୍ୟୁ ମିଶ୍ର। ସଙ୍ଗୀତରେ ସାଇ ଶୁଭମ ସହାୟତା କରିଥିଲା ବେଳେ ବିଭିନ୍ନ ଭୂମିକାରେ ମୂରଲୀଧର ଦାଶ, ଟୁନି ବେହେରା, ରାଜୀବ ଦାସ, ରାନୁ ମହାପାତ୍ର, ସନ୍ତୋଷ କୁମାର ବେହୁରିଆ, ଦିଜେନ୍ଦ୍ର ନାଥ ରାଉତ, ଡ. ସୂର୍ଯ୍ୟକାନ୍ତ ସେଠୀ, କାର୍ତିକେଶ୍ୱର ମହାନ୍ତି, ରଞ୍ଜନ କୁମାର ବେହେରା, ଜିତେନ୍ଦ୍ର କୁମାରା ସାହୁ, ବୃନ୍ଦାବନ ମିଶ୍ର, ରବି ନାରାୟଣ ରାଉତ ଅଭିନୟ କରିଥିଲେ। ଜନ୍ମରୁ କେହି ଖରାପ ହୋଇ ଜନ୍ମ ନେଇନଥାନ୍ତି। ସଂଗ, ପରିବେଶ ଓ ପରିସ୍ଥିତି ପ୍ରଭାବରେ ସେ ଖରାପ ହୋଇଯାଇଥାଏ। ଜଣେ ଭଲ ମଣିଷ ଖରାପ ହୋଇଯିବା ପାଇଁ କେବଳ ସେ ନିଜେ ଦାୟୀ ନୁହଁନ୍ତି ବରଂ ସମାଜର ଅନ୍ୟାୟ, ଅନ୍ଧ ଆଇନ ବ୍ୟବସ୍ଥା ତାକୁ ଅପରାଧ ଦୁନିଆକୁ ଠେଲି ଦେଇଥାଏ। ପୂରାଣରେ ଦସ୍ୟୁ ରତ୍ନାକରର ହୃଦୟ ପରିବର୍ତ୍ତନ ହୋଇ ବିବେକ ଜ୍ଞାନ ଉଦ୍ରେକ ହେବା ଫଳରେ ସେ ମହର୍ଷି ବାଲ୍ମୀକି ସାଜିଥିଲେ। କିନ୍ତୁ ଏ ବାଲ୍ମୀକି ନାଟକର କାହାଣୀ ସମ୍ପୂର୍ଣ୍ଣ ବିପରୀତ। ଜଣେ ଅବସରପ୍ରାପ୍ତ ଆଦର୍ଶ ଓ ନୀତିବାନ ଶିକ୍ଷକ ପରିବାରର ବିଭିନ୍ନ ସଦସ୍ୟ ସମାଜର ଅନ୍ୟାୟ, ଦୁର୍ନୀତି ଓ କ୍ରୁରତାର ଶୀକାର ହୋଇ ପାଲଟି ଯାଇଛି ଜଣେ ଭୟଙ୍କର ପ୍ରତିଶୋଧ ପରାୟଣ ବ୍ୟକ୍ତି। ଏହି ଭଳି କାହାଣୀକୁ ନେଇ ବାଲ୍ମୀକି ନାଟକ ଗତିଶୀଳ ହୋଇଛି। ନାଟକର ନିର୍ଦ୍ଦେଶିକାଙ୍କୁ 'ସଂକଳ୍ପ' ସମ୍ମାନରେ ଓ ତାଙ୍କ ନାଟ୍ୟାନୁଷ୍ଠାନକୁ ଚିତ୍ତରଣା ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନାରେ ଅନୁଷ୍ଠାନ ପକ୍ଷରୁ ପ୍ରବୀର ଜେନା, ପ୍ରିୟଦର୍ଶନ ରାଉତ, ପ୍ରବୀର ମିଶ୍ର, ଅଧ୍ୟାପକ ବସନ୍ତ କୁମାର ଦାସ, ରଶ୍ମୀ ରେଖା ଦାସ, ଶରତ ଚନ୍ଦ୍ର ଦାସ, ସରୋଜ କୁମାର କବି, ଅକ୍ଷୟ ଧଳ, ନାଟ୍ୟକାର ପ୍ରଭାକର ପାତ୍ର, ବଟକୃଷ୍ଣ ଶତପଥୀ, ସଞ୍ଜୟ ମହାନ୍ତି, କୁଞ୍ଜନଲାଲ ବୋଷ, ଗଣପତି ରଣା, ଓ ପ୍ରକାଶ ସାହାଣୀ ପ୍ରମୁଖ ସହଯୋଗ କରିଥିଲେ।



ନୂଆଗାଁ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ପ୍ରତିଭା ପ୍ରଦର୍ଶନ କଲେ କୁନିକୁନି ଛାତ୍ରଛାତ୍ରୀ

ରାଉରକେଲା, ୫।୧୧(ସମିସ): ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ, ସୃଜନଶୀଳତାର ପରିପ୍ରକାଶ ଏବଂ ସାଂସ୍କୃତିକ ଓ ଶିକ୍ଷାଗତ ଦକ୍ଷତାକୁ ଉତ୍ସାହିତ କରିବା ଲକ୍ଷ୍ୟରେ ନୂଆଗାଁ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ପାଳିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ସାଲଗେମାନୀ ଟୁଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମହୋତ୍ସବ ସଫଳତାର ସହ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟୋପ୍ନୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବର ଉଦ୍‌ଘାଟନ କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ବୀରମିତ୍ରପୁର ବିଧାନସଭା କ୍ଷେତ୍ରର ବିଧାୟକ ରୋହିତ ଜୋସେଫ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାରର ପ୍ରତିଯୋଗିତାରେ ଭାଗନେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ଆଗାମୀ ଜିଲ୍ଲାସ୍ତରୀୟ ସୁରଭି ମହୋତ୍ସବରେ ନୂଆଗାଁ ବ୍ଲକର ପ୍ରତିନିଧିତ୍ୱ କରିବେ। ମଞ୍ଚ ପରିଚାଳନା ମଙ୍ଗଲ କେରକେଟା ଏବଂ ସିଆରସିସି ପ୍ରଶାନ୍ତ କୁମାର କେରକେଟା ସୁନ୍ଦର ଭାବେ ସମ୍ପାଦନ କରିଥିଲେ। ଏହି ମହୋତ୍ସବର ସଫଳ ଆୟୋଜନରେ ବରିଷ୍ଠ ଶିକ୍ଷକ ଅଶୋକ କୁମାର ସିଂ, ମଧୁ କରିଆଲି, ରଞ୍ଜିତ ଏକ୍କା, ବାସୁଦେବ ତ୍ରିପାଠୀ, ଅରୁଣ କୁମାର ବେହେରା, ଫିରୋଜଉଦ୍ଦିନ ଖାନ, ଏଲିଶାବା ବେକ, ଏନି ଇଲ୍ଲା ବାର୍ଲା ଓ ଅନ୍ନପୂର୍ଣ୍ଣା ରଣାଙ୍କ ସମେତ ସିଆରସିସି ସନ୍ତୋଷ କୁମାର ସିଂ, ମଙ୍ଗଳଦାସ ଖାଲଖୋ, ମହାଦେବ ବାଡ଼ାଇକ, ମହେଶ୍ୱର ପ୍ରଧାନ, ଅଘନୁ ବାରୁଆ ତଥା ବ୍ଲକର ସମସ୍ତ ସିଆରସିସି ଓ ଶିକ୍ଷକ-ଶିକ୍ଷୟିତ୍ରୀ ସକ୍ରିୟ ସହଯୋଗ କରିଥିଲେ। ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, ନୂଆଗାଁର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ମାଲିକ ଉପସ୍ଥିତ ଅତିଥି, ଶିକ୍ଷକ-ଶିକ୍ଷୟିତ୍ରୀ, ଆୟୋଜକ ମଣ୍ଡଳୀ ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ସୃଜନୀ ସାହିତ୍ୟ ସଂସଦର ୩୯ତମ ବାର୍ଷିକୋତ୍ସବ

ସାହିତ୍ୟ ହିଁ ମାନବ ଜାତିର ଧର୍ମ ଓ ସଂସ୍କୃତିର ବାର୍ତ୍ତାବହ

ରାଉରକେଲା, ୫।୧୧(ସମିସ)



ସ୍ଥାନୀୟ ସାରନଗରୀ ମା' ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ସଭାପତି ସଚିନ୍ଦ୍ର କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସୃଜନୀ ସାହିତ୍ୟ ସଂସଦର ୩୯ତମ ବାର୍ଷିକୋତ୍ସବରେ ରଘୁନାଥପାଲିର ପ୍ରାକ୍ତନ ବିଧାୟକ ରବି ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଡିଆ ଭାଷା ସାହିତ୍ୟକୁ ଉଜ୍ଜୀବିତ କରି ରଖିବାରେ ସୃଜନୀ ସାହିତ୍ୟ ସଂସଦର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ସୁରେନ୍ଦ୍ର ବେହେରା ଯୋଗଦେଇ 'ଓଡ଼ିଆ ସାହିତ୍ୟର ଆଧ୍ୟାତ୍ମିକ ଚେତନା' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି କେହିଲେ ବେଦର ଅନ୍ୟ ଏକ ଅଂଶ ହେଉଛି ସାହିତ୍ୟ। ସାହିତ୍ୟ ହିଁ ମାନବ ଜାତିର ଧର୍ମ, କର୍ମ, ସଂସ୍କାର ଓ ସଂସ୍କୃତିର ବାର୍ତ୍ତାବହ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ବିଜୟ କୁମାର ସେନାପତି ଯୋଗଦେଇ କହିଲେ ମଣିଷ ମନର ସୂକ୍ଷ୍ମତନ୍ତ୍ରୀକୁ ରସର ମୂର୍ଚ୍ଛନାରେ ମୂର୍ଚ୍ଛିତ କରି ହୃଦୟକୁ ଯାହା ଆଲୋକିତ କରେ ଏବଂ ମସ୍ତିଷ୍କକୁ ଯାହା ଆନ୍ଦୋଳିତ କରେ ବାସ୍ତବରେ ତାହା ହିଁ ସାହିତ୍ୟ ପଦବାଚ୍ୟ। ଏହି ଅବସରରେ ଅତିଥିମାନେ ସଂସଦର ମୁଖପାତ୍ର 'ସୃଜନୀ'କୁ ଉନ୍ମୋଚନ କରିଥିଲେ। ଶିକ୍ଷୟିତ୍ରୀ ମୀରା ମଲ୍ଲିକଙ୍କୁ ନୂତନ ପ୍ରତିଭା ସମ୍ମାନ, ତ୍ରୈଲୋକ୍ୟନାଥ ମହାପାତ୍ରଙ୍କୁ ସୃଜନୀ ସମ୍ମାନ, କାର୍ତ୍ତିକ ଚନ୍ଦ୍ର ବହିଦାରଙ୍କୁ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ଲକ୍ଷ୍ମୀ ପଣ୍ଡା ଓ ଅଜୟ ବିଶ୍ୱାଳ ମାନପତ୍ର ପାଠ କରିଥିଲେ। ସଂସଦର ସାଧାରଣ ସମ୍ପାଦକ ରବୀନ୍ଦ୍ର ବେହୁରିଆ ସମ୍ପାଦକୀୟ ବିବରଣୀ ପାଠକରି ସଂସଦର ଆଭିମୁଖ୍ୟ ଓ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ସତ୍ୟଆର୍ଟ ଥିଏଟର ଏକାଡେମୀର କଳାକାରମାନେ ଉତ୍କଳ ବନ୍ଦନା କରିଥିଲେ। ଆଦିତ୍ୟ କୁମାର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ହରିହର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବି ପାଠୋତ୍ସବରେ କବି ତ୍ରିଲୋଚନ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲାବେଳେ କବି ଭୋଳେଶ୍ୱର ବେହେରା ସମୀକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କବି ଉର୍ବଶୀ ଦାସ ଓ ହରପ୍ରିୟା ସାମଲଙ୍କ ସଂଯୋଜନାରେ ଶତାଧିକ କବି କବୟିତ୍ରୀ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ। ସୁଧୀର କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ରାଜକିଶୋର ଜେନା, ବସନ୍ତ କୁମାର ଜେନା, ବେଣୁଧର ମଲ୍ଲ, ଡାକ୍ତର ପଦ୍ମନାଭ ପରିଡ଼ା, ଲକ୍ଷ୍ମୀ ପଣ୍ଡା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

ଦୀପାବଳିକୁ ଆଉ ୨ ଦିନ

ଜିଲ୍ଲାରେ ୧୧୧ ଫଟ୍‌କା ଦୋକାନକୁ ଲାଇସେନ୍ସ

ସମ୍ବଲପୁର, ୫।୧୧ (ସମିସ)

ଦୀପାବଳିକୁ ଆଉ ମାତ୍ର ୨ ଦିନ। ଆସନ୍ତା ୮ ତାରିଖରେ ସମସ୍ତେ ଦୀପାବଳି ଉତ୍ସବ ପାଳନ କରିବେ। ଜିଲ୍ଲାର ବିଭିନ୍ନ ସ୍ଥାନରେ ସାମୟିକ ଫଟକା ଦୋକାନ ଖୋଲିବାପାଇଁ ଆବେଦନ ଅବଧି ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଲାଣି। ଗୁରୁବାର ସନ୍ଧ୍ୟା ପର୍ଯ୍ୟନ୍ତ ୧୧୧ ଜଣଙ୍କୁ ଲାଇସେନ୍ସ ଦିଆଯାଇଥିବାବେଳେ ଆଉ ପ୍ରାୟ ୨୩ଟି ଆବେଦନ ବାକି ରହିଛି। ଏପର୍ଯ୍ୟନ୍ତ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଅଇଁଠାପାଲି ପଡ଼ିଆ ଏବଂ ଚାରବାଟି ପଡ଼ିଆ ସକାଶେ କେହି ଆବେଦନ କରି ନ ଥିବା ଜଣାପଡ଼ିଛି। ଅସ୍ଥାୟୀ ଦୋକାନ କରି ଫଟ୍‌କା ବିକ୍ରୟର ସମୟ ଅବଧି ଗତ ୪ ତାରିଖରୁ ଆରମ୍ଭ ହୋଇଥିବାବେଳେ ଜିଲ୍ଲାର ଅନ୍ୟ ଅଞ୍ଚଳରେ ଲୋକେ ଲାଇସେନ୍ସ ନେଇ ଫଟକା ବିକ୍ରି ଆରମ୍ଭ କଲେଣି। ଏପରିସ୍ଥଳେ ମହାନଗର ଅଞ୍ଚଳରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଦୋକାନ ଲାଗୁଥିବା ପିଏଚ୍‌ଡି ପଡ଼ିଆରେ କେହି ଆବେଦନ ନ କରିବା ବିଡ଼ମ୍ବନାର ବିଷୟ।

ଉଲ୍ଲେଖଯୋଗ୍ୟ ଯେ, ଦୋକାନ ଖୋଲିବା ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ ବା ସଂସ୍ଥା ଫଟ୍‌କାର ବିକ୍ରି ପାଇଁ ଏକ ଫର୍ମ ପୂରଣ ସହ ଦୋକାନ ନକ୍ସା, ଆଧାରକାର୍ଡ, ସମ୍ପୃକ୍ତ ଥାନାରୁ ଅନୁମତି, ଅଗ୍ନିଶମ ବିଭାଗର ରିପୋର୍ଟ, ଅସ୍ଥାୟୀ ଜିଏସ୍‌ଟି ନମ୍ବର ସହ ଆବଶ୍ୟକୀୟ ଦେୟ ଦାଖଲ କରିବାକୁ ପଡ଼ିଥାଏ। ଫଟକା ଦୋକାନ ଖୋଲିବା ଅବଧି ନଭେମ୍ବର ୪ ରୁ ୮ ତାରିଖ ପର୍ଯ୍ୟନ୍ତ ରହିଛି। ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ଜୁଡିସିଆଲ ବିଭାଗ ପକ୍ଷରୁ ଆବଶ୍ୟକ କାଗଜାତ ଯାଞ୍ଚ କରିବାପରେ ଲାଇସେନ୍ସ ଦେବା କାର୍ଯ୍ୟ ଜାରି ରହିଛି। ସମ୍ବଲପୁର ଜିଲ୍ଲାର ତିନୋଟି ଉପଖଣ୍ଡରେ ଫଟ୍‌କା ବିକ୍ରୟ

ପିଏଚ୍‌ଡି ପଡ଼ିଆ ଓ ଚାରବାଟି ସକାଶେ ଆସିନି ଆବେଦନ

ପାଇଁ ୨୨ଟି ସ୍ଥାନ ମନୋନୟନ କରାଯାଇଛି। ସମ୍ବଲପୁର ସଦର ଉପଖଣ୍ଡରେ ୧୪ଟି ଦୋକାନ ସ୍ଥାନ ଥିବାବେଳେ, କୁଚିଣ୍ଡା ଉପଖଣ୍ଡରେ ୬ଟି ଏବଂ ରେଢ଼ାଖୋଲ ଉପଖଣ୍ଡରେ ୩ଟି ସ୍ଥାନରେ ଅସ୍ଥାୟୀ ଫଟ୍‌କା ଦୋକାନ କରିବାକୁ ଚିହ୍ନଟ କରାଯାଇଛି। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଦୀପାବଳି ସମୟରେ ଅଧିକ ଫଟ୍‌କା ବିକ୍ରୟ ହେଉଥିବାରୁ ପିଏଚ୍‌ଡି ପଡ଼ିଆ, ଚାରବାଟି ଏବଂ ମନ୍ଦଲିଆ ପଡ଼ିଆରେ ଷ୍ଟଲ୍ ଗୁଡ଼ିକ ଖୋଲାଯାଇଥାଏ। ସେଠାରେ ଅଗ୍ନିଶମ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ। ଚଳିତବର୍ଷ ମନ୍ଦଲିଆ ପଡ଼ିଆରେ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ତାହାକୁ ବାଦ୍ ଦିଆଯାଇଛି। ଏହାବ୍ୟତୀତ, ସମ୍ବଲପୁର ଜିଲ୍ଲାରେ ୯ଟି ଲାଇସେନ୍ସପ୍ରାପ୍ତ ସ୍ଥାୟୀ ଫଟ୍‌କା ଦୋକାନ ରହିଥିବା ସୂଚନା ମିଳିଛି। ସମ୍ବଲପୁର ସହରରେ ୩ଟି ଏବଂ ଗୁଣ୍ଡେରପୁର, ଚାଉଁରପୁର ଓ ବାମରା କବରିବାହାଲରେ ୨ଟି ଲେଖାଏ ଫଟ୍‌କା ଦୋକାନ ରହିଛି। ପୂର୍ବରୁ ସମ୍ବଲପୁର ସହରର ବିଭିନ୍ନ ଛକ ଏବଂ ଗଳିକନ୍ଦି ମାନଙ୍କରେ ସୁରକ୍ଷା ନିୟମକୁ ବେଖାତିର କରି ମନଇଚ୍ଛା ଫଟ୍‌କା ଦୋକାନ ଖୋଲାଯାଉଥିଲା। ୨୦୧୧ ମସିହା ଅକ୍ଟୋବର ୨୬ ତାରିଖ ସମ୍ବଲପୁର ସହରର ଚର୍ଚ୍ଚ ଛକରେ ଥିବା ୨୦ରୁ ଊର୍ଦ୍ଧ୍ୱ ଫଟ୍‌କା ଷ୍ଟଲରେ ନିଆଁ ଲାଗି ଯାଇଥିଲା। ପୁଣି ୨୦୧୯ ମସିହା ଅକ୍ଟୋବର ୨୭ ତାରିଖ ଦୀପାବଳି ଦିନ ବିଳମ୍ବିତ ରାତିରେ ଗୋଲବଜାରରେ ନିଆଁ ଲାଗି ୯୦ରୁ ଅଧିକ ଦୋକାନ ଭସ୍ମୀଭୂତ ହୋଇଥିଲା। ଏହାପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଗ୍ନିଶମ ବିଭାଗ ସହଯୋଗରେ ଖୋଲାପଡ଼ିଆରେ ଅଧିକସଂଖ୍ୟକ ଷ୍ଟଲ କରିବାସହ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି।

ଜିଲ୍ଲାର ୨୨ ସ୍ଥାନରେ ବିକ୍ରିହେବ ଫଟ୍‌କା

ସମ୍ବଲପୁର ଜିଲ୍ଲାର ୩ଟି ଉପଖଣ୍ଡର ୨୨ଟି ସ୍ଥାନରେ ଫଟ୍‌କା ବିକ୍ରିହେବ। ସେଥିରୁ ସମ୍ବଲପୁର ଉପଖଣ୍ଡର ସଦର ତହସିଲ ଅନ୍ତର୍ଗତ ବୁର୍ଲା ଥାନା ଗୋଶାଳା ଦୁର୍ଗାମଣ୍ଡପ ସମ୍ମୁଖ ଖୋଲାସ୍ଥାନ, ବୁର୍ଲା ଟାଉନ ୟୁନିଟ୍ ନଂ. ୩ ଖେଳପଡ଼ିଆ, ହୀରାକୁଦ ଥାନା ସୁଭାଷ ଫୁଟବଲ ପଡ଼ିଆ, ଅଇଁଠାପାଲି ଥାନା ପିଏଚଡି ପଡ଼ିଆ, ଶାସନ ଥାନା ରାଣୀଖିଣ୍ଡା ବନ୍ଧ ପଡ଼ିଆ ଏବଂ ଧନୁପାଲି ଥାନା ସମ୍ବଲପୁର ଟାଉନ ୟୁନିଟ୍-୨ ଚାରଭାଟି ପଡ଼ିଆ ରହିଛି। ସେହିପରି ମାନେଶ୍ୱର ତହସିଲ ଅନ୍ତର୍ଗତ ଶାସନ ଥାନା ପରମାଣପୁର ଖୋଲାପଡ଼ିଆ, ଧମା ଥାନା ସାହାସପୁର ଫୁଟବଲ ପଡ଼ିଆ, ସଦର ଥାନା ମାନେଶ୍ୱର ମୌଜାର ପଡ଼ିଆ ଓ ସଦର ଥାନା ଗୁଣ୍ଡେରପୁର ପଡ଼ିଆ; ଯୁଯୋମୁରା ତହସିଲ ଅନ୍ତର୍ଗତ ସଦର ଥାନା ପଡ଼ିଆବାହାଲ ମୌଜା ଖୋଲାପଡ଼ିଆ; ରେଙ୍ଗାଲି ତହସିଲ ଅନ୍ତର୍ଗତ ରେଙ୍ଗାଲି ଥାନା ରମ୍ପେଲା ହାଇସ୍କୁଲ ପଡ଼ିଆ ସମ୍ମୁଖ ଭାଗ, ଠେଇକୋଲୋଇ ଥାନା ଦୁର୍ଗାମନ୍ଦିର ପାଖ ପଡ଼ିଆ ଏବଂ କତରବଗା ଥାନା ଅଧୀନ ଲଇଡ଼ା ଜଗନ୍ନାଥ ମନ୍ଦିର ପଡ଼ିଆ ରହିଛି। ସେହିପରି କୁଚିଣ୍ଡା ଉପଖଣ୍ଡ ଅନ୍ତର୍ଗତ କୁଚିଣ୍ଡା ଥାନା କୁଚିଣ୍ଡା କଲେଜ ପାଖ ଖୋଲାପଡ଼ିଆ, ଜମନକିରା ଥାନା ଅର୍ଜୁନପାଲି ଫୁଟବଲ ପଡ଼ିଆ, ବାମରା ତହସିଲ ଅନ୍ତର୍ଗତ ଗୋବିନ୍ଦପୁର ଥାନା ବାମରା ଦୁର୍ଗାପୂଜା ପଡ଼ିଆ ଓ ଗଡ଼ପୋଷ ସାପ୍ତାହିକ ବଜାର ଖୋଲାପଡ଼ିଆ, ମହୁଲପାଲି ଥାନା କେଶାଇବାହାଲ ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ଖୋଲାପଡ଼ିଆ ରହିଛି।

ଗଣେଶ ନଗରରେ ଗଜଲକ୍ଷ୍ମୀ ପୂଜା ସମ୍ପନ୍ନ



ରେଢ଼ାଖୋଲ, ୫।୧୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଗଣେଶନଗର ସ୍ଥିତ ପୂଜାମଣ୍ଡପଠାରେ ୨୮ ତମ ଗଜଲକ୍ଷ୍ମୀ ପୂଜା ଧୁମଧାମରେ ସମ୍ପନ୍ନ ହୋଇଯାଇଛି। ୧୧ଦିନ ଧରି ଚାଲିଥିବା ମହାଲକ୍ଷ୍ମୀ ପୂଜା ଉତ୍ସବରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହୋଇଥିଲା। ରେଢ଼ାଖୋଲ ବିଧାୟକ ତଥା ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ପଣ୍ଡିତ ରୁଦ୍ର ନାରାୟଣ ନନ୍ଦ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ କର୍ତ୍ତା ଭାବରେ ଶମ୍ଭୁ ପ୍ରସାଦ ରାଉଳ ଏବଂ ଧର୍ମପତ୍ନୀ ସବିତା ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। ରବି ନାରାୟଣ ପ୍ରଧାନ, ସରୋଜ କୁମାର ସାହୁ, ଉମାକାନ୍ତ ସ୍ୱାଇଁ, କୋଷାଧ୍ୟକ୍ଷ କୈଳାଶ ଚନ୍ଦ୍ର ଦାସ, ଜୟନ୍ତ କୁମାର ଖାଡ଼ିରତ୍ନ, ସୁବ୍ରତ ହୋତା, ତୁଷାର କାନ୍ତ ରାଉଳ, କେଦାର ପ୍ରଧାନ, ସତ୍ୟ ନାରାୟଣ ପ୍ରଧାନ, ଭଗବାନ ମଲ୍ଲିକ, ସୁରେଶ ମହାକୁଡ଼, ରଶ୍ମୀ ରଞ୍ଜନ ଖଡିରତ୍ନ, ପ୍ରଦୀପ ପ୍ରଧାନ, ସିନୀ ପ୍ରଧାନ, ମିଥୁନ ପ୍ରଧାନ, ମାନସ ସାହୁ, ହରେକୃଷ୍ଣ ପ୍ରଧାନ, ବିଦ୍ୟାଧର ସାହୁ ପ୍ରମୁଖ ସହଯୋଗ କରିଥିଲେ।

ହୀରାକୁଦ ଜଳସ୍ତର ୬୨୯.୨୩ ଫୁଟ୍

ସମ୍ବଲପୁର, ୫।୧୧ (ସମିସ) : ବାତ୍ୟା ପରେ ପ୍ରବେଶ ଜଳ ପରିମାଣ ବୃଦ୍ଧିକୁ ନେଇ ଖୋଲାଯାଇଥିବା ସ୍ଲୁଇସ୍ ଗେଟ୍ ଗୁଡ଼ିକ ଗତକାଲି ବନ୍ଦ କରିଦିଆଯାଇଛି। ପ୍ରବେଶ ଜଳ ପରିମାଣ ହ୍ରାସ ପାଇଥିଲେ ହେଁ ଜଳସ୍ତର ସର୍ବୋଚ୍ଚ କ୍ଷମତା ୬୩୦ ଫୁଟ୍ ପାଖାପାଖି ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ଗୁରୁବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୨୩ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ସ୍ଲୁଇସ୍ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩୫, ୯୨୮ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ, ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସିତ ହେଉନାହିଁ। ପାୱାର ଚେନାଲ ଦେଇ ୩୨, ୦୪୬ କ୍ୟୁସେକ୍ ଜଳ ନିଷ୍କାସିତ ହେବାସହ, ଶିଳ୍ପାନୁଷ୍ଠାନ ସକାଶେ ୨୩୭ କ୍ୟୁସେକ୍, କେନାଲଗୁଡ଼ିକ ପାଇଁ ୩, ୬୪୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି।

ଖବର ସଂଗ୍ରହବେଳେ ସାମ୍ବାଦିକଙ୍କୁ ଗାଳିଗୁଲଜ ସହ ଆକ୍ରମଣ

ସମ୍ବଲପୁର, ୫।୧୧(ସମିସ): ଖବର ସଂଗ୍ରହ କରିବା ବେଳେ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଗାଳି ଗୁଲଜ ସହ ଆକ୍ରମଣ ହୋଇଥିବା ଧନୁପାଲି ଥାନାରେ ଅଭିଯୋଗ ହୋଇଛି। ନକ୍ସାପାଲି ବାସିନ୍ଦା ସାମ୍ବାଦିକ ଦେବନ୍ତ ବେହେରାଙ୍କୁ ଜାତୀୟ ରାଜପଥ ୫୫ର କିଛି କର୍ମଚାରୀ ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଏନଏଚ୫୫ରେ ସଡ଼କ ଦୁର୍ଘଟଣା ଘଟୁଥିବା ନେଇ ଖବର କରିଥିଲେ। ଏ ନେଇ ଆଜି ଅଧିକ ତଥ୍ୟ ପାଇଁ ନକ୍ସାପାଲି ପାଖରେ ରାସ୍ତା ମରାମତି ହେଉଥିବା ସ୍ଥାନକୁ ଯାଇଥିଲେ। ତଥ୍ୟ ସଂଗ୍ରହ କରିବା ବେଳେ ଠିକା ସଂସ୍ଥାର ଦୁଇ ଜଣ କର୍ମଚାରୀ ଗାଳିଗୁଲଜ କରିବା ସହ କାର୍ଯ୍ୟରେ ବାଧା ଦେଇଥିଲେ। ପରେ ମୋବାଇଲ ଛଡ଼ାଇବା ସହ ଭାଙ୍ଗି ଦେଇଥିବା ସେ ଅଭିଯୋଗ କରିଛନ୍ତି। ସେପଟେ ଜୀବନରୁ ମାରିଦେବା ନେଇ ଧମକ ଦେଇଥିବା ନେଇ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ତଦନ୍ତ ଚାଲିଥିବା ଧନୁପାଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

ଜେଲଗଲେ ଲାଞ୍ଚୁଆ ସବ୍-ଇନ୍ସପେକ୍ଟର

ସମ୍ବଲପୁର, ୫।୧୧ (ସମିସ) : ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନାର ସବ୍-ଇନ୍ସପେକ୍ଟର ସୁଜିତ କୁମାର ମହନ୍ତ ଜଣେ ଅଭିଯୋଗକାରୀଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କୁ ଗିରଫ କରାଯିବାସହ ଆଜି କୋର୍ଟଚାଲାଣ କରାଯିବ ବୋଲି



ସମ୍ବଲପୁର ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆଜି ଅପରାହ୍ଣରେ ଭିଜିଲାନ୍ସ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ଆହୂତ ହୋଇଥିବାବେଳେ ଅଭିଯୁକ୍ତଙ୍କୁ ଗଣମାଧ୍ୟମ ସାମ୍ନାରେ ଅଦାଲତକୁ ନିଆଯାଇଥିଲା। ଏସ୍‌ପି କହିଲେ ଯେ, ଗତ ୩ ତାରିଖ ଭିଜିଲାନ୍ସ ପାଖରେ ଏକ ଅଭିଯୋଗ ଆସି ପହଞ୍ଚିଥିଲା। ଅକ୍ଟୋବର ୧୦ ତାରିଖ ମହୁଲପାଲି ଥାନା ଏସ୍‌ଆଇ ସୁଜିତ କୁମାର ମହନ୍ତ ଅଭିଯୋଗକାରୀଙ୍କୁ ଥାନାକୁ ଡାକି ତାଙ୍କ ନାମରେ କେସ୍ ହୋଇଛି ଏବଂ କୋର୍ଟକୁ ନ ଯାଇ ମାମଲାର ସମାଧାନ ପାଇଁ ୧୦ ହଜାର ଟଙ୍କା ମାଗିଥିଲେ। ଅଭିଯୋଗକାରୀ ଦେଇ ନ ପାରିବାରୁ ଶ୍ରୀ ମହନ୍ତ ଦଶହରା ସମୟରେ ତାଙ୍କ ଘରକୁ ଯାଇ ଟଙ୍କା ମାଗିଥିଲେ। ଟଙ୍କା ଯୋଗାଡ଼ କରିବାରେ ଅଭିଯୋଗକାରୀ ଅସମର୍ଥ ବୋଲି କହିଥିଲେ। ଏହାପରେ ପୁଣିଥରେ ଏସ୍‌ଆଇ ତାଙ୍କ ଘରକୁ ଯାଇଥିଲେ। ଗିରଫ ହେବା ଭୟରେ ଅଭିଯୋଗକାରୀ ଘରଛାଡ଼ି ଲୁଚିବାକୁ ପଡ଼ିଲା। ପରେ ଅନନ୍ୟୋପାୟ ହୋଇ ସେ ଗତ ୩ ତାରିଖରେ ଭିଜିଲାନ୍ସକୁ ଏନେଇ ଜଣାଇଥିବା ଏସ୍‌ପି କହିଛନ୍ତି। ଏହାପରେ ଭିଜିଲାନ୍ସ ଟିମ୍ ଜାଲ ବିଛାଇଥିଲେ। ଅଭିଯୋଗକାରୀ ନିଛାଟିଆ ଜାଗାରେ ରଙ୍ଗବୋଳା ଟଙ୍କା ଦେବାପରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିବାକୁ ଗଲାବେଳେ, ସେମାନଙ୍କୁ ଦେଖି ଶ୍ରୀ ମହନ୍ତ ଜଙ୍ଗଲ ଆଡ଼କୁ ଦୌଡ଼ିବାକୁ ଲାଗିଲେ। ପ୍ରାୟ ୨୦୦ ମିଟର ଯିବାପରେ ସେ ଏକ ପୋଖରୀକୁ ଡେଇଁ ପଡ଼ିଲେ। ଭିଜିଲାନ୍ସ ଟିମ୍‌ର ଜଣେ ସଦସ୍ୟ ମଧ୍ୟ ପୋଖରୀକୁ ଡେଇଁ ପାଣି ଭିତରୁ ତାଙ୍କୁ କାବୁ କରିବାସହ ଲାଞ୍ଚ ଟଙ୍କା ଜବତ କରିଥିଲା। ଏହାପରେ ଭିଜିଲାନ୍ସ ଉପରୋକ୍ତ ମାମଲାର କାଗଜାତ ଜବତ କରିବାସହ ଏସ୍‌ଆଇଙ୍କ ରହୁଥିବା ବ୍ୟାରେକ୍ ଯାଞ୍ଚ କରିଥିଲେ। ସେଠାରୁ କେତେଗୁଡ଼ିଏ ଲଫାପାରେ ଥିବା ୧, ୫୫, ୭୦୦ ଟଙ୍କା ଜବତ କରାଯାଇଥିଲା। ଏହି ଟଙ୍କାର ସନ୍ତୋଷଜନକ କୈଫିୟତ ଶ୍ରୀ ମହନ୍ତ ଦେଇପାରି ନଥିଲେ। ଏହାପରେ ମାମଲା ନଂ. ୨୧/୨୦୨୬ ତାଙ୍କୁ ଗିରଫ କରାଯାଇଥିବାବେଳେ ଆଜି କୋର୍ଟଚାଲାଣ କରାଯାଇଛି ବୋଲି ଭିଜିଲାନ୍ସ ଏସ୍‌ପି ସୂଚନା ଦେଇଛନ୍ତି।

ଘନ କୁହୁଡ଼ିରେ ସମ୍ବଲପୁର



ସମ୍ବଲପୁର, ୫।୧୧ (ସମିସ) : ବିଳମ୍ବିତ ରାତିରେ ଘନ କୁହୁଡ଼ିରେ ଆଚ୍ଛାଦିତ ହୋଇଯାଉଛି ସମ୍ବଲପୁର। ରାତି ସମୟରେ ରାଜପଥରେ ଚଳାଚଳ କରୁଥିବା ଯାନବାହନ ପାଇଁ ଏହା ବିପଜ୍ଜନକ ହୋଇପଡ଼ିଛି। ସମ୍ବଲପୁର ଦେଇ ଯାଇଥିବା ଜାତୀୟ ରାଜପଥ ୫୩ ଓ ୫୫ ଏବଂ ରାଜ୍ୟ ରାଜପଥ ୧୦ ଓ ୧୫ରେ ଭାରୀଯାନ ଗୁଡ଼ିକ ତୀବ୍ର ବେଗରେ ଯାଉଥିବା ଦେଖାଯାଉଛି। ଆଗାମୀ ଦିନରେ ଏହି କୁହୁଡ଼ି ବଢ଼ିବ ବୋଲି କୁହାଯାଉଛି। ଯାନବାହନର ବେଗକୁ ୪୦ କିଲୋମିଟର ମଧ୍ୟରେ ନିୟନ୍ତ୍ରଣ କରିବା ଆବଶ୍ୟକତା ରହିଛି। ଏପରିସ୍ଥଳେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଅନ୍ୟବର୍ଷ ଭଳି ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଚଳାଚଳ କରୁଥିବା ଯାନବାହନ ଯାଞ୍ଚ କରିବାସହ ଏନ୍‌ଫୋର୍ସମେଣ୍ଟ କଡ଼ାକଡ଼ି କରିବାକୁ ଦାବି ହେଉଛି। ଏନେଇ ସମ୍ବଲପୁର ଆର୍‌ଟିଓ ରାମଦାସ ଟୁଡୁଙ୍କୁ ଯୋଗାଯୋଗ ସମ୍ଭବପର ହୋଇପାରିନାହିଁ।

ରକ୍ତଦାନ ଶିବିରରେ ୧୪୭ ୟୁନିଟ୍ ସଂଗୃହୀତ

ସମ୍ବଲପୁର, ୫।୧୧ (ସମିସ) : 'ସିନ୍ଦୁରପଙ୍କ ଏକତା ମଞ୍ଚ'ର ପ୍ରଥମ ବାର୍ଷିକୀ ଉପଲକ୍ଷେ ଏକତା ମଞ୍ଚ ଏବଂ 'ଦ ପାୱାର ଅଫ୍ ଟ୍ରୁଥ୍' ସଂସ୍ଥାର ମିଳିତ ଆନୁକୂଲ୍ୟରେ ଏକ ବିଶାଳ ରକ୍ତଦାନ ଶିବିର ସ୍ଥାନୀୟ ସିନ୍ଦୁରପଙ୍କଠାରେ ଆୟୋଜିତ ହୋଇଯାଇଛି। ରକ୍ତଭଣ୍ଡାରରେ ରକ୍ତର ଅଭାବ ଦୂର କରିବା ଲକ୍ଷ୍ୟରେ ପ୍ରତ୍ୟେକ ମାସ ଗୋଟିଏ ଲେଖାଏଁ ଶିବିର ଆୟୋଜନ କରିବାର ସଂକଳ୍ପ ନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଶିବିରରେ ସ୍ଥାନୀୟ ଅଞ୍ଚଳ ସମେତ ପଡ଼ୋଶୀ ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ଦେବଗଡ଼ ଏବଂ ବଲାଙ୍ଗିର ଜିଲ୍ଲାରୁ ବହୁ ସଂଖ୍ୟାରେ ଉତ୍ସାହୀ ରକ୍ତଦାତା ସାମିଲ ହୋଇଥିଲେ। ବୁର୍ଲା ଭୀମସାର୍ ବ୍ଲଡ୍ ବ୍ୟାଙ୍କ୍ ଦ୍ୱାରା ୧୦୬ ୟୁନିଟ୍ ଏବଂ ସମ୍ବଲପୁର ବ୍ଲଡ୍ ବ୍ୟାଙ୍କ୍ ଦ୍ୱାରା ୪୧ ୟୁନିଟ୍‌କୁ ମିଶାଇ ମୋଟ ୧୪୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ସୂଚନା ମିଳିଛି। ଶିବିରରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଦେବେନ୍ଦ୍ର କୁମାର ପତି ଉପସ୍ଥିତ ରହି ଏହି ମହତ୍ ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ। 'ଦ ପାୱାର ଅଫ୍ ଟ୍ରୁଥ୍'ର ମୁଖ୍ୟ ସୁବାସ ସାହାଣୀ ରକ୍ତଦାତାମାନଙ୍କୁ ସର୍ବଦା ଜନକଲ୍ୟାଣ କାର୍ଯ୍ୟରେ ସକ୍ରିୟ ରହିବା ପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିନ୍ଦୁରପଙ୍କ ଏକତା ମଞ୍ଚର ସଭାପତି ରାଜେଶ ପ୍ରଧାନଙ୍କ ସମେତ ରାଜେନ୍ଦ୍ର ଧର, ଚାଷୀନେତା ରାମସାଗର ସାହୁ, କୁମୁଦ ଚନ୍ଦ୍ର ସାହୁ, ପ୍ରମୋଦ ନାୟକ, ତପନ ଦାସ, ଭବାନୀ ଶଙ୍କର ସୋହେଲା, ତ୍ରିଲୋଚନ ମହାନନ୍ଦ, ଜଗନ୍ନାଥ ତ୍ରିପାଠୀ, ଆର୍ତ୍ତତ୍ରାଣ ବାଘ, କୃଷ୍ଣ ସାହୁ, କୈଳାସ ସାହୁ, ପ୍ରଦୀପ ସ୍ୱାଇଁ, ବିଜୟ ମହାଲି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ମାନସ ବୁଶ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଏମ୍‌ୟୁରେ ଉଦ୍ୟୋଗୀ ସଚେତନତା ଓ ବିକ୍ରେତା ବିକାଶ କାର୍ଯ୍ୟକ୍ରମ

ସମ୍ବଲପୁର, ୫।୧୧ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଆଜି ଜାତୀୟ ଏସ୍‌ସି-ଏସ୍‌ଟି ହବ୍, ଭାରତ ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଏବଂ ଜିଏମ୍‌ୟୁର ଷ୍ଟାର୍ଟଅପ୍ ସେଲ୍‌ଫର ମିଳିତ ଆନୁକୂଲ୍ୟରେ ଏସ୍‌ସି, ଏସ୍‌ଟି ଓ ମହିଳା ଉଦ୍ୟୋଗୀଙ୍କ ପାଇଁ ଉଦ୍ୟୋଗୀ ସଚେତନତା ଓ ସ୍ୱତନ୍ତ୍ର ବିକ୍ରେତା ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହା ଇଣ୍ଡିଆନ୍ ଚେମ୍ବର୍ସ ଅଫ୍ କମର୍ସ ଫର୍ ଏସ୍‌ସି, ଏସ୍‌ଟି ଆଣ୍ଡ ୱିମେନ୍ ଏଣ୍ଟରପ୍ରେନ୍ୟୋର୍ସ (ଆଇସିସିଏସ୍‌ଡବ୍ଲୁଇ) ଏବଂ ସ୍କୁଲ୍ ଅଫ୍ କମର୍ସ ଓ ଆଇଏସ୍‌ଟିର ସହଯୋଗରେ



ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଅଧିବେଶନରେ ଆଇସିସିଏସ୍‌ଡବ୍ଲୁଇ ସାଧାରଣ ସମ୍ପାଦିକା ହେମା ଏକ୍କା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଏନ୍‌ଏସ୍‌ଏସ୍‌ଏଚ୍‌ଓ, ଭୁବନେଶ୍ୱରର ଉପମହାପ୍ରବନ୍ଧକ ତଥା ଇନ୍‌ଚାର୍ଜ ସୁଜିତ କୁମାର ଶାହା ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଅଭିଭାଷଣ ପ୍ରଦାନ କରିଥିଲେ। ବୈଷୟିକ ଅଧିବେଶନରେ ଏମ୍‌ଏସ୍‌ଏମ୍‌ଇ ଯୋଜନା ଓ ଜାତୀୟ ଏସ୍‌ସି-ଏସ୍‌ଟି ହବ୍ ସମ୍ପର୍କରେ ଏନ୍‌ଏସ୍‌ଏସ୍‌ଏଚ୍‌ଓ, ଭୁବନେଶ୍ୱର ପକ୍ଷରୁ ଆଲୋକପାତ କରାଯାଇଥିଲା। ଜିଇଏମ୍ ପୋର୍ଟାଲ୍ ସମ୍ପର୍କରେ ଭର୍ଚୁଆଲ୍ ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା। ସେହିପରି ଫୁଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଏବଂ ଏନ୍‌ଟିପିସି, ତାଳଚେରର ଟିଟିପିଏସ୍ ପକ୍ଷରୁ ଉତ୍ପାଦ ଓ ସେବା, ସରକାରୀ କ୍ରୟପ୍ରକ୍ରିୟା, ବିକ୍ରେତା ପଞ୍ଜୀକରଣ, ଗୁଣବତ୍ତା ଓ ଅନୁପାଳନ ମାନଦଣ୍ଡ ଏବଂ ଇନ୍‌ଭଏସ୍ ପେମେଣ୍ଟ ପ୍ରକ୍ରିୟା ବିଷୟରେ ଆଲୋଚନା କରାଯାଇଥିଲା। ଜିଲ୍ଲା ଶିଳ୍ପ କେନ୍ଦ୍ର, ସମ୍ବଲପୁର ପକ୍ଷରୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କ ଋଣ ଯୋଜନା ଏବଂ ସରକାରୀ ଆଇଟିଆଇ, ହୀରାକୁଦ ପକ୍ଷରୁ ଦକ୍ଷତା ବିକାଶ ସମ୍ପର୍କରେ ଆଲୋକପାତ କରାଯାଇଥିଲା।

'ସମ୍ବଲପୁରୀ ରାମଲୀଳା' ଅନୁଷ୍ଠିତ

ସମ୍ବଲପୁର, ୫।୧୧ (ସମିସ) : ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଆଜି ସନ୍ଧ୍ୟାରେ ଦିନିକିଆ 'ସମ୍ବଲପୁରୀ ରାମଲୀଳା' ନାଟକ ଆୟୋଜିତ ହୋଇଯାଇଛି। ସମ୍ବଲପୁରୀ ରାମଲୀଳା କମିଟି ଆନୁକୂଲ୍ୟରେ ଏବଂ ପଶ୍ଚିମାଞ୍ଚଳ ଏକତା ମଞ୍ଚ ସହଯୋଗରେ ଆୟୋଜିତ ନାଟକରେ ଲଙ୍କାକାଣ୍ଡ ରୁ ଉତ୍ତରାକାଣ୍ଡ ପର୍ଯ୍ୟନ୍ତ ବିଷୟବସ୍ତୁ ପ୍ରଦର୍ଶିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ସମ୍ବଲପୁରୀ ରାମଲୀଳା ନାଟକ ହୋଇଥିଲା। ଦୀପାବଳି ଅବସରରେ ଆୟୋଜିତ 'ଶ୍ରୀ ରାମ ଅଯୋଧ୍ୟା ଫିରୁଛନ' ନାଟକକୁ ବବଲୁ ବାଗ ରଚନା ଏବଂ ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ରାମ ଭୂମିକାରେ ଏଲ୍ଏନ୍ ପୂଜାରୀ, ସୀତା ଭୂମିକାରେ ଶ୍ୱେତା ପଣ୍ଡା, ରାବଣ ଭୂମିକାରେ ଶୁଭେନ୍ଦ୍ର ନନ୍ଦ, ହନୁମାନ ଭୂମିକାରେ ଘୁନୁ ପାଢ଼ୀଙ୍କ ସମେତ ପ୍ରାୟ ୩୦ ଜଣ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସମ୍ବଲପୁରୀ ରାମଲୀଳା ନାଟକ ଦ୍ୱିତୀୟବର୍ଷ ପାଇଁ ଆୟୋଜିତ ହୋଇଯାଇଛି। ରାମଲୀଳା କମିଟିର ସଭାପତି ଦଶରଥ ମେହେରଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ସହରର ବହୁ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଦେଷ୍ଟା ଭବାନୀଶ ଭୋଇ, ମାନସ ରଞ୍ଜନ ବକ୍ସି, ସୁବୋଧ କୁମାର ଦୋରାଙ୍କ ସମେତ କମିଟିର ସମ୍ପାଦକ ରାହୁଲ ଗୁପ୍ତା, ସାଂସ୍କୃତିକ ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗଡ଼ିଆ, କୋଷାଧ୍ୟକ୍ଷ ରାଜେଶ ସ୍ୱାଇଁ, ଉପସଭାପତି ପ୍ରସିସ ପଣ୍ଡା, ହିମାଂଶୁ ସାହୁ, ଅନମୋଲ ଦାସ ପ୍ରମୁଖ ସଦସ୍ୟମାନେ ସହଯୋଗ କରିଥିଲେ।

ସହିଦ ମଧୁ ଗଡ଼ତିଆଙ୍କ ଶୌର୍ଯ୍ୟ ଦିବସ ପାଳନ ନେଇ ପ୍ରସ୍ତୁତି

ସମ୍ବଲପୁର, ୫।୧୧ (ସମିସ): ଯୁଯୁମୁରା ରାଜୀବ ଭବନରେ ସହିଦ ମଧୁ ଗଡ଼ତିଆଙ୍କ ସ୍ମୃତି ଚାରଣ ପାଇଁ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଛି।ଉକ୍ତ ସଭାରେ ଆସନ୍ତା ଶୌର୍ଯ୍ୟ ଦିବସକୁ ମହା ସମାରୋହରେ ପାଳନ କରିବାକୁ ସ୍ଥିର ହୋଇଛି। ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସ୍କୁଲ ପିଲାଙ୍କୁ ଓ ଜନସାଧାରଣଙ୍କୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବ।କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ।ସ୍ଥାନୀୟ ପ୍ରଶାସନ ଓ ମଧୁ ଗଡ଼ତିଆ ସ୍ମୃତି କମିଟିର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।ସଭା ପ୍ରାରମ୍ଭରୁ ସମିତି ସଭ୍ୟ ଜୟନ୍ତ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମର ରୂପରେଖ ଉପରେ ଆଲୋକପାତ କରିଥିଲେ।ସଭାରେ ବିଡିଓ ରାଜେଶ ଏକ୍କା, ଥାନାର ପ୍ରତିନିଧି ଆଲୋକ ସାହୁ, କଲେଜ ଅଧ୍ୟକ୍ଷ ବିଜୟ କୁମାର ପ୍ରଧାନ, ଗୁରୁଚରଣ ସାହୁ, ସୁଶାନ୍ତ ସାହୁଙ୍କ ସମେତ ସୁରେଶ୍ୱର ପ୍ରଧାନ, ଜଗଦୀଶ ପ୍ରଧାନ, ପ୍ରହଲ୍ଲାଦ ସାହୁ, କିରନ ପ୍ରଧାନ, ରଜନୀ କାନ୍ତ ପାଣିଗ୍ରାହୀ, ଗଣ୍ଡ ସମାଜରୁ ନାରୀ ନେତ୍ରୀ ଲଳିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଯୁବ ନେତୃତ୍ୱ ଉପରେ ଗୁରୁତ୍ୱାରୋପ କଲା ଯୁବସଂସଦ

ସମ୍ବଲପୁର, ୫।୧୧ (ସମିସ) : ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ମେରା ଯୁବ ଭାରତ, ସମ୍ବଲପୁର ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁରଠାରେ ଜିଲ୍ଲାସ୍ତରୀୟ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ଓ ଯୁବ ସଂସଦ ୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏହି ଯୁବ ସଂସଦରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ସମାଜସେବୀ ସୁଧୀର ବହିଦାର, ଡଃ ଅତୁଲ କୁମାର ପ୍ରଧାନ ଏବଂ ସମ୍ବଲପୁର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଯୁବପିଢ଼ିଙ୍କ ମଧ୍ୟରେ ଗଣତାନ୍ତ୍ରିକ ଚେତନା, ନେତୃତ୍ୱ ଦକ୍ଷତା, ତର୍କ ଓ ଯୁକ୍ତି ଉପସ୍ଥାପନ କ୍ଷମତା ଏବଂ ରାଷ୍ଟ୍ର ନିର୍ମାଣରେ ସକ୍ରିୟ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଯୁବ ସଂସଦ କାର୍ଯ୍ୟକ୍ରମରେ ବିଚାରକ ଭାବେ ଡଃ ରଘୁମଣି ନାଏକ, ଡଃ ଶୋଭାମୟୀ ମହାପାତ୍ର, ଜ୍ଞାନରଞ୍ଜନ ସାହୁ, ଡଃ ବବିତା ମହାନନ୍ଦିଆ ଏବଂ କୁମକୁମ ପ୍ରିୟଦର୍ଶିନୀ ସାହୁ ଯୋଗଦେଇ ପ୍ରତିଯୋଗୀମାନଙ୍କର ଯୁକ୍ତି, ଉପସ୍ଥାପନା, ବିଷୟବସ୍ତୁ ଉପରେ ଜ୍ଞାନ ଓ ଆତ୍ମବିଶ୍ୱାସକୁ ମୂଲ୍ୟାୟନ କରିଥିଲେ। ଏଥିରେ ବୈଷ୍ଣବୀ ଯାଦବ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ, ଜ୍ୟୋତିର୍ମୟୀ ପ୍ରଧାନ ଦ୍ୱିତୀୟ ସ୍ଥାନ ଏବଂ ତନଭୀର ଶର୍ମା ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ସମ୍ବଲପୁରର ଯୁବ ଆଇକନ୍ ଅର୍ପିତା ବେହେରା ସଂଯୋଜନା କରିଥିଲେ।

ଷ୍ଟାଡିୟମ ନିର୍ମାଣକୁ ନେଇ ଜୟନାରାୟଣଙ୍କୁ ଟାର୍ଗେଟ କଲେ ରୋହିତ

ସମ୍ବଲପୁର, ୫।୧୧ (ସମିସ)

ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ୍ (ସମଲେଶ୍ୱରୀ ଏସ୍‌ସି) ଭାରତୀୟ ଫୁଟବଲ ଲିଗ୍ (ଆଇଏଫ୍ଏଲ୍) ରେ ଅଂଶଗ୍ରହଣ କରିବା ସମ୍ବଲପୁର ପାଇଁ ନିଶ୍ଚିତ ଭାବେ ଗର୍ବର ବିଷୟ। ଏହା ସମ୍ବଲପୁରର ଫୁଟବଲ ପ୍ରତିଭା ଓ କ୍ରୀଡ଼ା ଜଗତ ପାଇଁ ଏକ ଉତ୍ସାହଜନକ ପଦକ୍ଷେପ। କିନ୍ତୁ ଏହି ଲିଗ୍‌ର ମ୍ୟାଚ୍ ରାଉରକେଲାର ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମରେ ଆୟୋଜନ ହେବା ନେଇ ସମ୍ବଲପୁରର କ୍ରୀଡ଼ା ଭିତ୍ତିଭୂମିକୁ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି ବୋଲି ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ। ସମ୍ବଲପୁରର ଫୁଟବଲ ଇତିହାସ ଓ ଖେଳ ପ୍ରତି ଯୁବପିଢ଼ିଙ୍କ ଆଗ୍ରହ କୌଣସି ଦୃଷ୍ଟିରୁ କମ୍ ନୁହେଁ। ତଥାପି ନିଜ ସହରରେ ଆଇଏଫ୍ଏଲ୍ ଭଳି ଏକ ଜାତୀୟ ସ୍ତରର ଲିଗ୍‌ର ମ୍ୟାଚ୍ ଆୟୋଜନ କରିବା ପାଇଁ ଆବଶ୍ୟକ ଷ୍ଟାଡିୟମ ଓ ଆଧୁନିକ ସୁବିଧା ନଥିବା ଦୁର୍ଭାଗ୍ୟଜନକ। ଏହା କେବଳ ଏକ ଷ୍ଟାଡିୟମର ଅଭାବ ନୁହେଁ, ବରଂ ସମ୍ବଲପୁରର କ୍ରୀଡ଼ା ବିକାଶକୁ ନେଇ ଦୀର୍ଘ ବର୍ଷର ଅବହେଳାର ପ୍ରଶ୍ନ। ଏଠାରେ ସମ୍ବଲପୁରରୁ ଦୀର୍ଘବର୍ଷ ଧରି ବିଧାୟକ ରହିଥିବା ଜୟ ନାରାୟଣ ମିଶ୍ରଙ୍କୁ କିଛି ପ୍ରଶ୍ନର ଉତ୍ତର ଦେବାକୁ ହେବ। ୨୩ ବର୍ଷରୁ ଅଧିକ ରାଜନୈତିକ ପ୍ରତିନିଧିତ୍ୱ ପରେ ମଧ୍ୟ ସମ୍ବଲପୁରରେ ଆଇଏଫ୍ଏଲ୍ ଭଳି ଜାତୀୟ ସ୍ତରର ଲିଗ୍‌ର ମ୍ୟାଚ୍ ଆୟୋଜନ ପାଇଁ ଉପଯୁକ୍ତ ଷ୍ଟାଡିୟମ କାହିଁକି ନିର୍ମାଣ ହୋଇପାରିଲା ନାହିଁ? ସମଲେଶ୍ୱରୀ ଏସ୍‌ସି ସମ୍ବଲପୁରର ପ୍ରତିନିଧିତ୍ୱ କରୁଥିବା ବେଳେ ନିଜ ସହରରେ ମ୍ୟାଚ୍ ଆୟୋଜନର ସୁଯୋଗ କାହିଁକି ସୃଷ୍ଟି ହୋଇପାରିଲା ନାହିଁ? ପୂର୍ବ ସରକାର ସମୟରେ ମନ୍ଦଲିଆସ୍ଥିତ ପଡ଼ିଆକୁ ଆନ୍ତର୍ଜାତୀୟ ଫିଫାମାନକ ଫୁଟବଲ୍ ଷ୍ଟାଡିୟମର ରୂପରେଖ ଦେବାପାଇଁ ପ୍ରସ୍ତାବ ରହିଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ବର୍ତ୍ତମାନ ସେଠାରେ ଯେଉଁ ବିକାଶ କାର୍ଯ୍ୟ ଚାଲିଛି ତାହା ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ଅପରପକ୍ଷରେ ଭିଏସଏସ ଷ୍ଟାଡିୟମ୍‌ର ଉନ୍ନତିକରଣ ମଧ୍ୟ କରାଯାଉନାହିଁ, ଯାହାକି କ୍ରୀଡ଼ାପ୍ରେମୀଙ୍କୁ ସବୁବେଳେ ନିରାଶ କରୁଛି। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଅନେକ ସଂଖ୍ୟାରେ କ୍ରୀଡ଼ାପ୍ରେମୀ, ଫୁଟବଲ୍ ପ୍ରେମୀ ରହିଛନ୍ତି। ଏହାସହ ସମ୍ବଲପୁର ହେଉଛି ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର। ଯେବେକି ଖୋଦ୍ ନିଜେ ବିଧାୟକ ନିଜକୁ ଜଣେ ଦୃଢ଼ କ୍ରୀଡ଼ାପ୍ରେମୀ ଦର୍ଶାଉଥିବା ବେଳେ ଯଦି ସମ୍ବଲପୁର ଭଳି ସହରରେ କ୍ରୀଡ଼ା ଭିତ୍ତିଭୂମିର ଅଭାବ ରହିବା ଅତ୍ୟନ୍ତ ଚିନ୍ତାର ବିଷୟ। ଜଣେ ଜନପ୍ରତିନିଧିଙ୍କ ସଫଳତା କେବଳ ରାଜନୈତିକ ପଦବୀ କିମ୍ବା ଦୀର୍ଘ କାର୍ଯ୍ୟକାଳରେ ମାପ କରାଯାଏ ନାହିଁ। ତାଙ୍କ ଅଞ୍ଚଳରେ ସୃଷ୍ଟି ହୋଇଥିବା ସ୍ଥାୟୀ ଭିତ୍ତିଭୂମି ଓ ଯୁବପିଢ଼ିଙ୍କ ପାଇଁ ସୃଷ୍ଟି ହୋଇଥିବା ସୁଯୋଗ ହିଁ ତାଙ୍କ କାର୍ଯ୍ୟର ପ୍ରକୃତ ମୂଲ୍ୟାୟନ କରେ। ରାଉରକେଲାରେ ଯଦି ଏଭଳି ମ୍ୟାଚ୍ ଆୟୋଜନ ପାଇଁ ଉନ୍ନତ ଭିତ୍ତିଭୂମି ଉପଲବ୍ଧ, ତେବେ ସମ୍ବଲପୁରକୁ ସେହି ସ୍ତରକୁ ନେବାପାଇଁ ଏତେ ବର୍ଷ ଧରି କ'ଣ ପଦକ୍ଷେପ ନିଆଯାଇଛି? ଏବେ ରାଜ୍ୟରେ ନୂଆ ବିଜେପି ଶାସିତ ସରକାରକୁ ଆସିବାର ତିନିବର୍ଷ ହେବାକୁ ଥିବା ସତ୍ତ୍ୱେ ମଧ୍ୟ ଏ ପର୍ଯ୍ୟନ୍ତ କ୍ରୀଡ଼ା ଭିତ୍ତିଭୂମି ପାଇଁ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଯେବେ କି ପୂର୍ବ ସରକାର ସମୟରେ ରାଉରକେଲାଠାରେ ୧୫ ମାସ ମଧ୍ୟରେ ଆନ୍ତର୍ଜାତୀୟସ୍ତରର ହକି ଷ୍ଟାଡିୟମ୍ ନିର୍ମାଣ କରାଯାଇ ଉଦ୍‌ଘାଟନ କରାଯାଇଥିବାବେଳେ ଇଂ ପୂଜାରୀ ବିଧାୟକ ଥିବା ସମୟରେ ଯୁଯୁମୁରା ଠାରେ ମଧ୍ୟ ବହୁତ୍ କମ୍ ସମୟ ମଧ୍ୟରେ ଆନ୍ତର୍ଜାତୀୟସ୍ତରର ଏଷ୍ଟ୍ରୋଟର୍ଫ ଏବଂ ଫ୍ଲଡ ଲାଇଟ୍ ଯୁକ୍ତ ହକି ଷ୍ଟାଡିୟମ୍ ର ନିର୍ମାଣ କରାଯାଇଥିଲା। ସମ୍ବଲପୁରବାସୀଙ୍କ ପ୍ରଶ୍ନ ନିଜ ସହରର ଏକ ଫୁଟବଲ କ୍ଲବ୍ ଜାତୀୟ ସ୍ତରର ଲିଗ୍‌ରେ ଖେଳୁଛି, କିନ୍ତୁ ସେହି ମ୍ୟାଚ୍ ନିଜ ସହରରେ ଆୟୋଜନ କରିବା ପାଇଁ ଷ୍ଟାଡିୟମ ନାହିଁ। ଦୀର୍ଘ ୨୩ ବର୍ଷରୁ ଅଧିକ ରାଜନୈତିକ ପ୍ରତିନିଧିତ୍ୱ ପରେ ଏହି ସ୍ଥିତି ପାଇଁ ସମ୍ବଲପୁର ବିଧାୟକ କ'ଣ ଉତ୍ତର ରଖିବେ ବୋଲି ଇଂ. ପୂଜାରୀ ପ୍ରଶ୍ନ କରିଛନ୍ତି।

କଟାପାଲିରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବରଗଡ଼, ୫।୧୧(ସମିସ): କଟାପାଲି ଠେଲାପଡ଼ାର ଦେବେନ୍ଦ୍ର ପ୍ରଧାନ (୩୦) ନାମକ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ବୁଧବାର ଅପରାହ୍ନରେ କଟାପାଲି ଗୁଡିପଡ଼ାର ଜଣେ ମହିଳାଙ୍କ ଘରେ ତାଙ୍କର ମୃତଦେହ ମିଳିଥିଲା। ଦେବେନ୍ଦ୍ର ପୂର୍ବରୁ ବିବାହିତ ଥିବା ସତ୍ତ୍ୱେ ଅନ୍ୟ ଜଣେ ଯୁବତୀଙ୍କ ସହ ଗତ ୫ରୁ ୬ ବର୍ଷ ଧରି ସମ୍ପର୍କରେ ଥିଲେ। ଦ୍ୱିତୀୟ ପତ୍ନୀ ଏବଂ ତାଙ୍କ ମାଆଙ୍କ କହିବା ଅନୁସାରେ, ଦେବେନ୍ଦ୍ର ପ୍ରଥମ ସ୍ତ୍ରୀଙ୍କ ସହ ଝଗଡ଼ା ହୋଇଥିବା କହିବା ସହ ଖାଇବାକୁ ମାଗିଥିଲେ। ଏହି ସମୟରେ ସେ ଦ୍ୱିତୀୟ ପତ୍ନୀଙ୍କୁ ମାଡ଼ ମାରିବା ପାଇଁ ଗୋଡ଼ାଇବାରୁ ସେ ଅନ୍ୟତ୍ର ଲୁଚି ଯାଇଥିଲେ। ପରେ ଦେବେନ୍ଦ୍ର ତାଙ୍କ ମାଆଙ୍କୁ ଗାଳିଗୁଲଜ କରିବା ପରେ ଘରେ ଥିବା ପଙ୍ଖାରେ ଝୁଲିପଡ଼ିଥିବା ସେମାନେ କହିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ କଟାପାଲି ସରପଞ୍ଚଙ୍କ ସମେତ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ସୂଚନା ଦେଇଥିଲେ। ତେବେ ପୁଲିସ ପହଞ୍ଚିବା ବେଳକୁ ମୃତଦେହ ଝୁଲନ୍ତା ଅବସ୍ଥାରେ ନ ଥାଇ ତଳେ ଶୁଆଇ ରଖାଯାଇଥିବା ଜଣାପଡ଼ିଥିଲା। ଅନ୍ୟପକ୍ଷରେ ବୁଧବାର ଅପରାହ୍ନରେ ମୃତ୍ୟୁ ଘଟିଥିବା ସତ୍ତ୍ୱେ ଗୁରୁବାର ସକାଳ ୮ଟା ପର୍ଯ୍ୟନ୍ତ ମୃତଦେହ ଘଟଣାସ୍ଥଳରେ ପଡ଼ି ରହିବାର କାରଣକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ଅତାବିରା ଡାକବଙ୍ଗଳାର ଶିଳାନ୍ୟାସ

ଅତାବିରା, ୫।୧୧(ସମିସ): ସ୍ଥାନୀୟ ଗ୍ରାମ୍ୟ ନ୍ୟାୟାଳୟ ସମ୍ମୁଖ ପୂର୍ତ୍ତ ବିଭାଗର ପକ୍ଷରୁ ଡାକବଙ୍ଗଳାର ଶିଳାନ୍ୟାସ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ଅତାବିରା ଆମ୍ବା ସଭାପତି ମିଳନ ସେଠ



ଯୋଗ ଦେଇ ଶିଳାନ୍ୟାସ ଫଳକ ଉନ୍ମୋଚନ କରିଥିଲେ। ମୀନାରବନ୍ଧ ସଂଲଗ୍ନ ପୂର୍ତ୍ତ ବିଭାଗ ଜାଗାରେ ପାଖାପାଖି ୧ କୋଟି ଟଙ୍କା ବ୍ୟୟଅଟକଳରେ ଏହାର ନିର୍ମାଣ ହେବ। ଏଥି ପାଇଁ ପରବର୍ତ୍ତୀ ସମୟରେ ସଂଲଗ୍ନ ଜବରଦଖଲ ଉଚ୍ଛେଦ କରାଯିବ।

୪୫୦୦ ଲିଟର ମହୁଲ ପୋଚ ନଷ୍ଟ

ବରଗଡ଼, ୫।୧୧ (ସମିସ): ବେଆଇନ ମଦ ପ୍ରସ୍ତୁତି ଓ ବିକ୍ରୟ ଉପରେ ରୋକ ଲଗାଇବା ପାଇଁ ପଦ୍ମପୁର ଓ ପାଇକମାଳ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ପଦ୍ମପୁର ଥାନା ଅନ୍ତର୍ଗତ ଜେଙ୍କେଡା ଅଞ୍ଚଳରେ ବେଆଇନ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ପ୍ରାୟ ୪୫୦୦ ଲିଟର ମହୁଲ ପୋଚ ନଷ୍ଟ କରାଯାଇଥିଲା। ସେହିପରି ବିଭିନ୍ନ ସ୍ଥାନରେ ଦେଶୀ ମଦ ବିକ୍ରୟ ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ଗାଇସିଲେଟ ଥାନା ଅନ୍ତର୍ଗତ ଖୁଣ୍ଟାପାଲି ଗ୍ରାମର ଗୌରାଙ୍ଗ ମାଝୀ (୫୯), ବୁଡେନ ଥାନା ଅନ୍ତର୍ଗତ ବୁଡାମାଲ ଗ୍ରାମର ସଦାନନ୍ଦ ବେହେରା (୨୮), ପଦ୍ମପୁର ଥାନା ଅନ୍ତର୍ଗତ ଖୁଣ୍ଟାପାଲି ଗ୍ରାମର ହେମନ୍ତ ନାଗ (୩୦) ଏବଂ ଜଗଦଲପୁର ଥାନା ଅନ୍ତର୍ଗତ ଗଣ୍ଡପାଲି ଗ୍ରାମର ଅକ୍ଷୟ ବରିହା (୪୦)। ସେମାନଙ୍କ ନିକଟରୁ ୫୦ ଲିଟରରୁ ଅଧିକ ଦେଶୀ ମଦ ଜବତ କରାଯାଇଛି। ଏହି ଚଢ଼ଉରେ ପଦ୍ମପୁର ଅବକାରୀ ଇନ୍ସପେକ୍ଟର ଡମ୍ବରୁଧର ହରିଜନ, ପଦ୍ମପୁର ଓଆଇସି ମଞ୍ଜୁ ପ୍ରତିମା ଏକ୍କା, ପାଇକମାଳ ଓଆଇସି ବଳରାମ ପଧାନ ଧାନ, ପଦ୍ମପୁର ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ମୋହନ ବେହେରାଙ୍କ ସମେତ ସୁକାନ୍ତ ବଡେଇ, ପ୍ରଶାନ୍ତ ବାଗ, ପ୍ରେମାନନ୍ଦ ବିଶାଳ, ଅମିତ କୁମାର ଦୀପ, ତାରାକାନ୍ତି ଭୂଏ ଓ ପ୍ରସନ୍ନ ପଟେଲ ଏବଂ ବରଗଡ଼ ମୋବାଇଲ ଟିମ୍‌ର କର୍ମଚାରୀମାନେ ସାମିଲ ଥିଲେ।

୯୨ କେଜି ବାସି ଓ କବକ ଲାଗିଥିବା ଖାଦ୍ୟ ନଷ୍ଟ

ସୋହେଲା, ୫।୧୧(ସମିସ)

ଆଗକୁ ଆସୁଛି ଆଲୋକର ପର୍ବ ଦୀପାବଳି। ଏହି ପର୍ବକୁ ଦୃଷ୍ଟିରେ ରଖି ଖାଦ୍ୟ ସାମଗ୍ରୀର ମାନ ଓ ଗୁଣବତ୍ତା ଯାଞ୍ଚ କରିବା ସହ ଜନସାଧାରଣଙ୍କୁ ସୁରକ୍ଷିତ ଖାଦ୍ୟ ଯୋଗାଣ ଉଦ୍ଦେଶ୍ୟରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବ୍ଲକରେ ଚଢ଼ଉ ଓ ଯାଞ୍ଚ ଅଭିଯାନ ଜାରି ରହିଛି। ଏହି କ୍ରମରେ ଗୁରୁବାର ସୋହେଲା ବ୍ଲକର ଦଶ ମାଇଲ ଛକ, ଚକରକେନ୍ଦ ସମେତ ବିଭିନ୍ନ ଅଞ୍ଚଳରେ ଅଚାନକ ଚଢ଼ଉ କରାଯାଇ ମୋଟ ୧୫ଟି ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନ ଯାଞ୍ଚ କରାଯାଇଥିଲା। ଏହି ସମୟରେ ପ୍ରାୟ ୭୦ କେଜି ବାସି ଓ କବକ ଲାଗିଥିବା ଖାଦ୍ୟ ସାମଗ୍ରୀ ଜବତ କରି ଘଟଣାସ୍ଥଳରେ ନଷ୍ଟ କରାଯାଇଥିଲା। ଏଥିସହ ଖାଦ୍ୟରେ ଅନାବଶ୍ୟକ ରଙ୍ଗର ବ୍ୟବହାର ଏବଂ ଖବରକାଗଜରେ ଖାଦ୍ୟ ପରିବେଷଣ କରିବାର କୁପରିଣାମ ସମ୍ପର୍କରେ ବ୍ୟବସାୟୀମାନଙ୍କୁ



ସଚେତନ କରାଯାଇଥିଲା। ଖାଦ୍ୟ ପ୍ରସ୍ତୁତି ଓ ସଂରକ୍ଷଣ ସମୟରେ ଉତ୍ତମ ଉତ୍ପାଦନ ପଦ୍ଧତି ଏବଂ ସ୍ୱଚ୍ଛତା ନିୟମ ପାଳନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଯାଞ୍ଚ ସମୟରେ ତିନୋଟି ପନିର ନମୁନାକୁ ଆୟୋଡିନ୍ ଦ୍ରବଣ ମାଧ୍ୟମରେ ପରୀକ୍ଷା କରାଯାଇଥିବା ବେଳେ ସେଗୁଡ଼ିକ ସନ୍ତୋଷଜନକ ଥିବା ଜଣାପଡ଼ିଥିଲା। ଏଥିସହ କେତେକ ଖାଦ୍ୟ ସାମଗ୍ରୀର ନମୁନା ସଂଗ୍ରହ କରାଯାଇ ଅଧିକ ପରୀକ୍ଷା ପାଇଁ ପରୀକ୍ଷାଗାରକୁ ପଠାଯାଇଛି। ଏହି ଯାଞ୍ଚ ଅଭିଯାନ ଗତ ଦୁଇ ଦିନ ଧରି ଜାରି ରହିଛି। ଗତ ୨ ତାରିଖରେ ଅତାବିରା ବ୍ଲକରେ ୧୨ଟି ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନ ଯାଞ୍ଚ କରାଯାଇ ପ୍ରାୟ ୧୫ କେଜି ବାସି ଖାଦ୍ୟ ନଷ୍ଟ କରାଯାଇଥିଲା। ସେହିପରି ୩ ତାରିଖରେ ଭଟଲି ବ୍ଲକରେ ୧୦ଟି ପ୍ରତିଷ୍ଠାନ ଯାଞ୍ଚ କରାଯାଇ ପ୍ରାୟ ୭ କେଜି ବାସି ଖାଦ୍ୟ ନଷ୍ଟ କରାଯାଇଥିଲା। ଦୀପାବଳି ପର୍ବ ଶେଷ ହେବା ପର୍ଯ୍ୟନ୍ତ ଏହି ଯାଞ୍ଚ ଓ ଚଢ଼ଉ ଅଭିଯାନ ଜାରି ରହିବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି। ଖାଦ୍ୟ ସୁରକ୍ଷା ଅଧିକାରୀ ପରମେଶ୍ୱର ନାୟକ, ତେଜ ଭାନୁ ସାହୁ, ସୁନିତ୍ ମଲ୍ଲିକ ଙ୍କ ସମେତ ବହୁ ବିଶିଷ୍ଟ ଅଧିକାରୀ ଉପସ୍ଥିତ ଥିଲେ। ଖାଦ୍ୟର ଗୁଣବତ୍ତା ବଜାୟ ରଖିବା ସହ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଏଭଳି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି।

୨୯ରେ ସାହିତ୍ୟ ଉଛବ୍ 'ମେଲନ୍ ମେସନ'

ଘେଁସ/ମେଲଛାମୁଣ୍ଡା, ୫।୧୧(ସମିସ): ବରଗଡ଼ ଜିଲ୍ଲା ଘେଁସ ସ୍ଥିତ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଅଭିମନ୍ୟୁ ସାହିତ୍ୟ ସଂସଦର ସାଧାରଣ ପରିଷଦର ଏକ ବୈଠକ ଆୟୋଜିତ ହୋଇ ଯାଇଛି। ନୂତନ ପରିଚାଳନା କମିଟି ପୁନଃଗଠନ ହେବା ସହିତ ସାହିତ୍ୟ ଉତ୍ସବ ମେଲନ ମେସନ-୨୦୨୬ ପାଇଁ ପ୍ରସ୍ତୁତି ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଅନୁକୂଲ୍ୟରେ ଆଗାମୀ ୨୯ ତାରିଖ ଅଭିମନ୍ୟୁ ସାହିତ୍ୟ ସଂସଦରେ ସାହିତ୍ୟ ଉତ୍ସବ ମେଲନ ମେସନ ଅନୁଷ୍ଠିତ ହେବ। ଏନେଇ ଅନୁଷ୍ଠିତ ବୈଠକରେ ନବନିର୍ବାଚିତ ସଭାପତି ଅଶୋକ ପୂଜାହାରୀ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମିଶ୍ର, ଉପସଭାପତି ଶୋଭାଚନ୍ଦ୍ର ପ୍ରଧାନ, ସମ୍ପାଦକ ଗୋକୁଳାନନ୍ଦ ମହାପାତ୍ର, ସହ-ସମ୍ପାଦକ ତୁଳସୀ ବାରିକ ଓ ଅଧିକାରୀ ସା, କୋଷାଧ୍ୟକ୍ଷ ସଦାନନ୍ଦ ମେହେର, କାର୍ଯ୍ୟକାରୀ କମିଟି ସଦସ୍ୟ କୈଳାସ ରାଜହଂସ, ପ୍ରିୟବ୍ରତ ସାହୁ, ସ୍ୱାଧୀନ ଭୋଇ, ତରଣୀ ତାଣ୍ଡି, ଉପଦେଷ୍ଟା ଲୋକକବି ଡ. ହଳଧର ନାଗ, ଡ. ସୁବାସ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୬ ବର୍ଷ ପାଇଁ ବିଶିଷ୍ଟ ଅନୁବାଦକ କଟକର ସୁରେନ୍ଦ୍ର ନାଥଙ୍କୁ ଅଭିମନ୍ୟୁ ସମ୍ମାନ, ବଲାଙ୍ଗୀରର ମୁରଲି ସିକାଙ୍କୁ କଥାନି, ସମ୍ବଲପୁରର ଅର୍ଜୁନ ମେହେରଙ୍କୁ କବିତା, ସୋନପୁରର ସୁମନ୍ତ ଭୋଇଙ୍କୁ ନାଟକ, ବରଗଡ଼ର ଧର୍ମେନ୍ଦ୍ର ପ୍ରଧାନଙ୍କୁ ଆଲୋଚନା ବିଭାଗ ପାଇଁ ବଉଲ ସମ୍ମାନରେ ସମ୍ମାନିତ କରାଯିବ। ସେହିଭଳି ବିଶିଷ୍ଟ ଚଳଚିତ୍ର ନିର୍ମାତା ଲିଟୁ ମହାନ୍ତି, ଅଭିମନ୍ୟୁ ସାହିତ୍ୟ ଗବେଷକ ଡ.ପ୍ରହ୍ଲାଦ ମେହେର, କବୟିତ୍ରୀ ଉମା ଅଗ୍ରୱାଲଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ।

୪୩ୟୁନିଟ ରକ୍ତ ସଂଗ୍ରହ



ବରଗଡ଼, ୫।୧୧ (ସମିସ): ବରଗଡ଼ସ୍ଥିତ ପୁରୁଣା ଘରୋଇ ବସଷ୍ଟାଣ୍ଡ ପରିସରରେ ଜିଲ୍ଲା ଟ୍ୟାକ୍ସି ଚାଳକ ସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଜିଲ୍ଲା ଟ୍ୟାକ୍ସି ଚାଳକ ସଂଘ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତ ଦାନ ଶିବିର ଆୟୋଜନ କରାଯାଇଥିଲା। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ବରଗଡ଼ ଉପ ଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିତେନ୍ଦ୍ର ମହାପାତ୍ର, ପ୍ରଭାକର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ୪୩ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କୁନୁ ସିଂ, କରନ ସାହୁ, ମନୋଜ ଦାଶ, ଆଲୋକ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

ରୁଦ୍ରେଶ ଶତପଥୀଙ୍କ ଦେହାନ୍ତ



ବରଗଡ଼, ୫।୧୧(ସମିସ): ବରଗଡ଼ର ଜଣାଶୁଣା ପରୋପକାରୀ ୩୫ ବର୍ଷୀୟ ଯୁବକ ରୁଦ୍ରେଶ ଶତପଥୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଜୀରାନଦୀସ୍ଥିତ ସ୍ୱର୍ଗଦ୍ୱାରରେ ଅନ୍ତିମ ସତ୍କାର କରାଯାଇଛି। ଭାଇ ରିତେଶ ମୁଖାଗ୍ନି ଦେଇଥିଲେ।

ବିଶିଷ୍ଟ ଶିକ୍ଷାବିତ୍ ଲୋକନାଥ ପ୍ରଧାନଙ୍କ ପରଲୋକ



ବରଗଡ଼, ୫।୧୧(ସମିସ): ବରଗଡ଼ ଜିଲ୍ଲାର ତୋରା ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନଙ୍କ ଗୁରୁବାର ଭୋର ସମୟରେ ନିଜ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ଗଣେଶ ପ୍ରଧାନ ମୁଖାଗ୍ନି ଦେଇଥିଲେ।

୨୧ରେ ସ୍ୱତନ୍ତ୍ର ଲୋକ ଅଦାଲତ

ବରଗଡ଼, ୫।୧୧ (ସମିସ): ଦୀର୍ଘଦିନ ଧରି ବିଚାରାଧୀନ ରହିଥିବା ଚେକ୍ ବାଉନ୍ସ ମାମଲାଗୁଡ଼ିକର ସହଜ ଓ ଆପୋଷ ବୁଝାମଣା ଭିତ୍ତିରେ ସମାଧାନ ପାଇଁ ଆସନ୍ତା ନଭେମ୍ବର ୨୧ ତାରିଖ ଦିନ ବରଗଡ଼ ଜିଲ୍ଲାରେ ସ୍ୱତନ୍ତ୍ର ଲୋକ ଅଦାଲତ ଅନୁଷ୍ଠିତ ହେବ। ଜିଲ୍ଲା ଓ ଦୌରା ଜଜ୍, ବରଗଡ଼ଙ୍କ କୋର୍ଟ ପରିସରରେ ଆୟୋଜିତ ଏହି ସ୍ୱତନ୍ତ୍ର ଲୋକ ଅଦାଲତରେ କେବଳ ନେଗୋସିଏବଲ୍ ଇନଷ୍ଟ୍ରୁମେଣ୍ଟସ୍ ଆକ୍ଟର ଧାରା ୧୩୮ ଅନୁଯାୟୀ ଦାୟର ହୋଇଥିବା ଚେକ୍ ବାଉନ୍ସ ମାମଲାଗୁଡ଼ିକର ବିଚାର ଓ ଆପୋଷ ସମାଧାନ କରାଯିବ। ଯେଉଁ ବ୍ୟକ୍ତିଙ୍କ ଚେକ୍ ବାଉନ୍ସ ମାମଲା ବିଭିନ୍ନ ଅଦାଲତରେ ବିଚାରାଧୀନ ରହିଛି ସେମାନେ ଏହି ସୁଯୋଗର ସଦୁପଯୋଗ କରି ଆପୋଷ ବୁଝାମଣା ମାଧ୍ୟମରେ ମାମଲାର ସମାଧାନ କରିପାରିବେ। ଲୋକ ଅଦାଲତରେ ମାମଲାର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ। ଏଥିସହ ଲୋକ ଅଦାଲତରେ ହୋଇଥିବା ନିଷ୍ପତ୍ତି ଆଇନଗତ ଭାବେ ବୈଧ, ଚୂଡ଼ାନ୍ତ ଓ କାର୍ଯ୍ୟକାରୀଯୋଗ୍ୟ। ଏହାଦ୍ୱାରା ମାମଲାର ଦୀର୍ଘସୂତ୍ରତା, ଅଯଥା ଆର୍ଥିକ ବ୍ୟୟ ଓ ସମୟ ଅପଚୟରୁ ମୁକ୍ତି ମିଳିପାରିବ। ଏନେଇ ଅଧିକ ବିବରଣୀ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବରଗଡ଼ଙ୍କ ସିଭିଲ କୋର୍ଟ ପରିସରସ୍ଥିତ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି।

ଦୁର୍ଘଟଣାରେ ୩ ଗୁରୁତର

ବରଗଡ଼/ସୋହେଲା, ୫।୧୧(ସମିସ): ୫୩ ନମ୍ବର ଜାତୀୟ ରାଜପଥରେ ଦୁଇଟି ପୃଥକ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ସମେତ ତିନି ଜଣ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ପ୍ରଥମ ଘଟଣାରେ ସୋହେଲା ବ୍ଲକ ଡୁମେରପାଲିର ପ୍ରେମାନନ୍ଦ ଭୋଇ (୫୪) ନିଜ ସ୍ତ୍ରୀ କମଳା ଭୋଇ (୫୦)ଙ୍କୁ ଡାକ୍ତରଙ୍କ ପାଖକୁ ନେଇ ମୋଟରସାଇକେଲରେ ଘରକୁ ଫେରୁଥିବା ସମୟରେ ବରଗଡ଼ ସଦର ଥାନା ଅନ୍ତର୍ଗତ ଚକରକେନ ନିକଟରେ ଏକ ଟ୍ରାକ୍ଟର ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ପ୍ରେମାନନ୍ଦଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ବାମ ଗୋଡ଼ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ପ୍ରେମାନନ୍ଦଙ୍କୁ ଭିମସାର, ବୁର୍ଲାକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ଦ୍ୱିତୀୟ ଘଟଣାରେ ସୋହେଲା ବ୍ଲକ କରାଳମାଲ ଗ୍ରାମର ଲଳିତ ନାଏକ ନିଜ ଚାଷଜମି ପାଇଁ କୀଟନାଶକ ଔଷଧ କିଣି ଅର୍ଜୁଣ୍ଡାରୁ ଘରକୁ ଫେରୁଥିବା ସମୟରେ ଅର୍ଜୁଣ୍ଡା ନିକଟରେ ଏକ ଧଳା ରଙ୍ଗର ମାରୁତି କାର୍ ତାଙ୍କ ମୋଟରସାଇକେଲକୁ ଧକ୍କା ଦେଇଥିଲା। ଧକ୍କାରେ ସେ ରାସ୍ତାକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହ ସୋହେଲାର ସାମାଜିକ କର୍ମୀ ଅନିଲ ପଧାନ ତାଙ୍କୁ ଉଦ୍ଧାର କରି ବରଗଡ଼ର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ଖବର ପାଇ ସୋହେଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଦୁର୍ଘଟଣାରେ ସମ୍ପୃକ୍ତ କାର୍ ଓ ମୋଟରସାଇକେଲକୁ ଜବତ କରି ନିଜ ହେପାଜତକୁ ନେଇଛି।

ଧନୁଯାତ୍ରା କଳାକାର ସଂଘର ଜରୁରୀକାଳୀନ ବୈଠକ

ସ୍ପଷ୍ଟୀକରଣ ନ ମିଳିଲେ କଳାକାର ଚୟନ ପ୍ରକ୍ରିୟାରେ ସାମିଲ ନ ହେବାକୁ ନିଷ୍ପତ୍ତି

ବରଗଡ଼, ୫।୧୧(ସମିସ): ବରଗଡ଼ ଉପକଣ୍ଠ ଦେଓଗାଁ ପଞ୍ଚାୟତ ଅଧୀନ ଚଣ୍ଡୀ ମନ୍ଦିର ପରିସରରେ ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଂଘର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ମଞ୍ଚରେ ମହାରାଜ କଂସ, ଜଳନ୍ଧର ରାବଣ, ମହିଷାସୁର, ତାରକାଶୁର ଭୂମିକାରେ ଅଭିନୟ କରୁଥିବା ବହୁ ପ୍ରତିଷ୍ଠିତ କଳାକାର ଏହି ବୈଠକରେ ଯୋଗଦେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ସଂଘର ସଭାପତି ଦୟାନିଧି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଜଗଦାନନ୍ଦ ମିଶ୍ର, ଉପସଭାପତି ଭୁବନେଶ୍ୱର ପ୍ରଧାନ ଏବଂ ବରିଷ୍ଠ କଳାକାର କଳାକାହ୍ନୁ ଚୌହାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିସହିତ ଗୋପାଳ ପଣ୍ଡା, ସୁଶୀଳ ମେହେର, ମନୋରଞ୍ଜନ ଚିରଗୁନ୍, ଆର୍ତ୍ତତ୍ରାଣ ସୁନାନି, ରବୀନ୍ଦ୍ର ସାହୁ, ସମୀର ରଞ୍ଜନ ନାଥ ଓ ଶିବ ସୁନା ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ରଖିଥିଲେ। ବୈଠକରେ ଗତବର୍ଷ ମହାରାଜ କଂସ ଭୂମିକାରେ ଅଭିନୟ କରିଥିବା ସୁଶୀଳ ମେହେର ଗତ ଦିନର ବିବାଦୀୟ ମନ୍ତବ୍ୟ ପାଇଁ କ୍ଷୋଭ ପ୍ରକାଶ କରିବା ସହ କ୍ଷମା



ପ୍ରାର୍ଥନା କରିଥିଲେ। ଯାହାଫଳରେ କଳାକାର ମାନଙ୍କ ମଧ୍ୟରେ ରହିଥିବା ଅସନ୍ତୋଷ ଦୂର ହୋଇଥିଲା। ତେବେ ଧନୁଯାତ୍ରା ମହୋତ୍ସବ ସମିତି ଦ୍ୱାରା କଳାକାର ସଂଘକୁ ତଥା ସମସ୍ତ କଳାକାରମାନଙ୍କୁ କୌଣସି ଗୁରୁତ୍ୱ ଦିଆଯାଉ ନ ଥିବା ନେଇ ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। କଳାକାର ଚୟନ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା, ସଂଘକୁ ସମସ୍ତ ବିଷୟରେ ଅବଗତ କରାଇବା ଏବଂ ପୂର୍ବରୁ ଦେଖାଦେଇଥିବା ବିବାଦୀୟ ବିଷୟରେ ଯଥାର୍ଥ ସ୍ପଷ୍ଟୀକରଣ ନ ଦେବା ପର୍ଯ୍ୟନ୍ତ ସଂଘର କୌଣସି ବି କଳାକାର ଆଗାମୀ କଳାକାର ଚୟନ ପ୍ରକ୍ରିୟାରେ ଆବେଦନ କରିବେ ନାହିଁ ବୋଲି ସମସ୍ତ କଳାକାର ଏକପ୍ରକାର ଶପଥ ନେଇଛନ୍ତି।

ରାଜ୍ୟସ୍ତରୀୟ ଖୋଖୋ ପ୍ରତିଯୋଗିତା ପାଇଁ ମନୋନୀତ



ବିଜେପୁର, ୫।୧୧(ସମିସ): କୁର୍କୁଟା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ତିନି ଜଣ ଛାତ୍ର ୧୭ ବର୍ଷ ବାଳକ ବିଭାଗରେ ଜିଲ୍ଲାସ୍ତରୀୟ ଖୋ ଖୋ ପ୍ରତିଯୋଗିତାରେ ଉନ୍ନତ ମାନର ପ୍ରଦର୍ଶନ କରି ସୁନ୍ଦରଗଡ଼ ଜିଲ୍ଲାର କୁତ୍ରାଠାରେ ଅନୁଷ୍ଠିତ ହେଉଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଯୋଗଦାନ କରିଛନ୍ତି। ଏମାନେ ହେଲେ ଧର୍ମେନ୍ଦ୍ର ନାୟକ, ତିକେଶ୍ୱର କଥାର, ବେଦବ୍ୟାସ ସା।

ବ୍ଲକସ୍ତରୀୟ ଯୁବ ଉତ୍ସବ ପାଇଁ ଚୟନ



ପଦ୍ମପୁର, ୫।୧୧(ସମିସ): ପଦ୍ମପୁର ବ୍ଲକ ସଭା କକ୍ଷରେ ବ୍ଲକସ୍ତରୀୟ ଯୁବ ଉତ୍ସବ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ଦେବତା, ଏବିଡିଓ ମେନକା ମେହେର, ନାଟ୍ୟକାର କେଶ ରଞ୍ଜନ ପ୍ରଧାନ, ନାଟ୍ୟକାର ଅଶୋକ ବହିଦାର, ଅଧ୍ୟାପକ ସୁଶାନ୍ତ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଗୋପବନ୍ଧୁ ସିକାଙ୍କ ସଂଯୋଜନା ଏବଂ ବ୍ଲକ କଳା ସାଂସ୍କୃତିକ ସଂଘର ଉପସଭାପତି ଅଶ୍ୱିନୀ ପଟେଲ, କଳାକାର ରମେଶ ଗୁର୍ଲା, ସଙ୍ଗୀତଜ୍ଞ ସୁରେନ୍ଦ୍ର ସାହୁ, ବ୍ଲକ କର୍ମଚାରୀ ଅମିତ ମେହେର, ଝସକେତନ ବେହେରା ପ୍ରମୁଖଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନରୁ ପ୍ରତିଯୋଗୀ ଓ କଳାକାର ନାଟକ, ଲୋକନୃତ୍ୟ ଲୋକଗୀତ, କବିତା ଲିଖନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସଚିଦାନନ୍ଦ ସାହୁ, ଅନ୍ତର୍ଯ୍ୟାମୀ ମେହେର, ଅଞ୍ଜଳି ପରିଡ଼ା, ମମତା ବରିହା ବିଚାରକ ଭାବେ ଯୋଗ ଦେଇଥିଲେ। ଲୋକ ନୃତ୍ୟରେ ବରିକେଲ ସୁରସରଗମ ସାଂସ୍କୃତିକ ଅନୁଷ୍ଠାନ, ଲୋକଗୀତରେ ଦହିତା କଲେଜର ବୁଦ୍ଧଦେବ ମେହେର, ନୁକଡ ନାଟକରେ ବରିକେଲ ସଂସ୍କୃତ ମହାବିଦ୍ୟାଳୟ, କବିତା ଲିଖନରେ ସାଦିକା ଆଫ୍ରିନ୍, ତୁଷାର ପଟେଲ, ଚିତ୍ରକଳାରେ ମେଘନା ତରିଆ, ସୁବ୍ରତ ବରିହା ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି। ବ୍ଲକ ପ୍ରଶାସନ ଓ ବ୍ଲକ କଳା ସାଂସ୍କୃତିକ ସଂଘର ଆୟୋଜନ ଓ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

କଲେଜର ମୌଳିକ ସମସ୍ୟା ସମାଧାନ ପାଇଁ ଅଧ୍ୟକ୍ଷଙ୍କୁ ଦାବିପତ୍ର

ଝାରବନ୍ଧ, ୫।୧୧(ସମିସ)

ଝାରବନ୍ଧ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ବିଭିନ୍ନ ସମସ୍ୟା ନେଇ ଛାତ୍ର ସଂସଦ ପକ୍ଷରୁ ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଜଣାଯାଇଛି। ଛାତ୍ର ସଂସଦ ସଭାପତି ଲକ୍ଷ୍ମଣ ପଟେଲ ଓ ସାଧାରଣ ସମ୍ପାଦିକା ଜୟନ୍ତୀ ସାହୁ, ଉପସଭାପତି ଟିକେଶ୍ୱର ସାହୁ ପ୍ରମୁଖ କଲେଜ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରାଙ୍କୁ ଭେଟି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି ଜଣାଇଛନ୍ତି। କଲେଜରେ ସାଇକଲ ଷ୍ଟାଣ୍ଡ ନିର୍ମାଣ, ଆବଶ୍ୟକ ଅନୁସାରେ ପାନୀୟ ଜଳ ଫିଲ୍ଟର ବ୍ୟବସ୍ଥା ଓ କ୍ୟାଣ୍ଟିନ ଖୋଲିବାକୁ ଦାବି କରାଯାଇଛି। ସେହିପରି ଖରାପ ଅବସ୍ଥାରେ ଥିବା ବାଳିକା ଶୌଚାଳୟର ମରାମତି, ଛାତ୍ରଛାତ୍ରୀଙ୍କ ପାଇଁ ପୃଥକ କମନ୍‌ରୁମ୍ ବ୍ୟବସ୍ଥା କରିବାକୁ ଦାବି ରହିଛି। ଏଥିସହ ଅଚଳ ପଙ୍ଖା ମରାମତି, ଅଚଳ ବିଦ୍ୟୁତ୍ ବଲ୍‌ବ ବଦଳରେ ନୂତନ ବଲ୍‌ବ ଲଗାଇବା ଏବଂ ସିସିଟିଭି କ୍ୟାମେରାର ନଜର ବାହାରେ ରହୁଥିବା ସ୍ଥାନଗୁଡ଼ିକରେ ଅଧିକ କ୍ୟାମେରା ଲଗାଇବା ପାଇଁ ମଧ୍ୟ ଦାବି ହୋଇଛି। ଏ ବିଷୟରେ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରାଙ୍କୁ ପଚାରିବାରୁ କମନ ରୁମ, ବାଳିକା ପରିସ୍ରାଗାର ନିର୍ମାଣ ପାଇଁ ସରକାର ପାଣ୍ଠି ଅନୁମୋଦନ କରିଛନ୍ତି। ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ପର୍ଯ୍ୟାୟ କ୍ରମେ ବାକି ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି।



ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ କ୍ରାଇମ୍ ମିଟିଂ

ବରଗଡ଼, ୫।୧୧(ସମିସ): ବରଗଡ଼ ଜିଲ୍ଲା ପୁଲିସ କାର୍ଯ୍ୟାଳୟଠାରେ ଜିଲ୍ଲାସ୍ତରୀୟ କ୍ରାଇମ୍ ମିଟିଂ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ରନାଥ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଏସ୍‌ପି ଶିବ ପ୍ରସାଦ ବିଶ୍ୱାଳ, ବରଗଡ଼ ଏସ୍‌ଡିପିଓ ଏ ବି. ଶିକ୍ସା, ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର, ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ସମେତ ଜିଲ୍ଲାର ବିଭିନ୍ନ ଥାନା ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲାର ଅପରାଧିକ ଗତିବିଧି, ଆଇନଶୃଙ୍ଖଳା ପରିସ୍ଥିତି ଓ ବିଭିନ୍ନ ଥାନାରେ ରୁଜୁ ହୋଇଥିବା ମାମଲାଗୁଡ଼ିକର ସ୍ଥିତି ସମୀକ୍ଷା କରାଯାଇଥିଲା। ଅପରାଧ ନିୟନ୍ତ୍ରଣ, ଚୋରି, ଡକାୟତି ଓ ଅନ୍ୟାନ୍ୟ ଅପରାଧ ରୋକିବା ସହ ଅପରାଧୀଙ୍କ ଉପରେ ନଜର ରଖିବା ଏବଂ ମାମଲାଗୁଡ଼ିକର ତ୍ୱରିତ ତଦନ୍ତ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଥାନାସ୍ତରରେ ପୁଲିସର କାର୍ଯ୍ୟଦକ୍ଷତା ବୃଦ୍ଧି, ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ ଓ ଆଇନଶୃଙ୍ଖଳା ବଜାୟ ରଖିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା। ଜିଲ୍ଲାରେ ଶାନ୍ତିଶୃଙ୍ଖଳା ରକ୍ଷା ସହ ଅପରାଧ ଦମନ ପାଇଁ ସମସ୍ତ ଥାନା ଅଧିକାରୀଙ୍କୁ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା।

ଏମ୍‌କେସିଜିରେ ଘଣ୍ଟାଏରୁ ଅଧିକ ସମୟ ଟ୍ରାଫିକ୍ ଜାମ୍

ବ୍ରହ୍ମପୁର,୫।୧୧(ସମିସ)



- ଖୋଳି ଦେଲେ ରାସ୍ତା ହନ୍ତସନ୍ତ ହେଲେ ରୋଗୀ ଓ ସମ୍ପର୍କୀୟ
- ରାତିରେ କାମ କରିବାକୁ ରେଜିଷ୍ଟ୍ରାରଙ୍କ ନିର୍ଦ୍ଦେଶ

ରୋଗୀଙ୍କ ଭିଡ଼, ଆମ୍ବୁଲାନ୍ସ ଚଳାଚଳ ଓ ଦୈନନ୍ଦିନ ଯାତାୟାତରେ ବ୍ୟସ୍ତ ରହୁଥିବା ଏମକେସିଜି ମେଡିକାଲ ପରିସରରେ ଏକ ଘଣ୍ଟାରୁ ଅଧିକ ସମୟ ଧରି ଟ୍ରାଫିକ୍ ଜାମ୍। ଉନ୍ନୟନମୂଳକ କାର୍ଯ୍ୟ ନାଁରେ ଦିନବେଳେ ରାସ୍ତା ଖୋଳାଯିବା ଯୋଗୁଁ ରୋଗୀ, ସମ୍ପର୍କୀୟ ଓ ସାଧାରଣ ଲୋକେ ନାହିଁ ନଥିବା ହଇରାଣ ହୋଇଛନ୍ତି। ଶେଷରେ ମେଡିକାଲ ରେଜିଷ୍ଟ୍ରାରଙ୍କ ହସ୍ତକ୍ଷେପ ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସୂଚନା ଅନୁଯାୟୀ, ଗୁରୁବାର ସକାଳେ ଏମକେସିଜି କାଜୁଆଲଟି ସମ୍ମୁଖରେ ୱାଟକୋ ପକ୍ଷରୁ ନୂଆ ପାଣି ପାଇପ୍ ବିଛାଇବା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୁରୁଣା ପାଇପ୍‌ରେ ସମସ୍ୟା ଥିବାରୁ ତାହାକୁ ପରିବର୍ତ୍ତନ କରିବା ଲାଗି ରାସ୍ତା ଖୋଳାଯାଇଥିଲା। ତେବେ କାଜୁଆଲଟି ନିକଟରେ ରାସ୍ତା ପୂର୍ବରୁ ସଂକୀର୍ଣ୍ଣ ଥିବାବେଳେ ଖନନ କାର୍ଯ୍ୟ ଯୋଗୁଁ ଯାତାୟାତ ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ଠପ୍ ହୋଇଯାଇଥିଲା। ଫଳରେ ଉଭୟ ପାଶ୍ୱର୍ରେ ଗାଡ଼ି ଅଟକି ରହିବା ସହ ଦୀର୍ଘ ସମୟ ଧରି ଟ୍ରାଫିକ୍ ଜାମ୍ ସୃଷ୍ଟି ହୋଇଥିଲା। ଟ୍ରାଫିପରେ ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ମଧ୍ୟ ଅଟକି ରହିଥିବା ବେଳେ ପୁଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା। ଜରୁରୀ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କ ସମେତ ଅନ୍ୟମାନେ ମଧ୍ୟ ଦୁର୍ଦ୍ଦଶା ଭୋଗିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଏମକେସିଜି ମେଡ଼ିକାଲ ରେଜିଷ୍ଟ୍ରାର ଡ. ଶ୍ୱେତ କୁମାର ଦାଶ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ୍ ନିୟନ୍ତ୍ରଣର ତଦାରଖ କରିଥିଲେ। ଏଥିସହ ସକାଳ ସମୟରେ ମେଡିକାଲରେ ରୋଗୀଙ୍କ ଭିଡ଼ ଅଧିକ ରହୁଥିବା ଏବଂ ଏହା ଏକ ପ୍ରମୁଖ ଯାତାୟାତ ରାସ୍ତା ହୋଇଥିବାରୁ ଆଗକୁ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ରାତିରେ କରିବାକୁ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ପାଣି ପାଇପ୍‌ରେ ସମସ୍ୟା ଥିବା ଜଣାପଡ଼ିବା ପରେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ସକାଳେ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମାତ୍ର ଆକଳନ ଅନୁସାରେ କାମ ଶେଷ ହୋଇ ନପାରିବାରୁ ଏଭଳି ସମସ୍ୟା ଉପୁଜିଥି ବିଭାଗର କନିଷ୍ଠ ଯନ୍ତ୍ରୀ ଇତିଶ୍ରୀ ପାଣିଗ୍ରାହୀ କହିଛନ୍ତି। ଆଗାମୀ ଦିନରେ ଏ ଦିଗ ପ୍ରତି ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି।

ଘରେ ପଶି ୩ ଲକ୍ଷ ଟଙ୍କା ସହ ସୁନା ଗହଣା ଗାଏବ

ବ୍ରହ୍ମପୁର,୫।୧୧(ସମିସ): ବଡ଼ବଜାର ଥାନା ଫାଷ୍ଟ ଗେଟ୍ ଦୁଦୁମା କଲୋନୀ ମାହୁରା କାଳୁଆ ସାହିରେ ବଡ଼ଧରଣର ଚୋରି ହୋଇଛି। ଘରେ କେହି ନଥିବା ସୁଯୋଗରେ ଦୁର୍ବୃତ୍ତ ଘରେ ପଶି ନଗଦ ୩ଲକ୍ଷ ଟଙ୍କା ସହ ୩ଲକ୍ଷ ଟଙ୍କା ମୂଲ୍ୟର ସୁନା ଗହଣା ଚୋରି କରି ନେଇଥିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ମାହୁରା କାଳୁଆ ସାହିରେ ରହୁଥିବା ପ୍ରେମ ବେହେରା (୨୨)ଙ୍କ ଘରେ ଗତ ୩ ତାରିଖ ରାତି ୨ଟାରୁ ୩ଟା ମଧ୍ୟରେ ଅଜଣା ବ୍ୟକ୍ତି ଘରେ ପଶି ଗୋଟିଏ ସୁନା ହାର, ଗୋଟିଏ ହଳ ସୁନା ମୁଦି ଏବଂ ନଗଦ ୩ ଲକ୍ଷ ଟଙ୍କା ଚୋରି କରି ନେଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ପଡ଼ୋଶୀଙ୍କ ଉପରେ ସନ୍ଦେହ କରି ଥାନାରେ ହୋଇଛି। ଅଭିଯୋଗକୁ ଆଧାର ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି।

ଚୋରି ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୫।୧୧(ସମିସ): ବ୍ରହ୍ମପୁର ରେଳ ଷ୍ଟେସନରେ ଆର୍‌ପିଏଫ୍ ପାଟ୍ରୋଲିଂ ସମୟରେ ଜଣେ ସନ୍ଦିଗ୍ଧ ଚୋରକୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ଚୋରି ହୋଇଥିବା ମୋବାଇଲ୍ ଫୋନ୍ ଓ ମନିପର୍ସ ସମେତ ବିଭିନ୍ନ ପରିଚୟପତ୍ର ଉଦ୍ଧାର କରାଯାଇଛି। ସୂଚନାଯୋଗ୍ୟ ଯେ, ଗୁରୁବାର ରାତି ପ୍ରାୟ ୩ଟା ସମୟରେ ବ୍ରହ୍ମପୁର ରେଳ ଷ୍ଟେସନର ପ୍ଲାଟଫର୍ମ ନଂ-୧ରେ ଆର୍‌ପିଏଫ୍ ପକ୍ଷରୁ ପାଟ୍ରୋଲିଂ ଚାଲିଥିଲା। ଏହି ସମୟରେ ଟ୍ରେନ୍ ନଂ-୨୨୫୦୩ରେ ଯାତ୍ରୀମାନେ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଧରିଥିଲେ। ପାଟ୍ରୋଲିଂରେ ଥିବା ଆର୍‌ପିଏଫ୍ ହାବିଲଦାର ଅରୁଣ କୁମାର ରଣା ତାଙ୍କୁ ନିଜ ହେପାଜତକୁ ନେଇ ଜିଆର୍‌ପି ଥାନାରେ ହସ୍ତାନ୍ତର କରିଥିଲେ। ଧରାପଡ଼ିଥିବା ବ୍ୟକ୍ତି ଜଣକ ହେଲେ ଛତିଶଗଡ଼ର ମହାସମୁନ୍ଦ ଅଞ୍ଚଳର ଏସ୍.କେ. ସେବାକ (୨୬)। ତାଙ୍କ ନିକଟରୁ ଚୋରି ହୋଇଥିବା ଏକ ମୋବାଇଲ୍ ଫୋନ୍ ଓ ମନିପର୍ସ ସହ ଡ୍ରାଇଭିଂ ଲାଇସେନ୍ସ, ଭୋଟର କାର୍ଡ, ପାନ୍ କାର୍ଡ ଏବଂ ଏଟିଏମ୍ କାର୍ଡ ଆଦି ଜବତ କରାଯାଇଛି। ବ୍ରହ୍ମପୁର ଜିଆର୍‌ପି ଥାନାରେ କେସ୍ ନଂ-୧୪୫/୨୬ ରୁଜୁ ହୋଇଛି। ପୋଲିସ ଆଇନ ଅନୁଯାୟୀ ମାମଲାର ତଦନ୍ତ ଜାରି ରଖିଛି।

ଦୁଃଖ ଦେଲା ବାତ୍ୟା 'ଅର୍ଣ୍ଣବ'

ଜିଲ୍ଲାରେ ୧ ଲକ୍ଷ ୪୨ ହଜାର ୯୪୧ ପଶୁପକ୍ଷୀଙ୍କ ମୃତ

ବ୍ରହ୍ମପୁର,୫।୧୧(ସମିସ)

- ପ୍ରାଣ ହାରିଲେ ଏକ ହଜାର ଗୃହପାଳିତ ପଶୁ

ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ଚାଷୀର ଫସଲ ଓ ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମୀ ନଷ୍ଟ ହୋଇଥିବା ବେଳେ ବ୍ୟାପକ ପଶୁପକ୍ଷୀଙ୍କ ମୃତ୍ୟୁ ଘଟିଛି। ଜିଲ୍ଲା ପଶୁ ସମ୍ପଦ ବିଭାଗର ରିପୋର୍ଟ ଅନୁଯାୟୀ, ବାତ୍ୟାରେ ମୋଟ ୧ ଲକ୍ଷ ୪୨ ହଜାର ୯୪୧ଟି ପଶୁପକ୍ଷୀଙ୍କ ମୃତ୍ୟୁ ହୋଇଛି। ଏଥିରେ ସର୍ବାଧିକ ୧ ଲକ୍ଷ ୪୧ ହଜାର ୯୨୩ଟି କୁକୁଡ଼ା ରହିଛନ୍ତି। ରିପୋର୍ଟ ଅନୁଯାୟୀ, ବାତ୍ୟାରେ ୧୫୮ଟି ଗାଈ ଓ ମଇଁଷି, ୧୨୦ଟି ବାଛୁରୀ, ୩ଟି ବଳଦ, ୧୭୫ଟି ମେଣ୍ଢା, ୫୪୭ଟି ଛେଳି ଓ ୧୫ଟି ଘୁଷୁରିଙ୍କ ମୃତ୍ୟୁ ହୋଇଛି। ପଶୁପକ୍ଷୀଙ୍କ ଏହି ମୃତ୍ୟୁ ଯୋଗୁଁ ଚାଷୀ ଓ ପଶୁପାଳକଙ୍କ ବ୍ୟାପକ କ୍ଷତି ହୋଇଥିବା ବେଳେ ପଶୁପ୍ରେମୀଙ୍କ ମନରେ ଆଘାତ ଦେଇଛି। ବାତ୍ୟା ପରବର୍ତ୍ତୀ ସମୟରେ ପଶୁପକ୍ଷୀଙ୍କ ଚିକିତ୍ସା ଓ ରୋଗ ନିୟନ୍ତ୍ରଣ ପାଇଁ ପଶୁ ସମ୍ପଦ ବିଭାଗ ପକ୍ଷରୁ ୨୩ଟି ରାପିଡ୍ ରେସପନ୍ସ ଟିମ୍ (ଆରଆରଟି) ନିୟୋଜିତ ହୋଇଛନ୍ତି। ଏହି ଟିମ୍‌ଗୁଡ଼ିକ ଦ୍ୱାରା ଜିଲ୍ଲାରେ ୧୮୮ଟି ପଶୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ୧୭ ହଜାର ୧୯୭ଟି ପଶୁଙ୍କ ଚିକିତ୍ସା କରାଯାଇଛି।

ସେହିପରି ବାତ୍ୟା ପ୍ରଭାବିତ ଅଞ୍ଚଳରେ ପଶୁପକ୍ଷୀଙ୍କ ଖାଦ୍ୟ ଅଭାବ ଦୂର କରିବା ପାଇଁ ବିଭାଗ ପକ୍ଷରୁ ପଶୁଖାଦ୍ୟ ବଣ୍ଟନ କରାଯାଇଛି।

ରିପୋର୍ଟ ଅନୁଯାୟୀ, ୫୬୦.୨ ମେଟ୍ରିକ୍ ଟନ୍ ପଶୁଖାଦ୍ୟ ପାଇଁ ଆବଶ୍ୟକତା ଥିବାବେଳେ ୩୮୯.୧ ମେଟ୍ରିକ୍ ଟନ୍ ଖାଦ୍ୟ ମିଳିଛି। ଏଥିରୁ ୩୧୪.୩୫ ମେଟ୍ରିକ୍ ଟନ୍ ପଶୁଖାଦ୍ୟ ବଣ୍ଟନ କରାଯାଇଛି। ବାତ୍ୟାରେ ପଶୁପକ୍ଷୀଙ୍କ ବ୍ୟାପକ ମୃତ୍ୟୁ ଜିଲ୍ଲାର ପଶୁପାଳନ କ୍ଷେତ୍ରକୁ ଗୁରୁତର ପ୍ରଭାବିତ କରିଥିବାବେଳେ କ୍ଷତିଗ୍ରସ୍ତ ପଶୁପାଳକଙ୍କୁ ସହାୟତା ଓ ପଶୁଖାଦ୍ୟ ଯୋଗାଣ ଜାରି ରଖିବା ଏବେ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

ପୂର୍ବତନ ଜିଲ୍ଲା ପରିଷଦଙ୍କ ଦାବି

'ଅର୍ଣ୍ଣବ' ବିପନ୍ନଙ୍କ ରିଲିଫ୍ ପରିସର ବଢ଼ାଅ

ବ୍ରହ୍ମପୁର,୫।୧୧(ସମିସ)

ବାତ୍ୟା 'ଅର୍ଣ୍ଣବ' ଓ ପରବର୍ତ୍ତୀ ବନ୍ୟାରେ ଗଞ୍ଜାମ ଜିଲ୍ଲାର ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ହେଲେ ସରକାରୀ ରିଲିଫ୍ ତାଲିକାରେ ସମସ୍ତ ପ୍ରକୃତ କ୍ଷତିଗ୍ରସ୍ତ ପରିବାର ସ୍ଥାନ ପାଇଛନ୍ତି ତ? ବିପର୍ଯ୍ୟୟର ଗମ୍ଭୀରତା ଆକଳନ କେବଳ ଅତି ପ୍ରଭାବିତ ଅଞ୍ଚଳକୁ ନେଇ ହେବ ନା ଜୀବିକା ହରାଇଥିବା ପ୍ରତ୍ୟେକ ପରିବାରକୁ ମଧ୍ୟ ବିଚାରକୁ ନିଆଯିବ? ଏଭଳି ପ୍ରଶ୍ନ ଉଠାଇ ରିଲିଫ୍ ସହାୟତାର ପୁନଃଆକଳନ ଓ ପରିସର ବୃଦ୍ଧି ପାଇଁ ୫ୱାର୍ଡ ଜୋନ୍‌ର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଏନ ଡମ୍ବୁରୁ ରେଡ଼ି ଦାବି କହିଛନ୍ତି। ଏନେଇ ସେ ପ୍ରଶାସର ଦୃଷ୍ଟି ଆକର୍ଷଣ ମଧ୍ୟ କରିଛନ୍ତି। ଶ୍ରୀ ରେଡ଼ି କହିଛନ୍ତି ଯେ, ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ଅନୁସାରେ, ବାତ୍ୟା ଅର୍ଣ୍ଣବ ଓ ପରବର୍ତ୍ତୀ ବନ୍ୟାରେ ପ୍ରଭାବିତ ଗଞ୍ଜାମର ୪ ଲକ୍ଷ ୨୯ ହଜାର ୭୮୨ ପରିବାରକୁ ରାଜ୍ୟ ସରକାର ରିଲିଫ୍ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରାଯାଇଥିବା ବେଳେ ସହାୟତା ପାଇବାକୁ ଯୋଗ୍ୟ ପରିବାରଙ୍କ ସଂଖ୍ୟା ଓ କ୍ଷୟକ୍ଷତିର ପ୍ରକୃତ ଚିତ୍ରକୁ ଆହୁରି ବ୍ୟାପକ ଭାବେ ଆକଳନ କରିବାକୁ ଦାବି ହୋଇଛି। ଏନେଇ ସରକାରଙ୍କ ନିକଟରେ ଏକ ନିବେଦନ ରଖାଯାଇଛି।

ନିବେଦନରେ ଦର୍ଶାଯାଇଛି ଯେ, ଜିଲ୍ଲାର କେତେକ ବ୍ଲକ୍ ଓ ପଞ୍ଚାୟତ ଅତ୍ୟଧିକ ପ୍ରଭାବିତ ହୋଇଥିବା ବେଳେ ଅନ୍ୟ ବ୍ଲକ୍‌ର ଅନେକ ଗାଁ ମଧ୍ୟ ବିଭିନ୍ନ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। କିନ୍ତୁ ଅଞ୍ଚଳର ବିପର୍ଯ୍ୟୟ ଗମ୍ଭୀରତାକୁ ଆଧାର କରି ରିଲିଫ୍ ବଣ୍ଟନ କରାଗଲେ ଅନେକ ପ୍ରକୃତ କ୍ଷତିଗ୍ରସ୍ତ ପରିବାର ସହାୟତାରୁ ବାଦ୍ ପଡ଼ିବା ଆଶଙ୍କା ରହିଛି। ତେଣୁ କେଉଁ ଅଞ୍ଚଳ କେତେ ପ୍ରଭାବିତ ହୋଇଛି, ତାହା ସହିତ ପରିବାରର ଆର୍ଥିକ କ୍ଷତି ଓ ଜୀବିକା ଉପରେ ପଡ଼ିଥିବା ପ୍ରଭାବକୁ ମଧ୍ୟ ମାନଦଣ୍ଡ କରିବାକୁ ଦାବି ହୋଇଛି। ବାତ୍ୟା ଓ ବନ୍ୟା ପରେ ପ୍ରାୟ ୧୦ଦିନ ଧରି ଲାଗି ରହିଥିବା ଖରାପ ପାଗ ଲୋକଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇଥିଲା। ପରବର୍ତ୍ତୀ 'ମୁରାସୁ' ଝଡ଼ର ପ୍ରଭାବ ମଧ୍ୟ ଏହି ସ୍ଥିତିକୁ ଜଟିଳ କରିଥିଲା। ଏହାର ସିଧାସଳଖ ପ୍ରଭାବ ଦୈନିକ ମଜୁରିଆ, କୃଷି ଶ୍ରମିକ, ଛୋଟ ବ୍ୟବସାୟୀ ଓ ଅଟୋ ଏବଂ ସାଇକେଲ ରିକ୍ସା ଚାଳକଙ୍କ ରୋଜଗାର ଉପରେ ପଡ଼ିଥିଲା। କାମଧନ୍ଦା ବନ୍ଦ ରହିବାରୁ ଅନେକ ପରିବାରର ଦୈନିକ ଆୟ ଠପ୍ ହୋଇଯାଇଥିଲା। ଏଭଳି ଲୋକଙ୍କ କ୍ଷତି କେବଳ ଘର କିମ୍ବା ଫସଲ ନଷ୍ଟ ହେବାର ମାପଦଣ୍ଡରେ ଆକଳନ କରିବା ସମ୍ଭବ ନୁହେଁ। ସେହିପରି କୃଷି କ୍ଷେତ୍ରରେ ବ୍ୟାପକ କ୍ଷତି ଚାଷୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ବନ୍ୟାଜଳ ଓ ଲଗାତାର ବର୍ଷା ଯୋଗୁଁ ଚାଷଜମି ପ୍ରଭାବିତ ହେବା ସହ ଅନେକ ଅଞ୍ଚଳରେ କୃଷି କାର୍ଯ୍ୟ ସ୍ୱାଭାବିକ ହୋଇପାରିନାହିଁ। ଏହାର ପ୍ରଭାବ କେବଳ ଚାଷୀଙ୍କ ମଧ୍ୟରେ ସୀମିତ ନାହିଁ। କୃଷି ଉପରେ ନିର୍ଭରଶୀଳ ଶ୍ରମିକ, କୃଷି ସାମଗ୍ରୀ ବ୍ୟବସାୟୀ ଓ ଅନ୍ୟାନ୍ୟ ବର୍ଗର ଲୋକେ ମଧ୍ୟ ରୋଜଗାର ହରାଇଛନ୍ତି। ତେଣୁ ପ୍ରତ୍ୟେକ ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ପୁନଃ କ୍ଷୟକ୍ଷତି ଆକଳନ କରିବା, ବାଦ୍ ପଡ଼ିଥିବା ପ୍ରକୃତ ବିପନ୍ନ ପରିବାରକୁ ଚିହ୍ନଟ କରିବା ଏବଂ ଜୀବିକା ହରାଇଥିବା ଲୋକଙ୍କୁ ମଧ୍ୟ ରିଲିଫ୍ ପରିସରଭୁକ୍ତ କରିବାକୁ ନିବେଦନରେ ଅନୁରୋଧ କରାଯାଇଛି।





ଶ୍ରୀକ୍ଷେତ୍ର ସିଟି

୫/୧୧/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ.୩,୩୦,୨୪୦/- ସୁନା:୦୧.୨୦୦ ଗ୍ରାମ୍ ରୁପା: ୧୭.୨୦୦ ଗ୍ରାମ୍



ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଜନସମସ୍ୟାର ସମାଧାନ ଦାବିରେ ରାସ୍ତାରେ ବସିଲେ କର୍ମୀ




ପୁରୀ, ୫।୧୧ (ସମିସ): ପୁରୀ ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଟାଉନ୍ ହଲ୍‌ଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ପୁରୀ ମହାନଗର ନିଗମ (ପିଏମ୍‌ସି) କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ରାସ୍ତାରେ ବସି ପ୍ରତିବାଦ ଜଣାଇଥିଲେ। ମହାନଗର ନିଗମର କାର୍ଯ୍ୟଶୈଳୀ ଓ ସହରର ବିଭିନ୍ନ ସମସ୍ୟା ପ୍ରତି ପ୍ରଶାସନର ଉଦାସିନତାକୁ ନେଇ ଦଳ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଥିଲା। ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ବିଜେଡିର ବରିଷ୍ଠ ନେତୃବୃନ୍ଦ, ନଗର ଓ ସଦର ସଭାପତି, ଛାତ୍ର ସଭାପତି, ଜିଲ୍ଲା ପଦାଧିକାରୀ, ଯୁବ ଓ ଛାତ୍ର ନେତା, ମହିଳା ନେତ୍ରୀଙ୍କ ସମେତ ଶହ ଶହ କର୍ମୀ ଓ ଶୁଭେଚ୍ଛୁ ସାମିଲ୍ ହୋଇଥିଲେ।

ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ, ପୁରୀ ମହାନଗର ନିଗମ ଗଠନ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମହାନଗର ନିଗମ ପରିଷଦର ପୁନର୍ଗଠନ ହୋଇନାହିଁ। ଫଳରେ ନିଗମର ସମ୍ପୂର୍ଣ୍ଣ କ୍ଷମତା କମିସନରଙ୍କ ଅଧୀନରେ ରହିଛି। ଏହାଦ୍ୱାରା ସ୍ଥାନୀୟ ଜନପ୍ରତିନିଧିଙ୍କ ମାଧ୍ୟମରେ ଲୋକଙ୍କ ସମସ୍ୟା ଉପସ୍ଥାପନ ଓ ସମାଧାନ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଥିବା ଦଳ ଅଭିଯୋଗ କରିଛି। ସେହିପରି ସହରର ସାମଗ୍ରିକ ବିକାଶ ପାଇଁ ଆକ୍ସନ ପ୍ଲାନ୍‌ରେ କୋଟି କୋଟି ଟଙ୍କା ମଞ୍ଜୁର ହୋଇ ମହାନଗର ନିଗମକୁ ହସ୍ତାନ୍ତର ହୋଇଥିଲେ ମଧ୍ୟ ତାହାର ସଠିକ୍ ବିନିଯୋଗ ହେଉନାହିଁ। ଅର୍ଥ ପଡ଼ିରହିଥିବା ବେଳେ ସହରବାସୀ ରାସ୍ତାଘାଟ, ପରିମଳ, ଡ୍ରେନେଜ୍ ଓ ଅନ୍ୟାନ୍ୟ ମୌଳିକ ସମସ୍ୟାରେ ହନ୍ତସନ୍ତ ହେଉଛନ୍ତି। ଏଥିସହିତ କ୍ଷୁଦ୍ର ବ୍ୟବସାୟୀ, ଉଠାଦୋକାନୀ ଓ ଚୁଲା ବିକାଳିଙ୍କ ପାଇଁ ଯଥାଶୀଘ୍ର ଭେଣ୍ଡିଂଜୋନ୍ ନିର୍ମାଣ, ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ ପୂର୍ବରୁ ଉପଯୁକ୍ତ ଥଇଥାନ ବ୍ୟବସ୍ଥା କରିବା ସହ ପୁରୀ ନିକଟବର୍ତ୍ତୀ ୬ଟି ଗ୍ରାମପଞ୍ଚାୟତ ମହାନଗର ନିଗମରେ ସାମିଲ୍ ହେବା ପରେ ସେଠାକାର ଲୋକଙ୍କୁ ମଧ୍ୟ ସହରାଞ୍ଚଳର ସମସ୍ତ ମୌଳିକ ସୁବିଧା ଓ ସେବା ଯୋଗାଇଦେବାକୁ ଦଳ ଦାବି କରିଥିଲା।

୩ ମାସର ମହଲତ ଦେଇ ପିଏମ୍‌ସି କାନ୍ଥରେ ଲଗାଇଲେ ନୋଟିସ୍

ପଦଯାତ୍ରା ପରେ ଏହି ସମସ୍ତ ଦାବି ସମ୍ବଳିତ ଏକ ସ୍ମାରକପତ୍ର ମହାନଗର ନିଗମ କମିସନରଙ୍କୁ ପ୍ରଦାନ କରିବାକୁ ଉଦ୍ୟମ କରାଯାଇଥିଲା। ତେବେ କମିସନର କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ ମଧ୍ୟ ସ୍ମାରକପତ୍ର ଗ୍ରହଣ କରିବାକୁ ଆସି ନ ଥିବା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଶେଷରେ ଆଗାମୀ ୩ ମାସ ମଧ୍ୟରେ ସହରର ଏହି ସମସ୍ତ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଦାବି ଜଣାଇ ବିଜେଡି କର୍ମୀମାନେ ପିଏମ୍‌ସି କାନ୍ଥରେ ନୋଟିସ୍ ଲଗାଇଥିଲେ।

ନୃତ୍ୟ ପରିବେଷଣ ପରେ ଆଖି ବୁଜିଲେ ଯୁବ ନୃତ୍ୟଶିଳ୍ପୀ ପ୍ରଶାନ୍ତ



ପୁରୀ, ୫।୧୧(ସମିସ): ମଞ୍ଚରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ହେଲେ କିଏ ଜାଣିଥିଲା ଏହା ହେବ ତାଙ୍କ ଜୀବନର ଶେଷ ନୃତ୍ୟ ପରିବେଷଣ। ନୃତ୍ୟ ଶେଷ କରି ଗ୍ରୀନ୍ ରୁମ୍‌କୁ ଫେରିବା ପରେ ହଠାତ୍ ଅସୁସ୍ଥ ହୋଇପଡ଼ିଲେ ଯୁବ ନୃତ୍ୟଶିଳ୍ପୀ। ଚିକିତ୍ସା ପାଇଁ ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଜୀବନ ବଞ୍ଚାଇବା ସମ୍ଭବ ହୋଇ ନ ଥିଲା। ମୃତ ନୃତ୍ୟଶିଳ୍ପୀ ହେଉଛନ୍ତି କଣାସ ବ୍ଲକ୍ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ତିଗିରିଆ ଗ୍ରାମର ପ୍ରଶାନ୍ତ କୁମାର ସାହୁ। ବୁଧବାର ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପ୍ରେକ୍ଷାଳୟରେ ସେ ନୃତ୍ୟ ପରିବେଷଣ କରୁଥିଲେ। ନୃତ୍ୟ ପ୍ରଦର୍ଶନ ଶେଷ କରି ଗ୍ରୀନ୍ ରୁମ୍‌କୁ ଆସିବା ପରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତତ୍‌କ୍ଷଣାତ୍ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁବାର ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ମହାରଣାଙ୍କ ସମେତ ବହୁ କଳାକାରଙ୍କ ଉପସ୍ଥିତିରେ ସ୍ୱର୍ଗଦ୍ୱାରରେ ପ୍ରଶାନ୍ତଙ୍କ ଶବ ସତ୍କାର କରାଯାଇଥିଲା। ପ୍ରଶାନ୍ତ ଜଣେ ନିଷ୍ଠାପର ଓ ସାଧନାରତ ନୃତ୍ୟଶିଳ୍ପୀ ଭାବେ କଳାଜଗତରେ ନିଜର ପରିଚୟ ସୃଷ୍ଟି କରିଥିଲେ। କୋଣାର୍କ ନାଟ୍ୟମଣ୍ଡପରୁ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ମାର୍ଗଦର୍ଶନରେ ସେ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ଦୀର୍ଘଦିନର ଅଧବସାୟ, ନିଷ୍ଠା ଓ ସାଧନା ବଳରେ ସେ ଓଡ଼ିଶା ସମେତ ରାଜ୍ୟ ବାହାରେ ମଧ୍ୟ ନିଜର ନୃତ୍ୟକଳା ପ୍ରଦର୍ଶନ କରି ସୁନାମ ଅର୍ଜନ କରିଥିଲେ। ଜଣେ ପ୍ରତିଭାବାନ ଯୁବ କଳାକାରଙ୍କ ଏଭଳି ଅକାଳ ବିୟୋଗରେ କଳାଜଗତ ଏକ ଦକ୍ଷ ପ୍ରତିଭାଙ୍କୁ ହରାଇଲା ବୋଲି କଳାକାର ମହଲରେ ମତ ପ୍ରକାଶ ପାଇଛି।

ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍; ୩ ଗିରଫ

ପୁରୀ, ୫।୧୧(ସମିସ)

ପେଣ୍ଠକଟା ମେରାଇନ୍ ଥାନା ଅଞ୍ଚଳରେ ଘରେ ପଶି ସୁନା ଅଳଙ୍କାର ଓ ଟଙ୍କା ଲୁଟ୍ ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଉରା ଗ୍ରାମର ରିତେଶ ରଞ୍ଜନ ଲେଙ୍କା ଓରଫ ରାଜା (୧୯), ପୁରୀ ଟାଉନ୍ ଥାନା ଅନ୍ତର୍ଗତ ପଥୁରିଆ ସାହିର ଆଲୋକ ସାହୁ (୨୯) ଏବଂ ଲକ୍ଷ୍ମୀଧର ସାହୁ (୫୫)।

ପୁଲିସ ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୩୧ ତାରିଖ ରାତିରେ ତୋଟାବେହେରା ସାହିର ବାସନ୍ତୀ ବେହେରା (୬୩) ଓ ତାଙ୍କ ସ୍ୱାମୀ ଖାଇପିଇ ଶୋଇଥିବା ସମୟରେ ଅଭିଯୁକ୍ତ ରିତେଶ ଘରର ପଛପଟ କବାଟ ତାଲାକୁ ହାତୁଡ଼ିରେ ଭାଙ୍ଗି ଘର ଭିତରକୁ ପ୍ରବେଶ କରିଥିଲା। ପରେ ଘର ମାଲିକଙ୍କୁ ବାହାର ପଟୁ ତାଲା ପକାଇ ଘରୁ ସୁନାଚେନ୍, ୧୫ଟି ସୁନା ମୁଦି, ୩ ହଳ ସୁନା କାନଫୁଲ, ଗୋଟିଏ ସୁନା ବ୍ରେସ୍‌ଲେଟ୍, ୧୫ ହଜାର ଟଙ୍କା, ଗୋଟିଏ ମୋବାଇଲ୍ ଓ ୩ ହଳ ନୂଆ ପ୍ୟାଣ୍ଟସାର୍ଟ ଚୋରି କରି ନେଇଥିଲା। ଏନେଇ ପେଣ୍ଠକଟା ମେରାଇନ୍ ଥାନାରେ ମାମଲା ରୁଜୁ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ନିକଟସ୍ଥ ଏକ ଦୋକାନ ଓ ସଂସ୍କାର ନିଶାମୁକ୍ତି କେନ୍ଦ୍ରର ସିସିଟିଭି ଫୁଟେଜ୍ ଯାଞ୍ଚ କରି ମୁଖ୍ୟ ଅଭିଯୁକ୍ତକୁ ଚିହ୍ନଟ କରାଯାଇଥିଲା। ଗୁରୁବାର ବାଇଦାସ ନଗରରୁ ରିତେଶକୁ ଗିରଫ କରାଯାଇଥିଲା। ଅଭିଯୁକ୍ତର ସୂଚନା ଆଧାରରେ ଲବଣିଖିଆ ଛକସ୍ଥିତ ଲକ୍ଷ୍ମୀପ୍ରଭା ଜୁଏଲର୍ସରୁ ଚୋରି ସୁନାଚେନ୍ ଓ ଦୁଇଟି ମୁଦି ଉଦ୍ଧାର କରାଯାଇଥିଲା। ଏହି ଚୋରି ସୁନା କିଣିବା ଓ ଗ୍ରହଣ କରିବା ଅଭିଯୋଗରେ ଆଲୋକ ସାହୁ ଓ ଲକ୍ଷ୍ମୀଧର ସାହୁଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ତରଳାଯାଇଥିବା ସୁନା ଓ ଆଂଶିକ ପ୍ରସ୍ତୁତ ତିନୋଟି ସୁନା ବଳା ଜବତ ହୋଇଛି।

ଏଥିସହ ମୁଖ୍ୟ ଅଭିଯୁକ୍ତର ସୂଚନା ଅନୁସାରେ ବାଇଦାସ ନଗରର ଏକ ନିର୍ମାଣାଧୀନ ଘରୁ ଚୋରି ସାମଗ୍ରୀ ଓ ଅପରାଧରେ ବ୍ୟବହୃତ ଲୁହା ହାତୁଡ଼ି ଜବତ କରାଯାଇଛି। ପୁଲିସ ଜବତ କରିଥିବା ସାମଗ୍ରୀ ମଧ୍ୟରେ ୧୨ଟି ସୁନା ମୁଦି, ଗୋଟିଏ ସିମେଣ୍ଟ ରଙ୍ଗର ବ୍ୟାଗ୍, ଦୁଇ ହଳ ପ୍ୟାଣ୍ଟ-ସାର୍ଟ ଓ ଗୋଟିଏ ମୋବାଇଲ୍ ରହିଛି। ଏହାସହ ଗ୍ରହଣକାରୀଙ୍କ ନିକଟରୁ ତରଳା ସୁନା, ତିନୋଟି ସୁନା ବଳା ଓ ୩,୪୪୦ ଟଙ୍କା ନଗଦ ଜବତ ହୋଇଛି। ଗିରଫ ୩ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ରେ 'ଦୀକ୍ଷାରମ୍ଭ'

ଚିକିତ୍ସା ବ୍ୟବସ୍ଥାରେ ନର୍ସିଂ ଛାତ୍ରଛାତ୍ରୀ ହେଉଛନ୍ତି ମେରୁଦଣ୍ଡ



ପୁରୀ, ୫।୧୧ (ସମିସ): ବାଲିଗୁଆଳିସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ 'ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ'ରେ ନୂତନ ଶିକ୍ଷାବର୍ଷର ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ 'ଦୀକ୍ଷାରମ୍ଭ' ଅନୁଷ୍ଠିତ ହୋଇଯାଇଛି। ନୂତନ ଶିକ୍ଷାର୍ଥୀମାନଙ୍କୁ କ୍ୟାମ୍ପସ୍ ଜୀବନ, ଶିକ୍ଷାଗତ ଶୃଙ୍ଖଳା ଏବଂ ଭବିଷ୍ୟତର ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଅନୁଷ୍ଠାନର ସହ ନିର୍ଦ୍ଦେଶିକା ମଧୁସ୍ମିତା ରଥ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରି କହିଥିଲେ ଯେ, ସମଗ୍ର ଚିକିତ୍ସା ବ୍ୟବସ୍ଥାରେ ନର୍ସିଂ ଛାତ୍ରଛାତ୍ରୀମାନେ ହେଉଛନ୍ତି ମେରୁଦଣ୍ଡ। ନିଃସ୍ୱାର୍ଥପର ସେବା ଓ ତ୍ୟାଗ ହିଁ ଏହି ବୃତ୍ତିର ପ୍ରକୃତ ପରିଚୟ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରିୟଙ୍କା ଦେବୀ କଲେଜ ଅଫ୍ ନର୍ସିଂର ଅଧ୍ୟକ୍ଷା କମଳା ପଣ୍ଡା ନର୍ସିଂ ବୃତ୍ତିରେ ନୈତିକ ମୂଲ୍ୟବୋଧ ଏବଂ ଗଭୀର ବୈଷୟିକ ଜ୍ଞାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ରୋଗୀସେବା କ୍ଷେତ୍ରରେ ସହାନୁଭୂତି, ଧୈର୍ଯ୍ୟ ଓ ଉଚ୍ଚକୋଟିର ଜ୍ଞାନ ହିଁ ଜଣେ ଆଦର୍ଶ ନର୍ସଙ୍କ ପ୍ରକୃତ ପରିଚୟ ବୋଲି ସେ ପ୍ରକାଶ କରିଥିଲେ। ଅଧ୍ୟକ୍ଷା ପାର୍ବତୀ ପରିଡ଼ା ସିନିୟର ଓ ଜୁନିୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ, ପାରସ୍ପରିକ ସମ୍ମାନ ଏବଂ ଭ୍ରାତୃଭାବ ହିଁ କଲେଜରେ ଏକ ସୁସ୍ଥ ତଥା ଶାନ୍ତିପୂର୍ଣ୍ଣ ଶିକ୍ଷାଗତ ପରିବେଶ ସୃଷ୍ଟି କରିଥାଏ। ପରସ୍ପରକୁ ସହଯୋଗ କରି ଏକ ପରିବାର ଭଳି ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ପ୍ରଶାସନିକ ପରାମର୍ଶଦାତା କୁମୁଦଚନ୍ଦ୍ର ଶତପଥୀ ଛାତ୍ରଛାତ୍ରୀଙ୍କ ପାଠ ସହ କ୍ରୀଡ଼ା, କଳା, ସଂସ୍କୃତିର ଦକ୍ଷତାବୃଦ୍ଧି ସହ ପାଠପଢ଼ା ପରେ ନିଯୁକ୍ତି ସମ୍ଭାବନା ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ କାଳୀପ୍ରସନ୍ନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାବେଶରେ ବରିଷ୍ଠ ଛାତ୍ରଛାତ୍ରୀମାନେ ନବାଗତ ଜୁନିୟରମାନଙ୍କୁ ସ୍ୱାଗତ କରିବା ପାଇଁ ଆକର୍ଷଣୀୟ ସ୍ୱାଗତ ନୃତ୍ୟ ତଥା ବିବିଧ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଚିତା ସାହୁ, ସୋନାଲୀ ପ୍ରଧାନ, ଆଶିଷ କୁମାର ସାଥୁଆ, ରାକେଶ ପାଣିଗ୍ରାହୀ, ଆଲୋକ ବେହେରା, କଳ୍ପନା ବହିରା, ଚିନ୍ମୟୀ ସାମନ୍ତରାୟ, ଲକ୍ଷ୍ମୀ ନାୟକ, ବିଶ୍ୱ ପ୍ରସାଦ ଗାଙ୍ଗୁଲୀ ପ୍ରମୁଖ ପରିଚାଳନା କରିଥିଲେ।





ଭଦ୍ରକରେ ସାଇବର ଠକେଇର ବଡ଼ ନେଟ୍‌ୱର୍କ ଠାବ

ଜାଲ୍ କାଗଜପତ୍ରରେ ସିମ୍ ସକ୍ରିୟ; ବିଦେଶକୁ ଯୋଗାଣ ଅଭିଯୋଗ

ଭଦ୍ରକ,୫।୧୧(ସମିସ)

■ ୧.୭୩ ଲକ୍ଷ ଟଙ୍କା ସହ ବହୁ ସାମଗ୍ରୀ ଜବତ
■ ୧୩୩୩ ସିମ୍ କାର୍ଡ ଜବତ, ଜଣେ ଯୁବକ ଗିରଫ



ସାଇବର ଠକେଇର ଚେର ଏବେ ଭଦ୍ରକ ଜିଲ୍ଲାର ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଲମ୍ବିଥିବା ଘଟଣା ସାମ୍ନାକୁ ଆସିଛି। ଜାଲ୍ କାଗଜପତ୍ର ଆଧାରରେ ଶହ ଶହ ନୁହେଁ, ୧୩୩୩ଟି ସିମ୍ କାର୍ଡ ସକ୍ରିୟ କରି ବିଦେଶୀ ଓ ଆନ୍ତଃରାଜ୍ୟ ସାଇବର ଠକଙ୍କୁ ଯୋଗାଣ କରାଯାଉଥିବା ଏକ ନେଟ୍‌ୱର୍କର ପର୍ଦ୍ଦାଫାସ୍ କରିଛି ଭଦ୍ରକ ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ପୁଲିସ। ଏହି ଘଟଣାରେ ଭଣ୍ଡାରିପୋଖରୀ ଥାନା ରଘୁନାଥପୁର ଗ୍ରାମର ୨୩ ବର୍ଷୀୟ ଯୁବକ ଶୁଭମ୍‌ଜ୍ୟୋତି ନାୟକଙ୍କୁ ଗିରଫ କରାଯାଇଛି।

ପୁଲିସ ସୂଚନା ଅନୁଯାୟୀ, ଶୁଭମ୍‌ଜ୍ୟୋତି ଓ ତାଙ୍କ ସହଯୋଗୀମାନେ ଜାଲ୍ ଦସ୍ତାବିଜ୍ ବ୍ୟବହାର କରି ବିପୁଳ ସଂଖ୍ୟାରେ ସିମ୍ କାର୍ଡ ସକ୍ରିୟ କରୁଥିଲେ। ପରେ ହ୍ୱାଟ୍ସଆପ୍ ଓ ଟେଲିଗ୍ରାମ୍ ମାଧ୍ୟମରେ ଓଟିପି ଯୋଗାଇ ଚୀନ୍ ସମେତ ଦେଶର ବିଭିନ୍ନ ରାଜ୍ୟରେ ସକ୍ରିୟ ସାଇବର ଠକଙ୍କୁ ଏହି ସିମ୍ କାର୍ଡ ଯୋଗାଣ କରାଯାଉଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ଘରେ ଚଢ଼ଉ କରି ପୁଲିସ ୧୩୩୩ଟି ସକ୍ରିୟ ସିମ୍ କାର୍ଡ, ୧୩ଟି ବ୍ୟାଙ୍କ ପାସ୍‌ବୁକ୍, ୪ଟି ଚେକ୍ ବୁକ୍, ଗୋଟିଏ ଏଟିଏମ୍ କାର୍ଡ, ଗୋଟିଏ ଗୁଗଲ୍ ପେ' କ୍ୟୁଆର୍ କୋଡ୍ ଏବଂ ନଗଦ ୧ଲକ୍ଷ ୭୩ ହଜାର ୫୦୦ ଟଙ୍କା ଜବତ କରିଛି। ଏଥିସହ ଗୋଟିଏ ଆଇଫୋନ୍, ଗୋଟିଏ ସ୍ମାର୍ଟଫୋନ୍, ୬ଟି କିପ୍ୟାଡ୍ ମୋବାଇଲ୍ ଓ ଗୋଟିଏ କେଟିଏମ୍ ବାଇକ୍ ମଧ୍ୟ ଜବତ ହୋଇଛି। ପ୍ରାଥମିକ ତଦନ୍ତରେ ଏହି ନେଟ୍‌ୱର୍କରେ ଆଉ କେତେକଙ୍କ ସମ୍ପୃକ୍ତି ଥିବା ନେଇ ପୁଲିସକୁ ସୂଚନା ମିଳିଛି। ନାରାୟଣ ସାମଲ ଓରଫ ଟିଲୁ, ଚନ୍ଦନ ନାୟକ ଓରଫ ଲୁନା, ସନ୍ଦୀପ ସାମଲ ଓରଫ ବଣ୍ଟି ଏବଂ କହ୍ନେଇ ଚରଣ ରାଉତଙ୍କ ନାମ ତଦନ୍ତ ପରିସରକୁ ଆସିଛି। ଅନ୍ୟପକ୍ଷରେ ବନ୍ଧୁ ଛକର ଲମ୍ବୋଧର ସାହୁ ବିନାନ୍ସ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ମାଧ୍ୟମରେ ଡଲାରକୁ ଟଙ୍କାରେ ପରିବର୍ତ୍ତନ କରି ଅର୍ଥ ହସ୍ତାନ୍ତର କରୁଥିବା ତଥ୍ୟ ମଧ୍ୟ ସାମ୍ନାକୁ ଆସିଥିବା ପୁଲିସ ରିପୋର୍ଟରେ ଉଲ୍ଲେଖ ରହିଛି। ତେବେ ଏହି ସମସ୍ତ ବ୍ୟକ୍ତିଙ୍କ ଭୂମିକା ତଦନ୍ତ ପରେ ସ୍ପଷ୍ଟ ହେବ। ଏତେ ସଂଖ୍ୟକ ସିମ୍ କାର୍ଡ କେଉଁଠୁ ଆସିଲା, କେଉଁ ଉପାୟରେ ସକ୍ରିୟ କରାଗଲା, ଏହା ପଛରେ ଆଉ କେତେଜଣ ରହିଛନ୍ତି ଏବଂ ଦେଶର ବିଭିନ୍ନ ସ୍ଥାନରେ ହୋଇଥିବା ସାଇବର ଠକେଇ ସହ ଏହାର କି ସମ୍ପର୍କ ରହିଛି, ତାହା ଏବେ ତଦନ୍ତର ମୁଖ୍ୟ ପ୍ରସଙ୍ଗ। ଗୋଟିଏ ଅଞ୍ଚଳରୁ ଏତେ ସଂଖ୍ୟକ ସକ୍ରିୟ ସିମ୍ କାର୍ଡ ଜବତ ଘଟଣା ଟେଲିକମ୍ ସିମ୍ ବିତରଣ ଓ ଯାଞ୍ଚ ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛି। ଏନେଇ ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନାରେ କେସ୍ ନଂ ୨୨/୨୦୨୬, ତାରିଖ ୪.୧୧.୨୦୨୬ରେ ବିଏନ୍‌ଏସ୍ ଓ ଆଇଟି ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଇନ୍ସପେକ୍ଟର ସୁଶୀଳା ଘଟଣାର ତଦନ୍ତ ଜାରି ରଖିଛନ୍ତି। ଗୁରୁବାର ଏ ସମ୍ପର୍କରେ ଏସ୍‌ପି ମନୋଜ କୁମାର ରାଉତ ସବିଶେଷ ସୂଚନା ଦେଇ ଗଣମାଧ୍ୟମକୁ ଉକ୍ତ ସାଇବର କ୍ରାଇମ୍ ସମ୍ପର୍କରେ ସୂଚନା ଦେଇଛନ୍ତି।

ଆହାର ଟେଣ୍ଡରରେ ହଠାତ୍ ବ୍ରେକ୍; ବିଜ୍ଞପ୍ତି ବାତିଲ୍

ଭଦ୍ରକ,୫।୧୧(ସମିସ): ଜନସାଧାରଣଙ୍କୁ ସୁଲଭ ମୂଲ୍ୟରେ ଆହାର ଯୋଗାଇବାର ଯୋଜନା ଏବେ ପ୍ରଶାସନିକ ନିଷ୍ପତ୍ତିରେ ଅଟକିଛି। ଭଦ୍ରକ ପୌରପାଳିକାର ଆହାର କେନ୍ଦ୍ର ଓ କିଚେନ୍ ପରିଚାଳନା ପାଇଁ ଆହ୍ୱାନ କରାଯାଇଥିବା ଏକ୍ସପ୍ରେସନ୍ ଅଫ୍ ଇଣ୍ଟରେଷ୍ଟ (ଇଓଆଇ)କୁ ହଠାତ୍ ବାତିଲ୍ କରିଦିଆଯାଇଛି। ଏହା ପଛରେ କେବଳ "ପ୍ରଶାସନିକ କାରଣ' ଦର୍ଶାଯାଇଥିବା ବେଳେ ପ୍ରକୃତ କାରଣ ସମ୍ପର୍କରେ କୌଣସି ସ୍ପଷ୍ଟତା ନ ଥିବାରୁ ପୌର ପ୍ରଶାସନର ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠିଛି। ପୌର ପରିଷଦ ପକ୍ଷରୁ ନଭେମ୍ବର ୪ ତାରିଖରେ ଜାରି ବିଜ୍ଞପ୍ତି ନଂ ୬୦୪୪ରେ ଏହି ବାତିଲ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦିଆଯାଇଛି।

ଆହାର କେନ୍ଦ୍ର ଓ କିଚେନ୍‌ର ପରିଚାଳନା, ରନ୍ଧନ, ଖାଦ୍ୟ ପରିବହନ ଏବଂ ଆବଶ୍ୟକତା ଥିବା ଲୋକଙ୍କୁ ଗରମ ରନ୍ଧା ଖାଦ୍ୟ ଯୋଗାଣ ପାଇଁ ଗତ ଅକ୍ଟୋବର ୧୪ରେ ଜାରି ହୋଇଥିବା ବିଜ୍ଞପ୍ତି ନଂ ୫୬୮୯ ଓ ୫୬୯୭କୁ ଏକାଥରକେ ବାତିଲ୍ କରାଯାଇଛି। ଆହୁରି ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି ପ୍ରକ୍ରିୟାରେ ବିଡରମାନଙ୍କଠାରୁ ଗ୍ରହଣ କରାଯାଇଥିବା ସିଲ୍ଡ କୋଟେସନ୍‌ଗୁଡ଼ିକୁ ଖୋଲାଯିବ ନାହିଁ। ସେଗୁଡ଼ିକୁ ସମ୍ପୃକ୍ତ ବିଡରମାନଙ୍କୁ ଫେରସ୍ତ କରିବାକୁ ପୌର ପରିଷଦ ନିର୍ଦ୍ଦେଶ ଦେଇଛି। ଅର୍ଥାତ୍ ଆବେଦନ ପ୍ରକ୍ରିୟା ସରିବା ପରେ ମଧ୍ୟ ଏହାର ଫଳାଫଳ ଶୂନ୍। କେଉଁ ପରିସ୍ଥିତିରେ ପ୍ରକ୍ରିୟାକୁ ଏଭଳି ଅଧାବାଟରେ ବନ୍ଦ କରାଗଲା, ତାହା ଏବେ ବଡ଼ ପ୍ରଶ୍ନ। ଆହାର ଯୋଜନା ଗରିବ, ଶ୍ରମଜୀବୀ ଓ ଅସହାୟ ଲୋକଙ୍କ ସହ ଜଡ଼ିତ ଏକ ଜନହିତକର କାର୍ଯ୍ୟକ୍ରମ। ଏହାର ପରିଚାଳନା ପ୍ରକ୍ରିୟାରେ ଏଭଳି ଅନିଶ୍ଚିତତା ସୃଷ୍ଟି ହେବା ଆଦୌ ଶୁଭ ସଙ୍କେତ ନୁହେଁ। ପ୍ରଶାସନିକ କାରଣ କହି ଦାୟିତ୍ୱ ସାରିଦେବା ପରିବର୍ତ୍ତେ ବାତିଲ୍‌ର କାରଣ ସାର୍ବଜନୀନ କରିବା ଏବଂ ପରବର୍ତ୍ତୀ ପଦକ୍ଷେପ ସ୍ପଷ୍ଟ କରିବା ଆବଶ୍ୟକ। ନଚେତ୍ ଏହି ନିଷ୍ପତ୍ତି ପୌର ପ୍ରଶାସନର ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଉପରେ ଆହୁରି ପ୍ରଶ୍ନଚିହ୍ନ ଲଗାଇବ।

ସିଲ୍ଡ କୋଟେସନ୍ ନ ଖୋଲି ଫେରାଇବ ପୌରପରିଷଦ
କେଉଁ କାରଣରୁ ଏଭଳି ନିଷ୍ପତ୍ତି ଉଠିଲା ପ୍ରଶ୍ନ

● ବିୟୁଜେର ନୂଆ କର୍ମକର୍ତ୍ତା ମନୋନୀତ

ପ୍ରିୟଦର୍ଶନ ସଭାପତି, ଜଗବନ୍ଧୁ ସାଧାରଣ ସମ୍ପାଦକ



ଆରଡ଼ି,୫।୧୧(ସମିସ): ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ) ସହବନ୍ଧିତ ଭଦ୍ରକ ଜିଲ୍ଲା ସାମ୍ବାଦିକ ୟୁନିଅନ (ବିୟୁଜେ)ର ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଗୁରୁବାର ଆଖଣ୍ଡଳମଣି ପୀଠରେ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରିୟଦର୍ଶନ ବୋଇତିଙ୍କୁ ସଭାପତି ଏବଂ ଜଗବନ୍ଧୁ ବେହେରାଙ୍କୁ ସାଧାରଣ ସମ୍ପାଦକ ଭାବେ ପୁନଃ ଦାୟିତ୍ୱ ଦିଆଯାଇଛି। ଉପଦେଷ୍ଟା ଡ. ହରିହର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଧାମନଗର ଏସ୍‌ଡିପିଓ ବିଷ୍ଣୁମୋହନ ବାରିକ, ଧୂଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ, ପ୍ରାକ୍ତନ ତହସିଲଦାର ବିଦ୍ୟାଧର ପଲାଇ ଏବଂ ଓୟୁଜେ ରାଜ୍ୟ ସାଧାରଣ ସମ୍ପାଦକ କିଷାନ ରାଉତ ଅତିଥି ଭାବେ ଯୋଗଦେଇଥିଲେ। ସାମ୍ବାଦିକତା କ୍ଷେତ୍ରରେ ନିଷ୍ଠା ସହିତ ସତ୍ୟ ଓ ସକାରାତ୍ମକ ଖବର ପରିବେଷଣ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ହେମନ୍ତ ସିଂ କାର୍ଯ୍ୟକାରୀ ସଭାପତି ହୋଇଥିବାବେଳେ ଆଶିଷ ପାଢ଼ୀ, ଦିଗମ୍ବର ଜେନା, ଅକ୍ଷୟ ଦାସ, ପ୍ରଭାତ ରାଉଳ, ଶାନ୍ତନୁ ପଣ୍ଡା, ଦେବେନ୍ଦ୍ର ଆଦିଆ, ନାରାୟଣ ବାରିକ ଓ ଭାଗିରଥୀ ସେଠୀ ଉପସଭାପତି ମନୋନୀତ ହୋଇଛନ୍ତି। ବୈକୁଣ୍ଠନାଥ ସାହୁ ସଂଗଠନ ସମ୍ପାଦକ ହୋଇଛନ୍ତି। ସୌମ୍ୟ ପାଢ଼ୀ, ବିଭୂତି ଗ୍ରହାଚାର୍ଯ୍ୟ, କୀର୍ତ୍ତନ ନାୟକ, ବିଭୂତି ମଲ୍ଲିକ, ନିରଞ୍ଜନ ସାହୁ, ଅକ୍ଷୟ ସିଂ, ବାସୁଦେବ ଦାସ ଓ ନିତ୍ୟାନନ୍ଦ ଜେନା ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଜୟ ଜଗନ୍ନାଥ ମଲ୍ଲିକ କୋଷାଧ୍ୟକ୍ଷ ଏବଂ ଅଜୟ ପଣ୍ଡା, ଦୀପ୍ତି ରଞ୍ଜନ ସାହୁ, ଗଣେଶ ମହାନ୍ତି ଓ ସରୋଜ ସେଠୀ ସହସମ୍ପାଦକ ହୋଇଛନ୍ତି। ରମାକାନ୍ତ ଡାଙ୍ଗୁଆ ଜାତୀୟ ପରିଷଦ ସଭ୍ୟ ଏବଂ କୃଷ୍ଣଚନ୍ଦ୍ର ଜେନା ରାଜ୍ୟ ପରିଷଦ ସଭ୍ୟ ହୋଇଛନ୍ତି। ଗୌରହରି ନାୟକଙ୍କୁ ବିଚାରକ ମଣ୍ଡଳୀ ଅଧ୍ୟକ୍ଷ, ଅରୁଣ ମହାନ୍ତି ଓ କ୍ଷିତୀଶ ବେହେରାଙ୍କୁ ଆଇନ ପରାମର୍ଶଦାତା ଏବଂ ଅମର ବାରିକଙ୍କୁ କଲ୍ୟାଣ କମିଟି ଅଧ୍ୟକ୍ଷ ଦାୟିତ୍ୱ ମିଳିଛି। ନାରାୟଣ ପ୍ରସାଦ ବାରିକ, ହରିହର ନାୟକ, ସ୍ମୃତିରଞ୍ଜନ ସାହୁ, ଅନିଲ ବାରିକ, ଦୀନବନ୍ଧୁ ଦାଶ, କୈଳାସ ସାହୁ ଓ ରମେଶ ବେହେରା ଉପଦେଷ୍ଟା ରହିଛନ୍ତି। ଏଥିସହ ବିୟୁଜେ ଆଇଟି ସେଲର ଅଧ୍ୟକ୍ଷ ଭାବେ ଶୁଭଦୀପ ମଲ୍ଲିକଙ୍କ ସହ ସୁଦୀପ୍ତ ଖଟୁଆ, ବିଜୟ ପଣ୍ଡା ଓ ଯଯାତି ଦାସଙ୍କୁ ସଦସ୍ୟ ମନୋନୀତ କରାଯାଇଛି। ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ସାମ୍ବାଦିକ ବନ୍ଧୁମାନେ ଯୋଗଦେଇଥିଲେ।

ଶହେ ବର୍ଷ ପୂର୍ତ୍ତି ପାଳୁଛି ଭଦ୍ରକ ଗାନ୍ଧୀ ପଡ଼ିଆ କାଳୀପୂଜା





ଭଦ୍ରକ,୫।୧୧(ସମିସ): ୧୯୨୬ ଭଦ୍ରକ ଟାଉନ୍ ଥାନା ପାଖ ବର୍ତ୍ତମାନର କର୍ମଚାରୀ ଭବନ ପରିସରରେ ଡିଷ୍ଟ୍ରିକ୍ଟ ବୋର୍ଡ ଓଭରସିୟର୍ ସ୍ୱର୍ଗତ କାମାକ୍ଷା ଚରଣ ଘୋଷ ନିଜ ଘରେ ଆରମ୍ଭ କରନ୍ତି ଦୁଇ ଦୁଇଟି ପୂଜା। ଦୁର୍ଗା ଏବଂ କାଳୀ ପୂଜା। ପରବର୍ତ୍ତୀ ସମୟରେ ୧୯୪୮ ମସିହାରେ ଦୁର୍ଗା ପୂଜା ସାର୍ବଜନୀନର ମାନ୍ୟତା ପାଇ ଗାନ୍ଧୀ ପଡ଼ିଆ ଦୁର୍ଗାପୂଜା ଭାବେ ପରିଚୟ ପାଏ। ହେଲେ କାଳୀପୂଜାକୁ ନିଜ ପରିସରରେ ଜାରି ରଖନ୍ତି କାମାକ୍ଷା ବାବୁ। ଏହା ସ୍ଥାନୀୟ କିଛି ପରିବାର ଓ ଭଦ୍ରକ-ଚାନ୍ଦବାଲି ବର୍ମା ବାଇପାସ୍‌ର କିଛି ଉଠା ଦୋକାନୀ ଦାନ ଅର୍ଥରେ ହୋଇଥିଲା। କାମାକ୍ଷା ବାବୁ ଏହାର ସିଂହଭାଗ ଖର୍ଚ୍ଚ ତୁଲାଉଥିଲେ ଏବଂ ନିଜ ତତ୍ତ୍ୱାବଧାନରେ ପୂଜା କରୁଥିଲେ। ୧୯୪୬ ମସିହେରେ କାମାକ୍ଷା ବାବୁଙ୍କ ସୁପୁତ୍ର ଡା. ନିହାର ଚନ୍ଦ୍ର ଘୋଷ ଗାନ୍ଧୀ ପଡ଼ିଆରେ ଜାଗା କିଣି ଘର ତିଆରି ଆରମ୍ଭ କଲେ ଏବଂ କାମାକ୍ଷା ସ୍ୱଅର୍ଜିତ ରୋଜଗାରରୁ ଥାନା ଛକ ଘରକୁ ସରକାରଙ୍କ ହାତକୁ ଟେକି ଦେଇ ଗାନ୍ଧୀ ପଡ଼ିଆକୁ ଚାଲିଆସିଲେ। ଆଉ ସେହିଦିନଠାରୁ ନିହାର ବାବୁ ଗାନ୍ଧୀପଡ଼ିଆସ୍ଥିତ ଘର ପରିସର ମଣ୍ଡପରେ କାଳୀପୂଜା ହୋଇ ଆସୁଛି। ଶହେ ବର୍ଷ ବିତିଗଲାଣି। କାମାକ୍ଷାଙ୍କ ପରେ ଡା. ନିହାର ଓ ଏହାପରେ ତାଙ୍କ ପରିବାର ଏବଂ ଆତ୍ମୀୟମାନେ ଯଥାରୀତି ଅବିରତ ପୂଜା ସମ୍ପାଦନା କରୁଛନ୍ତି।

ସମାନ ବ୍ରାହ୍ମଣ ପରିବାର ଓ ଯଜମାନ ଚାରି ପୁରୁଷରେ ପଦାର୍ପଣ କରି ଏହି ବ୍ୟବସ୍ଥାକୁ ଆଗକୁ ନେଇ ଚାଲିଛନ୍ତି। ଗାନ୍ଧୀ ପଡ଼ିଆର ଏହି କାଳୀପୂଜା ଲୋକଲୋଚନକୁ ବିଶେଷ ଭାବେ ଆସିପାରି ନାହିଁ। ଅନ୍ୟ ସାର୍ବଜନୀନ ପୂଜାଗୁଡ଼ିକ ଯେଉଁ ମାତ୍ରାରେ ପ୍ରସିଦ୍ଧିଲାଭ କରିଛି, ସେମିତି ହେଇ ନ ପାରିବାର କାରଣ ବିଷୟରେ ଏହି ପୂଜା କମିଟିର ସଭାପତି ବରିଷ୍ଠ ଆଇନଜୀବୀ ସୌମାଭ କୁମାର ଦେ କୁହନ୍ତି, ଏଠି କେବଳ ପୂଜାର ଯାକଜମକତାକୁ ଧ୍ୟାନ ଦିଆଯାଇନାହିଁ ବରଂ ପୂଜା ପ୍ରତି ବିଶେଷ ଧ୍ୟାନ ଦିଆଯାଇଥାଏ। ଅନେକ ଶ୍ରଦ୍ଧାଳୁ ଏହି ପୂଜାରୁ ନିଜ ମାନସିକ ପୂରଣ କରିବାର ନଜିର୍ ରହିଛି। ଆଜି ମଧ୍ୟ ଅନେକ ପରିବାର ଭୋଗ ଡାଲା ଏବଂ ପୂଜା ପାଇଁ ନିଜର ଆର୍ଥିକ ସହାୟତା ଦେଇଯାଆନ୍ତି। ଏହା ଆଜି ନୁହେଁ, ପାରିବାରିକ ପରମ୍ପରା ଭାବେ ଦେଇ ଆସୁଛନ୍ତି। ଏଥିରୁ ଜଣାଯାଏ ପୂଜାର ମାହାତ୍ମ୍ୟ। କୌଣସି ସ୍ୱରଶବ୍ଦରୁ ଦୂରରେ ରହି ଏହି କାଳୀ ପୂଜା ଶହେ ବର୍ଷ ପାଳନ କରୁଛି। ହାତଗଣତି କିଛି ବ୍ୟକ୍ତିବିଶେଷଙ୍କ ନାମକୁ ମାତ୍ର ସହାୟତା ଏବଂ ଘୋଷ ପରିବାର ଓ ଆତ୍ମୀୟ ନିଜସ୍ୱ ବ୍ୟବସ୍ଥାରେ ଏହି ପୂଜାକୁ ଜାରି ରଖିବା ସହଜ କଥା ନୁହେଁ। ତଥାପି ମା'ଙ୍କ ଇଚ୍ଛାରେ ଚାଲିଛି ଆଉ ଚାଲିଥିବ ବୋଲି ବିଶ୍ୱାସ ପ୍ରକଟ କରନ୍ତି ଡା. ନିହାର ଘୋଷଙ୍କ କନ୍ୟା ସିପ୍ରା ଘୋଷ। ମା' କାଳୀ ୮ ଦିନ ମଣ୍ଡପରେ ବିରାଜନ୍ତି। ଚଳିତ ବର୍ଷ ନଭେମ୍ବର ୮ରୁ ବିରାଜିବା ସହ ୧୫ ତାରିଖ ସନ୍ଧ୍ୟାରେ ମା' ମେଳାଣି ନେବେ ବୋଲି କମିଟିର ଅନ୍ୟତମ ସଦସ୍ୟ ବ୍ୟୋମକେଶ ପରିଡ଼ା ସୂଚନା ଦେଇଛନ୍ତି। ଭଦ୍ରକବାସୀ ଏହି ଅଣ ଅନାଲୋଚିତ ଗାନ୍ଧୀ ପଡ଼ିଆ କାଳୀପୂଜାକୁ ଭବିଷ୍ୟତରେ ପ୍ରକୃତ ସାର୍ବଜନୀନ ମାନ୍ୟତା ଦେଉଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା ବୋଲି କିଛି ବୁଦ୍ଧିଜୀବୀ ନିଜ ମତ ପ୍ରକାଶ କରିଛନ୍ତି। ମାତ୍ର ୨୦ଦିନ ପୂର୍ବରୁ ଯଉଁ ଗାନ୍ଧୀ ପଡ଼ିଆରେ 'ଦୁର୍ଗୋତ୍ସବ ମେଳା' ବେଶ୍ ଯାକଜମକରେ ହୁଏ ସେଠି କାଳୀପୂଜା ସମୟରେ ବଡ଼ଧରଣର ଉତ୍ସବ ହୋଇପାରିବାର ସମ୍ଭାବନାକୁ ଭଦ୍ରକବାସୀ କେତେଦୂର ସମ୍ଭବ କରିପାରିବେ ତାହା ସମୟ କହିବ।

ଘର ଆଗରେ ଜଳିଗଲା ବାଇକ୍



ବାସୁଦେବପୁର,୫।୧୧(ସମିସ): ବାସୁଦେବପୁର ପୌରପାଳିକାର ଉଚ୍ଚଡିହା ଗ୍ରାମରେ ଘର ଆଗରେ ଏକ ପଲ୍‌ସର ବାଇକ୍ ହୁତୁହୁତୁ ହୋଇ ଜଳିଗଲା। ଖବର ପାଇ ବାସୁଦେବପୁର ଦମକଳ ବାହିନୀ ପହଞ୍ଚିବା ବେଳକୁ ବାଇକ୍‌ଟି ଜଳି ପାଉଁଶ ହୋଇଯାଇଥିଲା। ଉଚ୍ଚଡିହା ଗ୍ରାମର ଜଗନ୍ନାଥ ସେଠୀ ବାଇକ୍ ନେଇ ମାର୍କେଟ୍‌କୁ ଯାଇଥିଲେ। ବୁଲିବୁଲି ଆସି ଘର ଆଗରେ ରଖିଥିଲେ। ହଠାତ୍ ବାଇକ୍‌ଟି ହୁତୁହୁତୁ ହୋଇ ଜଳିବାକୁ ଲାଗିଲା। ଖବର ପାଇ ବାସୁଦେବପୁର ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚିଥିଲେ ହେଁ ସେତେବେଳକୁ ବାଇକ୍‌ଟି ଜଳି ପାଉଁଶ ହୋଇଯାଇଥିଲା। ନିଆଁ ଲାଗିବାର ସଠିକ୍ କାରଣ ଜଣାପଡ଼ିନାହିଁ।

ମା' ଦକ୍ଷିଣେଶ୍ୱରୀ କାଳୀଙ୍କ ୪ର୍ଥ ବାର୍ଷିକ ଉତ୍ସବ



ବାସୁଦେବପୁର,୫।୧୧(ସମିସ): ବାସୁଦେବପୁର ପୌରପାଳିକାର ନୂଆ ବସ୍‌ଷ୍ଟାଣ୍ଡ ଛକର ମା' ଦକ୍ଷିଣେଶ୍ୱର କାଳୀଙ୍କ ପୀଠରେ ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବସ୍‌ଷ୍ଟାଣ୍ଡ ମା' ଦକ୍ଷିଣେଶ୍ୱର କାଳୀଙ୍କ ପୀଠରେ ସକାଳେ ଏକ କଳସ ଶୋଭାଯାତ୍ରାର ବାହାରି ବାଲୁଙ୍କେଶ୍ୱର ମନ୍ଦିର ପୋଖରୀରେ କର୍ତ୍ତା ଭାବେ ଦେବସ୍ୱରୂପ ଧନୀ ଓ ଭାଗ୍ୟଶ୍ରୀ ଧନୀ କଳସ ବୁଡ଼ାଇଥିଲେ। ମନ୍ଦିର ପରିସରରେ ଅନୁଷ୍ଠିତ ହୋମଯଜ୍ଞ ସହିତ ବେଦମନ୍ତ୍ରରେ ପ୍ରକମ୍ପିତ ହୋଇଥିଲା। ପଣ୍ଡିତ ନାରାୟଣ ଚନ୍ଦ୍ର ପଣ୍ଡା, ପଣ୍ଡିତ ଯଦୁନାଥ ଷଡ଼ଙ୍ଗୀ ଓ ମନୋରଞ୍ଜନ ପାଢ଼ୀଙ୍କ ମନ୍ତ୍ର ଧ୍ୱନୀରେ ମୁଖରିତ ହେଉଛି ସମଗ୍ର ପରିବେଶ। ପୂର୍ବରୁ ବସ୍‌ଷ୍ଟାଣ୍ଡ କାଳୀ ପୂଜା କମିଟି ପକ୍ଷରୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇ ଆସୁଥିଲେ। ୨୦୨୩ରେ କମିଟି ପକ୍ଷରୁ ମା' ଦକ୍ଷିଣେଶ୍ୱର କାଳୀଙ୍କ ପୀଠରେ ପ୍ରସ୍ତର ମୂର୍ତ୍ତି ସ୍ଥାପନ କରାଯାଇ ପ୍ରତିଦିନ ପୂଜା ପାଇ ଆସୁଛନ୍ତି। କମିଟିର ମଦନମୋହନ ମହାକୁଡ଼, ଲମ୍ବୋଧର ପରିଡ଼ା, ସୁବାସ ଚନ୍ଦ୍ର ବାରିକ, ପୌର ଉପାଧ୍ୟକ୍ଷ ଉତ୍ତମ ବାରିକ, ପ୍ରଶାନ୍ତ ମଲ୍ଲିକ, ଗଗନବିହାରୀ ବାରିକ ପ୍ରମୁଖ ଯୋଗଦେଇ ପରିଚାଳନା କରିଥିଲେ। କମିଟି ପକ୍ଷରୁ ୨ ହଜାର ଭକ୍ତଙ୍କ ନିମନ୍ତେ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି।

ପ୍ରାଥମିକ ବିଦ୍ୟାଳୟରେ ବିଭ୍ରାଟ ସୃଷ୍ଟି

ବାରିକପୁର,୫।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଶିକ୍ଷା ବିଭାଗ ଅଧୀନସ୍ଥ ମଜୁରୀଗଡ଼ିଆ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ବିଭ୍ରାଟ ସୃଷ୍ଟି ହୋଇଛି। ଫଳରେ ଛାତ୍ରମାନଙ୍କ ଶୈକ୍ଷିକ ବାତାବରଣ ନଷ୍ଟ ହୋଇଛି। ବିଦ୍ୟାଳୟ ପ୍ରାଙ୍ଗଣରେ ବ୍ୟକ୍ତିଗତ ସ୍ଥାନ ଦର୍ଶାଇ କେହି ବାଡ଼ ଘେରାଇ ଥିବା କାରଣରୁ ଛାତ୍ରଛାତ୍ରୀମାନେ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏପରିକି ସଙ୍କୀର୍ଣ୍ଣ ସ୍ଥାନରେ ପିଲାମାନେ ପ୍ରାର୍ଥନା କରିଛନ୍ତି। ବିଦ୍ୟାଳୟ ପରିଚାଳନାରେ ପରସ୍ପର ମଧ୍ୟରେ ତିକ୍ତତା ଥିବା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସୂଚନା ମିଳିଛି। ଖବର ପାଇ ଗୋଷ୍ଠୀ ଶିକ୍ଷାଧିକାରୀ ଅଭିଜିତ୍ ବାରିକ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମନୋଜ ଜେନା ବିଦ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅଭିଭାବକମାନଙ୍କୁ ବୁଝାସୁଝା କରିବା ସହିତ ବିଦ୍ୟାଳୟର ସମସ୍ୟା ସମାଧାନ ପାଇଁ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶିକ୍ଷାଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।

ତିହିଡ଼ିରେ ପ୍ରସ୍ତାବିତ ମଦ ବାର୍‌କୁ ୨ ବିଧାୟକଙ୍କ ତୀବ୍ର ବିରୋଧ



● ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ଚାନ୍ଦବାଲି ଓ ବାସୁଦେବପୁର ବିଧାୟକ
● ବିଜ୍ଞପ୍ତି ବାତିଲ୍ ଦାବି ସହ ଜନଆନ୍ଦୋଳନ ଚେତାବନୀ

ତିହିଡ଼ି,୫।୧୧(ସମିସ): ତିହିଡ଼ି ବ୍ଲକ୍ କାର୍ଯ୍ୟାଳୟ ନିକଟରେ ପ୍ରସ୍ତାବିତ ବିଦେଶୀ ମଦ ଦୋକାନକୁ ନେଇ ବିରୋଧ ତୀବ୍ର ହୋଇଛି। ଏହାକୁ ବିରୋଧ କରି ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଓ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଭଦ୍ରକ ଜିଲ୍ଲାପାଳଙ୍କୁ ପୃଥକ୍ ପୃଥକ୍ ଚିଠି ଲେଖି ଲିଖିତ ଆପତ୍ତି ଜଣାଇଛନ୍ତି। ଚାନ୍ଦବାଲି ବିଧାୟକ ୨୯ ଅକ୍ଟୋବରରେ ପତ୍ର ସଂଖ୍ୟା ଏମ୍‌ସି /୮୧/୨୦୨୬ ଏବଂ ବାସୁଦେବପୁର ବିଧାୟକ ୩୦ ଅକ୍ଟୋବରରେ ପତ୍ର ସଂଖ୍ୟା ୪୧୮/୨୬ ମାଧ୍ୟମରେ ନିଜର ଆପତ୍ତି ଜଣାଇଛନ୍ତି। ଚାନ୍ଦବାଲି ବିଧାୟକଙ୍କ ଅଭିଯୋଗ ଅନୁଯାୟୀ, ପ୍ରସ୍ତାବିତ ମଦ ଦୋକାନଠାରୁ ମାତ୍ର ୨୦୦ ମିଟର ଦୂରରେ ନାଇସ୍ ହାଇଟେକ୍ ହାଇସ୍କୁଲ୍ ଓ ଅଖଣ୍ଡଳମଣି ନର୍ସିଂ ସ୍କୁଲ୍ ରହିଛି। ଏଠାରେ ପ୍ରାୟ ୬୦୦ ଛାତ୍ରଛାତ୍ରୀ ପଢୁଛନ୍ତି। ଏହାସହ ତିହିଡ଼ି କଲେଜ, ଶନି ମନ୍ଦିର, ମା' ଦୁର୍ଗା ମନ୍ଦିର ଓ ଜାତୀୟ ରାଜପଥର ନିକଟତାକୁ ନେଇ ସେ ଛାତ୍ରଛାତ୍ରୀଙ୍କ ସୁରକ୍ଷା, ଧାର୍ମିକ ଭାବନା ଓ ସଡ଼କ ସୁରକ୍ଷା ପ୍ରତି ଉଦ୍‌ବେଗ ପ୍ରକାଶ କରିଛନ୍ତି। ନିରପେକ୍ଷ ସ୍ଥଳ ଯାଞ୍ଚ ଓ ସାର୍ବଜନୀନ ଶୁଣାଣି ସହ ବିଜ୍ଞପ୍ତି ପ୍ରକ୍ରିୟା ସ୍ଥଗିତ ରଖିବାକୁ ସେ ଦାବି କରିଛନ୍ତି। ସେହିପରି ସ୍ଥାନୀୟ ବିଧାୟକ ମଧ୍ୟ ମଦ ଦୋକାନ ଖୋଲିଲେ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ଉପରେ କୁପ୍ରଭାବ ପଡ଼ିବା ସହ ଶନି ମନ୍ଦିରର ପବିତ୍ରତା ଓ ଧାର୍ମିକ ଭାବନା କ୍ଷୁଣ୍ଣ ହେବାର ଆଶଙ୍କା ରହିଥିବା ଦର୍ଶାଇଛନ୍ତି। ଏଥିସହ ବ୍ୟସ୍ତବହୁଳ ଏନ୍‌ଏଚ୍-୩୧୬ ଏ' ନିକଟରେ ମଦ ଦୋକାନ ଖୋଲିଲେ ଦୁର୍ଘଟଣାର ଆଶଙ୍କା ବଢ଼ିବ ବୋଲି ଉଲ୍ଲେଖ କରିଛନ୍ତି। ଏହାବ୍ୟତୀତ ପ୍ରସ୍ତାବିତ ଦୋକାନ ପାଇଁ ଉଦ୍ଦିଷ୍ଟ କୋଠାଟି ଏ ପର୍ଯ୍ୟନ୍ତ ଅଧାଗଢ଼ା ଅବସ୍ଥାରେ ଥିବାରୁ ଅବକାରୀ ନିୟମ ପାଳନ ହୋଇଛି କି ନାହିଁ, ତାହାର ତଦନ୍ତ ଦାବି କରିଛନ୍ତି। ଦୁଇ ବିଧାୟକ ପ୍ରସ୍ତାବିତ ମଦ ଦୋକାନର ଲାଇସେନ୍ସ ପ୍ରକ୍ରିୟା ସ୍ଥଗିତ, ନିରପେକ୍ଷ ଯାଞ୍ଚ ଓ ଜନମତ ଗ୍ରହଣ ପାଇଁ ଦାବି କରିଛନ୍ତି। ସ୍ଥାନୀୟ ବିଧାୟକ ଅଶୋକ କୁମାର ଦାସ ଏହି ପ୍ରସ୍ତାବକୁ ତୁରନ୍ତ ବାତିଲ୍ କରିବା ସହ ଜନସାଧାରଣଙ୍କ ଆପତ୍ତିକୁ ଅଣଦେଖା କରାଗଲେ ରାଜରାସ୍ତାକୁ ଓହ୍ଲାଇ ବ୍ୟାପକ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ପୂର୍ବରୁ ତିହିଡ଼ି ବ୍ଲକ୍ ଅଧ୍ୟକ୍ଷା ସମେତ ମହିଳା ଗ୍ରୁପ୍, ବିଭିନ୍ନ ସାମାଜିକ ସଂଗଠନ ଓ ସ୍ଥାନୀୟ ଜନସାଧାରଣ ଏହି ମଦ ବାର୍‌କୁ ବିରୋଧ କରିଆସୁଛନ୍ତି। ଏବେ ୨ ବିଧାୟକଙ୍କ ଲିଖିତ ବିରୋଧ ପରେ ଜିଲ୍ଲା ପ୍ରଶାସନ କି ପଦକ୍ଷେପ ନେଉଛି, ତାହା ଉପରେ ତିହିଡ଼ିବାସୀଙ୍କ ନଜର ରହିଛି।

କାଳୀ ପୂଜା ଓ ଗିରି ଗୋବର୍ଦ୍ଧନ ପୂଜା ପାଇଁ ଶାନ୍ତି କମିଟି ବୈଠକ



ଚାନ୍ଦବାଲି,୫।୧୧(ସମିସ): ଆଗାମୀ କାଳୀ ପୂଜାକୁ ଶାନ୍ତିପୂର୍ଣ୍ଣ ଓ ସୁବ୍ୟବସ୍ଥିତ ଭାବେ ପାଳନ କରିବା ପାଇଁ ଚାନ୍ଦବାଲିରେ ଏକ ଗୁରୁତ୍ୱପୂର୍ଣ୍ଣ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଡିଓ ତୃପ୍ତି ଦାଶ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଭାସରଞ୍ଜନ ପାଣିଗ୍ରାହୀ, ଏସ୍‌ଡିପିଓ ପ୍ରଭାସ ସାହୁ, ଥାନାଧିକାରୀ ପରେଶ ମହାନ୍ତି, ଅତିରିକ୍ତ ତହସିଲ୍‌ଦାର ଏବଂ ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ ଉପସ୍ଥିତ ଥିଲେ। ବୈଠକରେ କାଳୀ ପୂଜା ସମୟରେ ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ବ୍ୟବସ୍ଥା, ମଇଦାନ ଓ ମନ୍ଦିର ଆଖପାଖରେ ନିରାପତ୍ତା, ଅଗ୍ନିକାଣ୍ଡ ରୋକିବା ପାଇଁ ପଦକ୍ଷେପ ଏବଂ ଯୁବକଗୋଷ୍ଠୀଙ୍କୁ ନିୟନ୍ତ୍ରଣରେ ରଖିବା ବିଷୟରେ ବିସ୍ତୃତ ଆଲୋଚନା ହୋଇଛି। ପ୍ରଶାସନ ଓ ପୁଲିସ ଅଧିକାରୀମାନେ ସମସ୍ତ ପୂଜା କମିଟି ଓ ସ୍ଥାନୀୟ ସଂଗଠନଗୁଡ଼ିକୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଲୋକେ ପୂଜା ଓ ଯାତ୍ରା ହେବାକୁ ଥିବା ୮ଦିନ ପାଇଁ, ସନ୍ଧ୍ୟା ୬ଟା ପରେ ମଦ ବିକ୍ରି ବନ୍ଦ ପାଇଁ ଦାବି କରିଛନ୍ତି। ଏନ୍‌ଏସି ଚେୟାରମ୍ୟାନ୍ କହିଛନ୍ତି ଯେ ପୂଜା ସମୟରେ ସମସ୍ତେ ଶାନ୍ତି ଓ ସୌହାର୍ଦ୍ଦର ପରିବେଶ ବଜାୟ ରଖିବେ। ବିଡିଓ ଓ ଏନ୍‌ଏସି ଇଓ ରାସ୍ତା ଓ ବଜାର ଅଞ୍ଚଳରେ ସଫେଇ ଓ ଆଲୋକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଛନ୍ତି। ଏସ୍‌ଡିପିଓ ଓ ଆଇଆଇସି ଅତିରିକ୍ତ ପୁଲିସ ବଳ ମୁତୟନ କରିବା ସହ ସମ୍ଭାବ୍ୟ ବିବାଦକୁ ପ୍ରତିରୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସିଦ୍ଧାନ୍ତ ହୋଇଛି ଯେ ସମସ୍ତ ପକ୍ଷ ମିଳିତ ଭାବେ କାର୍ଯ୍ୟକାରୀ କାଳୀ ପୂଜା ଓ ଗିରି ଗୋବର୍ଦ୍ଧନ ପୂଜାକୁ ସୁନ୍ଦର ଓ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯିବ। ସ୍ଥାନୀୟ ଲୋକମାନେ ଏହି ଉଦ୍ୟମକୁ ସ୍ୱାଗତ କରିଛନ୍ତି।

ଚାନ୍ଦବାଲି ଏନ୍‌ଏସିର ଷଷ୍ଠ ସାଧାରଣ ପରିଷଦ ବୈଠକ

ପରିମଳ, ଆଲୋକୀକରଣ, ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱ

ଚାନ୍ଦବାଲି,୫।୧୧(ସମିସ)



ଚାନ୍ଦବାଲି ଏନ୍‌ଏସି ସଭାଗୃହରେ ଷଷ୍ଠ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀଙ୍କ ଅଧ୍ୟକ୍ଷତା ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଆଭାସରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଓ ଏମ୍‌ପିଙ୍କ ପ୍ରତିନିଧି କମଳାକାନ୍ତ ସୁତାର ଯୋଗଦେଇଥିବା ବେଳେ ଉପାଧ୍ୟକ୍ଷ ଅମରେନ୍ଦ୍ର ସାହୁଙ୍କ ସମେତ ଏନ୍‌ଏସିର ୧୫ଟି ୱାର୍ଡର ସମସ୍ତ କାଉନ୍‌ସିଲର ଉପସ୍ଥିତ ଥିଲେ। ବୈଠକରେ ପୂର୍ବ ଅଧିବେଶନର ବିବରଣୀ ପଠନ ଓ ଅନୁମୋଦନ, ଆୟବ୍ୟୟ ଅଟକଳ ଏବଂ ଏନ୍‌ଏସିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ସହରର ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆଲୋଚନା ପରିସରକୁ ଆସିଥିଲା। ବିଶେଷକରି ସହରର ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା, ରାସ୍ତାଘାଟର ସ୍ୱଚ୍ଛତା ବଜାୟ ରଖିବା, ଡ୍ରେନେଜ୍ ବ୍ୟବସ୍ଥାର ଉନ୍ନତି, ଷ୍ଟ୍ରିଟ୍‌ଲାଇଟ୍‌ର ମରାମତି ଓ ନୂତନ ଆଲୋକୀକରଣ ବ୍ୟବସ୍ଥା, ପାନୀୟ ଜଳଯୋଗାଣ ଏବଂ ସହରର ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଉନ୍ନୟନମୂଳକ କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସେହିପରି ପୁରୁଣା ବସ୍‌ଷ୍ଟାଣ୍ଡ ଓ ନୂତନ ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ ସହ ଦୋକାନ ଗୃହ ନିର୍ମାଣ ଓ ଆବଣ୍ଟନ, ପାର୍କିଂ ବ୍ୟବସ୍ଥା, ମାର୍କେଟ୍ କମ୍ପ୍ଲେକ୍ସର ଭିତ୍ତିଭୂମି ବିକାଶ, ପାର୍କିଂ ଟିକେଟ୍ ବ୍ୟବସ୍ଥା ଏବଂ ଏଲ୍‌ଇଡି ଓ ବିଜ୍ଞାପନ ବୋର୍ଡର ନବୀକରଣ ଓ ସ୍ଥାପନ ନେଇ ଆଲୋଚନା କରାଯାଇଥିଲା। ଏଥିସହ ସହରର ଅଳିଆ ଆବର୍ଜନା ପରିଚାଳନା ପାଇଁ ଆର୍‌ଡିଏଫ୍ ସଂସ୍ଥାର ଅନୁମୋଦନ, ଏମ୍‌ସିସି ଓ ଏମ୍‌ଆର୍‌ଏଫ୍ କେନ୍ଦ୍ରରେ ଅତିରିକ୍ତ ମାନବ ସମ୍ବଳ ନିଯୁକ୍ତି, ସିସିଟିଭି ସଂଯୋଗ, ଏକୀକୃତ କମାଣ୍ଡ ଓ କଣ୍ଟ୍ରୋଲ୍ ବ୍ୟବସ୍ଥା ସ୍ଥାପନ ଏବଂ କାର୍ଯ୍ୟାଳୟ ପାଇଁ କମ୍ପ୍ୟୁଟର ଓ ପ୍ରିଣ୍ଟର କ୍ରୟ ସମ୍ପର୍କରେ ମଧ୍ୟ ବିଚାରବିମର୍ଶ ହୋଇଥିଲା।

ଅନ୍ୟପକ୍ଷରେ ପରିଷଦ କର୍ମଚାରୀଙ୍କ ପାଇଁ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ, ଏନ୍‌ଏସି କାର୍ଯ୍ୟାଳୟ ଓ ସଭାଗୃହର ଉନ୍ନତୀକରଣ, ଓସ୍‌ୱାନ୍ ହଲ୍ ଓ ପାଠାଗାରର ବିକାଶ, ଦୁର୍ଗାପୂଜା ସମ୍ପର୍କିତ କାର୍ଯ୍ୟ ଏବଂ ସହରର ବିଭିନ୍ନ ଆବଶ୍ୟକତା ଆଧାରିତ ପ୍ରକଳ୍ପ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ନେଇ ଆଲୋଚନା ହୋଇଥିଲା। ବୈଠକରେ ସହରର ଜନସାଧାରଣଙ୍କ ମୌଳିକ ସୁବିଧା, ସ୍ୱଚ୍ଛତା, ଆଲୋକୀକରଣ, ଯାତାୟାତ ଓ ଭିତ୍ତିଭୂମିର ବିକାଶକୁ ପ୍ରାଥମିକତା ଦେଇ ବିଭିନ୍ନ ବିଷୟ ଉପରେ ଜନପ୍ରତିନିଧିମାନେ ନିଜ ନିଜ ମତ ରଖିଥିଲେ। ଏହିସବୁ ପ୍ରସ୍ତାବର ଉପଯୁକ୍ତ ଅନୁଧ୍ୟାନ ଓ କାର୍ଯ୍ୟକାରିତା ଦ୍ୱାରା ଚାନ୍ଦବାଲି ସହରର ବିକାଶ ଧାରା ଆଗକୁ ବଢ଼ିବ ବୋଲି ଆଶା ପ୍ରକାଶ ପାଇଛି।